# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୧/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, December 21/2020 | ★★★★★★

୪୭ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅଲ୍‌ଭାରେଜଙ୍କୁ ଟାଇଟଲ**

କାନେଲୋ ଅଲ୍‌ଭାରେଜ ଡବ୍ଲ୍ୟୁବିଏ ଓ ରିଙ୍ଗ୍ ସୁପର ମିଡିଲୱେଟ୍ ଚାମ୍ପିୟନଶିପ୍ ଏବଂ ଡବ୍ଲ୍ୟୁବିସି ସୁପର ମିଡିଲୱେଟ୍ ଟାଇଟଲ ଜିତିଛନ୍ତି।

୧୬

୦୨

**ଗୌହରଙ୍କ ଡିଜିଟାଲ ୱେଡ଼ିଂ କାର୍ଡ**

ଅଭିନେତ୍ରୀ ଗୌହର ଖାନ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ତାଙ୍କର ଡିଜିଟାଲ ୱେଡ଼ିଂ କାର୍ଡ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



## ଅସମ୍ଭାଳ ଶୀତ, ସତର୍କ କଲେ ଏସ୍ଆର୍‌ସି

■ ୬ ଜିଲାରେ ପ୍ରବଳ ଶୀତ, ଅରେଞ୍ଜ ୱାର୍ନିଂ ଜାରି

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ରାଜ୍ୟରେ ପ୍ରବଳ ଶୀତ ଲହରି ଜାରିରହିଛି। ରାତି ଅପେକ୍ଷା ସକାଳୁ ପାରଦ ସର୍ବନିମ୍ନ ସ୍ତରକୁ ଖସୁଥିବାରୁ ଅସମ୍ଭାଳ ଜାଡ଼ରେ ଥରୁଛନ୍ତି ଲୋକେ। କୁହୁଡ଼ି ସହ କୋହଲା ପବନ ଯୋଗୁ ଗାଁଠୁ ସହର ସବୁଠି ଜୀବନଯାତ୍ରା ପ୍ରଭାବିତ ହେଉଛି। କେତେକ ଜିଲାରେ ଅଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ରାତି ୭ଟା ପରେ ରାସ୍ତା ଘାଟ ଶୂନ୍‌ଶାନ୍ ହୋଇଯାଉଛି। ଆଗକୁ ସ୍ଥିତି ଆହୁରି ଅସମ୍ଭାଳ ହେବାର ସମ୍ଭାବନା ରହିଛି। ତେଣୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)। ରବିବାର ଏନେଇ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଚଟୁ ଆଇଁଷ, ବେଣ୍ଟ ନିରାମିଷ

# ମୁହଁ ଫେରାଉଛନ୍ତି ଚାଷୀ

କୃଷି ସାମଗ୍ରୀର ବଜାର ଅଭାବ, ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା, ଶୀତଳ ଭଣ୍ଡାରର ଅଭାବ, କୃଷିଯନ୍ତ୍ର ଓ ବୈଷୟିକ ସହାୟତାର ଅଭାବ, ସର୍ବନିମ୍ନ ସହାୟକ ମୂଲ୍ୟରେ କୃଷିଜାତ ସାମଗ୍ରୀ ସଂଗ୍ରହରେ ସମସ୍ୟା, ଚାଷୀଙ୍କୁ ଋଣ ସମେତ ବିହନ ଓ ସାର ପ୍ରଦାନରେ ଅବହେଳା ଭଳି ବିଭିନ୍ନ ସମସ୍ୟା ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟ କରିବାକୁ ମନ ବଳାଉ ନାହାନ୍ତି। ଫଳରେ ରାଜ୍ୟରେ ଚାଷ ହେଉଥିବା ଜମିର ପରିମାଣ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗତ ୫ବର୍ଷ ତଥ୍ୟକୁ ଦେଖିଲେ ଓଡ଼ିଶାରେ ମୋଟ ଚାଷ ଜମିର ପରିମାଣ ୨.୫୩ ଲକ୍ଷ ହେକ୍ଟର ହ୍ରାସ ପାଇଛି। ଏପଟେ ସେହି ଅନୁପାତରେ ଅଣଚାଷ ଜମି ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ୨୦୧୫-୧୬ରେ ରାଜ୍ୟରେ ୫.୨୪ ଲକ୍ଷ ହେକ୍ଟର ଚାଷଜମି ଖାଲି ପଡ଼ିଥିବାବେଳେ ୨୦୧୯-୨୦ରେ ୭.୭୭ ଲକ୍ଷ ହେକ୍ଟର ଚାଷ ଜମି ଖାଲି ପଡ଼ିଛି।



■ ୫ବର୍ଷରେ ହ୍ରାସପାଇଛି ୨.୫୩ ଲକ୍ଷ ହେକ୍ଟର ଚାଷଜମି

■ ବଢୁଛି ଅଣଚାଷ ଜମି

ସସ୍ମିତା ପାଇକରାୟ

ଭୁବନେଶ୍ୱର,୨୦।୧୨

ରାଜ୍ୟରେ ମୋଟ ଚାଷଜମିର ପରିମାଣ ୬୧.୮୦ଲକ୍ଷ ହେକ୍ଟର ରହିଛି। ଏହାମଧ୍ୟରୁ ୨୯.୧୪ ଲକ୍ଷ ହେକ୍ଟର ଉଚ୍ଚଜମି(ହାଇ ଲ୍ୟାଣ୍ଡ) ରହିଥିବା ବେଳେ ୧୭.୫୫ ଲକ୍ଷ ହେକ୍ଟର ମଧ୍ୟଭୂମି(ମିଡିୟମ୍ ଲ୍ୟାଣ୍ଡ) ଏବଂ ୧୫.୧୧ ଲକ୍ଷ ହେକ୍ଟର ଲୋ' ଲ୍ୟାଣ୍ଡ୍ ବା ନିମ୍ନଭୂମି ରହିଛି। ଏହି ମୋଟ ଚାଷ ଜମିରୁ କ୍ରମାଗତଭାବେ ଅଣଚାଷ ଜମିର ପରିମାଣ ବୃଦ୍ଧି ପାଉଥିବା ବେଳେ ଚାଷ ଜମିର ପରିମାଣ ହ୍ରାସ ପାଉଛି। ୨୦୧୫-୧୬ରେ ୬୧.୮୦ ଲକ୍ଷ ହେକ୍ଟରରୁ ୫୬.୫୬ ଲକ୍ଷ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇଥିବାବେଳେ ୨୦୧୬-୧୭ରେ ୫୬.୪୯ ଲକ୍ଷ ହେକ୍ଟରରେ ଚାଷ ହୋଇଥିଲା। ୨୦୧୭-୧୮ ବେଳକୁ ତାହା କମି ୫୪.୨୮ ଲକ୍ଷ ହେକ୍ଟରରେ ପହଞ୍ଚିଥିଲା। ସେହିଭଳି ୨୦୧୮-୧୯ରେ ୫୪.୪୬ ଲକ୍ଷ ହେକ୍ଟରରେ ଚାଷ କାର୍ଯ୍ୟ ହୋଇଥିବାବେଳେ ୨୦୧୯-୨୦ରେ ୫୪.୦୩ ଲକ୍ଷ ହେକ୍ଟର ଜମିରେ ଚାଷ କାର୍ଯ୍ୟ କରାଯାଇଛି। ଏପଟେ ଅଣଚାଷ ଜମିର ପରିମାଣ ଦେଖିଲେ ତାହା ବୃଦ୍ଧିପାଇ ୭.୭୭ ଲକ୍ଷ ହେକ୍ଟରରେ ପହଞ୍ଚିଛି। ୨୦୧୫-୧୬ରେ ରାଜ୍ୟରେ ୫.୨୪ ଲକ୍ଷ ହେକ୍ଟର ଚାଷ ହେଉ ନଥିବା ଚାଷଜମି ରହିଥିଲା। ୨୦୧୬-୧୭ରେ ୫.୩୧ ଲକ୍ଷ ହେକ୍ଟର ଏବଂ ୨୦୧୭-୧୮ରେ ଅଣଚାଷ ଜମି ବୃଦ୍ଧିପାଇ ୭.୫୨ ଲକ୍ଷ ହେକ୍ଟରରେ ପହଞ୍ଚିଥିଲା। ଏହାପରେ ୨୦୧୮-୧୯ରେ ୭.୩୪ ଲକ୍ଷ ହେକ୍ଟର ଏବଂ ୨୦୧୯-୨୦ ବେଳକୁ ୭.୭୭ ଲକ୍ଷ ହେକ୍ଟରରେ ପହଞ୍ଚିଥିବା କୃଷି ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ତେବେ ସେଣ୍ଟର ଫର୍ ଷ୍ଟଡି ଅଫ୍ ଡେଭଲପିଂ ସୋସାଇଟିଜ୍(ସିଏସ୍‌ଡିଏସ୍) ତଥ୍ୟ ଅନୁଯାୟୀ, ଦେଶର ୭୬% ଚାଷୀ ଚାଷକାର୍ଯ୍ୟକୁ ଛାଡ଼ି ଅନ୍ୟ କୌଣସି ପେସାକୁ ଆପଣାଇବାକୁ ପ୍ରସ୍ତୁତ ଅଛନ୍ତି। ସ୍ୱଳ୍ପ ରୋଜଗାର, ଅନିଶ୍ଚିତ ଭବିଷ୍ୟତ, ଚାପ ଏବଂ ଋଣଭାର ଭଳି ଏକାଧିକ କାରଣ ଯୋଗୁ ଚାଷୀମାନେ ଚାଷକାର୍ଯ୍ୟରୁ ମୁହଁ ଫେରାଇ ନେଉଛନ୍ତି। ସେହିଭଳି ୭୦ ପ୍ରତିଶତ ଚାଷୀ ପ୍ରତିବର୍ଷ ☞ପୃଷ୍ଠା-୪






# ଭିତିରି ବୁଝାମଣାର ଅନ୍ତ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ଶେଷ ହେବାର ବର୍ଷେ ୭ ମାସ ପରେ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ବରିଷ୍ଠ ନେତାମାନେ କେନ୍ଦ୍ରର ମୋଦି ସରକାର ବିରୋଧରେ ମୁହଁ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିବା ସୂଚନା ମିଳୁଛି। ରବିବାର ଆୟୋଜିତ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦଳର ପ୍ରାୟ ସବୁ ବରିଷ୍ଠ ନେତା କେନ୍ଦ୍ର ସରକାର ବିରୋଧରେ ଖୋଲାଖୋଲି ସ୍ୱର ଉତ୍ତୋଳନ କରିଛନ୍ତି। ପୂର୍ବରୁ କେବଳ ଆର୍ଥିକ ଅବହେଳା ସମ୍ପର୍କରେ କହୁଥିବାବେଳେ ଗତ ନିର୍ବାଚନ ଠାରୁ ବିଜେଡି ସମ୍ପୂର୍ଣ୍ଣଭାବେ ମୋଦି ସରକାର ବିରୋଧରେ ନୀରବ ହୋଇଯାଇଥିଲା। ଏହି ନୀରବତାକୁ ସାଧାରଣରେ ଏକ "ଭିତିରି ବୁଝାମଣା"ର ଫଳ ବୋଲି କୁହାଯାଉଥିଲା। ହେଲେ ଗତ ୧୮ ତାରିଖରେ ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହି ନୀରବତା ଭାଙ୍ଗିଥିଲେ। ନବୀନ କହିଥିଲେ, ଜାତୀୟ ଦଳର ରାଜ୍ୟ ନେତାମାନେ ମୂକ। ସେମାନେ ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରି ଶୀର୍ଷ ନେତାଙ୍କୁ ଖୁସି କରି ମନ୍ତ୍ରୀ କିମ୍ବା ବଡ ପଦବୀ ହାସଲ କରିବା ସେମାନଙ୍କ ପ୍ରମୁଖ ଲକ୍ଷ୍ୟ। ରାଜ୍ୟ ସମସ୍ୟା ନେଇ ସ୍ୱର ଉତ୍ତୋଳନ କରିବାରେ ସେମାନେ ଅସଫଳ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟର ଆଭାସ ଆସିବାପରେ ରାଜ୍ୟ କାର୍ଯ୍ୟକାରିଣୀରେ କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ନେଇ ବିଜେଡି ଲୋକଙ୍କ ପାଖକୁ ଯିବାର ବାର୍ତ୍ତା ଦେଇଛି। ଏହି ବୈଠକରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, କେନ୍ଦ୍ରରେ ଥିବା କେତେଗୁଡିଏ ଦଳ ବିଜେଡି ଅପ୍ରାସଙ୍ଗିକ ବୋଲି କହୁଛନ୍ତି। ହେଲେ ବିଜେଡିର ପ୍ରାସଙ୍ଗିକତା ସବୁବେଳେ ରହିଛି ଏବଂ ରହିଥିବ। ବିଜେଡିର ଭବିଷ୍ୟତ ନେଇ ଅନେକେ ପ୍ରଶ୍ନବାଚୀ ସୃଷ୍ଟି କରୁଛନ୍ତି। ହେଲେ ଦଳ ପୁଣି ଭବିଷ୍ୟତରେ ରାଜ୍ୟରେ ଲୋକଙ୍କ ଆସ୍ଥାଭାଜନ କରି ସରକାର ଗଢ଼ିବ ବୋଲି ଆଚାର୍ଯ୍ୟ କହିଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି, ଏକ ବଡ଼ ସର୍ଭେ ସଂସ୍ଥା ଅନୁସାରେ କୋଭିଡ୍ ପରିଚାଳନା କ୍ଷେତ୍ରରେ ଓଡ଼ିଶା ବିଶ୍ୱସ୍ତରରେ ୫ ନମ୍ବରରେ ରହିଛି। ଉତ୍ତରପ୍ରଦେଶ ଏବଂ ହିମାଚଳପ୍ରଦେଶ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଥିବା ଉକ୍ତ ସଂସ୍ଥା ଦର୍ଶାଇଛି। ଏହି ଦୁଇ ରାଜ୍ୟରେ କାହାର ସରକାର ଚାଲିଛି ସେକଥା ସମସ୍ତେ ଜାଣିଛନ୍ତି। ସ୍ୱାମୀନାଥନ କମିଟି ସୁପାରିସ ଲାଗୁ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ସ୍ୱତନ୍ତ୍ର ପ୍ୟାକେଜ ଦେବାରେ କେନ୍ଦ୍ର ଅବହେଳା କରୁଥିବା ପିନାକୀ କହିଛନ୍ତି। ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, କୋଭିଡ୍ ପରିଚାଳନାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏକ ନମ୍ବର। ବାହାର ରାଜ୍ୟରେ ଓଡ଼ିଶାରୁ ଯାଇ କାମ କରୁଥିବା ଶ୍ରମିକଙ୍କୁ ସେତେବେଳେ ବାହାର କରି ଦିଆଗଲା, ସେମାନେ ସୀମା ପାଖରେ ଚିତ୍କାର କଲେ। ହେଲେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଲାଗି ଆସିବାର ବ୍ୟବସ୍ଥା କଲେ। ସମାଲୋଚନା କରିବା ବିରୋଧୀଙ୍କ କାମ। ଆମେ କିନ୍ତୁ ସେସବୁ ନ ଶୁଣି ଲୋକଙ୍କ କାମ କରିବୁ। ଆଗକୁ କେନ୍ଦ୍ର ଅବହେଳା କଥା ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ତୃଣମୂଳସ୍ତର କର୍ମୀ କାମ କରନ୍ତୁ ବୋଲି ସେ କହିଛନ୍ତି। ସେହିପରି ବରିଷ୍ଠ ନେତା କିଶୋର ମହାନ୍ତି କହିଛନ୍ତି, ୨୦୦୦ରେ ବିଜେଡି ପ୍ରଥମ ଥର ସରକାରକୁ ଆସିବାବେଳେ ଟ୍ରେଜେରିରେ ଟଙ୍କାଟିଏ ନ ଥିଲା, ହେଲେ ୨୦୦୮ ବଜେଟରେ ସର୍ପ୍ଲସ୍ ପାସ୍ କରିଥିଲୁ ବୋଲି ସେ କହିଛନ୍ତି। କଳିକେଶ ସିଂ ଦେଓ କହିଛନ୍ତି, ଗୋଟିଏ ଦଳ ମିସ୍‌ଡ କଲ୍ ଦେଇ ନିଜର ମେମ୍ବରଶିପ୍ କରୁଛି। ହେଲେ ବିଜେଡି ମିସ୍‌ଡ କଲ୍‌ରେ ମେମ୍ବରଶିପ କରିନାହିଁ। ବରିଷ୍ଠ ନେତା ତଥା ଦଳର ସାଧାରଣ ସମ୍ପାଦକ(ହେଡକ୍ୱାର୍ଟର୍ସ) ସଞ୍ଜୟ ଦାସବର୍ମା କହିଛନ୍ତି, ୧୯୩୬ରେ ଉତ୍କଳ ପ୍ରଦେଶ ଗଠନ ହେଲା। ମଧୁବାବୁ ଯେଉଁ ଅସ୍ମିତା କଥା କହିଥିଲେ ତାକୁ ଆଜି ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ବିଜୁବାବୁ କହିଥିଲେ, ମାଟିତଳେ ଖଣିଜ ସମ୍ପଦ ଭରପୂର ରହିଛି, ୪୮୨ କିମିର ☞ପୃଷ୍ଠା-୪






# ଟିକାର ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା

**ଦ୍ୱିତୀୟ ଡୋଜ୍ ନ ନେବାକୁ ପରାମର୍ଶ ଦେଲା ଆମେରିକା**

ୱାଶିଂଟନ, ୨୦।୧୨

ଆମେରିକାରେ ଫାଇଜର-ବାୟୋଏନ୍‌ଟେକ୍ ପ୍ରସ୍ତୁତ କରୋନା ଭାଇରସ୍ ଟିକା ନେବା ପରେ ଏହାର ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରଥମ ଡୋଜ୍ ଟିକା ନେବା ପରେ ଅନେକଙ୍କଠାରେ ଆଲର୍ଜି ଦେଖାଦେଇଥିବାରୁ ସେମାନେ ଦ୍ୱିତୀୟ ଡୋଜ୍ ନ ନେବାକୁ ପରାମର୍ଶ ଦିଆଯାଇଛି। ଏନେଇ ଆମେରିକା ସେଣ୍ଟର୍ସ ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି) ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଯେଉଁମାନଙ୍କଠାରେ ଗୁରୁତର ଆଲର୍ଜି ପ୍ରତିକ୍ରିୟା ଦେଖାଦେଇଛି, ସେମାନେ ଏପିନ୍‌ଫ୍ରାଇନ ଔଷଧ ନେବା କିମ୍ବା ହସ୍ପିଟାଲରେ ଚିକିତ୍ସିତ ହେବାକୁ ଗାଇଡ୍‌ଲାଇନରେ ☞ପୃଷ୍ଠା-୪




### ଟିକା ନେଇ ମୂର୍ଚ୍ଛା ଗଲେ ନର୍ସ

ୱାଶିଂଟନ, ୨୦।୧୨

ଆମେରିକାର ଏକ ହସ୍ପିଟାଲରେ ଜଣେ ନର୍ସ ଫାଇଜର ଟିକା ନେବା ପରେ ମୂର୍ଚ୍ଛା ଯାଇଛନ୍ତି। ଟେନେସୀସ୍ଥିତ ଚଟ୍ଟାନୁଗା ହସ୍ପିଟାଲରେ ନର୍ସ ଥିବା ଟିଫାନି ଡୋଭେରି ଟିକା ନେବା ପରେ ଖବରଦାତା ସମ୍ମିଳନୀରେ ମୂର୍ଚ୍ଛା ଯାଇଥିଲେ। ତେବେ ସେ ଏଥିପାଇଁ କ୍ଷମା ମାଗି ତାଙ୍କ ମୁଣ୍ଡ ଘୂରାଇଦେଲା ବୋଲି କହିଛନ୍ତି। ତେବେ ସେ ମୂର୍ଚ୍ଛା ଯିବାରୁ ଡାକ୍ତର ତାଙ୍କୁ ଧରି ତଳକୁ ନେଉଥିବା ଲାଇଭ୍ ଟିଭିରେ ଦେଖିବାକୁ ମିଳିଛି। ତେବେ ବେଳେବେଳେ ଯନ୍ତ୍ରଣା ଅନୁଭବ କଲେ ସେ ମୂର୍ଚ୍ଛା ଯାଇଥାନ୍ତି ବୋଲି ଟିଫାନି କହିଛନ୍ତି।



ଦେଶ ବାହାରକୁ ଯାଉଥିବା ବ୍ୟକ୍ତି ସେଠାକାର ବିଭିନ୍ନ ପ୍ରସିଦ୍ଧ ଜାଗା ପରିଦର୍ଶନ କରିବା ସହ ଅନେକ ଅନୁଭୂତି ସାଉଣ୍ଟିଥାନ୍ତି। କିଛି ଲୋକେ ମୁଦ୍ରା, ଟିକେଟ ଆଦି ସଂଗ୍ରହ କରିଥାନ୍ତି। କିନ୍ତୁ ଏପରି ଜଣେ ଛାତ୍ରୀ ଅଛନ୍ତି, ଯାହାଙ୍କ ସଉକ ଦେଶଗୁଡ଼ିକର ଦିଆସିଲି ଖୋଳ ସଂଗ୍ରହ କରିବା। ଓଡ଼ିଶାର ଜଣେ ତୃତୀୟ ଶ୍ରେଣୀ ଛାତ୍ରୀ ଦିବ୍ୟାଂଶୀ ସମଗ୍ର ବିଶ୍ୱରୁ ଦିଆସିଲି ଖୋଳ ସଂଗ୍ରହ କରିବାକୁ ଭଲ ପାଆନ୍ତି। ଏ ପର୍ଯ୍ୟନ୍ତ ସେ ୫୦୦୦ରୁ ଅଧିକ ଦିଆସିଲି ସଂଗ୍ରହ କରିଛନ୍ତି। ଆଶ୍ଚର୍ଯ୍ୟର କଥା ସେ କେବେ ବିଦେଶ ଯାଇ ନାହାନ୍ତି। ଦିବ୍ୟାଂଶୀଙ୍କ ବାପା ଜଣେ ଫଟୋଗ୍ରାଫର ହୋଇଥିବାରୁ ବିଦେଶ ଗସ୍ତବେଳେ ଝିଅ ପାଇଁ ସେ ଏହାକୁ ଆଣିଥାନ୍ତି।

# ଗୁଜରାଟରେ ସର୍ବବୃହତ୍ ଚିଡ଼ିଆଖାନା

**ଗୁଜରାଟର ଜାମନଗରରେ ହେବ ପୃଥିବୀର ସର୍ବବୃହତ୍ତମ ଚିଡ଼ିଆଖାନା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ୍)ର ଏହି ଡ୍ରିମ୍ ପ୍ରୋଜେକ୍ଟକୁ ନିକଟରେ ମିଳିଛି ସବୁଜ ସଙ୍କେତ। ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଜୋର୍‌ସୋର୍‌ରେ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଆସନ୍ତା ୨ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ପର୍ଯ୍ୟଟକଙ୍କୁ ସ୍ୱାଗତ ଲାଗି ପ୍ରସ୍ତୁତ ହୋଇଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।**




## ୨ ବର୍ଷରେ ସରିବ ରିଲାଏନ୍ସର ଡ୍ରିମ୍ ପ୍ରୋଜେକ୍ଟ

**ନୂଆଦିଲ୍ଲୀ:** ଭାରତରେ ବିଶ୍ୱର ସର୍ବବୃହତ୍ ଚିଡ଼ିଆଖାନା ନିର୍ମାଣ ହେବାକୁ ଯାଉଛି। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ୍) ଗୁଜରାଟର ଜାମନଗରରେ ଏହି ବୃହତ୍ ଜୁ' ନିର୍ମାଣ କରିବ। ଏଥିଲାଗି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁଜସଙ୍କେତ ମିଳିସାରିଥିବା କମ୍ପାନୀ ଘୋଷଣା କରିଛି। ଆର୍‌ଆଇଏଲ୍‌ର ଚେୟାରମ୍ୟାନ ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କ ଏହା ହେଉଛି ସ୍ୱପ୍ନର ପ୍ରକଳ୍ପ। ୨୮୦ ଏକର ଜମିରେ ଏହାର ନିର୍ମାଣ କରିବାକୁ ଯୋଜନା କରାଯାଇଛି।

ଆର୍‌ଆଇଏଲ୍‌ର କର୍ପୋରେଟ ଆଫେୟାର୍ସ ନିର୍ଦ୍ଦେଶକ ପରିମଲ ନାଥୱାନି କହିଛନ୍ତି, ଜୁ'ର ନାମ 'ଗ୍ରୀନ୍ସ ଜୁଲୋଜିକାଲ ରେସ୍କ୍ୟୁ ଆଣ୍ଡ୍ ରିହାବିଲିଟେଶନ କିଙ୍ଗଡମ୍' ରଖାଯାଇଛି। ଏଥିଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସମସ୍ତ ସ୍ୱୀକୃତି ମିଳିସାରିଛି। ଏଭଳି ଏକ ପ୍ରକଳ୍ପ କରିବା ଲାଗି ଦୀର୍ଘଦିନରୁ ପରିକଳ୍ପନା କରାଯାଇଥିଲା। ତେବେ କୋଭିଡ୍-୧୯, ଲକ୍‌ଡାଉନ୍ କାରଣରୁ ଏହି ପରିଯୋଜନା ବିଳମ୍ବିତ ହୋଇଛି। ୨ବର୍ଷ ଭିତରେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଆଇଆର୍‌ଏଲ୍ ଏକ୍‌ଜିକ୍ୟୁଟିଭ୍ କମିଟି ଯୋଜନା କରିଛି।

ଜାମନଗରସ୍ଥିତ ରିଲାଏନ୍ସ ରିଫାଇନରି ନିକଟରେ ଏହି ଜୁ' ନିର୍ମାଣ କରାଯିବ। ଏଠାରେ ଭାରତ ସମେତ ପୃଥିବୀର ବିଭିନ୍ନ ସ୍ଥାନରୁ ଜୀବଜନ୍ତୁ ଆଣି ରଖାଯିବ। ଆଫ୍ରିକୀୟ ସିଂହ, ହାତୀ, କମୋଡୋ ଡ୍ରାଗନ୍, ପାଣି ଓଧ, ହରିଣ, ଜିରାଫ୍ ସମେତ ୨୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଜୀବଜନ୍ତୁ ଦର୍ଶକଙ୍କ ମନୋରଞ୍ଜନ କରିବେ। ସେହିପରି ବିଶାଳ ଆକ୍ୱାରିୟମ୍‌ରେ ୩୫୦ ପ୍ରଜାତିର ମାଛ ମଧ୍ୟ ଦେଖିବାକୁ ମିଳିବ। ଜୀବଜନ୍ତୁ, ସରୀସୃପ, କୀଟପତଙ୍ଗଙ୍କ ପ୍ରଜାତି ଅନୁଯାୟୀ ଜୁ'କୁ ବିଭିନ୍ନ ସେକ୍ସନରେ ବିଭକ୍ତ କରାଯିବ। ଏଥିରେ ଫରେଷ୍ଟ ଅଫ୍ ଇଣ୍ଡିଆ, ଫ୍ରଗ୍ ହାଉସ୍, ଇନ୍‌ସେକ୍ଟ ଲାଇଫ୍, ଡ୍ରାଗନ୍ସ ଲ୍ୟାଣ୍ଡ, ଏକ୍ୱେଟିକ୍ ଆଇଲାଣ୍ଡ ରହିବ। ଜିଓର ଅଭୂତପୂର୍ବ ସଫଳତା ପରେ ଜୁ' ଆଡ଼କୁ ପାଦ ବଢ଼ାଇଛି ରିଲାଏନ୍ସ। ଏହା ସଫଳ ହେଲେ ଭାରତକୁ ବିଦେଶୀ ପର୍ଯ୍ୟଟକଙ୍କ ସମେତ ମୁଦ୍ରା ମଧ୍ୟ ଆସିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଗୌହରଙ୍କ ଡିଜିଟାଲ ୱେଡ଼ିଂ କାର୍ଡ



ଗୌହର ଖାନ୍

**ମୁମ୍ବାଇ:** ମ୍ୟୁଜିକ କମ୍ପୋଜର ସ୍ମାଇଲ ଦରବାରଙ୍କ ପୁଅ ଜାଏଦ ଦରବାରଙ୍କ ସହ ସମ୍ପର୍କରେ ଥିବା ଗୌହର ଖାନ୍ ଏବେ ବେଶ୍ ଚର୍ଚ୍ଚାରେ। ବିଗ୍ ବସ୍-୭ ବିଜେତା, ମଡେଲ ତଥା ଅଭିନେତ୍ରୀ ଗୌହର ଆସନ୍ତା ୨୫ ତାରିଖରେ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ତାଙ୍କର ଡିଜିଟାଲ ୱେଡ଼ିଂ କାର୍ଡ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ସେ ତାଙ୍କ ପ୍ରେମ କାହାଣୀର ଏକ ଭିଡିଓ ମଧ୍ୟ ଶେୟାର କରିଛନ୍ତି। ଉଭୟଙ୍କ ମଧ୍ୟରେ କେବେ ଭଲପାଇବା ଆରମ୍ଭ ହୋଇଥିଲା ଏବଂ କିପରି ଜାଏଦ ତାଙ୍କୁ ପ୍ରେମ ନିବେଦନ କରିଥିଲେ ତାହା କାର୍ଟୁନ ଜରିଆରେ ଭିଡିଓରେ ଦେଖିବାକୁ ମିଳିଛି। 'ଗୌହର ଆଣ୍ଡ ଜାଏଦ, ଦି ଲକ୍‌ଡାଉନ ଲଭ ଷ୍ଟୋରୀ' ଶୀର୍ଷକ ଏହି ପୋଷ୍ଟକୁ ତାଙ୍କ ବହୁ ପ୍ରଶଂସକ ପସନ୍ଦ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। କିଛି ଦିନ ପୂର୍ବରୁ ଉଭୟେ ପ୍ରି-ୱେଡ଼ିଂ ଫଟୋଶୁଟ୍ କରାଇଥିଲେ। ଏପରିକି ଉଭୟ ନିଜ ପରିବାର ସହ ମିଶି ଦୁବାଇରେ ଛୁଟି କାଟିଥିଲେ। ୨୦୦୯ରେ ୟଶରାଜ ଫିଲ୍ମ ବ୍ୟାନରରେ ଗୌହର 'ରକେଟ୍ ସିଂ' ଚଳଚ୍ଚିତ୍ରରେ ବଲିଉଡ୍‌ରେ ଏଣ୍ଟ୍ରି ମାରିଥିଲେ। ପରେ ଆକ୍ସନ ଥ୍ରିଲର 'ଗେମ୍', ସସ୍‌ପେନ୍ସ ଥ୍ରିଲର 'ଫିଭର', ରୋମାଣ୍ଟିକ୍ କମେଡି 'ବଦ୍ରିନାଥ କି ଦୁଲ୍‌ହନିଆ', ବେଗମ୍ ଜାନ' ଫିଲ୍ମରେ ଗୌହର ଖାନ୍‌ଙ୍କୁ ଦେଖିବାକୁ ମିଳିଥିଲା।

# ଚପଲ ପିନ୍ଧିବା ମନା

**ଚେନ୍ନାଇ:** ବିନା ଚପଲରେ ସବୁଆଡ଼େ ଯିବେ। ଭୁଲ୍‌ରେ ବି ଚପଲ ପିନ୍ଧି ଦେଇଛନ୍ତି ମାନେ ଆପଣ ଅପରାଧ କରିଛନ୍ତି। ଏମିତି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି କି! କିନ୍ତୁ ତାମିଲନାଡୁର ମଦୁରାଇ ନିଟକରେ ଏମିତି ଏକ ଗାଁ ଅଛି ଯେଉଁଠି କେହି ବି ଚପଲ ପିନ୍ଧିବା ଏକ ଅପରାଧ।

ମଦୁରାଇଠାରୁ ୨୦ କିଲୋମିଟର ଦୂରରେ ଥିବା କାଳିମାୟନ ଗାଁରେ ଲୋକମାନଙ୍କୁ ଚପଲ ପିନ୍ଧିବା ମନା। ବର୍ଷ ବର୍ଷ ଧରି ଏହି ଗାଁର ଲୋକେ କେହି ହେଲେ ଚପଲ କି ଜୋତା ପିନ୍ଧନ୍ତି ନାହିଁ। ଭୁଲ୍‌ରେ ବି ଗାଁର କୌଣସି ବ୍ୟକ୍ତି ଯଦି ଜୋତା ପିନ୍ଧି ଦିଅନ୍ତି ତେବେ ତାଙ୍କୁ ଗାଁ କମିଟି ପକ୍ଷରୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଇଥାଏ। ଗାଁରେ ଏଭଳି ଏକ ପରମ୍ପରା ପ୍ରାୟ ବର୍ଷ ବର୍ଷ ଧରି ଚାଲି ଆସୁଛି। ଆଉ ଏଭଳି ପରମ୍ପରା ପଛରେ ଗାଁ ଲୋକଙ୍କର ଆସ୍ଥା ରହିଛି। ଲୋକଙ୍କ ବିଶ୍ୱାସ କି ଗାଁକୁ ସମସ୍ତ ପ୍ରକାରର ବିପଦଆପଦରୁ ରକ୍ଷା କରନ୍ତି ଗାଁର ଆରାଧ୍ୟ ଦେବତା ଆପାଚ୍ଛି। ଆଉ ଲୋକଙ୍କ ବିଶ୍ୱାସ କି ଚପଲ ପିନ୍ଧିବା ଫଳରେ ପ୍ରଭୁ ଆପାଚ୍ଛିଙ୍କ ପ୍ରତି ଏକ ଅସମ୍ମାନ ହେବ। ଏଭଳି ଏକ ବିଶ୍ୱାସ କାହିଁକି କେଉଁ ସମୟରୁ ରହିଛି ସେ ନେଇ କୌଣସି ସ୍ପଷ୍ଟ ପ୍ରମାଣ ନ ଥିଲେ ବି ଗାଁ ଲୋକେ ଏହାକୁ ମାନି ଆସୁଛନ୍ତି। ଏହି ବିଶ୍ୱାସ ଅନୁସାରେ ଲୋକେ ଗାଁର ସୀମା ଭିତରେ କେହି ହେଲେ ଚପଲ ପିନ୍ଧନ୍ତି ନାହିଁ। ଏଭଳି ଏକ ଅଜବ ବିଶ୍ୱାସକୁ ସମ୍ମାନ ଦେଉଥିବା ଗାଁ ଲୋକେ ଯଦି କେବେ ବାହାରକୁ ଚପଲ ପିନ୍ଧି ଯିବାକୁ ଚାହାନ୍ତି ତେବେ ସେମାନେ ହାତରେ ଚପଲକୁ ଧରି ଗାଁ ବାହାରକୁ ଯାଇଥାନ୍ତି। ଗାଁ ସୀମା ବାହାରୁ ସେମାନେ ଚପଲ ପିନ୍ଧି ଯାନ୍ତି। ଠିକ୍ ସେହିପରି ଗାଁ ସୀମାରେ ପ୍ରବେଶ କରିବା ପୂର୍ବରୁ ହିଁ ସେମାନେ ଚପଲ କାଢ଼ି ଦେଇଥାନ୍ତି।

# ପେଟରୁ ବାହାରିଲା ୬୩୯ ଲୁହା କଣ୍ଟା



**କୋଲକାତା:** ପେଟ ଭିତରକୁ ଯଦି ଭୁଲ୍‌ରେ କେବେ କୌଣସି ଲୁହା ଖଣ୍ଡ ଚାଲି ଯାଇଥାଏ ତେବେ ଅବସ୍ଥା ଅସମ୍ଭାଳ ହୋଇଯାଏ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କି ଜଣଙ୍କ ପେଟ ଭିତରେ ଗୋଟିଏ କି ଦୁଇଟି ନୁହେଁ ୬୩୯ଟି ଲୁହା କଣ୍ଟା ରହି ଯାଇଥିଲା। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି ପଶ୍ଚିମବଙ୍ଗର କୋଲକାତାରେ।

କୋଲକାତାର ମେଡିକାଲ କଲେଜକୁ କିଛି ଦିନ ତଳେ ଜଣେ ବ୍ୟକ୍ତି ତାଙ୍କ ପେଟ ଦରଜ ହେଉଥିବା ସମସ୍ୟା ନେଇ ଚିକିତ୍ସା ନିମନ୍ତେ ଆସିଥିଲେ। ପେଟ ପ୍ରବଳ ଦରଜ ହେଉଥିବାରୁ ଡାକ୍ତରମାନେ ପେଟର ଅପରେସନ କରାଇଥିଲେ। କିନ୍ତୁ ଅପରେସନ ବେଳେ ସେମାନେ ପେଟରେ ଏତେଗୁଡ଼ିଏ ଲୁହାକଣ୍ଟା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବ୍ୟକ୍ତିଜଣକ ହେଉଛନ୍ତି ପଶ୍ଚିମବଙ୍ଗ ଗୋବରଡାଙ୍ଗାର ୪୮ ବର୍ଷୀୟ ପ୍ରଦୀପ ଢାଲି କାବ। ପ୍ରକୃତରେ ପ୍ରଦୀପଙ୍କର ମାଟି ଓ ଲୁହା ଖାଇବାର ଅଭ୍ୟାସ ରହିଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଅନେକ ସମୟରେ ସେ ଲୁଚି ଲୁଚି ମାଟି ସହିତ ଲୁହା ଚୋବାଇ ଖାଉଥିଲେ। ପରିବାର ଲୋକଙ୍କ ବାରଣ ସତ୍ତ୍ୱେ ସେ ବାରମ୍ବାର ଏପରି କରୁଥିଲେ। ତେଣୁ ଧୀରେ ଧୀରେ ଏସବୁ ପେଟରେ ଜମିଯାଇ ସମସ୍ୟା ସୃଷ୍ଟି କରିଥିଲା। ତେବେ ପେଟଭିତରେ ଏତେ ସଂଖ୍ୟାରେ ଲୁହାକଣ୍ଟାକୁ କାଢ଼ିବା ପାଇଁ ଡାକ୍ତରମାନେ ଶେଷରେ ଚୁମ୍ବକର ସହାୟତା ନେଇଥିଲେ ବୋଲି କହିଛନ୍ତି। ତେବେ ଅପରେସନ ପରେ ପ୍ରଦୀପଙ୍କ ସ୍ୱାସ୍ଥ୍ୟ ଭଲ ଅଛି ବୋଲି ଡାକ୍ତରମାନେ କହିଛନ୍ତି।

# ମାସ୍କ, ସାନିଟାଇଜରରେ କ୍ରିସ୍‌ମାସ୍ ଟ୍ରି



**ଜାକର୍ତ୍ତା:** ଚଳିତ ବର୍ଷ ବିଶ୍ୱକୁ କରୋନା କବଳିତ କରିଛି। ତେଣୁ ସମସ୍ତ ପର୍ବପର୍ବାଣିର ପରିଭାଷା ବଦଳିଯାଇଛି। କ୍ରିସ୍‌ମାସକୁ ମଧ୍ୟ ପ୍ରଭାବିତ କରିଛି ଏହି ମହାମାରୀ। ସାଧାରଣତଃ କ୍ରିସ୍‌ମାସ ଟ୍ରି ବିଭିନ୍ନ ଆଲୋକମାଳା, ଷ୍ଟାର୍ ଏବଂ ଉପହାର ରଖି ସଜ୍ଜିତ କରାଯାଇଥାଏ। ହେଲେ ଏ ବର୍ଷ କରୋନା ଯୋଗୁ ଇଣ୍ଡୋନେସିଆର ଦ୍ୱିତୀୟ ବଡ଼ ସହର ସୁରାବାୟାସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ କ୍ରିସ୍‌ମାସ ଟ୍ରିକୁ ମାସ୍କ ଏବଂ ସାନିଟାଇଜରରେ ସଜ୍ଜିତ କରାଯାଇଥିବା ଦେଖାଯାଇଛି। ମହାମାରୀ କବଳରୁ ନିଜକୁ ରକ୍ଷାକରିବା ପାଇଁ ମାସ୍କ ଏବଂ ସାନିଟାଇଜର ଅତ୍ୟନ୍ତ ଜରୁରୀ। ତେଣୁ କ୍ରିସ୍‌ମାସରେ ଏହାଠାରୁ ବଡ଼ ଉପହାର ଅନ୍ୟ କିଛି ହୋଇ ନ ପାରେ। ରବିବାର ଦେଶରେ କରୋନା ମୃତ୍ୟୁସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟିଛି। ତେଣୁ ସତର୍କତା ଓ ସଚେତନତାର ଆବଶ୍ୟକତାକୁ ଉପଲବ୍ଧି କରି ଚର୍ଚ୍ଚ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଲୋକଙ୍କୁ ସଚେତନ କରିବା ଏ ବର୍ଷ କ୍ରିସ୍‌ମାସ ଟ୍ରି ତିଆରିର ଏକମାତ୍ର ଲକ୍ଷ୍ୟ ବୋଲି ଚର୍ଚ୍ଚ ପକ୍ଷରୁ କୁହାଯାଇଛି। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଇଣ୍ଡୋନେସିଆରେ ସବୁଠାରୁ ଅଧିକ ମୁସଲମାନ ଲୋକ ବସବାସ କରନ୍ତି। କିନ୍ତୁ କ୍ରିସ୍‌ମାସକୁ ଏଠାରେ ପବ୍ଲିକ୍ ହଲିଡେ ଭାବେ ପାଳନ କରାଯାଏ। ଏହି ଚର୍ଚ୍ଚରେ ଖ୍ରୀଷ୍ଟଙ୍କ ଅନୁଗାମୀ ଏବଂ ସ୍ଥାନୀୟ ମୁସଲମାନମାନେ ୩ ମିଟର ଉଚ୍ଚତା ବିଶିଷ୍ଟ କ୍ରିସ୍‌ମାସ ଟ୍ରି ତିଆରି କରିଛନ୍ତି। ଏଥିପାଇଁ ସପ୍ତାହେ ସମୟ ଲାଗିଥିବା ଜଣାପଡ଼ିଛି। ତେବେ କରୋନା ଯୋଗୁ ଏଠାକାର ସରକାର ସାଧାରଣରେ କ୍ରିସ୍‌ମାସ ଏବଂ ନବବର୍ଷ ପାଳନ ପାଇଁ କଟକଣା ଜାରି କରିଛନ୍ତି।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୬୮,୬୯,୦୭୧ | ୧୬,୯୫,୮୨୯ | ୫,୩୯,୨୩,୮୨୫ |
| ଭାରତ | ୧,୦୦,୪୭,୧୩୧ | ୧,୪୫,୬୬୯ | ୯୫,୯୫,୬୧୧ |
| ଓଡ଼ିଶା | ୩,୨୬,୨୩୩ | ୧୮୩୬(+୫୩) | ୩,୨୧,୬୪୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପରୀ ହତ୍ୟା ଘଟଣାରେ ଜଣେ ଗିରଫ

- ବଳାତ୍କାର ମାମଲା ଯୋଡ଼ିଲା ଏସ୍ଆଇଟି
- ଅଭିଯୁକ୍ତଙ୍କ ନାମ ଦର୍ଶାଇଲା ନାହିଁ
- ଆଜି ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବ
- ୨ ଦିନ ହେଲା ଅଟକ ଅଛନ୍ତି ସରୋଜ

**ନୟାଗଡ଼ ଅଫିସ,୨୦।୧୨**

ନୟାଗଡ଼ ସଦର ଥାନା ଅନ୍ତର୍ଗତ ଯଦୁପୁରର ଶିଶୁକନ୍ୟା ପରୀକୁ ଅପହରଣ ଓ ହତ୍ୟା ମାମଲାରେ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା କ୍ରାଇମ୍ବ୍ରାଞ୍ଚ ଏସ୍ଆଇଟି ପକ୍ଷରୁ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। କିନ୍ତୁ ଅଭିଯୁକ୍ତଙ୍କ ନାମ ଦର୍ଶାଯାଇନାହିଁ। ତାଙ୍କୁ ସୋମବାର ନୟାଗଡ଼ ସ୍ୱତନ୍ତ୍ର ଏଡିଜେ କୋର୍ଟ(ପୋକ୍ସୋ କୋର୍ଟ)ରେ ହାଜର କରାଯିବ ବୋଲି ଏସ୍ଆଇଟି ପକ୍ଷରୁ କୁହାଯାଇଛି।

ପରୀ ଗତ ଜୁଲାଇ ୧୪ରେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଥିଲା। ଏନେଇ ନୟାଗଡ଼ ସଦର ଥାନାରେ ଆଇପିସି ଦଫା ୩୬୩ ଅନୁଯାୟୀ ୯୮/୨୦ ନମ୍ବରରେ ଏକ ଅପହରଣ ମାମଲା ରୁଜୁ ହୋଇଥିଲା। ଜୁଲାଇ ୨୩ରେ ପରୀଙ୍କ ପୋଷାକ ସହ କଙ୍କାଳ ବାରିପଟ ପୋଖରୀ ହୁଡାରୁ ମିଳିଥିଲା। ଏହାପରେ ପୋଲିସ ଆଇପିସି ଦଫା ୩୬୪, ୩୦୨ ଓ ୨୦୧ ଅନୁଯାୟୀ ଅପହରଣ ଓ ହତ୍ୟା ମାମଲା ଭାବେ ପରିବର୍ତ୍ତନ କରିଥିଲା। ମାମଲାର ତଦନ୍ତ ଦାୟିତ୍ୱ ଏସ୍ଆଇଟିକୁ ହସ୍ତାନ୍ତର ପରେ ନଭେମ୍ବର ୨୫ରେ ଆଇପିସି ଦଫା ୩୬୩ ଅନୁଯାୟୀ ସିଆଇଡି କ୍ରାଇମ୍ବ୍ରାଞ୍ଚ କେସ୍ ନଂ. ୧୪ ରୁଜୁ ହୋଇଥିଲା। ଏହି ମାମଲାରେ ଦଫା ପରିବର୍ତ୍ତନ କରାଯାଇଛି। ଆଇପିସି ଦଫା ୩୭୬(ଏ), ୩୭୬(ଏବି), ୩୬୪, ୩୦୨, ୨୦୧ ଏବଂ ପୋକ୍ସୋ ଆକ୍ଟ ସେକ୍ସନ ୬ ଲଗାଯାଇଛି। ପରୀକୁ ଅପହରଣ ଓ ବଳାତ୍କାର ପରେ ହତ୍ୟା କରାଯାଇଥିବା ଏହି ଦଫାରୁ ଜଣାପଡୁଛି।

ଅନ୍ୟପକ୍ଷରେ ଏସ୍ଆଇଟି ସ୍କାନରରେ ଥିବା ଯଦୁପୁରର ଯୁକ୍ତ୩ ଛାତ୍ର ସରୋଜ ସେଠୀ ୨ ଦିନ ହେଲା ଅଟକ ଅଛନ୍ତି। ଶନିବାର ଭୋରରେ ଏସ୍ଆଇଟି ଅଧିକାରୀମାନେ ସରୋଜଙ୍କ ସମେତ ତାଙ୍କ ମା' ଓ ବଡ଼ଭଉଣୀଙ୍କୁ ଉଠାଇ ନେଇଥିଲେ। ଲାଏ ଡିଟେକ୍ଶନ ଟେଷ୍ଟ ପରେ ମା' ଓ ଭଉଣୀଙ୍କୁ ଶନିବାର ସନ୍ଧ୍ୟାରେ ଛାଡ଼ି ଦିଆଯାଇଥିଲା। ଅଟକ ଥିବା ସରୋଜଙ୍କୁ ଏସ୍ଆଇଟି ସୋମବାର କୋର୍ଟରେ ହାଜର କରିପାରେ ବୋଲି ଅନୁମାନ କରାଯାଉଛି। ଏନେଇ ପରୀର ମା'ବାପା ସୌଦାମିନୀ ଓ ଅଶୋକ ସାହୁ କୁହନ୍ତି, ଏସ୍ଆଇଟି କାହାକୁ ଗିରଫ କରିଛି ଆମେ ଜାଣିନୁ। ତେବେ ଏସ୍ଆଇଟି ତଦନ୍ତରେ ଆମେ ସନ୍ତୁଷ୍ଟ ନୁହଁ। ତଦନ୍ତ ଠିକ୍‌ରେ ହେଉନି। ହତ୍ୟାକାରୀ ଯିଏ ତାକୁ ଧରାଯାଉ। କାହିଁକି ହତ୍ୟା କରାଗଲା ତଦନ୍ତ କରାଯାଉ। ଆମେ ସିବିଆଇ ତଦନ୍ତ ଦାବିରେ ଭାଜପାର ରିଲେ ଅନଶନରେ ସାମିଲ ହୋଇଛୁ। ନ୍ୟାୟ ନ ପାଇଲେ ପଛକୁ ହଟିବୁ ନାହିଁ। ଗାଁ ସଭାପତି ଜୟକୃଷ୍ଣ ପରିଡା କୁହନ୍ତି, ତରବରିଆ ଭାବେ କାହାକୁ ଗିରଫ କରା ନ ଯାଉ। ଦୋଷୀ ଯିଏ ତାକୁ ଧରାଯାଉ। ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଗିରଫ କରାଗଲେ, ଗାଁ ବିରୋଧ କରିବ, ଯାହାକି ପୂର୍ବରୁ କହି ଆସୁଛୁ। ଏସ୍ଆଇଟି ଆମ ଗାଁର ଜଣେ ଯୁବକଙ୍କୁ ଅଟକ ରଖିଛି ବୋଲି ପରିଡ଼ା କହିଛନ୍ତି।

# ମନ୍ କୀ ବାତ୍ ବେଳେ ଥାଳି ବାଡ଼େଇବାକୁ ଆହ୍ୱାନ

**ଆଜି ଉପବାସ ରହିବେ ଚାଷୀ**

**ନୂଆଦିଲ୍ଲୀ, ୨୦।୧୨**

କେନ୍ଦ୍ର ସରକାରଙ୍କ କୃଷି ଆଇନ ପ୍ରତିବାଦରେ ସୋମବାର ଚାଷୀମାନେ ସମସ୍ତ ଆନ୍ଦୋଳନ ସ୍ଥଳରେ ଦିନ ସାରା ଉପବାସରେ ରହିବେ। ୨୭ ତାରିଖରେ ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ବେଳେ ଜନସାଧାରଣ ଘରେ ଥାଳି ବାଡ଼େଇବା ପାଇଁ କୃଷକ ନେତାମାନେ ଆହ୍ୱାନ ଦେଇଛନ୍ତି। ସୋମବାର ଚାଷୀଙ୍କ ଉପବାସ ସମ୍ପର୍କରେ ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବ ଏହି ସୂଚନା ଦେଇଛନ୍ତି। ଏଥିସହିତ ସେମାନେ ୨୫ରୁ ୨୭ ହରିୟାଣାର ଜାତୀୟ ରାଜପଥଗୁଡ଼ିକରେ ଟୋଲ୍ ଆଦାୟକୁ ବନ୍ଦ କରିବେ ବୋଲି କୃଷକ ନେତା ଜଗଜିତ୍ ସିଂ ଦଲେୱାଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଡିସେମ୍ବର ୨୩ରେ କିଷାନ ଦିବସ ପାଳନ କରାଯିବ। ଏହି ଅବସରରେ ସେଦିନ ମଧ୍ୟାହ୍ନ ଭୋଜନ ରୋଷେଇ ନ କରିବାକୁ ଦେଶବାସୀଙ୍କୁ ଅନୁରୋଧ କରାଯିବ ବୋଲି ଅନ୍ୟତମ କୃଷକ ନେତା ରାକେଶ ଟିକାୟତ କହିଛନ୍ତି। କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ୪ ସପ୍ତାହ ହେଲା ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚଳାଇଛନ୍ତି। ସରକାର ଆଇନ ପ୍ରତ୍ୟାହାର ନ କରି ଏହାର କେତେକ ଧାରାରେ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିବାବେଳେ ଚାଷୀମାନେ ତାହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ସେମାନେ ନିଜ ଜିଦ୍‌ରେ ଅଟଳ ରହି ପ୍ରବଳ ଶୀତ କାକରରେ ୨୫ ଦିନ ହେଲା ଦିଲ୍ଲୀ ସୀମାରେ ବସିରହିଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ସୋମବାର କିମ୍ବା ମଙ୍ଗଳବାର ଆନ୍ଦୋଳନରତ ଚାଷୀଙ୍କୁ ଭେଟିବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।

# ଫୁଲବାଣୀରେ ଅସହ୍ୟ ଶୀତ


ଫୁଲବାଣୀରେ ରବିବାର ସକାଳେ ହୋଇଥିବା କୁହୁଡି।

**୫.୫ ଡିଗ୍ରୀକୁ ଖସିଲା ପାରଦ, ଜନଜୀବନ ଅସ୍ତବ୍ୟସ୍ତ**

**ଫୁଲବାଣୀ ଅଫିସ, ୨୦।୧୨:** କନ୍ଧମାଳ ଜିଲାରେ ହଠାତ୍ ଶୀତର ପ୍ରକୋପ ବଢ଼ିଛି। ରବିବାର ସକାଳ ସୁଦ୍ଧା ଫୁଲବାଣୀରେ ପାରଦ ୫.୫ ଡିଗ୍ରୀକୁ ଖସିଛି। ସେହିପରି ଦାରିଙ୍ଗବାଡିରେ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ତଳକୁ ଖସିଥିଲା ବୋଲି ଜିଲା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଶୀତବସ୍ତ୍ର ନ ପିନ୍ଧିଲେ ବାହାରକୁ ବାହାରି ହେଉନାହିଁ। ଶୀତ ସାଙ୍ଗକୁ ଘନ କୁହୁଡ଼ି ସ୍ଥିତିକୁ ଆହୁରି ସଙ୍ଗୀନ କରୁଛି। ସକାଳ ୮ଟା ପର୍ଯ୍ୟନ୍ତ ଗାଡି ଚଳାଚଳରେ ବାଧା ଉପୁଜୁଛି। କନ୍ଧମାଳରେ ଦଶହରାଠାରୁ ଶୀତ ଅନୁଭୂତ ହୋଇଥାଏ। ଚଳିତବର୍ଷ ବହୁ ଡେରିରେ ଅନୁଭୂତ ହୋଇଛି। ହଠାତ୍ ପାରଦ ଖସିଥିବାରୁ ଶୀତପ୍ରେମୀଙ୍କ ଆନନ୍ଦ କହିଲେ ନ ସରେ। ବିଶେଷକରି ପ୍ରାତଃ ଭ୍ରମଣକାରୀମାନେ ଶୀତର ଅଧିକ ମଜା ନେଉଛନ୍ତି। ଶୀତକୁ ଡରି ଲୋକେ ଘରେ ନ ବସି ପ୍ରାତଃଭ୍ରମଣ କଲେ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ଡା.ଚିନାରୀ ନାରାୟଣ ସୁବୁଦ୍ଧି ପ୍ରକାଶ କରିଛନ୍ତି। ଜିଲାର ପ୍ରାକୃତିକ ପରିବେଶ ବହୁ ସୁନ୍ଦର' ଆଗକୁ ତୁଷାରପାତ ହେବ। ଶୀତର ମଜା ସମସ୍ତେ ନେବେ ବୋଲି ସ୍ଥାନୀୟ ବାସିନ୍ଦା ସୁବାସଚନ୍ଦ୍ରପଟ୍ଟନାୟକ କହିଛନ୍ତି।

# ହାତୀ ଛୁଆ ମୃତଦେହ ଜବତ



**ବନ୍ତଲା,୨୦।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପମ୍ପାସର ରେଞ୍ଜ ଟାଇଁସି ରିଜର୍ଭ ଜଙ୍ଗଲ ନୂଆପଡା ଆମ୍ବତଇଳା ପାହାଡ଼ରୁ ଏକ ଅଣ୍ଡିରା ଛୁଆ ହାତୀର ମୃତଦେହ ରବିବାର ଜବତ ହୋଇଛି। ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି, ଏସିଏଫ୍ ଶୁଭେନ୍ଦୁ ବେହେରା, ସରୋଜ ପଣ୍ଡା, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ, ପମ୍ପାସର ରେଞ୍ଜ ଅଧିକାରୀ ସୁଦୀପ୍ତା ମହାପାତ୍ର ପ୍ରମୁଖ ଅପରାହ୍ନରେ ପହଞ୍ଚି ଛୁଆ ହାତୀର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ୬ ମାସର ଏହି ହାତୀ ଛୁଆର ମୃତ୍ୟୁ କିପରି ହେଲା ତାହା ଜଣାପଡ଼ି ନାହିଁ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ ବ୍ୟବଚ୍ଛେଦ ବେଳେ ଉପସ୍ଥିତ ଥିଲେ।

# କୋଏଲ ନଦୀରେ ବୁଡ଼ିଯାଇ ୨ଛାତ୍ର ମୃତ

**ଜଣେ ଉଦ୍ଧାର, ଅନ୍ୟ ଜଣେ ନିଖୋଜ**

**ନୂଆଗାଁ/ରାଉରକେଲା ଅଫିସ, ୨୦।୧୨**

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କୋଏଲ ନଦୀର ଜାମସେରା ଘାଟରେ ରବିବାର ବୁଡ଼ିଯାଇ ୨ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରାଉରକେଲା ସେକ୍ଟର ୧୮ ଅଞ୍ଚଳର ଭୂବେଶ ପ୍ରସାଦ (୧୭) ଏବଂ ଛେଣ୍ଡ ଅଞ୍ଚଳର ସୁଜନ ଶର୍ମା (୧୭)। ରାଉରକେଲା ସେକ୍ଟର ୫ ଅଞ୍ଚଳର କୌଶିକ ମଲ୍ଲିକ (୧୮) ନିଖୋଜ ଅଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ୍ ପାଣିରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନାହିଁ। ୪ଜଣ ଛାତ୍ରଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଛି।

ରାଉରକେଲା ଅଞ୍ଚଳର ଏକ ଘରୋଇ ସ୍କୁଲର ୮ଜଣ ଛାତ୍ର କୋଏଲ ନଦୀର ଜାମସେରା ଘାଟକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଅପରାହ୍ନ ୨ଟା ୩୦ରେ ନଦୀ ଭିତରକୁ ପଶି ଏକ ପ୍ଲାଷ୍ଟିକ ବୋତଲକୁ ଫିଙ୍ଗାଫିଙ୍ଗି କରୁଥିଲେ। ଏହି ସମୟରେ ୪ଜଣ ଯାକ ନଦୀର ଗଭୀର ଆଡ଼କୁ ଚାଲିଯାଇଥିଲେ। କିଛି ଦୂରରେ କେତେଜଣ ସ୍ଥାନୀୟ ଯୁବକ ମାଛ ମାରୁଥିଲେ। ଏହି ୪ଜଣ ଛାତ୍ର ପାଣିରେ ବୁଡ଼ି ଯାଉଥିବା ଦେଖି ମାଛମାରୁଥିବା ଜାମସେରା ଗ୍ରାମର ସୁରେନ୍ଦ୍ର କଚ୍ଛପ, ତୁଷାର ନାଗ୍, ରାଜେଶ ଓରାମ ଜଣେ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ୩ଜଣ ଭାସିଯାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ୨ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ୨୦ ଦିନ ପୂର୍ବେ ଏଠାକୁ ପିକ୍‌ନିକ୍ କରିବାକୁ ଆସି ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା।

# ଯୁବକଙ୍କୁ ହତ୍ୟା ଅଭିଯୋଗ

**ଖଲ୍ଲିକୋଟ,୨୦।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ମୁକୁନ୍ଦପୁର ଛକରୁ ଜଣେ ଯୁବକଙ୍କୁ ଶନିବାର ସନ୍ଧ୍ୟାରେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖଲ୍ଲିକୋଟ ମେଡିକାଲ ଓ ପରେ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ ରବିବାର ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କୋମଣ୍ଡ ପଞ୍ଚାୟତ ମୋହନପୁର ଗ୍ରାମର ପ୍ରମୋଦ ଦାସ (୩୦)। ପ୍ରମୋଦଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ଅଭିମନ୍ୟୁ ରବିବାର ଥାନାରେ ଅଭିଯୋଗ କରିଛନ୍ତି।

ଅଭିମନ୍ୟୁଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ପ୍ରମୋଦ ବାଇକ ଯୋଗେ ଘରକୁ ଫେରୁଥିଲେ। ମୁକୁନ୍ଦପୁର ଛକ ନିକଟରେ ରାସ୍ତାରେ ଯାଉଥିବା ୩ଜଣ ମହିଳାଙ୍କୁ ବାଇକ୍ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ, ତେଣୁ ଭାଇର ମୃତ୍ୟୁ ଘଟିଛି। ଆହତ ମହିଳାମାନେ ମଧ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିବା ରବିବାର ସନ୍ଧ୍ୟାରେ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଖଲ୍ଲିକୋଟ ପୋଲିସ ଉଭୟ ପକ୍ଷର ଅଭିଯୋଗ ଗ୍ରହଣ କରି ତଦନ୍ତ ଚଳାଇଛି। ଖବର ଲେଖାହେବା ସୁଦ୍ଧା ମାମଲା ପଞ୍ଜୀକୃତ ହୋଇ ନ ଥିବା ଜଣାପଡିଛି।






**ଆଜିର ମନ୍ତବ୍ୟ**

ପଶ୍ଚିମବଙ୍ଗ ଜନସାଧାରଣ ପରିବର୍ତ୍ତନ ପାଇଁ ବ୍ୟାକୁଳ। ସେମାନେ ରାଜନୈତିକ ହିଂସା, ଦୁର୍ନୀତି ଓ ବାଂଲାଦେଶୀ ଅନୁପ୍ରବେଶରୁ ମୁକ୍ତି ଚାହାନ୍ତି।**–ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ...................................


ବିଷ୍ଣୁପ୍ରସାଦ
ପରିବାରବର୍ଗ


ପ୍ରତ୍ୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଅସମ୍ଭାଳ ଶୀତ, ସତର୍କ ...

ରବିବାର ୧୦ ଡିଗ୍ରୀ ତଳେ ୯ଟି ସହର ରହିଥିଲା। ଫୁଲବାଣୀରେ ସର୍ବନିମ୍ନ ୫.୫ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ା ୭.୪, ବାରିପଦା ୮.୫, ଅନୁଗୋଳ ଓ କୋରାପୁଟ ୮.୬, ଦାରିଙ୍ଗବାଡ଼ି ୯.୦, ଭବାନୀପାଟଣା ୯.୨, ବଲାଙ୍ଗୀର ୯.୪ ଓ କେନ୍ଦୁଝରଗଡ଼ରେ ୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଆଗକୁ ପାରଦ ଆହୁରି ଖସିବ। ଆସନ୍ତା ୩ ଦିନ ପାଇଁ ଆଭ୍ୟନ୍ତରୀଣ ଓଡ଼ିଶାରେ ହାଡ଼ଥରା ଶୀତର ସମ୍ଭାବନା ଥିବାରୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ମଧ୍ୟ ବିଭିନ୍ନ ଜିଲାକୁ ଆଲର୍ଟ କରିଛି। ତେବେ ଏହି ସମୟ ମଧ୍ୟରେ ଉପକୂଳବର୍ତ୍ତୀ ଜିଲାରେ ରାତିର ତାପମାତ୍ରା ୩ରୁ ୪ ଡିଗ୍ରୀ କମିବା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଟୁଇଟ୍ କରି ସୂଚନା ଦେଇଛି। ସୋମବାର ସକାଳୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ୬ ଜିଲାରେ ପ୍ରବଳ ଶୀତ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେସବୁ ଜିଲା ହେଲା ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ମୟୂରଭଞ୍ଜ ଓ ଢେଙ୍କାନାଳ। ସେହିପରି ୧୫ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ଏହି ଜିଲାଗୁଡ଼ିକ ହେଲା କୋରାପୁଟ, କନ୍ଧମାଳ, ସମ୍ବଲପୁର, ସୋନପୁର, ବୌଦ୍ଧ, ଦେବଗଡ଼, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, ନୂଆପଡ଼ା, ବାଲେଶ୍ୱର, ଭଦ୍ରକ, କଟକ, ଯାଜପୁର ଓ କେନ୍ଦୁଝର। ମଙ୍ଗଳବାର ସକାଳୁ ବୁଧବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, ଅନୁଗୋଳ, ବରଗଡ଼, କୋରାପୁଟ, କଳାହାଣ୍ଡି, ବୌଦ୍ଧ, ଢେଙ୍କାନାଳ ଓ କନ୍ଧମାଳରେ ପ୍ରବଳ ଶୀତ ଅନୁଭୂତ ହେବ। ତେଣୁ ଏହି ୧୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ପ୍ରବଳ ଥଣ୍ଡାକୁ ଦୃଷ୍ଟିରେ ରଖି ରାତିରେ ବାସହୀନ ଓ ଆଶ୍ରା ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ ସ୍କୁଲ୍, ଆଶ୍ରୟସ୍ଥଳ ଓ କମ୍ୟୁନିଟି ସେଣ୍ଟର ବିଲ୍ଡିଂରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଏସ୍ଆରସି ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ସହ ପ୍ରାଣୀ ସମ୍ପଦକୁ ଶୀତରୁ ରକ୍ଷା କରିବା ପାଇଁ ଜନସଚେତନତା ଅଭିଯାନ ମଧ୍ୟ କରାଯାଇପାରିବ। ଏସବୁ ବ୍ୟବସ୍ଥା ଉଭୟ ଆଞ୍ଚଳିକ ଓ ସହରାଞ୍ଚଳରେ କରାଯିବ। ସେହିପରି ଯେଉଁ ଜିଲାରେ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି କରାଯାଇଛି, ସେସବୁ ସ୍ଥାନରେ ଲୋକମାନେ ରାତି ସମୟରେ ଘର ଭିତରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହିତ ରାତିରେ ଦୁଇଚକିଆ ଯାନ କିମ୍ବା ଖୋଲା ଗାଡ଼ିରେ ଯାତାୟାତରୁ ଦୂରେଇ ରହିବା ପାଇଁ ଚିଠିରେ ପରାମର୍ଶ ଦେଇଛନ୍ତି ଏସ୍ଆରସି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ଘର ଝିଅ କିଛି ଖାଏ ନାହିଁ**
**ବୋହୂଟି ଯେ ଚାନ୍ଦମୁଖୀ**
**ତିନିଓଳି ତିନି କଂସା ପଖାଳରେ**
**ମୁହଁଟି ଯାଇଛି ଶୁଖି।**

ଖାଇବା ପିଇବାରେ ହେଳା ନାହିଁ, ଉପରକୁ କିନ୍ତୁ କିଛି ରୁଚୁ ନ ଥିବାର ମିଛ ଅଭିନୟ। ଦିନକୁ ତିନି ଓଳି ପେଟ ପୂରେଇ ଖାଉଥିବା ନାରୀ ଅନ୍ୟ ଆଗରେ ନ ଖାଇଥିବା ଭଳି ଅଭିନୟ କରି ମୁହଁ ଶୁଖାଇ ବସି ରହିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବଣକୁ ସୁନ୍ଦର ହରିଣୀ**
**ଘରକୁ ସୁନ୍ଦର ଘରଣୀ।**

ହରିଣୀ ଦେଖିବାକୁ ଯେମିତି ସୁନ୍ଦର, ତା'ର ଧାଁ ଦଉଡ଼ ସେମିତି ମନମୁଗଧକର। ହରିଣର ଉପସ୍ଥିତି ବଣର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ସେହିପରି ଉତ୍ତମ ଘରଣୀ ଥିଲେ ଘରର ସମ୍ପଦ ଓ ସୌଭାଗ୍ୟ ବୃଦ୍ଧି ପାଏ। ଉତ୍ତମ ଘରଣୀ ଘରକୁ ସୁବ୍ୟବସ୍ଥିତ ଢଙ୍ଗରେ ଚଳେଇ ନେଇପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଭିତିରି ବୁଝାମଣାର ...

ବେଳାଭୂମି ରହିଛି। ତେଣୁ ଓଡ଼ିଶା କେବେହେଲେ ଗରିବ ହୋଇପାରିବ ନାହିଁ। ୫–ଟି, ମୋ ସରକାର ଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ଜରିଆରେ ଗରିବ ଲୋକଙ୍କ ଲାଗି ଅନେକ କିଛି କରିହେଉଛି। ପ୍ରଧାନମନ୍ତ୍ରୀ ସବୁ ରାଜ୍ୟ ପ୍ରତି ସମଦୃଷ୍ଟି ଦେବା କଥା, ହେଲେ ଓଡ଼ିଶା ପ୍ରତି ସବୁବେଳେ ଅବହେଳା କରୁଛନ୍ତି। ଚାଷୀଙ୍କ ସମସ୍ୟା ନେଇ ପ୍ରଧାନମନ୍ତ୍ରୀଙ୍କଠାରୁ ସମୟ ଲୋଡ଼ାଯାଇଥିଲେ ମଧ୍ୟ ସେ ଭେଟିନ ଥିଲେ। ଭାଜପା ଗତ ନିର୍ବାଚନରେ ସ୍ୱାମୀନାଥନ କମିଟି ସୁପାରସ ଲାଗୁ କରିବା ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦେବା ଲାଗି ଇସ୍ତାହାରରେ ଦାବି କରିଥିଲା। ହେଲେ ଏବେ କାହିଁକି ବିରୋଧ କରୁଛି ବୋଲି ସଞ୍ଜୟ ପ୍ରଶ୍ନ କରିଛନ୍ତି। ସେହିପରି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଆମେ ସମସ୍ତେ ନିଜ କର୍ତ୍ତବ୍ୟ ଠିକ୍‌ଭାବେ କରିବା କଥା। ନିଜେ ନିଜେ ଦାୟିତ୍ୱ ନିଅ। ଏମିତି କାମ କରିବା ଦରକାର ଯେପରି ମୁଖ୍ୟମନ୍ତ୍ରୀଙ୍କ ଛବି ମଳିନ ନ ପଡୁ। ଆପଣ ସମସ୍ତେ ଜଣେ ଜଣେ ନେତା। ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ଘରେ ପହଞ୍ଚାଇବାକୁ ପ୍ରଣବ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମୁହଁ ଫେରାଉଛନ୍ତି ...

ଅନିଶ୍ଚିତ ବର୍ଷା, ମରୁଡ଼ି, ରୋଗପୋକ ଆକ୍ରମଣ ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥଳେ ଓଡ଼ିଶାର ଚିତ୍ରକୁ ଦେଖିଲେ ପ୍ରତିବର୍ଷ ହେଉଥିବା ବନ୍ୟା ଓ ବାତ୍ୟା ଯୋଗୁ ଲକ୍ଷାଧିକ ହେକ୍ଟର ଚାଷଜମି ନଷ୍ଟ ହେଉଛି। ପ୍ରତିବର୍ଷ କ୍ଷତି ସହୁଥିବାରୁ ଲୋକେ ଆଉ ଚାଷକାର୍ଯ୍ୟ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଏହା ପରିବର୍ତ୍ତେ ସେମାନେ ସହରାଞ୍ଚଳରେ ଯେକୌଣସି ବୃତ୍ତି ଆପଣାଇବାକୁ ଅଧିକ ଆଗ୍ରହ ଦେଖାଉଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନାରେ ପ୍ରାୟତଃ ୧୦ ଏକରରୁ ଅଧିକ ଜମି ଥିବା ଚାଷୀମାନେ ଉପକୃତ ହେଉଛନ୍ତି। କ୍ଷୁଦ୍ର କିମ୍ବା ନାମମାତ୍ର ଓ ଭୂମିହୀନ ଚାଷୀମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ୨୦୧୫–୧୬ ଚାଷୀଗଣନା ଅନୁଯାୟୀ ଓଡ଼ିଶାରେ ୮,୮୭,୭୭୨ କ୍ଷୁଦ୍ରଚାଷୀ ଥିବାବେଳେ ୯,୦୫,୧୮୪ ଭାଗଚାଷୀ ରହିଛନ୍ତି, ଯେଉଁମାନେ ଅଧିକାଂଶ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ମୋଟ ଚାଷୀ ଓ କୃଷି ଶ୍ରମିକଙ୍କ ସଂଖ୍ୟା ମୋଟ କାର୍ଯ୍ୟକ୍ଷମ ଜନସଂଖ୍ୟାର ୬୪.୮% ଥିଲା। ହେଲେ ୨୦୧୧ ବେଳକୁ ଏହା ହ୍ରାସପାଇ ୬୧.୮୨% ହୋଇଥିଲା। ଉପକୂଳ ଓଡ଼ିଶାରେ କୃଷି ଶ୍ରମିକ ସଙ୍କଟ ସମସ୍ୟା ଯୋଗୁ ଲୋକେ ବାଧ୍ୟହୋଇ କୃଷିକାର୍ଯ୍ୟରୁ ଓହରି ଯାଉଛନ୍ତି। ଶିକ୍ଷିତ ଯୁବତୀଯୁବକଙ୍କୁ କୃଷିକାର୍ଯ୍ୟ ପ୍ରତି ଆକୃଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲେ ମଧ୍ୟ ତାହା କୌଣସି କାର୍ଯ୍ୟରେ ଆସୁନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, କୃଷି ଋଣ ପ୍ରଦାନ କ୍ଷେତ୍ରରେ ଘରୋଇ ବ୍ୟାଙ୍କଗୁଡ଼ିକର ଅବଦାନ ଅତି ନଗଣ୍ୟ ହୋଇଥିବାବେଳେ ସରକାର କିନ୍ତୁ ଏହି ବ୍ୟାଙ୍କରେ ଅର୍ଥ ଜମାର ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ସମବାୟ ବ୍ୟାଙ୍କ ସବୁଠାରୁ ଆଗରେ ଥିବାବେଳେ ଏହା ପଛକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଅଛନ୍ତି। ହେଲେ ସରକାର କାହା ସ୍ୱାର୍ଥରେ ନିର୍ଦ୍ଦିଷ୍ଟ ଘରୋଇ ବ୍ୟାଙ୍କ ସହ ଏଭଳି ଚୁକ୍ତିନାମା କରିଛନ୍ତି, ସେନେଇ ଚାଷୀମାନେ ବାରମ୍ବାର ପ୍ରଶ୍ନ କରିଆସୁଛନ୍ତି। କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ କହିବା ହେଲା, ବ୍ୟକ୍ତିଗତ ସମସ୍ୟା ଏବଂ ପାଣିପାଗର ଅନିୟମିତତା ଯୋଗୁ ଅନେକ ସମୟରେ ଜମି ଚାଷ ହୋଇପାରୁ ନାହିଁ। କୃଷକଙ୍କ ମଙ୍ଗଳ, ନିରନ୍ତର ଆୟ ବୃଦ୍ଧି ଓ ନିଶ୍ଚିତ ପୁଷ୍ଟି ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାର ସମୃଦ୍ଧି କୃଷି ନୀତି ୨୦୨୦ ପ୍ରଚଳନ କରିଛନ୍ତି। ଏହି କୃଷି ନୀତି ଆଗାମୀ ୫ବର୍ଷରେ କୃଷକଙ୍କ ଆୟ ବୃଦ୍ଧି ସହ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ବିକାଶ ପ୍ରକ୍ରିୟାକୁ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଚାଷୀ ପ୍ରହଲ୍ଲାଦ ପରିଡ଼ାଙ୍କ କହିବା ହେଲା, ଚାଷଜମି ହ୍ରାସ ପାଇବାର ପ୍ରମୁଖ କାରଣ ହେଉଛି କୃଷି ଶ୍ରମିକ ଅଭାବ। ସରକାର ଟଙ୍କିକିଆ ଚାଉଳ ବ୍ୟବସ୍ଥା କରିବା ପରେ ଶ୍ରମିକମାନେ ଆଉ ଚାଷଜମିରେ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। ଫଳରେ ମାନବସମ୍ବଳ ଅଭାବରୁ ଚାଷୀ କେତେକ କ୍ଷେତ୍ରରେ ଚାଷଜମି ପଡ଼ିଆ ପକାଇବାକୁ ବାଧ୍ୟ ହେଉଛି। ୨ୟରେ ସରକାରୀ ପ୍ରୋତ୍ସାହନ ଠିକଭାବେ ମିଳିପାରୁ ନାହିଁ। ଶୀତଳଭଣ୍ଡାର ଅଭାବରୁ ଚାଷୀ ତାର ଉତ୍ପାଦିତ ଶସ୍ୟ ବା ପନିପରିବାକୁ ଗଚ୍ଛିତ ରଖିପାରୁ ନାହିଁ। ଯାହାଫଳରେ ଉତ୍ପାଦନ ସମୟରେ ଶାଗମାଛ ଦରରେ ବିକ୍ରି କରି କ୍ଷତି ସହୁଛି। ବାରମ୍ବାର କ୍ଷତି ସହିବାରୁ ଅନେକ ଚାଷୀ ବିକଳ୍ପ ଚିନ୍ତା କରୁଛନ୍ତି।

ସେହିପରି ବରଗଡ଼ ଜିଲା ଗୋବିନ୍ଦପାଲିର ଚାଷୀ ଲକ୍ଷ୍ମଣ ପ୍ରଧାନଙ୍କ କହିବା ହେଲା, ବିଭିନ୍ନ କାରଣରୁ କ୍ଷତି ସହୁଥିବା କାରଣରୁ ଚାଷ ପ୍ରତି ଚାଷୀମାନେ ଧୀରେ ଧୀରେ ବିମୁଖ ହେବାରେ ଲାଗିଲେଣି। ଫଳରେ ଚାଷଜମି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଆମର ଏହା ମୂଳ ଜୀବିକା ହୋଇଥିବାରୁ ଆମେ ଚାଷବାସ କରି ଆସୁଛୁ। କିନ୍ତୁ ଆମ ପରବର୍ତ୍ତୀ ପିଢ଼ି ଚାଷ କରିବେ ବୋଲି ମନେ ହେଉନାହିଁ। ଦିନକୁ ଦିନ ଉନ୍ନତ ପ୍ରଣାଳୀରେ ଚାଷ ହେଉଛି। କୃଷିକାର୍ଯ୍ୟରେ ଖର୍ଚ୍ଚ ବଢ଼ି ଚାଲିଛି। ହେଲେ କୃଷିଜାତ ଦ୍ରବ୍ୟର ଦରଦାମ ସେହି ଅନୁପାତରେ ବଢୁନାହିଁ। ଅନ୍ୟ ସାମଗ୍ରୀର ଦର ହୁହୁ ହୋଇ ବୃଦ୍ଧି ପାଉଥିବାବେଳେ ଚାଷୀ ତା'ର ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ପାଉ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି।

### ଟିକାର ଗମ୍ଭୀର ...

ପରାମର୍ଶ ଦିଆଯାଇଛି। ସେହିପରି ଅନ୍ୟ ଏକ ଗାଇଡ୍‌ଲାଇନରେ କୁହାଯାଇଛି କରୋନା ଟିକାର କୌଣସି ଉପାଦାନ ପ୍ରତି ରୋଗୀଙ୍କ ଯଦି ପୂର୍ବରୁ ଆଲର୍ଜି ପ୍ରତିକ୍ରିୟା ଥାଏ ତେବେ ସେମାନେ ଉକ୍ତ ଉପାଦାନ ଥିବା ଟିକା ନେବା ଉଚିତ ନୁହେଁ। ଆମେରିକା ସରକାର ଏପର୍ଯ୍ୟନ୍ତ ଦୁଇଟି ଟିକା ଫାଇଜର ଏବଂ ମଡର୍ନାକୁ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫାଇଜର ଟିକାକରଣ ଆରମ୍ଭ ହୋଇଥିବାବେଳେ ବିଭିନ୍ନ ଲୋକଙ୍କଠାରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ତେଣୁ ପୂର୍ବରୁ କୌଣସି ଟିକା ନେବା ପରେ ଯେଉଁମାନଙ୍କର ଆଲର୍ଜି ଦେଖାଦେଉଥିବ ସେମାନେ କରୋନା ଟିକା ନେବେ କି ନାହିଁ ସେ ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ବିଭିନ୍ନ ଲୋକଙ୍କର ଖାଦ୍ୟ, ପୋଷା ଜୀବଜନ୍ତୁ, ପରିବେଶ ସ୍ଥିତି ପ୍ରତି ଆଲର୍ଜି ରହିଥାଏ। ଅନ୍ୟ କେତେକଙ୍କଠାରେ ଆଲର୍ଜି ବଂଶଗତ। ଏହା ସତ୍ତ୍ୱେ ସେମାନେ ଟିକା ନେଇଛନ୍ତି। ଫାଇଜର ଟିକା ନେବା ପରେ ଆଲର୍ଜି ଦେଖାଦେଇଥିବା ୫ ଜଣଙ୍କ ଉପରେ ଅନୁଧ୍ୟାନ କରାଯାଉଛି। ମଡର୍ନା ଟିକାକୁ ମଞ୍ଜୁରୀ ପରେ ଶନିବାରଠାରୁ ଏହାର ଯୋଗାଣ ଆରମ୍ଭ ହୋଇଛି। ଆମେରିକାରେ ଖାଦ୍ୟ ଶୀତଳଭଣ୍ଡାର କେନ୍ଦ୍ର, ପୋର୍ଟ କ୍ୱାରାଣ୍ଟାଇନ୍, ପରିବହନ ସେବାରେ କାର୍ଯ୍ୟରତ କର୍ମଚାରୀ, ମାଂସ ବଜାରର କର୍ମଚାରୀ, ମେଡିକାଲ କର୍ମଚାରୀ ଓ ବିଦେଶକୁ ପଢ଼ିବା କିମ୍ବା କାର୍ଯ୍ୟ କରିବା ଲାଗି ଯିବାକୁ ଥିବା ଲୋକଙ୍କୁ ପ୍ରଥମେ କୋଭିଡ୍ ଟିକା ଦେବାକୁ ନିଷ୍ପତ୍ତି ହୋଇଛି।

## କେନ୍ଦ୍ର ପ୍ରତିବଦ୍ଧତାକୁ ଭୁଲ ଦର୍ଶାଇବା ପ୍ରୟାସ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ): ଦୀର୍ଘବର୍ଷ ଧରି କେନ୍ଦ୍ର ଓ ରାଜ୍ୟର ଶାସନ କ୍ଷମତାରେ ଥିବାବେଳେ କଂଗ୍ରେସ, ବିଜେଡି ଓଡ଼ିଶାକୁ ଅବହେଳା କରି ଆସୁଥିଲେ। ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରରେ ଦାୟିତ୍ୱ ନେବା ପରେ ପ୍ରଥମ ଥର ପୂର୍ବ ଭାରତର ବିକାଶ ପାଇଁ ମିଶନ ପୂର୍ବୋଦୟ ଆରମ୍ଭ କଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପାରାଦୀପରେ କହିଥିଲେ, 'ଓଡ଼ିଶା ହିଁ ହେବ ପୂର୍ବ ଭାରତର ବିକାଶ ପଥ'। ପାରାଦୀପରୁ ହିଁ ଖୋଦ୍ ପ୍ରଧାନମନ୍ତ୍ରୀ ଜାତୀୟତାରେ ଆଞ୍ଚଳିକ ରାଜ୍ୟର ବିକାଶର ଗାଥା ଦୋହରାଇଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ମେନ୍ଷ୍ଟ୍ରିମ୍ ଏଜେଣ୍ଡାରେ ଗରିବ ଲୋକଙ୍କ କଲ୍ୟାଣ ଏବଂ ବିକାଶ ହିଁ ରହିଛି। ଏହାର ହିସାବ ସବୁ ଭାରତବାସୀ ମଧ୍ୟ ଭଲରେ ବୁଝିଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀରେ କେନ୍ଦ୍ର ବିରୋଧୀ ଆଭିମୁଖ୍ୟକୁ ନେଇ ସମୀର କହିଛନ୍ତି, ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତି ଥିବା ପ୍ରତିବଦ୍ଧତାକୁ ଭୁଲ ଦର୍ଶାଇବା ପାଇଁ ରାଜ୍ୟବାସୀଙ୍କୁ ମିଛ କହିଛନ୍ତି। ଦୁଇ ଦଶନ୍ଧି ଧରି ରାଜ୍ୟର ଶାସନ ଭାରରେ ଥାଇ ମଧ୍ୟ ଓଡ଼ିଶାକୁ ଦେଶର ବିକଶିତ ରାଜ୍ୟ ଭାବେ ପରିଣତ କରିବାରେ ବିଫଳ ହୋଇଛନ୍ତି। ନିଜ ଦଳର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଆଞ୍ଚଳିକ ଭାଷାର ପରିଚୟ ପ୍ରସଙ୍ଗ ଉଠାଇ ଓଡ଼ିଶାର ଯୁବକଙ୍କୁ ଉସୁକାଉଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦେବା ପାଇଁ ଅର୍ଥ କମିଶନ ଦ୍ୱାରା କିଛି ମାପଦଣ୍ଡ ଧାର୍ଯ୍ୟ କରାଯାଇଛି। ଏହି ମାପଦଣ୍ଡକୁ ୨୦ବର୍ଷରେ ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ମୋଦି ସରକାରରେ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦିଆଯାଇଛି ଓ ଅଧିକ ଆର୍ଥିକ ଅନୁଦାନ ମଧ୍ୟ ଦିଆଯାଇଛି। ଯେଉଁଥିପାଇଁ ସ୍ୱତନ୍ତ୍ର ପାହ୍ୟା ପ୍ରସଙ୍ଗ ଗୁରୁତ୍ୱ ରଖୁନାହିଁ। ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ଓ ଅସ୍ମିତା କଥା କହୁଛନ୍ତି। ତେବେ କାହିଁକି ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବା ପାଇଁ ୨୦ବର୍ଷର ସମୟ ନେଲେ ବୋଲି ସମୀର ପ୍ରଶ୍ନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆଂଶିକ କାଳସର୍ପଯୋଗ ଆପଣଙ୍କୁ ସ୍ୱାସ୍ଥ୍ୟ ଓ ଅର୍ଥ ସମ୍ପର୍କୀୟ ବ୍ୟତିକ୍ରମ ମାଧ୍ୟମରେ ଚିନ୍ତିତ କରାଇପାରେ। ଘର ଅପେକ୍ଷା ବାହାର ଲୋକଙ୍କ ସକାଶେ ବିଶେଷ ସମୟ ନେଇପାରନ୍ତି। କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ଭାବେ ଅଟକି ଯିବ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଆଜି ଆପଣଙ୍କ ପାଇଁ ଉତ୍ତରାର୍ଦ୍ଧରେ ସମସ୍ତଗ୍ରହ ଅବସ୍ଥାନ କରୁଥିବାରୁ ଅପରାହ୍ନ ସମୟରେ ହିଁ ସଫଳତା ମିଳିବ। ପିଲାଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମକ୍ଷେତ୍ର, ଯାନ ବାହନ, ଦୋକାନବାଡିରେ ଟେନସନ୍ ଲାଗିରହିପାରେ। ଆତ୍ମୀୟତା ଦେଖାଉଥିବା ଲୋକେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ନିକିତି ତଉଲପରି ଆପଣଙ୍କ ରାଶିର ଗ୍ରହାବସ୍ଥାନ ଯୋଗୁଁ ଅର୍ଥ, ପରିବାର ଓ ସନ୍ତାନଭାବର ସୁଫଳତା କମ୍ ମିଳିବ। ସକାଳୁ ହଠାତ୍ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ଅସ୍ଥିର ହେବ। କର୍ମକ୍ଷେତ୍ରରେ ବିଭିନ୍ନ କାମରେ ବ୍ୟସ୍ତ ରହିବେ। ବ୍ୟବସାୟ ଭଲରେ ଚାଲିବ ଓ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ** ଭାଗ୍ୟଭାବସ୍ଥ ମଙ୍ଗଳଙ୍କ ଯୋଗୁଁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କା ପଇସା, ନେବା ଆଣିବା କ୍ଷେତ୍ରରେ ସତର୍କ ରହିବା ଭଲ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡି ପ୍ରଭୃତିରେ ସମସ୍ୟା ଦେଖାଦେବ। କାର୍ଯ୍ୟବ୍ୟସ୍ତ ଯୋଗୁଁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ସିଂହ** ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟିକ କ୍ଷେତ୍ର ସମସ୍ୟା ବଢ଼ିପାରେ। ଉତ୍ତରାଫାଲଗୁନୀ ଅତ୍ୟଧିକ ଲୋଭ ଏବଂ ସନ୍ଦେହ, ପାରିପାର୍ଶ୍ୱିକ ପରିସ୍ଥିତିକୁ କେତେକାଂଶରେ ଅସ୍ୱାଭାବିକ କରିପାରେ। ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**କନ୍ୟା** ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନର ମଉକାକୁ କେତୁ ପ୍ରତିରୋଧ କରିପାରନ୍ତି। ସବୁ କାମ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ମନ ଭଲ ରହିବ ନାହିଁ। ଶତ୍ରୁତାର ଅବସାନ ଘଟିବ, ରୋଗପୀଡା ଉପଶମ ହେବ। ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା** ଆଜି ବନ୍ଧୁଙ୍କ ସାହାଯ୍ୟରେ ଅର୍ଥଲାଭର ସୁଯୋଗ ପାଇବେ। ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ସାକ୍ଷାତ୍‌କାର, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା** ଆଜି ସକାଳୁ ସକାଳୁ ଦୂରଯାତ୍ରା ସହ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସବୁ କାମଗୁଡିକ ଗଡ୍‌ବଡ୍ ହୋଇଯାଉଥିବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ମୁଖଭାବସ୍ଥ ରବି ଓ ବୁଧ ହେତୁ କଡା କଥା କହିବା କାରଣରୁ ସମ୍ପର୍କହାନିର ଆଶଙ୍କା ରହିଛି। ଶିଳ୍ପ, ବ୍ୟବସାୟରେ ମାଲପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ** ଶୀଘ୍ରଗତିବିଶିଷ୍ଟ ଗ୍ରହ ରାଶିରେ ରହିଥିବାରୁ ଯାହା ଭାବୁଛନ୍ତି ଶୀଘ୍ର ନ କଲେ ପରକ୍ଷଣରେ ପରିସ୍ଥିତି ବଦଳି ଯାଇପାରେ। ପ୍ରିୟ ବନ୍ଧୁଙ୍କ ଆଗରେ ମନକଥା କହିବାରେ ପଛେଇଗଲେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର** ଅସଫଳତାରୁ ନିରୁତ୍ସାହିତ ହୋଇପାରନ୍ତି। ଦିନଟି ବହୁମାତ୍ରାରେ ଅବ୍ୟବସ୍ଥା ଭିତରେ କଟିବ। ବିଶେଷତଃ ଅର୍ଥାଭାବ ସମସ୍ୟାର ମୂଳ କାରଣ ହୋଇପାରେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଶ୍ରବଣା ନକ୍ଷତ୍ର ସାଧାରଣ କଥାରେ ରାଗ, ରୁଷା ଓ ଅଭିମାନ ଭିତରେ ସମୟ କଟାଇବେ।

**କୁମ୍ଭ** ଶନିକ୍ଷେତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁଁ ନିଜର ଲୋକମାନେ ବିରୁଦ୍ଧାଚରଣ କରିବେ। ଅବଶ୍ୟ କର୍ମକ୍ଷେତ୍ରର ବିବଦମାନ ସ୍ଥିତି କେତେକାଂଶରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥ ଅପରିହାର୍ଯ୍ୟ ହୋଇପାରେ। ସକାଳୁ ସକାଳୁ ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବାର ସୂଚନା ରହିଛି।

**ମୀନ** ଆଜି ଆପଣଙ୍କ ମନ ଭୁଲାଣିଆ କଥାରେ ଶତ୍ରୁମାନେ ମିତ୍ର ପାଲଟିବେ। ଅସାବଧାନତାରୁ ପୂର୍ବଭାଦ୍ରବ ନକ୍ଷତ୍ରର ଧନ ହାନି ଘଟିପାରେ। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରି ଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ସପ୍ତମୀ ସୋମବାର, ଡିସେମ୍ବର ୨୧ ତାରିଖ, ରାଶି ନକ୍ଷତ୍ର–ପୂର୍ବଭାଦ୍ରବ/କୁମ୍ଭ, ମିଥୁନ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୦ମି. ଗତେ ଘ.୦୭.୪୭ମି. ମଧ୍ୟେ, ଘ.୦୯.୧୩ମି. ଗତେ ଘ.୧୧.୨୩ମି. ମଧ୍ୟେ, ରାତ୍ରି ଘ.୦୭.୪୭ମି. ଗତେ ଘ.୧୧.୧୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୭.୪୧ମି. ଗତେ ଘ.୦୯.୦୨ମି. ମଧ୍ୟେ ରାହୁ କାଳ।



# classifieds Everyday
0674-2580101, 2549302



**SALE**

**Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952.** D-70132

**BDA Southcity** ଅନ୍ତର୍ଭୁକ୍ତ **IIT** ଭୁବନେଶ୍ୱର ନିକଟରେ ପିଚୁ ରାସ୍ତାକୁ ଲାଗିକରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ନିଜର ସ୍ୱପ୍ନ ସାକାର କରନ୍ତୁ। **8847825690.** D-70130

ଭୁବନେଶ୍ୱର ଗୋଠପାଟଣା **IIIT, Birla Global University** ପାଖରେ ଘରବାରି **yellowzone, 30' road,** ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **1st possession/registration. 9937819395.** D-70125

**Two bedroom flat with Drawing, Dining, Kitchen and two Bathroom with individual garage sale at Tankapani Road near Rajarani Temple. Bank finance available. Call: 9438109040, 8144658008.** D-19306

**100**ଫୁଟିଆ ପିଚୁରୋଡ୍‌କୁ ଲାଗି ବାରଙ୍ଗ ପାଖରେ **commercial** ୯ ଗୁଣ୍ଠ ଜାଗା ତୁରନ୍ତ ବିକ୍ରିହେବ। ଗୁଣ୍ଠ–୬,୫୦,୦୦୦/– **direct Owner. 9437033320.** D-70124

ଭୁବନେଶ୍ୱର ଗଙ୍ଗପଡ଼ା, ମଦନପୁରରେ ଘରବାରି ଲେଆଉଟ୍ ଆପ୍ରୋଭାଲ ସହିତ ବାସୋପଯୋଗୀ ଜାଗା ମିଳୁଅଛି। 7735922768. D-70120

**Bhubaneswar Sum Hospital Gurukul** ପାଖରେ **yellowzone gharabari plot** ବିକ୍ରି କରାଯାଉଅଛି। **9439206202.** D-70128

**Immediate registration and possession with gharabari land, Electricity in Sai Vihar, Jagannathpur, Ranga Bazar, BJEM-II @450/- (Bank finance available). 9437522339.** D-70122

ସୁନ୍ଦରପଦାରେ ୨୦୦୦ବର୍ଗ ଫୁଟକୁ ୧୯,୫୦,୦୦୦/– ପ୍ଲଟ୍ କିଣି ଆଜି ଘର କରନ୍ତୁ। Xavier, OEC ନିକଟରେ ୫,୫୦,୦୦୦/– ଦିଆଯାଉଛି। 9938016295. D-70127

**Immediate construction with** ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। **7978998868.** D-70126

**PURCHASE**

Land requires for plotting project in around Bhubaneswar, 9937816565, 9937568585. D-70123

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Laxmi Sagar, Plot No.-236 (p), Sarala Nagar, Jayaguru Bhawan, 2rooms with Kitchen room, 1Bathroom & Dining room etc. of the 2nd floor. 9438505751, 9583164951. D-19288



Revitalize your self with our ayurvedic massage and refreshment, Call: 7381239385. D-70063

Experience full body massage with expert therapists. Call: 7377048581. D-70064

Refreshing your mind & body with best therapy at Lotus Spa. 8018234866 D-69595

Get refreshment body massage by expert therapist contact for 7205084157. D-70058

Swarna SPA newly open positively health benefits with expert therapist. 9556978408. D-70059

Rejuvenate and Ayurvedic full body massage by smart therapist. 9348123330. D-70060

**AFFIDAVIT**

By virtue of an affidavit before the Executive Magistrate, Khordha, on dated 14.12.2020. I, Munna Barik, S/o- Late Laxmidhar Barik, At/Po- Rautapada, P.S- Begunia, Dist- Khordha, Pin- 752062, I, here by declare that Munna Barik and Manoranjan Barik, both are one of them. My self Munna Barik known for all. D-68850

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**LEGAL NOTICE**

In the court of judge, Family court, Cuttack
C.P.NO.93/2019
Aswini Kumar Sahoo Petitioner
Vrs
Mamata Sahoo Respondent
Notice U/O.5, Rule-20 of C.P.C

To, Mamata Sahoo, wife of Aswini Kumar Sahoo, D/O-Khageswar Sahoo, Village- Birabarapur Patna, (Kansari Sahi), P.O- Atopur, P.S.- Keonjhar Town, Dist- Keonjhar, at present residing at Manisha Enclave, Flat No.- 001 Ground Floor, Sailashree Vihar, P.O- Sailashree Vihar, Bhubaneswar, Dist- Khurda.

Take notice that petitioner above noted suit have instituted for dissolution of marriage on dtd. 13.07.2004 by decree of divorce under section 13 of Hindu marriage Act. The summons of the suit was sent twice to you through both ways but returned unserved. You are therefore directed to appear before this court personally or through given advocate at 10AM on 06.01.2021 failing which the suit be heard and disposed of in your absence as per law.

Given under my hand seal of the court today i.e. 03.12.20.
Sd./- Judge, Family Court, Cuttack. D-19301

## ଲ୍ୟାଣ୍ଡମାଇନ ଉଦ୍ଧାର



**ମାଲକାନଗିରି,(ଡି.ଏନ୍.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ପିପଲପଦର ଗ୍ରାମ ନିକଟରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ। ଏହାକୁ ୧୪୪ ବାଟାଲିୟନର ବିଏସ୍‌ଏଫ୍ ଯବାନମାନେ ନିଷ୍କ୍ରିୟ କରିଦେଇଛନ୍ତି। ଏହି ଲ୍ୟାଣ୍ଡମାଇନ ଏତେ ଶକ୍ତିଶାଳୀ ଥିଲା ଯେ, ଯଦି ଯବାନଙ୍କ ଗାଡି ଏହାର ଶିକାର ହୋଇଥାନ୍ତା ତେବେ ଗାଡିକୁ ପ୍ରାୟ ୨୦ ରୁ ୨୫ ଫୁଟ୍ ଉଚ୍ଚତାକୁ ଉଠାଇ ଫିଙ୍ଗି ଦେଇଥାନ୍ତା। ସୂଚନାଯୋଗ୍ୟ, ଏହି ରାସ୍ତା ଦେଇ ଯବାନମାନେ କୋମ୍ବିଂ ଅପରେଶନକୁ ଯାଇଥାନ୍ତି।

# ପ୍ରଥମ ନଦୀଭିତ୍ତିକ ବନ୍ଦର ପାଇଁ ତତ୍ପରତା

- ପ୍ରକଳ୍ପ ସ୍ଥାନ ଆଖଡ଼ାଶାଳି ପରିଦର୍ଶନ କଲେ ରାଜ୍ୟ ଉଚ୍ଚସ୍ତରୀୟ ଟିମ୍
- ବନ୍ଦରର କ୍ଷମତା ବାର୍ଷିକ ୫୪ ମେଟ୍ରିକ ଟନ୍
- ୪,୦୬୨ କୋଟି ଟଙ୍କା ବ୍ୟୟ ଅଟକଳ
- କର୍ମ ନିଯୁକ୍ତି ପାଇବେ ୬ ହଜାରରୁ ଊର୍ଦ୍ଧ୍ୱ ଲୋକ

**କେନ୍ଦ୍ରାପଡ଼ା ଅଫିସ/ମହାକାଳପଡ଼ା/ ପାରାଦୀପ, (ଡି.ଏନ.ଏ./ସ୍ୱ.ପ୍ର.) ୨୦।୧୨**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡ଼ାଶାଳିଠାରେ ମହାନଦୀରେ ନିର୍ମାଣ ହେବ ଓଡ଼ିଶାର ପ୍ରଥମ ନଦୀଭିତ୍ତିକ ବନ୍ଦର। ପାରାଦୀପ ପୋର୍ଟ ଟ୍ରଷ୍ଟ ଦ୍ୱାରା ଏହି ମହାନଦୀ ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବରେ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛନ୍ତି, ଯାହାର ଏମ୍‌ଓୟୁ ସ୍ୱାକ୍ଷର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ବନ୍ଦର ପାଇଁ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ନେତୃତ୍ୱରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ବାଣିଜ୍ୟ ଓ ପରିବହନ ସଚିବ ମନୋଜ ମିଶ୍ରଙ୍କୁ ନେଇ ଉଚ୍ଚସ୍ତରୀୟ ଟିମ୍ ପ୍ରସ୍ତାବିତ ବନ୍ଦର ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା, ଜଗତ୍‌ସିଂହପୁର ଜିଲାପାଳ ସରୋଜ କାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଛନ୍ତି। ପୂର୍ବାହ୍ନ ୧୦ଟାରେ ପାରାଦୀପର ନେହେରୁବଙ୍ଗଳା ମାଛଧରା ବନ୍ଦରଠାରୁ ଏକ ସ୍ୱତନ୍ତ୍ର ପାଇଲଟ୍ ଲଞ୍ଚ୍ ଯୋଗେ ସେମାନେ ମହାନଦୀର ଇଫ୍‌କୋ କାରଖାନା ପଛପଟେ ତିଆରି ଚାଲିଥିବା ପଣ୍ଟୁନ୍ ପାଖକୁ ଯାଇଥିଲେ। ପରେ ସେହି ନଦୀବାଟେ ଆଖଡାଶାଳି ପ୍ରସ୍ତାବିତ ବନ୍ଦର ସ୍ଥାନକୁ ଯାଇଥିଲେ। ୫-ଟି ସଚିବ ପାଣ୍ଡିଆନ ବନ୍ଦର ନିର୍ମାଣ ନେଇ ବାହାକୁଦଘାଟଠାରେ ସ୍ଥାନୀୟ ଲୋକଙ୍କୁ ସୂଚନା ଦେଇଥିଲେ। ଏହି ପଦକ୍ଷେପକୁ କେନ୍ଦ୍ରାପଡ଼ା ଜିଲାବାସୀ ସ୍ୱାଗତ କରିଛନ୍ତି। ଶିଳ୍ପବିହୀନ କେନ୍ଦ୍ରାପଡା ଜିଲାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ଘୋଷଣାର ଦୁଇବର୍ଷ ପରେ ଆଖଡାଶାଳି ବନ୍ଦର ପ୍ରତିଷ୍ଠା ଆଶା ସଞ୍ଚାର ହୋଇଛି।

ବାର୍ଷିକ ୫୪ ମେଟ୍ରିକ ଟନ୍ କ୍ଷମତା ସମ୍ପନ୍ନ ଏହି ବନ୍ଦର ୪,୦୬୨ କୋଟି ଟଙ୍କା ବ୍ୟୟରେ ପିପିପି ମୋଡରେ ନିର୍ମାଣ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟ ଏହାର କ୍ଷମତା ୨୨ ମେଟ୍ରିକ ଟନ୍ ରହିବ। ଏ ନେଇ ସହାୟକ ଭିତ୍ତିଭୂମି ଭାବେ ରାସ୍ତାଘାଟ, ରେଳ ଯୋଗାଯୋଗ ଆଦିର ଉନ୍ନତୀକରଣ ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ଦିଆଯାଇଛି। ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ସ୍ତରରେ ୩୦୦ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ଆବଶ୍ୟକସ୍ଥଳେ ଅତିରିକ୍ତ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବନ୍ଦର ସ୍ଥାପନ ହେଲେ ୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ କର୍ମନିଯୁକ୍ତି ସୁନିଶ୍ଚିତ ହେବ ବୋଲି ସମୀକ୍ଷା ପରେ ଜଣାପଡିଛି।

ପାରାଦୀପଠାରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଗଣମାଧ୍ୟମକୁ କହିଛନ୍ତି, ମହାନଦୀ ମୁହାଣଠାରୁ ୧୩ କି.ମି. ଉତ୍ତର ଆଖଡାଶାଳିଠାରେ ନଦୀଭିତ୍ତିକ ବନ୍ଦର ହେବ। ଏଥିପାଇଁ ରାଜ୍ୟ ସରକାର, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ସହ ଆଲୋଚନା ଶେଷ ହୋଇଛି। ଏହାପରେ ପିପିପି ମୋଡରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର କରାଯିବ। ଏଥିପାଇଁ ଆବଶ୍ୟକ ହେଉଥିବା ବୈଷୟିକ ତର୍ଜମା, ଭିତ୍ତିଭୂମି ପାରାଦୀପ ବନ୍ଦର ପକ୍ଷରୁ ଯୋଗାଇ ଦିଆଯିବ। ଏହି ନଦୀଭିତ୍ତିକ ବନ୍ଦର ସହ ରାଜ୍ୟ ସରକାରଙ୍କ ସହଯୋଗରେ ନିର୍ମିତ ହରିଦାସପୁର-ପାରାଦୀପ ରେଳପଥ କେନ୍ଦ୍ରାପଡ଼ା ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଓ ପ୍ରଗତିରେ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ।



ପ୍ରସ୍ତାବିତ ନଦୀ ଭିତ୍ତିକ ବନ୍ଦର ସ୍ଥାନ ପରିଦର୍ଶନ କରୁଛନ୍ତି ରାଜ୍ୟ ଉଚ୍ଚସ୍ତରୀୟ ଟିମ୍।

## ଜେଲ ଗଲେ କୋଟିପତି ବରିଷ୍ଠ କିରାଣି

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ବରିଷ୍ଠ କିରାଣି ଅଶୋକ କୁମାର ମିଶ୍ରଙ୍କୁ କଟକସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ପଚରାଉଚରା କରାଯାଇଥିଲା। ରବିବାର ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ସେ ସେଠାରେ ବିଚାର ବିଭାଗୀୟ ହାଜତରେ ରହିବେ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟକୁ ଭିତ୍ତିକରି ଶନିବାର ଭିଜିଲାନ୍ସ ଟିମ୍ ଅଶୋକଙ୍କ ମଞ୍ଚେଶ୍ୱରସ୍ଥିତ ୨ମହଲା କୋଠା, ପଟିଆ ପ୍ରଶାନ୍ତବିହାରସ୍ଥିତ ୨ ମହଲା କୋଠା, ବାଣୀବିହାର କ୍ୟାମ୍ପସସ୍ଥିତ ସରକାରୀ କ୍ୱାର୍ଟର୍ସ, ସାଲେପୁର ଥାନା ଅନ୍ତର୍ଗତ ଦୁର୍ଗାପୁରସ୍ଥିତ ପୈତୃକ ବାସଭବନ, ବାଣୀବିହାର ଡିଡିସିଇରେ ଥିବା ସରକାରୀ କାର୍ଯ୍ୟାଳୟରେ ଭିଜିଲାନ୍ସ ଅଧିକାରୀମାନେ ଏକକାଳୀନ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ଅଶୋକଙ୍କ ନିକଟରୁ ୧ କୋଟି ୩୮ ଲକ୍ଷ ୨୭ ହଜାର ୭୫୫ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଏସବୁ ସମ୍ପତ୍ତି ଅଶୋକ ଓ ତାଙ୍କ ପରିବାର ଲୋକଙ୍କ ନାମରେ ରହିଥିବାବେଳେ ଆୟ ବହିର୍ଭୂତ ସମ୍ପତ୍ତି ପରିମାଣ ଜାଣିବା ପାଇଁ ଭିଜିଲାନ୍ସ ତଦନ୍ତ ଚଳାଇଛି।

## ଗାଁ ଦାଣ୍ଡରେ ବୁଲିଲା ଦନ୍ତା


ଦନ୍ତା ପଛେ ପଛେ ଗ୍ରାମବାସୀ ଯାଉଛନ୍ତି।

### ଜଙ୍ଗଲକୁ ଫେରିବା ନାଁ ଧରୁନି

**ବାରିପଦା ଅଫିସ,୨୦।୧୨**

ବାଟବଣା ହୋଇ ଜଙ୍ଗଲରୁ ଜନପଦକୁ ପଶି ଆସିଥିବା ଏକ ଦନ୍ତା ଫେରିବାର ନାଁ ଧରୁନି। ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଞ୍ଚଳରେ ବେଶ୍ କିଛି ଦିନ ହେଲା ଉତ୍ପାତ ଚଳାଇଥିବା ଏହି ହାତୀଟିକୁ ଘଉଡ଼ାଇବାରେ ବନ ବିଭାଗ ନାକେଦମ୍ ହୋଇ ପଡ଼ିଲାଣି। ହାତୀଟି କେତେବେଳେ ହାଟରେ ପଶି ପରିବା ଖାଇଲାଣି ତ ଆଉ କେତେବେଳେ ଗାଁ ଗଣ୍ଡାରେ ପଶି ଆତଙ୍କ ସୃଷ୍ଟି କରୁଛି। ଲୋକଙ୍କ ଘରେ ପଶି ଧାନ ଚାଉଳ ଖାଇବା ସହ ପନିପରିବା ଫସଲ ମଧ୍ୟ ନଷ୍ଟ କରୁଛି। ଶନିବାର ହାତୀଟି ସ୍ଥାନୀୟ ପାଟଳିପୁରା ଓ ଦାରିହା ଆଦି ଗାଁ ଦାଣ୍ଡରେ ବୁଲିଥିଲା। ତେବେ ଏହି ହାତୀ ଦ୍ୱାରା କାହାର ଜୀବନ ହାନି ଘଟି ନ ଥିବା ବେଳେ ଚାଷ ଜମିରେ ପନିପରିବା ଖାଇ ନଷ୍ଟ କରିଥିଲା। ଦନ୍ତାକୁ ଦେଖି ଗ୍ରାମବାସୀ ତା ପଛେ ପଛେ ଗୋଡ଼ାଇବା ବେଳେ ସେ ଅଧିକ ହିଂସ୍ର ହୋଇ ପଡ଼ିଥିଲା। କେତେକ ଯୁବକ ଏହି ହାତୀ ପଛେ ପଛେ ଯାଇ ସେଲ୍‌ଫି ଉଠାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଉକ୍ତ ହାତୀର ଶୁଣ୍ଢରେ କ୍ଷତ ସୃଷ୍ଟି ହୋଇଥିଲେ ହେଁ ଅଦ୍ୟାବଧି ବନବିଭାଗ ଚିକିତ୍ସା କରୁ ନ ଥିବାରୁ ତାର ଜୀବନ ପ୍ରତି ବିପଦ ଦେଖାଦେଇଛି। ବିଭାଗ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ଧର୍ମଜାଗରଣ ସମିତିର ପ୍ରମୁଖ ରାଜେନ୍ଦ୍ର ପ୍ରସାଦ ବିନ୍ଧାଣୀ କହିଛନ୍ତି।

# କାର୍ଯ୍ୟକାରିଣୀ ବୈଠକରେ ୯ ପ୍ରସ୍ତାବ ପାରିତ

## ଦଳୀୟ ସମ୍ବିଧାନରେ ଅଣାଗଲା ପରିବର୍ତ୍ତନ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଆସନ୍ତା ୨୬ରେ ବିଜୁ ଜନତା ଦଳ(ବିଜେଡି) ଏହାର ୨୩ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି। ଏହାପୂର୍ବରୁ ରବିବାର ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ବୈଠକକୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୯ଟି ରାଜନୈତିକ ଏବଂ ସାଙ୍ଗଠନିକ ପ୍ରସ୍ତାବ ପାରିତ ହୋଇଛି। ଏହି ପ୍ରସ୍ତାବ ଜରିଆରେ ବିଜେଡି କେନ୍ଦ୍ର ବିରୋଧରେ ସ୍ୱର ଶାଣିତ କରିଥିବା ଦେଖିବାକୁ ମିଳିଛି। ୨୦୧୦ରେ ଦଳର ସମ୍ବିଧାନରେ ଶେଷଥର ପାଇଁ ସଂଶୋଧନ କରାଯାଇଥିଲା। ଏବେ ପୁଣି ଥରେ ସଂଶୋଧନ କରାଯାଇଛି। ପୂର୍ବରୁ କେତେଜଣ ଦଳୀୟ ପଦାଧିକାରୀ ରହିବେ ସେଥିରେ ସ୍ୱତନ୍ତ୍ର ସୀମା ନିର୍ଦ୍ଧାରିତ ଥିଲା। ହେଲେ ଏହି ବ୍ୟବସ୍ଥାରେ ଏବେ ପରିବର୍ତ୍ତନ କରାଯାଇଛି। ଏବେ ଦଳର ପଦାଧିକାରୀ ଚୟନ ନେଇ କୌଣସି ପ୍ରକାର ସୀମା ରହିବ ନାହିଁ। ଦଳର ବରିଷ୍ଠ ଉପସଭାପତି, ସାଙ୍ଗଠନିକ ସମ୍ପାଦକ, ଦଳର ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ଆଦି ଭଳି ନୂଆ ପଦବୀ ମୁଖ୍ୟମନ୍ତ୍ରୀ ଚାହିଁଲେ ନିଯୁକ୍ତ କରିପାରିବେ। ପୂର୍ବରୁ ପଞ୍ଚାୟତରେ ୱାର୍ଡ ୟୁନିଟ୍ ଏବଂ ସହରାଞ୍ଚଳରେ ବୁଥ୍ ୟୁନିଟ୍ ଥିଲା। ଏବେ ଏଥିରେ ପରିବର୍ତ୍ତନ କରାଯାଇ ସହରାଞ୍ଚଳରେ ମଧ୍ୟ ୱାର୍ଡ ୟୁନିଟ୍ କାମ କରିବ। ଏହିପରି ମୋଟ ସମ୍ବିଧାନର ୮ଟି ଆର୍ଟିକିଲ ଓ ୨ଟି କ୍ଲଜରେ ପରିବର୍ତ୍ତନ କରାଯାଇଛି। କୃଷି ଓ କୃଷକଙ୍କୁ ଅଗ୍ରାଧିକାର ତଥା ରାଜ୍ୟବାସୀଙ୍କ ସାମଗ୍ରିକ ବିକାଶ ପାଇଁ ବିଜେଡି ସଦାସର୍ବଦା କାର୍ଯ୍ୟ କରିଆସିଛି। ସ୍ୱାମୀନାଥନ କମିଟି ସୁପାରିସ ଅନୁସାରେ ଏମ୍‌ଏସ୍‌ପି ପାଇଁ ଲଢେଇ ଜାରି ରହିଛି। ଏପରି କି ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ହକଦାର ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇ ବାରମ୍ବାର ପ୍ରତାରଣା କରୁଛି। ତେଣୁ ଆଗକୁ କିଭଳି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିବ ସେଥିଲାଗି ଦଳ ପକ୍ଷରୁ ଦାବି କରାଯିବ। ସେହିପରି ମହିଳା ସଶକ୍ତୀକରଣ ପାଇଁ ରାଜନୈତିକ ପ୍ରସ୍ତାବ ଅନୁମୋଦିତ ହୋଇଛି। ରାଜ୍ୟରେ ପଞ୍ଚାୟତ ବ୍ୟବସ୍ଥାରେ ମହିଳାଙ୍କୁ ସଂରକ୍ଷଣ ଦିଆଯାଇଛି। ବିଧାନସଭା ଓ ପାର୍ଲାମେଣ୍ଟରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଦାବି ହୋଇଛି। ବୈଠକରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ମଧ୍ୟ ପ୍ରସ୍ତାବ ଅନୁମୋଦିତ ହୋଇଛି। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦାବି ହୋଇଛି। ଓଡ଼ିଶାର ବରପୁତ୍ରଙ୍କ ଗାଁକୁ ଆଦର୍ଶ ଗ୍ରାମ ହିସାବରେ ଗ୍ରହଣ କରାଯିବାକୁ ପ୍ରସ୍ତାବ କରାଯାଇଛି। ବରପୁତ୍ରଙ୍କ ଜୀବନୀକୁ ପାଠ୍ୟପୁସ୍ତକରେ ମଧ୍ୟ ସ୍ଥାନ ଦେବାକୁ ପ୍ରସ୍ତାବ ରହିଛି। ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପୂର୍ଣ୍ଣ ସଶକ୍ତୀକରଣ ପାଇଁ ପ୍ରସ୍ତାବ ହୋଇଛି। ରାଜ୍ୟରେ କିଭଳି ପଛୁଆ ବର୍ଗଙ୍କ ବିକାଶ ହୋଇପାରିବ ସେଥିପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ୮୦ କାର୍ଯ୍ୟକାରିଣୀ ସଦସ୍ୟ, ନିମନ୍ତ୍ରିତ ଉପସଭାପତି ଏବଂ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବୈଠକ ଆରମ୍ଭ ହୋଇଥିଲା। ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବୈଠକ ପରିଚାଳନା କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଭାଗ ନେଇଛନ୍ତି। ବୈଠକରେ ଉପସ୍ଥିତ ଦଳୀୟ ନେତା।

# ମହାପ୍ରଭୁଙ୍କ ଜମି ନିଜ ନାଁରେ କରୁଛନ୍ତି ସରକାର

- ଅଭିଯୋଗ ଆଣିଲା ଶ୍ରୀଜଗନ୍ନାଥ ସେନା
- ସୁଧ ସମେତ ସବୁ ସମ୍ପତ୍ତି ଫେରାଇ ଦେବାକୁ ଦାବି

**ପୁରୀ ଅଫିସ,୨୦।୧୨**

ମଠ ସମ୍ପତ୍ତିର ମାଲିକ ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ହେଲେ ଜଗନ୍ନାଥ ସମ୍ପତ୍ତିର ମାଲିକ କିଏ? ରାଜ୍ୟ ସରକାର ଜଗନ୍ନାଥ ସମ୍ପତ୍ତିକୁ ଶାଗମାଛ ଦରରେ ବିକିବା ଲୋଭରେ ନିଜ ନାମରେ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିଛି। ଜଗନ୍ନାଥଙ୍କ ସମସ୍ତ ଜମିକୁ ରାଜ୍ୟ ସରକାର ସୁଧ ସମେତ ଫେରାଇ ଦେବାକୁ ସେନା ଦାବି କରିଛି।

ଏଠାରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ରାଜସ୍ୱ, ଚକବନ୍ଦୀ ଓ ବନ୍ଦୋବସ୍ତ ରେକର୍ଡ ପ୍ରସ୍ତୁତି କାର୍ଯ୍ୟାଳୟର ବହୁ ରେକର୍ଡପତ୍ରରେ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ରହିଛି। ତେବେ ଏହି ସମ୍ପତ୍ତିକୁ ରାଜ୍ୟ ସରକାର ନିଜ ଅଧୀନକୁ ନେଇ ଶାଗମାଛ ଦରରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ଶ୍ରୀଜଗନ୍ନାଥ ସମ୍ପତ୍ତି ଭୂଲୁଣ୍ଠିତ ହେଉଥିବାବେଳେ ଓଡ଼ିଆଙ୍କ ଅସ୍ମିତା ପ୍ରଭାବିତ ହେଉଛି। ୨୦୧୫ରେ ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ ଯେ, ଜଗନ୍ନାଥ ସମ୍ପତ୍ତି କାହା ଅଧୀନରେ ରହିବ ନାହିଁ କିମ୍ବା ରାଜ୍ୟ ସରକାର ଏହି ସମ୍ପତ୍ତି ବାବଦକୁ ଖଜଣା ଆଦାୟ କରିବେ ନାହିଁ। ମାତ୍ର ସେହି ନିର୍ଦ୍ଦେଶନାମାର ଉଲ୍ଲଂଘନ କରାଯାଉଛି। ମାଳତୀପାଟପୁର ବସ୍‌ଷ୍ଟାଣ୍ଡର ଉଦାହରଣ ଦେଇ ପଟ୍ଟନାୟକ କହିଛନ୍ତି ଯେ, ଏହି ବସ୍‌ଷ୍ଟାଣ୍ଡ ୧୧ ଏକର ଜାଗାରେ ନିର୍ମାଣ ହୋଇଛି। ଏହାର ପ୍ରକୃତ ମୂଲ୍ୟ ପାଖାପାଖି ୪୪ କୋଟି ଟଙ୍କା ହେବ। ମାତ୍ର ଏହାକୁ ରାଜ୍ୟ ସରକାର ୨କୋଟି ଭିତରେ ବିକ୍ରି କରିଦେଇଛନ୍ତି। ସେହିଭଳି ଓପିସିଏଲର ୧୭ ଏକର ଜାଗାକୁ ୧୭ କୋଟି ଟଙ୍କାରେ ବିକ୍ରି କରିବା ପାଇଁ ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହାକୁ ୧ କୋଟି ଟଙ୍କାରେ ବିକ୍ରି କରାଯାଇଛି। ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପାଇଁ ଥିବା ୨୫ ଏକର ଜାଗାକୁ ଦେଢ଼ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି, ଯାହାର ବିକ୍ରି ମୂଲ୍ୟ ୭୫ କୋଟି ହୋଇଥାନ୍ତା। ଜଗନ୍ନାଥ ସମ୍ପତ୍ତି ବିକ୍ରି ପାଇଁ ଦୁଇଟି ବାଟ ରହିଛି। ଏହି ସମ୍ପତ୍ତିକୁ ପ୍ରଜା କିଣିପାରିବେ କିମ୍ବା ଜମି ନିଲାମ ହୋଇ ବିକ୍ରି ହେବ। ମାତ୍ର ରାଜ୍ୟ ସରକାର ଏଭଳି ପ୍ରକ୍ରିୟାକୁ ଅନୁସରଣ ନ କରି ଜଗନ୍ନାଥ ସମ୍ପତ୍ତିକୁ ନିଜ ନାମରେ କରିଛନ୍ତି। ଯାହା ଜଗନ୍ନାଥ ଜମି ବିକ୍ରି ଆଇନକୁ ଉଲ୍ଲଂଘନ କରୁଛି। ଜଗନ୍ନାଥଙ୍କ ସମସ୍ତ ଜମିକୁ ରାଜ୍ୟ ସରକାର ସୁଧ ସମେତ ଫେରାଇ ଦିଅନ୍ତୁ ବୋଲି ଶ୍ରୀଜଗନ୍ନାଥ ସେନା ଦାବି କରିଛି।


ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେନାର କର୍ମକର୍ତ୍ତା।



ଧରିତ୍ରୀର ସ୍ୱନକ୍ଷତ୍ର ଜୟନ୍ତୀ ଅବସରରେ ଏବଂ ଆଗାମୀ ନବବର୍ଷ -୨୦୨୧ ଉପଲକ୍ଷେ ଚିତ୍ରକୋଣ୍ଡା କ୍ରିକେଟ ଏଣ୍ଡ ସ୍ପୋର୍ଟ୍ସ କ୍ଲବ ସମସ୍ତ ସଦସ୍ୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପୁରାତନ ଏବଂ ବର୍ତ୍ତମାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରିୟ ସହପାଠୀ ତଥା ଛାତ୍ର, ଛାତ୍ରୀ ଏବଂ ଚିତ୍ରକୋଣ୍ଡା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ସ୍ୱାଗତ ଜଣାଉଛି।
ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ
ସଭାପତି-କ୍ରିକେଟ ଏଣ୍ଡ ସ୍ପୋର୍ଟ୍ସ କ୍ଲବ ତଥା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂଗଠନର ସଭାପତି, ଚିତ୍ରକୋଣ୍ଡା

ଜନ୍ମଦିନ ଶୁଭେଚ୍ଛା

ତରୁଲତା ବିଶୋଇ
ଡୁମୁଡୁମା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
ଆଜି ତୁମର ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଶ୍ରୀଶ୍ରୀ ସାଇବାବା ତୁମକୁ ଦୀର୍ଘାୟୁ ତଥା ତୁମ ଚଲାପଥକୁ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ସରୋଜ ଓ ପରିବାରବର୍ଗ ।
ଧ-୧୯୩୦୨

ପ୍ରଗତି ପଥେ ବିକାଶ ଅଭିମୁଖେ ସ୍ୱାଭିମାନ ଅଞ୍ଚଳ

ଧରିତ୍ରୀର ଜନ୍ମବାର୍ଷିକୀ ଉତ୍ସବ ଅବସରରେ ତଥା ଆଗାମୀ ନବବର୍ଷ-୨୦୨୧ ଉପଲକ୍ଷେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଏବଂ ବଡପଡା, ପାପରମେଟେଲା, ରାଲେଗାଡା, ଧୂଳିପୁଟ ଓ ଚିତ୍ରକୋଣ୍ଡା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳବାସୀଙ୍କ ପାଇଁ ବାର୍ତ୍ତା- ବାଇକ୍ ଚଳାଇଲା ବେଳେ ହେଲ୍‌ମେଟ ନିଶ୍ଚିତ ପିନ୍ଧନ୍ତୁ। ଜୀବନକୁ ମୃତ୍ୟୁମୁଖରୁ ନିଜକୁ ସୁରକ୍ଷିତ ରଖନ୍ତୁ।
ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ମୁଦୁଲି(ବଣ୍ଟି)
ଓଆଇସି, ପାପରମେଟେଲା, ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ

ବିକାଶ ପଥରେ ନୟାଗଡ଼ ଜିଲ୍ଲା ।
ଆସନ୍ତୁ ମିଳିମିଶି ନୟାଗଡ଼ ଜିଲ୍ଲାକୁ ଗଢିବା ।
ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାର ଓ ନୟାଗଡ଼ ଜିଲ୍ଲାବାସୀଙ୍କୁ ଶୁଭକାମନା।
ଶୁଭ ଚିନ୍ତକ


ମନେ ପଡ଼ନ୍ତି
ପଞ୍ଚମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ
ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୭୭୭୪

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ

# ଚଟୁ ଆଇଁଷ, ବେଷ୍ଟ ନିରାମିଷ

ଉତ୍ତର ପ୍ରଦେଶର ମୋରଦାବାଦଠାରେ ଦୁଇ ସପ୍ତାହ ତଳେ ରଶିଦ୍ ଅଲି ଓ ତାଙ୍କ ଭାଇ ସଲିମ୍ ଅଲିଙ୍କୁ ଜେଲ ଯିବାକୁ ପଡ଼ିଥିଲା। ଡିସେମ୍ବର ୫ରେ ପିଙ୍କିଙ୍କ ସହ ବିବାହ ପଞ୍ଜୀକରଣ କରିବା ଲାଗି ରଶିଦ୍ ତାଙ୍କ ଭାଇଙ୍କ ସହ ଯାଉଥିବାବେଳେ ବଜରଙ୍ଗ ଦଳର କର୍ମୀମାନେ ସେମାନଙ୍କୁ ଅଟକାଇ ଘଟଣାକୁ 'ଲଭ୍ ଜେହାଦ' ଆଖ୍ୟା ଦେଇଥିଲେ। ପରେ ରଶିଦ୍ ଓ ସଲିମ୍‌ଙ୍କୁ ପୋଲିସ ଷ୍ଟେଶନ ପଠାଇ ଦିଆଯାଇଥିବା ବେଳେ ପିଙ୍କିଙ୍କୁ ଏକ ଆଶ୍ରୟ ଗୃହରେ ରଖାଯାଇଥିଲା। ତେବେ ପିଙ୍କି ଧର୍ମ ପରିବର୍ତ୍ତନ ନୁହେଁ, ନିଜ ଇଚ୍ଛାରେ ରଶିଦ୍‌ଙ୍କୁ ବିବାହ କରିବାକୁ ଚାହୁଁଥିଲେ ବୋଲି ପ୍ରମାଣ ଦେବା ପରେ ସେହି ଦୁଇଭାଇଙ୍କୁ ୧୯ ଡିସେମ୍ବରରେ ଜେଲରୁ ମୁକ୍ତି ମିଳିଛି। ଲଭ୍ ଜେହାଦକୁ ନେଇ ଦେଶବ୍ୟାପୀ ଚାଲିଥିବା ଚର୍ଚ୍ଚା ଓ କାର୍ଯ୍ୟାନୁଷ୍ଠାନ ମଧ୍ୟରୁ ମୋରଦାବାଦ ଘଟଣା ସଦ୍ୟ ଉଦାହରଣ ଭାବେ ଛିଡ଼ାହୋଇଛି। ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୁ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ମୁସଲମାନ ଯୁବକମାନେ ବିବାହ କରିବା ସହ ସେମାନଙ୍କ ଧର୍ମ ପରିବର୍ତ୍ତନ କରିବା ଚିନ୍ତାଧାରାକୁ 'ଲଭ୍ ଜେହାଦ' କୁହାଯାଉଛି। ଏଠାରେ ଲଭ୍ ଜେହାଦ ନିରୋଧୀ ଆଇନ ମାଧ୍ୟମରେ ମୁସଲମାନ ଯୁବକଙ୍କୁ ଅତ୍ୟାଚାର କରାଯାଉଥିବା ସତ୍ୟ। ଅପରପକ୍ଷରେ ସ୍ୱୀକାର କରିବାକୁ ହେବ ଯେ, ନିଜ ଇଚ୍ଛାରେ ଭଲପାଇ ବିବାହ କରିବାକୁ ଚାହୁଁଥିବା ହିନ୍ଦୁ ଯୁବତୀ ମଧ୍ୟ ଏହା ଦ୍ୱାରା ଅତ୍ୟାଚାରିତ ହେଉଛନ୍ତି। ଏହି ଆଇନକୁ ସମର୍ଥନ କରୁଥିବା ବ୍ୟକ୍ତିମାନେ ହିନ୍ଦୁ ମହିଳାଙ୍କୁ ସମାନତା ଓ ସମ୍ମାନ ଦେବା ପାଇଁ ଅନିଚ୍ଛୁକ ଥିବା ଭଳି ମନେହୁଏ।

ନିକଟରେ ଉତ୍ତର ପ୍ରଦେଶ ସରକାର ଧର୍ମାନ୍ତରୀକରଣ ବିରୋଧୀ ବା ତଥାକଥିତ ଲଭ୍ ଜେହାଦ ଅଧ୍ୟାଦେଶ ଆଣିଛନ୍ତି। ଜୋର୍ ଜବରଦସ୍ତ ଧର୍ମ ପରିବର୍ତ୍ତନ କରାଯାଉଥିବା ସଂକ୍ରାନ୍ତ ଘଟଣା ରାଜ୍ୟରେ ବଢ଼ୁଥିବାରୁ ତାହାକୁ ଲକ୍ଷ୍ୟ କରାଯାଇ ଏଭଳି ଅଧ୍ୟାଦେଶ ଅଣାଯାଇଥିବା ଉତ୍ତର ପ୍ରଦେଶ ସରକାର ଦାବି କରୁଛନ୍ତି। ଦେଖିବାକୁ ଗଲେ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ତାଙ୍କ ମନରେ 'ଲଭ୍ ଜେହାଦ' ବସା ବାନ୍ଧିଥିଲା। ଘଟଣାର ମୂଳକୁ ଗଲେ ଜଣାପଡ଼େ ଯେ, 'ହିନ୍ଦୁ ଯୁବ ବାହିନୀ' ନାମକ ଏକ ସଙ୍ଗଠନ ଉତ୍ତର ପ୍ରଦେଶର ପୂର୍ବାଞ୍ଚଳରେ ଧର୍ମ ପରିବର୍ତ୍ତନ ନେଇ ହେଉଥିବା ଅଭିଯୋଗକୁ ଭିତ୍ତିକରି ଏହାର ମୁକାବିଲା ପାଇଁ ଅତ୍ୟନ୍ତ ସକ୍ରିୟ ଥିଲା। ଏବେ ଏହା ମଳିନ ପଡ଼ିଯାଇଛି। ତେବେ ଅଜୟ ମୋହନ ବିଷ୍ଟ, ଯେ କି ପରବର୍ତ୍ତୀ ସମୟରେ ନିଜ ନାମ ପରିବର୍ତ୍ତନ କରି ଯୋଗୀ ଆଦିତ୍ୟନାଥ ଭାବେ ସୁପରିଚିତ ; ସେ ୨୦୧୭ରେ କେରଳଠାରେ ଏକ ରାଲିରେ ଲଭ୍ ଜେହାଦ ବିଷୟ ଉଲ୍ଲେଖ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଯୋଗୀ ତାଙ୍କ ଅଫିସରମାନଙ୍କୁ ଲଭ୍ ଜେହାଦ ଭଳି ଘଟଣାକୁ ନିୟନ୍ତ୍ରଣ କରିବା ଲାଗି ଏକ ଆଇନ ଆଣିବାକୁ ଚଳିତ ବର୍ଷ ଅଗଷ୍ଟରେ ନିର୍ଦ୍ଦେଶ ଦେଇଥିଲେ। ଆଜି ସେ ସଂକ୍ରାନ୍ତ ଅଧ୍ୟାଦେଶ ଆସିଯାଇଥିବାରୁ ତାହାକୁ କାର୍ଯ୍ୟକାରୀ କରିବାରେ ଉତ୍ତର ପ୍ରଦେଶ ସରକାରୀ ବ୍ୟବସ୍ଥା ଲାଗିପଡ଼ିଛି। ଏବେ ପିଙ୍କି ନିଜ ଇଚ୍ଛାରେ ରଶିଦ୍‌ଙ୍କୁ ବିବାହ କରିବାକୁ ଚାହୁଁଥିବା ବିଷୟ ଦର୍ଶାଇବା ପରେ ବାସ୍ତବ ଘଟଣା ପଦାକୁ ଆସିଗଲା।

ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକ କଲ୍ୟାଣକାରୀ ଚିନ୍ତାଧାରା ପୋଷଣ କରିବା ଗଣତାନ୍ତ୍ରିକ ସରକାରର ଧ୍ୟେୟ ହେବା କଥା। କିଏ କ'ଣ ଖାଇଲା, ପିନ୍ଧିଲା, କାହାକୁ ପସନ୍ଦ କଲା, କେଉଁ ଭାଷା ବ୍ୟବହାର କଲା, କେଉଁ ଧର୍ମ ଓ ବିଚାରକୁ ନେଇ ଜିଇଲା ଆଦି ବିଷୟକୁ ତନ୍ନତନ୍ନ କରି ତର୍ଜମା କରିବାର ମାନେ ବୁଝିବାକୁ ହେବ ଯେ, ସରକାର ସବୁକିଛି ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଭବିଷ୍ୟତରେ ଏଭଳି ଆଇନ ଭାରତୀୟ ନାଗରିକଙ୍କ ସକାଶେ ମାରାତ୍ମକ ହୋଇପାରେ। କାରଣ ସମସ୍ତଙ୍କୁ ମନେରଖିବାକୁ ହେବ ଯେ, ଏହିସବୁ ଅବାଞ୍ଛିତ ଆଇନ କାର୍ଯ୍ୟକାରିତାର ଦାୟିତ୍ୱ ପୋଲିସ ଓ ସରକାରୀ କଳ ଉପରେ ନ୍ୟସ୍ତ ହେବ। ଏହି ଆଇନକୁ ବ୍ୟବହାର କରି ଅର୍ଥ ଆଦାୟ ଭଳି ଅନେକ ଦୁର୍ନୀତି ଓ ଅବିଚାର ବୃଦ୍ଧି ପାଇଲା ବେଳକୁ ସେଥିରେ ହିନ୍ଦୁ-ମୁସଲମାନର ତଫାତ୍ ଜଣାପଡ଼ିବା କଷ୍ଟକର ହୋଇପଡ଼ିବ।

ଇତିହାସକୁ ମନେପକାଇଲେ ହିନ୍ଦୁଧର୍ମରେ ଅସ୍ପୃଶ୍ୟତା ଯୋଗୁ ସମ୍ବିଧାନର ପ୍ରମୁଖ ପ୍ରଣେତା ବି.ଆର୍. ଆମ୍ବେଡକର ତାଙ୍କ ଅନୁଗାମୀଙ୍କୁ ନେଇ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ଦଳିତମାନଙ୍କୁ ସେ କହିଥିଲେ, ଯେଉଁ ଭଗବାନ ତୁମ୍ଭକୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ତାଙ୍କୁ ପୂଜା କରିବା ଉଚିତ ନୁହେଁ। ଆଜି ସେହି ଉତ୍ତର ପ୍ରଦେଶକୁ ଦେଖିଲେ ହାଥରସ୍ ଭଳି ଅସଂଖ୍ୟ ଘଟଣା ଘଟିଚାଲିଛି। ହିନ୍ଦୁ ଧର୍ମରେ ବିଶ୍ୱାସ କରୁଥିବା ଏହି ଦଳିତମାନଙ୍କୁ ଶାରୀରିକ ଏବଂ ଯୌନ ନିର୍ଯ୍ୟାତନା ଦେବାବେଳେ ଉଚ୍ଚବର୍ଗ କେବେ ଭାବି ନାହିଁ ସେମାନଙ୍କୁ ଛୁଇଁଲେ ଜାତି ନଷ୍ଟ ହେବ ବୋଲି। ନିଜ ଲକ୍ଷ୍ୟ ହାସଲ ପାଇଁ ସେମାନଙ୍କୁ ଇତର ପ୍ରାଣୀ ଭଳି ବ୍ୟବହାର କରୁଥିବା ବର୍ଗ 'ଲଭ୍ ଜେହାଦ'କୁ ଆଳ କରି ହିନ୍ଦୁ-ମୁସଲମାନ ମଧ୍ୟରେ ବିଭେଦ ସୃଷ୍ଟି କରିବା ସମସ୍ତଙ୍କ ପାଇଁ ଅତି ବିପଜ୍ଜନକ ହେବ। ନିଜ ଘର ନ ସଜାଡ଼ି ପର ଘରର ଲୋକ କାହିଁକି ବାରଣ୍ଡା ଉପରକୁ ପ୍ରବେଶ କଲା କହିବା ନିଜର ଦୁର୍ବଳତାକୁ ପଦାରେ ପକାଇଦେଉଛି।

ଏବେ ଆଉ ଏକ ଘଟଣା ଉପରେ ନଜର ପକାଯାଇପାରେ। ଭାଜପାଶାସିତ ଗୋଆରେ ଏବେ ଗୋମାଂସ ସଙ୍କଟ ଦେଖାଦେଇଛି। କର୍ଣାଟକରୁ ଗୋମାଂସ ଗୋଆକୁ ରପ୍ତାନି ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, କର୍ଣାଟକ, ଗୋଆ, କେରଳ ଭଳି ଅନେକ ରାଜ୍ୟରେ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଗୋମାଂସ ହେଉଛି ଏକମାତ୍ର ପୁଷ୍ଟିକର ଖାଦ୍ୟ। ଏହା ମଧ୍ୟ ଶସ୍ତାରେ ମିଳେ। ଏବେ ସେହି ମାଂସର ଅଭାବ ଯୋଗୁ ଗୋଆରେ ସ୍ଥିତି ଗମ୍ଭୀର ହେଉଥିବାରୁ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ତୁରନ୍ତ ସଙ୍କଟ ଟାଳିବା ଲାଗି ପଦକ୍ଷେପ ନିଆଯାଉଥିବା କହିଛନ୍ତି। ପ୍ରସଙ୍ଗ ହେଉଛି, ଭାଜପାଶାସିତ ରାଜ୍ୟରେ ଗୋଚାଲାଣ ଓ ଗୋମାଂସ ରପ୍ତାନି ଉପରେ ରୋକେ ଲଗାଯାଇଛି, ଯାହାଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କୌତୂହଳର ବିଷୟ ଯେ, ଗୋଆରେ ଷଣ୍ଢ ଓ ମଇଁଷି କାଟିବା ଲାଗି କେତେକ ପଞ୍ଜୀକୃତ କଂସେଇଖାନାକୁ ଅନୁମତି ଦିଆଯାଇଛି। ଏଠି ଓଡ଼ିଆର ଏକ ଢଗ ମନେପଡ଼େ-'ଚଟୁ ଆଇଁଷ, ବେଷ୍ଟ ନିରାମିଷ'। ଗାଇ, ଷଣ୍ଢ ଓ ମଇଁଷି ଏକା ରକମର ହୋଇଥିଲେ ମଧ୍ୟ ଗାଇକୁ କେବଳ ପବିତ୍ର ଧରାଯାଉଛି। ଦେଖିବାକୁ ଗଲେ ହିନ୍ଦୁ ଧର୍ମରେ ଶିବଙ୍କ ବାହନ ବୃଷଭ ବା ଷଣ୍ଢ। ଷଣ୍ଢ ହଣା ହେବାର ଯୋଗ୍ୟତା ମୁସଲମାନଙ୍କଠାରୁ ପାଇନାହିଁ। ସେହି ଯୋଗ୍ୟତା ଭାଜପା ନେତା ଗୋଆ ମୁଖ୍ୟମନ୍ତ୍ରୀ ସାୱନ୍ତ ସରକାରଙ୍କଠାରୁ ମିଳିଛି। ଆଗରୁ ଶୁଣିବାକୁ ମିଳୁଥିଲା 'ବର୍ଷା ଯୁଆଡ଼େ, ଛତା ସିଆଡ଼େ'। ଏବେ ଭାଜପା ସରକାର ତାହାର ପରିବର୍ତ୍ତନ କରିଦେଇଛି-'ଛତା ଯୁଆଡ଼େ, ବର୍ଷା ସିଆଡ଼େ'।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | 7 | | | 3 | | B | | | | | |
| 3 | | | 6 | 1 | | | | 4 | A | | 7 | E | | B |
| E | 7 | | A | 8 | | | 5 | | | | | 2 | | |
| | 6 | B | | | 0 | | | 9 | | | | | | |
| 4 | | | 9 | | 2 | | 8 | E | 0 | | | | | |
| | A | | | 6 | | | | | | | 5 | | 1 | C |
| 2 | 8 | | 4 | | | 6 | D | | | | E | A | | |
| | | 4 | | | D | 3 | | | | C | 8 | | 0 | |
| 5 | D | 3 | | | | | | | | | 1 | | 2 | 6 |
| | E | | 1 | 9 | | | | | 4 | | | | | |
| 0 | 5 | | | | | | | | 1 | 9 | | | 8 | |
| 8 | | E | | | 4 | | | | 6 | | | 9 | | 1 |
| | | | | | | E | | 5 | | | 3 | | C | 0 |
| A | | | 8 | | 9 | | 2 | | | | B | | | 3 |
| | B | | | | | | | A | C | 7 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | B | 7 | 2 | A | 0 | 3 | 6 | 1 | 9 | 5 | C | 4 | E | 8 |
| 0 | 8 | C | E | 4 | 1 | 5 | D | A | 2 | B | 7 | 9 | 3 | 6 |
| 9 | 6 | 5 | 7 | C | 8 | B | E | 0 | D | 4 | 3 | 1 | 2 | A |
| 3 | 4 | E | 9 | D | 6 | C | 8 | 2 | 0 | 1 | A | B | 7 | 5 |
| 2 | A | 1 | B | 5 | 3 | 7 | 9 | 4 | 8 | E | 6 | C | 0 | D |
| E | 5 | B | 1 | 6 | 2 | 4 | 0 | 3 | 7 | D | 9 | 8 | A | C |
| 8 | 3 | 9 | 4 | E | 7 | 1 | A | 6 | 5 | C | 0 | D | B | 2 |
| C | 1 | 6 | 0 | B | 5 | D | 7 | 9 | A | 8 | 2 | 3 | 4 | E |
| A | 0 | 4 | 3 | 8 | D | E | 2 | C | B | 6 | 1 | 5 | 9 | 7 |
| 7 | D | 2 | A | 9 | C | 8 | 5 | B | E | 3 | 4 | 0 | 6 | 1 |
| 1 | 2 | 3 | 6 | 7 | B | A | 4 | 8 | C | 0 | D | E | 5 | 9 |
| B | 7 | 8 | C | 3 | 4 | 9 | 1 | 5 | 6 | A | E | 2 | D | 0 |
| 6 | C | A | D | 1 | 9 | 0 | B | E | 4 | 2 | 5 | 7 | 8 | 3 |
| 4 | 9 | 0 | 5 | 2 | E | 6 | C | D | 3 | 7 | 8 | A | 1 | B |
| 5 | E | D | 8 | 0 | A | 2 | 3 | 7 | 1 | 9 | B | 6 | C | 4 |

ଗତକାଲିର ଉତ୍ତର

# ନିଦ୍ରାହୀନତାର ନିଦାନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

କର୍ମକ୍ଳାନ୍ତ ଜୀବନରେ କେବଳ ସୁନିଦ୍ରା ହିଁ ମଣିଷକୁ ସୁଖ ଦିଏ । ବିଶିଷ୍ଟ ନାଟ୍ୟକାର ଓ କବି ସେକ୍ସପିଅରଙ୍କ ଭାଷାରେ ନିଦ୍ରା ହେଉଛି ''Sore labour's bath/ Balm of hurt munds'' ଅର୍ଥାତ୍ କର୍ମକ୍ଳାନ୍ତ ମଣିଷର ଯନ୍ତ୍ରଣା ଉପଶମକାରୀ, କ୍ଷତାକ୍ତ ମନ ପାଇଁ ମଲମ୍ । ବିଶିଷ୍ଟ କବି ଫିଲିପ୍ ସିଡ୍‌ନୀ ମଧ୍ୟ ନିଦ୍ରାକୁ ଗରିବର ସମ୍ପଦ (the poor man's wealth) ଭାବରେ ବର୍ଣ୍ଣନା କରିଛନ୍ତି । ନିଦ୍ରା ଆମର ସମସ୍ତ ଦୁଶ୍ଚିନ୍ତା ଓ ଉଦ୍‌ବେଗକୁ ଉପଶମ କରେ। ଜଣେ କୋଟିଏ ଟଙ୍କାର ପଲଙ୍କ ନିର୍ମାଣ କରିପାରେ, ମାତ୍ର ସେହି ପଲଙ୍କ ଉପରେ ଶୋଇ ଯଦି ତାଙ୍କୁ ନିଦ୍ରା ନ ହୁଏ ସେହି ମୂଲ୍ୟବାନ ପଲଙ୍କ ମୂଲ୍ୟହୀନ। ମନ ନିରୁଦ୍‌ବିଗ୍ନ ନ ଥିଲେ ସୁନିଦ୍ରା ସମ୍ଭବ ନୁହେଁ ଏବଂ ସୁନିଦ୍ରା ନ ହେଲେ ଜୀବନରେ ସୁଖ ସମ୍ଭବ ନୁହେଁ। ନିଦ୍ରା ସହ ସୁଖର ସମ୍ପର୍କ କେତେ ନିବିଡ଼ ତାହା ସୂଚେଇ ଦିଏ ରୋମର ଏକ କିମ୍ବଦନ୍ତୀ। ହେରା ହେଉଛନ୍ତି ପ୍ରାଚୀନ୍ ରୋମ ସଭ୍ୟତାର ଜଣେ ଅଗ୍ରଗଣ୍ୟା ଦେବୀ। ବିବାହ, ମାତୃତ୍ୱ ଆଦି ଅନୁଷ୍ଠାନ ସମୟରେ ଦେବୀ ହେରାଙ୍କ ଆଶିଷ କାମନା କରାଯାଏ । ଥରେ ବ୍ୟକ୍ତିଗତ କାର୍ଯ୍ୟରେ ଦେବୀଙ୍କ ପୂଜାରିଣୀ ନିଜ ଗାଁକୁ ଆସିଥାନ୍ତି । ଦେବୀଙ୍କ ବାର୍ଷିକ ଆରାଧନା ପର୍ବ ପାଖେଇ ଆସୁଥାଏ। ସେଦିନ ପୂଜାରିଣୀଙ୍କ ମନ୍ଦିରରେ ଉପସ୍ଥିତି ଅନିବାର୍ଯ୍ୟ ଥାଏ। ମାତ୍ର ପ୍ରାକୃତିକ ଦୁର୍ଯୋଗ କାରଣରୁ ପୂଜାରିଣୀ ମନ୍ଦିରରେ ପହଞ୍ଚି ପାରୁ ନ ଥାନ୍ତି । ପୂଜା ପୂର୍ବଦିନ ସେଠାରେ ପହଞ୍ଚିବା ପାଇଁ ପୂଜାରିଣୀ ଖୋଜିଲେ ଏକ ଘୋଡ଼ାଗାଡ଼ି। ମାତ୍ର ଗାଡ଼ି ମିଳିଲା ନାହିଁ। ପୂଜାରିଣୀ ତାଙ୍କର ଅନୁପସ୍ଥିତି ପାଇଁ ନିଜକୁ ଦୋଷୀ ମଣୁଥାନ୍ତି। ତାଙ୍କର ଦୁଇଜଣ ତରୁଣ ପୁଅ କ୍ଲିଓବିସ୍ ଓ ବେଟାନ ମା'ଙ୍କୁ ସାହାଯ୍ୟ କରିବାପାଇଁ ଆଗେଇ ଆସିଲେ। ସେମାନେ ପ୍ରସ୍ତାବ ଦେଲେ ରାସ୍ତାରେ ଘୋଡ଼ା ମିଳିବା ପର୍ଯ୍ୟନ୍ତ ସେମାନେ ନିଜେ ଗାଡ଼ିଟିକୁ ଟାଣିନେବେ। ପୂଜାରିଣୀ ସମ୍ମତ ହେଲେ ଓ ଯାତ୍ରା ଆରମ୍ଭ ହେଲା'ମାତ୍ର ରାସ୍ତାରେ ଘୋଡ଼ା ନ ମିଳିବାରୁ ସାରାରାତି ଦୁଇପୁଅ ଗାଡ଼ି ଟାଣି ସୂର୍ଯ୍ୟୋଦୟ ପୂର୍ବରୁ ମା'ଙ୍କୁ ମନ୍ଦିର ନିକଟରେ ପହଞ୍ଚାଇ ଦେଲେ। ମା' ହେଲେ ଅତ୍ୟନ୍ତ ପ୍ରୀତ। ପୂଜା ସରିବା ପରେ ପୂଜାରିଣୀ ଦେବୀଙ୍କୁ ଏକ ବର ପ୍ରାର୍ଥନା କଲେ। କହିଲେ, 'ମା! ମୋର ଏହି ପୁତ୍ରଦ୍ୱୟଙ୍କୁ ଏଭଳି ଏକ ବର ଦିଅ, ଯାହା ଫଳରେ ସେମାନେ ଆଜୀବନ କୌଣସି ଦୁଃଖ ଭୋଗିବେ ନାହିଁ। ଦେବୀ ହେରା କହିଲେ, 'ତଥାସ୍ତୁ!'। ସଙ୍ଗେ ସଙ୍ଗେ ପୁତ୍ରଦ୍ୱୟଙ୍କୁ ନିଦ୍ରା ଘାରିବାରୁ ସେମାନେ ଦେବୀଙ୍କ ଆସନ ପଛ ପାଖରେ ସାରାଜୀବନ ଶୋଇଗଲେ। ଏହି କିମ୍ବଦନ୍ତୀର ବାର୍ତ୍ତା ନୁହେଁ ଯେ ଆମେ ସୁଖ ଭୋଗ କରିବା ପାଇଁ ଜୀବନ ସାରା ଶୋଇପଡ଼ିବା। ଏହି କିମ୍ବଦନ୍ତୀ ଯାହା ସୂଚାଉଛି ତାହା ହେଲା ସାଧାରଣ ଜୀବନରେ ସୁନିଦ୍ରା ହେଉଛି ଏକ ସୁଖକର ଅବସ୍ଥା। ଆଜିର ଆଧୁନିକ ମଣିଷ ଏହି ସୁନିଦ୍ରାରୁ ବଞ୍ଚିତ।

ଯେତେବେଳେ ମଣିଷର ଉଚ୍ଚାକାଂକ୍ଷା ଭୋଗବାଦ ଦ୍ୱାରା ପ୍ରେରିତ ହୁଏ, ସେତେବେଳେ ଜୀବନରୁ ସୁଖ ନିର୍ବାସିତ ହୋଇଯାଏ। ମଣିଷ ଅପର୍ଯ୍ୟାପ୍ତ ଧନ ଅର୍ଜନ କରେ, ମାତ୍ର ତା'ର ଭୟ ଥାଏ କାଳେ ରାଜା ତା'ର ବହୁକଷ୍ଟ ଅର୍ଜିତ ଧନକୁ ଅପହରଣ କରିନେବେ। ସେ ବିଳାସ ବ୍ୟସନରେ ବୁଡ଼ି ଭୋଗମୟ ଜୀବନଯାପନ କରେ ସିନା, ପ୍ରତ୍ୟେକ ମୁହୂର୍ତ୍ତରେ ସେ ଭୟ କରେ ସମ୍ଭାବ୍ୟ ରୋଗକୁ। ସେ ପ୍ରଚଣ୍ଡ ଶକ୍ତିର ଅଧିକାରୀ ହେଲେ ମଧ୍ୟ ତା'ର ଶତ୍ରୁଭୟ ଥାଏ, କାରଣ ତା'ର ଅବଚେତନ ମନରେ ଆଶଙ୍କା ଥାଏ ଆଉ କେହି ଅଧିକ ବଳଶାଳୀ ଲୋକ ହୁଏତ ତାକୁ ବିରୋଧ କରିପାରେ। ଯିଏ ଶାରୀରିକ ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରେ ସେ ମଧ୍ୟ ଭୟ କରେ ଜରାକୁ, କାରଣ ଦିନେ ବାର୍ଦ୍ଧକ୍ୟ ତା'ର ସମସ୍ତ ସୌନ୍ଦର୍ଯ୍ୟକୁ ଅପହରଣ କରିନେବ। ଜଣେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ହୋଇ ମଧ୍ୟ ନିରୁଦ୍‌ବିଗ୍ନ ରହିପାରେ ନାହିଁ, କାରଣ ତା'ର ମଧ୍ୟ ପ୍ରତିବାଦୀ ପ୍ରତି ଭୟଥାଏ। ଧନ, ଯୌବନ, ଶକ୍ତି, ପାଣ୍ଡିତ୍ୟ ସବୁକିଛି ମଣିଷକୁ ସାମୟିକ ସନ୍ତୋଷ ଦେଇପାରେ ମାତ୍ର ପରବର୍ତ୍ତୀ ସମୟରେ ଏହିସବୁ ମଣିଷ ପାଇଁ ଆଣେ ଦୁଃଖ, ଯନ୍ତ୍ରଣା ଓ ଭୟ। ତଦ୍ୱାରା ମଣିଷ ଶାନ୍ତି ହରାଏ ଓ ବିନିଦ୍ର ରଜନୀ ଅତିବାହିତ କରେ। ଦୁଃଖ ଯନ୍ତ୍ରଣା ଓ ହତାଶା ସୀମା ଅତିକ୍ରମ କଲେ ସେ ଆତ୍ମହତ୍ୟା କରିବାକୁ କୁଣ୍ଠା ପ୍ରକାଶ କରେ ନାହିଁ। ଆଜି ଏହିଭଳି ଆତ୍ମହତ୍ୟାର ସଂଖ୍ୟା କମ୍ ନୁହେଁ। ତଥାପି ମଣିଷ ଭୋଗମୟ ଜୀବନଯାପନ କରି ବିନିଦ୍ର ରଜନୀ କଟାଉଛି ଓ ସୁଖରୁ ବଞ୍ଚିତ ହେଉଛି। ଉଚ୍ଚାକାଂକ୍ଷୀ ମଣିଷ କିପରି ବିନିଦ୍ର ରଜନୀ ଅତିବାହିତ କରି ଦୁଃଖ ଓ ଯନ୍ତ୍ରଣା ଜର୍ଜରିତ ହୁଏ ତା'ର ଏକ ସୁନ୍ଦର ଚିତ୍ର ସେକ୍ସପିଅର ଦେଇଛନ୍ତି ତାଙ୍କର କାଳଜୟୀ ନାଟକ 'ମ୍ୟାକ୍‌ବେଥ'ରେ।

ସ୍କଟଲାଣ୍ଡର ରାଜା ଡନ୍‌କେନ୍‌ଙ୍କ ରାଜ୍ୟରେ ମ୍ୟାକ୍‌ବେଥ ଥିଲେ ଜଣେ ସେନାପତି ଓ ଏକ କ୍ଷୁଦ୍ର ଭୂଖଣ୍ଡ ଗ୍ଲାମିସ୍‌ର ଥେନ୍ (ରାଜପ୍ରଦତ୍ତ କ୍ଷୁଦ୍ର ଭୂଖଣ୍ଡର ସ୍ୱତ୍ୱାଧିକାରୀ) । ଆଉ ଏକ ଭୂଖଣ୍ଡ କଡର୍‌ର ଥେନ୍ ମ୍ୟାକ୍‌ଡନ୍‌ୱାଲଡ୍ ରାଜାଙ୍କ ବିରୋଧରେ ବିଦ୍ରୋହ କରନ୍ତେ ମ୍ୟାକ୍‌ବେଥ୍ ସେହି ବିଦ୍ରୋହକୁ ଦମନ କରି ଯେତେବେଳେ ଫେରୁଥାନ୍ତି, ରାସ୍ତାରେ ତିନିଜଣ ଉଇଚ୍ (ଅତି ପ୍ରାକୃତିକ ଶକ୍ତିସମ୍ପନ୍ନ ସତ୍ତା) ତାଙ୍କୁ ଗ୍ଲାମିସ୍‌ର ଥେନ୍, କଡର୍‌ର ଥେନ୍ ଓ ପରବର୍ତ୍ତୀ ରାଜା ଭାବରେ ସମ୍ବୋଧନ କଲେ। ରାଜା ଡନ୍‌କେନ୍ ମ୍ୟାକ୍‌ବେଥଙ୍କ ବୀରତ୍ୱରେ ପ୍ରୀତ ହେଲେ ଓ ବିଦ୍ରୋହୀ ମ୍ୟାକ୍‌ଡେନ୍‌ୱାଲ୍‌ଡଙ୍କୁ ଫାଶୀ ଦଣ୍ଡାଦେଶ ଦେଇ ମ୍ୟାକ୍‌ବେଥ୍‌ଙ୍କୁ କଡର୍‌ର ଥେନ୍ ଘୋଷଣା କଲେ। ତାହୁଁ ତାହୁଁ ଦ୍ୱିତୀୟ ସମ୍ବୋଧନ ଫଳବତୀ ହେବାରୁ ମ୍ୟାକ୍‌ବେଥ୍ ସେମାନଙ୍କ ତୃତୀୟ ସମ୍ବୋଧନ 'ପରବର୍ତ୍ତୀ ରାଜା' କୁ ଏକ ଭବିଷ୍ୟତବାଣୀ ଭାବରେ ଗ୍ରହଣ କରିନେଲେ। ମାତ୍ର ପରବର୍ତ୍ତୀ ସମୟରେ ରାଜା ଡନ୍‌କେନ୍ ନିଜ ପୁତ୍ର ମାଲ୍‌କମ୍‌ଙ୍କୁ ନିଜର ଉତ୍ତରାଧିକାରୀ ଘୋଷଣା କରନ୍ତେ ତାହା ମ୍ୟାକ୍‌ବେଥଙ୍କ ରାଜାହେବା ପଥରେ ପ୍ରତିବନ୍ଧକ ଭାବରେ ଛିଡ଼ା ହେଲା। ମ୍ୟାକ୍‌ବେଥ୍ ଥିଲେ ଉଚ୍ଚାଭିଳାଷୀ। ଏଣୁ ଅପେକ୍ଷା କରିବାକୁ ତାଙ୍କ ଧୈର୍ଯ୍ୟ ରହିଲା ନାହିଁ। ରାଜା ଡନ୍‌କେନ୍ ତାଙ୍କ ପ୍ରାସାଦରେ ଅତିଥି ଭାବରେ ରାତ୍ରିଯାପନ କଲାବେଳେ ଶାୟିତ ଅବସ୍ଥାରେ ତାଙ୍କୁ ସେ ହତ୍ୟା କଲେ ଓ ସିଂହାସନ ଆରୋହଣ କଲେ। ତାଙ୍କ ବୀରତ୍ୱରେ ପ୍ରୀତ ହୋଇ ପୁରସ୍କୃତ କରିଥିବା ଓ ନିଜ ଘରେ ଅତିଥି ଥିବା ରାଜାଙ୍କୁ ହତ୍ୟା କରିବା ପାଇଁ ସେ ଦ୍ୱିଧା ପ୍ରକାଶ କରୁଥିଲେ, ମାତ୍ର ପତ୍ନୀଙ୍କ ପ୍ରରୋଚନା ଏତେ ପ୍ରଭାବଶାଳୀ ଥିଲା ଯେ ସେ ନିଜର ଉଚ୍ଚାକାଂକ୍ଷା ପୂରଣ କରିବା ପାଇଁ ହତ୍ୟା କରିବା ଲାଗି କୁଣ୍ଠିତ ନ ଥିଲେ। ପରେ ତାଙ୍କ ବିବେକ ତାଙ୍କୁ ଏଭଳି ଦଂଶନ କଲା ଯେ ସେ ଅନୁଭବ କଲେ ସତେ ଯେପରି କେହି ଜଣେ ଚିତ୍କାର କରୁଛି ''Sleep no more! Glamis hath murdered sleep and therefore Cawder shall sleep no more, Macbeth shall sleep no more '' ଅର୍ଥାତ୍ ତୁମେ ଆଉ ଶୋଇପାରିବ ନାହିଁ । ଗ୍ଲାମିସ୍‌ର ଥେନ୍ ନିଦ୍ରାକୁ ହତ୍ୟା କରିଛନ୍ତି, ତେଣୁ କଡର୍‌ର ଥେନ୍ ଆଉ ଶୋଇପାରିବ ନାହିଁ । ମ୍ୟାକ୍‌ବେଥ୍ ଆଉ ଶୋଇପାରିବ ନାହିଁ। ସତକୁ ସତ ତା'ପରେ ଭୟ ଓ ତଜ୍ଜନିତ ଯନ୍ତ୍ରଣାରେ ଜର୍ଜରିତ ହୋଇ ଉଭୟ ମ୍ୟାକ୍‌ବେଥ ଓ ତାଙ୍କ ପତ୍ନୀ ଶୋଇ ପାରିନାହାନ୍ତି। ମ୍ୟାକ୍‌ବେଥ୍ ଆତଙ୍କିତ ହୋଇ ତାଙ୍କ ଆସନକୁ ଭୟମୁକ୍ତ କରିବା ପାଇଁ ଆହୁରି ଅନେକ ହତ୍ୟାକାଣ୍ଡ ଘଟାଇଛନ୍ତି ଓ ଶେଷରେ ଶତ୍ରୁ ହାତରେ ପ୍ରାଣ ଦେଇଛନ୍ତି । ତାଙ୍କର ପତ୍ନୀ ଅନୁତାପାନଳରେ ଦଗ୍ଧୀଭୂତ ହୋଇ ବିନିଦ୍ର ରଜନୀ ବିତାଇଛନ୍ତି ଓ ମାନସିକ ଯନ୍ତ୍ରଣା ଭୋଗି ଶେଷରେ ଆତ୍ମହତ୍ୟା କରିଛନ୍ତି। ଏହା ହେଉଛି ସେକ୍ସପିଅରଙ୍କ ନାଟକରେ ନିଦ୍ରାହୀନ ଜୀବନର କରୁଣ ଚିତ୍ର।

ଆଜିକାଲି ବହୁଲୋକ ନିଦ୍ରାହୀନତାର ଶିକାର ହୋଇ ନିଦବଟିକା ଖାଇବାରେ ଅଭ୍ୟସ୍ତ। ଏହି ନିଦ ବଟିକା ସେମାନଙ୍କୁ ସାମୟିକ ଆଶ୍ୱସ୍ତି ଦେଇପାରେ, ମାତ୍ର ଏହା ନିଦ୍ରାହୀନତାର ନିଦାନ ଖୋଜିବାକୁ ହେବ। ମଣିଷ ମହତ୍ ଆକାଂକ୍ଷା ପୋଷଣ କରେ । ଲକ୍ଷ୍ୟ ପ୍ରତି ଆସକ୍ତ ହୋଇପଡ଼ିଲେ ସେ ନିଜ କାମନା ପୂରଣ ପାଇଁ ଦୃଢ଼ ସଂକଳ୍ପ ହୁଏ । ମାତ୍ର କାମନା ପୂରଣ ନ ହେଲେ ମନରେ କ୍ରୋଧ ସୃଷ୍ଟି ହୁଏ ଓ ସେହି ଅବସ୍ଥାରେ ମଣିଷ ତା'ର ହିତାହିତ ଜ୍ଞାନ ହରାଏ । ତା'ପରେ ସ୍ମୃତିବିଭ୍ରମ ସୃଷ୍ଟି ହୋଇ ବୁଦ୍ଧିଭ୍ରଷ୍ଟ ହୁଏ ଓ ଶେଷରେ ମଣିଷର ପତନ ଘଟେ। ସେଥିପାଇଁ ବୁଦ୍ଧ କହିଥିଲେ କାମନା ହିଁ ଦୁଃଖର କାରଣ। ମଣିଷ ମାତ୍ରେ କାମନା ରହିବ। ମାତ୍ର ଏଠାରେ ଆସକ୍ତିଜନିତ କାମନା କଥା କୁହାଯାଇଛି କାରଣ ଆସକ୍ତି ମଣିଷକୁ କାମନା ପୂର୍ତ୍ତି ପାଇଁ ପ୍ରେରିତ କରେ। ତେଣୁ ଭଗବଦ୍‌ଗୀତାରେ ନିରାସକ୍ତ କର୍ମ କରିବା ପାଇଁ ଉପଦେଶ ଦିଆଯାଇଛି। ନିରାସକ୍ତ କର୍ମ ଫଳ ଦ୍ୱାରା ପ୍ରଭାବିତ ହୁଏ ନାହିଁ। କର୍ମର ଫଳ ଆଶାନୁରୂପ ନ ହେଲେ ମଧ୍ୟ ମନ ପ୍ରଶାନ୍ତ ରହେ । ସୁନିଦ୍ରା ବ୍ୟାଘାତ ହୁଏ ନାହିଁ । ଏହି ସୁନିଦ୍ରା ହିଁ ସାଂସାରିକ ଜୀବନର ସୁଖକର ଅବସ୍ଥା।

ମୋ:୯୪୩୭୩୨୯୨୬୩

# ଓଡ଼ିଶାରେ କୃଷି ବଜାର



ଗୋକୁଳ ପଟ୍ଟନାୟକ

ନୂତନ କୃଷି ଆଇନକୁ କେନ୍ଦ୍ରକରି ଦେଶରେ ବିବାଦ ତୀବ୍ର ହେଉଛି। ଏହାକୁ ନେଇ ସାରା ଦେଶରେ କୃଷକ ଆନ୍ଦୋଳନ ଦେଖାଦେଇଛି, ଯାହା ଆର୍ଥିକ ବିକାଶରେ ଏଗ୍ରିକଲ୍‌ଚରାଲ ମାର୍କେଟ ବା କୃଷି ବଜାରର ପ୍ରମୁଖ ଭୂମିକାକୁ ପୁଣି ଥରେ ଚର୍ଚ୍ଚାକୁ ଆଣିଛି। ପଞ୍ଜାବ, ହରିୟାଣା ଓ ମହାରାଷ୍ଟ୍ରରେ କୃଷି ବଜାର ବ୍ୟବସ୍ଥା ଖୁବ୍ ଉନ୍ନତ। ଏହିସବୁ ରାଜ୍ୟର ଆର୍ଥିକ ବିକାଶରେ ଏହାର ପ୍ରମୁଖ ଯୋଗଦାନ ରହିଛି। କିନ୍ତୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ବଜାର ବ୍ୟବସ୍ଥାରେ ପଛେଇଯାଇଛନ୍ତି ଏବଂ ତାହାକୁ ପାରମ୍ପରିକ ପଦ୍ଧତିରେ ଚଳାଇଛନ୍ତି। ଏଣୁ ବଜାର ବ୍ୟବସ୍ଥାରେ ସଂସ୍କାର ଆସିପାରୁନାହିଁ।

ଭାରତରେ କୃଷି ବଜାର ସଂସ୍କାରର ଗୁରୁତ୍ୱ ରହିଥିବାବେଳେ ଏହା ଏକ ଚିନ୍ତାଜନକ ସମସ୍ୟା ଭାବେ ରହି ଆସିଛି। ୧୯୨୮ରେ ଦି ରୟାଲ କମିଶନ ଅନ୍ ଏଗ୍ରିକଲ୍‌ଚର କୃଷି ବଜାରଗୁଡ଼ିକର ନିୟନ୍ତ୍ରଣର ଆବଶ୍ୟକତା ଉପରେ ଉଲ୍ଲେଖ କରିଥିଲା। ଦି ମାଡ୍ରାସ କମର୍ସିଆଲ କ୍ରପସ୍ ଆକ୍ଟ,୧୯୩୩ କୃଷି ବଜାର ଉପରେ କିଛି କଟକଣା ନିର୍ଦ୍ଧାରଣ କରିଥିଲେ। ସେତେବେଳେ ଏହି ଆଇନ ଯେଉଁ ସବୁ ଅଞ୍ଚଳରେ ଲାଗୁ କରାଯାଇଥିଲା ତାହା ଏବକାର ଓଡ଼ିଶା। ଭାରତର ସମ୍ବିଧାନ (୧୯୫୦) ନିର୍ଦ୍ଧାରଣ କରିଥିଲେ ଯେ, କୃଷି ବଜାର ଓ ମେଳା ଏବଂ ରାଜ୍ୟରେ ବେପାର ଓ ବାଣିଜ୍ୟ ଏସବୁ ରାଜ୍ୟର ଏକ ତାଲିକାଭୁକ୍ତ ବିଷୟ (ଏଣ୍ଟ୍ରି ୧୪,୨୬, ୨୮, ଲିଷ୍ଟ-୨, ସପ୍ତମ ଅନୁଚ୍ଛେଦ)। ଏଣୁ କୃଷି ବଜାର ରାଜ୍ୟ ସରକାରଙ୍କ ଦାୟିତ୍ୱ ହୋଇ ରହିଆସିଛି। ତେବେ ଓଡ଼ିଶା ଏଗ୍ରିକଲ୍‌ଚର ପ୍ରଡ୍ୟୁସ ମାର୍କେଟ୍‌ସ ଆକ୍ଟ, ୧୯୫୬ ଆଣିବାରେ ପ୍ରଥମ ରାଜ୍ୟ ଥିଲା ଓଡ଼ିଶା। ଉପଭୋକ୍ତାଙ୍କ ଦ୍ୱାରା ପ୍ରଦତ୍ତ ମୂଲ୍ୟର ବିଧିସମ୍ମତ ଅଂଶ ଏବଂ ଅନ୍ୟାୟ ତଥା ପକ୍ଷପାତପୂର୍ଣ୍ଣ ବାଣିଜ୍ୟ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଉପରେ କୃଷି ଉତ୍ପାଦକଙ୍କୁ ନିଶ୍ଚିତ କରିବା ଥିଲା ଏହାର ଲକ୍ଷ୍ୟ। ଏଭଳି ଏକା ପ୍ରକାର ଆଇନଗୁଡ଼ିକ ଅନ୍ୟ ରାଜ୍ୟରେ ମଧ୍ୟ ଅଣାଯାଇଥିଲା। କିନ୍ତୁ ଦୁଃଖର ବିଷୟ,ଆଇନଗୁଡ଼ିକର ଉଲ୍ଲିଖିତ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ। ସମୟକ୍ରମେ କୃଷି କ୍ଷେତ୍ରରେ ଆବଶ୍ୟକ ହେଉଥିବା ସଂସ୍କାର ଆଣିବା ଲାଗି ବହୁବାର ପ୍ରୟାସ କରାଯାଇଛି। ୨୦୦୩ରେ କେନ୍ଦ୍ର ସରକାର ଏକ ନୂଆ ଆଇନ ପ୍ରଣୟନ କରିଥିଲେ। ୨୦୦୭ରେ ମଡେଲ ଏପିଏମ୍‌ସି ନିୟମ କରାଯାଇ ତାହାକୁ ଲାଗୁ କରିବା ପାଇଁ ରାଜ୍ୟଗୁଡ଼ିକୁ କୁହାଯାଇଥିଲା। ୧୧ଟି ରାଜ୍ୟ ତାହାକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିଥିବାବେଳେ ୮ଟି ରାଜ୍ୟ ଆଂଶିକ ଭାବେ ଗ୍ରହଣ କରିଥିଲେ। କିନ୍ତୁ ତୃଣମୂଳ ସ୍ତରରେ କୌଣସି ଆଖିଦୃଶିଆ ଉନ୍ନତି ହୋଇପାରିଲା ନାହିଁ। ଅଧିକାଂଶ କେସ୍‌ରେ ବ୍ୟବସାୟ ପୂର୍ବରୁ ଯେମିତି ଥିଲା ସେମିତି ରହିଛି।

ଓଡ଼ିଶାରେ ୬୬ଟି ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି)ରହିଛି। ୧୮୦ଟି ସବ୍‌ୟାର୍ଡ ମଧ୍ୟ ଅଛି। ଅନେକ ମାର୍କେଟ ଲୋକାଲ ବଡି ନିୟନ୍ତ୍ରଣରେ ରହୁଛି। ରାଜ୍ୟରେ ୭୬ ମ୍ୟୁନିସିପାଲିଟି ମାର୍କେଟ ଏବଂ ପ୍ରାୟ ୨୦୦୦ ପଞ୍ଚାୟତ ମାର୍କେଟ ରହିଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୨୫୦ଟି ମାର୍କେଟକୁ ଆରଏମ୍‌ସି ପରିଚାଳନା କରୁଛି । ଓଡ଼ିଶା ସରକାର ମଧ୍ୟ ପର୍ଯ୍ୟାୟକ୍ରମେ କିଛି ସଂସ୍କାର ଆଣିବାକୁ ଚେଷ୍ଟା କରିଛନ୍ତି। ବଜାର ବ୍ୟବସ୍ଥାରେ ମଧ୍ୟସ୍ଥଙ୍କ ପ୍ରଭାବ ହ୍ରାସ କରିବା ଲାଗି ଏକାଥରକେ ସରକାର ୪୩ଟି କୃଷକ ବଜାର ଗଠନ କରିଥିଲେ। ଏହି ବଜାରଗୁଡ଼ିକରେ କୃଷକମାନେ ସିଧା ଖାଉଟିଙ୍କୁ ସେମାନଙ୍କ ଉତ୍ପାଦ ବିକ୍ରି କରିବାର ବ୍ୟବସ୍ଥା କରାଯାଇଥିଲା। ସରକାର ମଧ୍ୟ ୧୪ଟି ସ୍ପେଶାଲ କମୋଡିଟି ମାର୍କେଟ ଖୋଲିଥିଲେ। ତଥାପି ଏହି ମାର୍କେଟଗୁଡ଼ିକର ଭିତ୍ତିଭୂମି ଦୁର୍ବଳ ରହିଛି। ଅଧିକାଂଶ କାରବାର ମାର୍କେଟ ବାହାରେ ହୁଏ। ଅତ୍ୟଧିକ ମାର୍କେଟ ଫି ବା ବଜାର ଶୁଳ୍କ ତନଖି ଫାଟକଗୁଡ଼ିକରେ ଆଦାୟ କରାଯାଏ।

୨୦୧୬ରେ ଦି ଇଣ୍ଟରନ୍ୟାଶନାଲ ଫିନାନ୍ସ କର୍ପୋରେଶନ (ଆଇଏଫ୍‌ସି) ଏକ ପ୍ରୋଜେକ୍ଟ ଦ୍ୱାରା କୃଷି ବଜାର ଉପରେ ଅନୁଧ୍ୟାନ କରି ଏଥିପାଇଁ ଓଡ଼ିଶାରେ ନୂଆ ନିୟମ କରିବା ଲାଗି ସହଯୋଗର ହାତ ବଢ଼ାଇଥିଲା। ଆମ କମ୍ପାନୀ ଗ୍ଲୋବାଲ ଏଗ୍ରି ସିଷ୍ଟମ୍‌କୁ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଥିଲା। ଆମେ ମଧ୍ୟ ରାଜ୍ୟର ଏବକାର ବଜାର ବ୍ୟବସ୍ଥା ଉପରେ ବ୍ୟାପକ ସର୍ଭେ କରିଥିଲୁ। ଏ ସମ୍ପର୍କରେ ରାଜ୍ୟ ମାର୍କେଟିଂ ବୋର୍ଡ, ଅନ୍ୟ ଅଂଶୀଦାରଙ୍କ ସହ ବ୍ୟାପକ ଆଲୋଚନା କରାଯାଇଥିଲା ଏବଂ ଏକ ନୂଆ ଆଇନ ଲାଗି ପ୍ରସ୍ତାବ ଦେଇଥିଲୁ। ଏହି ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କର ଏକ ଉଚ୍ଚସ୍ତରୀୟ ବୈଠକରେ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଏବଂ ସଚିବଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଥିଲା। ନୂଆଯୁଗର ମାର୍କେଟିଂ କନ୍‌ସେପ୍ଟ ଯଥା ଇ-ମାର୍କେଟ, ଉତ୍ପାଦ ନେଣଦେଣ ଏବଂ ପ୍ରକ୍ରିୟାକାରୀ, ରପ୍ତାନିକାରୀ, ରିଟେଲ ଚେନ୍, ଭଣ୍ଡାରଣ ଓ ବ୍ୟବସାୟିକ କମ୍ପାନୀଗୁଡ଼ିକ ଦ୍ୱାରା କୃଷି ଉତ୍ପାଦର କ୍ରୟକୁ ସହଜ କରିବାକୁ ନୂଆ ବାଟ ଦେଖାଇବା ପାଇଁ ଏହି ପ୍ରସ୍ତାବିତ ଆଇନ ପ୍ରସ୍ତୁତ କରାଯାଇଥିଲା। ଏଥିରେ ପ୍ରସ୍ତାବ ରଖାଯାଇଥିଲା ଯେ, ସାରା ରାଜ୍ୟକୁ ଗୋଟିଏ ମାର୍କେଟ ଭାବେ ବିଚାର କରାଯିବ ଓ ଚେକ୍‌ଗେଟ ଉଠିଯିବ। ଉତ୍ପାଦନକାରୀମାନେ ରାଜ୍ୟର ଯେକୌଣସି ସ୍ଥାନରେ ସେମାନଙ୍କ ଉତ୍ପାଦ ବିକ୍ରି କରିବା ପାଇଁ ଅନୁମତି ପାଇବେ। ଏକ ସିଙ୍ଗଲ ପଏଣ୍ଟ ରେଜିଷ୍ଟ୍ରେଶନ ବ୍ୟବସ୍ଥା କରି ସମସ୍ତ ବେପାରୀ ଓ ହୋଲ୍‌ସେଲ ବ୍ୟବସାୟୀଙ୍କୁ ୟୁନିଫାଇଡ ରେଜିଷ୍ଟ୍ରେଶନ ନମ୍ବର(ୟୁଆର୍‌ଏନ) ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା, ଯାହାଦ୍ୱାରା ସେମାନେ ରାଜ୍ୟର ଯେ କୌଣସି ସ୍ଥାନକୁ ଯାଇ କୃଷି ଉତ୍ପାଦ କିଣିବା ଲାଗି ଅନୁମତି ପାଇପାରିବେ। ବଜାର ଶୁଳ୍କ ଉଠାଇ ଦିଆଯିବ ଏବଂ ଯେଉଁମାନେ ମାର୍କେଟ ସୁବିଧା ଉପଯୋଗ କରିବେ ସେମାନଙ୍କ ଉପରେ କେବଳ ସେବାଶୁଳ୍କ ଲାଗୁ କରାଯିବ। ଘରୋଇ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ଏହି ଆଇନ ପ୍ରସ୍ତୁତ କରାଯାଇଥିଲା। କୃଷି ଭିତ୍ତିଭୂମି ଗଢି ସରକାରୀ ସଂସାଧନକୁ ଆଗକୁ ନେବା ଏବଂ ଉତ୍ପାଦନ ପରବର୍ତ୍ତୀ କ୍ଷତି କମାଇବା ପାଇଁ ବିପୁଳ ଘରୋଇ ନିବେଶକୁ ଆକର୍ଷିତ କରିବା ଲାଗି ଏହା ଗଢ଼ାଯାଇଥିଲା। ପ୍ରାଇଭେଟ ମାର୍କେଟ ବା ଘରୋଇ ବଜାରଗୁଡ଼ିକର ଭଣ୍ଡାରଘର ଏବଂ ଇଲେକ୍ଟ୍ରୋନିକ ଟ୍ରେଡିଂ ପ୍ଲାଟଫର୍ମ ଭଳି ଭିତ୍ତିଭୂମି ଥିଲେ କିମ୍ବା ଏହା ସେମାନେ ନିର୍ମାଣ କରିବାକୁ ରାଜି ହେଲେ ସରକାର ସେମାନଙ୍କୁ ଲାଇସେନ୍ସ ଦେବେ।

ଯଦି ରାଜ୍ୟ ସରକାର ୨୦୧୬ରେ ଏହି ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିଥାନ୍ତେ, ତେବେ ସାରା ଦେଶରେ ଏକ ଆଗୁଆ ଆଧୁନିକ କୃଷି ବଜାର ଆଇନ୍ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଥାଆନ୍ତା। ଏହା ମଧ୍ୟ ଏବକାର ନୂଆ କୃଷି ଆଇନର ଯନ୍ତ୍ରଣାରୁ କୃଷକମାନଙ୍କୁ ରକ୍ଷା କରି ପାରିଥାନ୍ତା। କୃଷି ରାଜ୍ୟର ବିଷୟ ହୋଇଥିବାରୁ ଏହା ଉପରେ କେନ୍ଦ୍ରୀୟ ଆଇନର ସାମ୍ବିଧାନିକ ବୈଧତା ସମ୍ପର୍କରେ ସବୁବେଳେ ସନ୍ଦେହ ରହିଛି। ଏହି ଦୃଷ୍ଟିକୋଣରୁ ପଞ୍ଜାବ, ରାଜସ୍ଥାନ ଏବଂ ଛତିଶଗଡ଼ ଭଳି ରାଜ୍ୟଗୁଡ଼ିକ ଏ ସମ୍ପର୍କରେ ବିଧାନସଭାରେ ନୂଆ ଆଇନ ପାସ କଲେ। କେଉଁଟି ସବୁଠୁ ଲାଭପ୍ରଦ ସେ ବିଷୟରେ ଓଡ଼ିଶା ବିଚାର କରିବା ଉଚିତ।

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ;
ପୂର୍ବତନ ଚେୟାରମ୍ୟାନ,ଏଗ୍ରିକଲଚରାଲ୍ ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ ଏକ୍ସପୋର୍ଟ ଡେଭେଲପ୍‌ମେଣ୍ଟ ଅଥରିଟି

## ଏଇ ଭାରତରେ

କୋଭିଡ୍ ମହାମାରୀ ନାଁ ଶୁଣିଲେ ଭୟ ଲାଗେ। ସେମାନଙ୍କୁ ଛୁଇଁବା ତ ଦୂରର କଥା ତାଙ୍କ ପାଖାପାଖି ଯିବାକୁ ଭୟ ଲାଗେ। କିନ୍ତୁ ରୋଗୀଙ୍କୁ ଚିକିତ୍ସା କରିବା ଲାଗି ଡାକ୍ତରମାନେ ବ୍ୟବହାର କରୁଥିବା ପିପିଇ କିଟ୍‌କୁ ସଂଗ୍ରହ କରି ସେଥିରୁ ଗଦି ତିଆରି କରୁଛନ୍ତି କେରଳର ଲକ୍ଷ୍ମୀ ମେନନ। ଗଦି ତିଆରି କରି କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ତାହାକୁ ଯୋଗାଇ ଦେବା ସହ ବର୍ଜ୍ୟ ପରିଚାଳନାରେ ପ୍ରମୁଖ ଭୂମିକା ନେଉଛନ୍ତି। ସେ ୬ଫୁଟ ଲମ୍ବ ଓ ଅଢେଇଫୁଟ ଚଉଡ଼ାର ଗଦି ତିଆରି କରୁଛନ୍ତି। ଏଥିପାଇଁ ସେ କୌଣସି ମେଶିନ ବ୍ୟବହାର କରୁନାହାନ୍ତି,କେବଳ ଛୁଞ୍ଚ ଓ ସୂତାରେ କାମ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ୱାଟରପ୍ରୁଫ୍। ଏହାକୁ ସଫା କରି ଶୁଖାଯାଇପାରିବ। ଏହି କାମରେ ସେ ୨୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ୭୦୦ଟି ଗଦି ବୃଦ୍ଧାଶ୍ରମ, ଗୃହହୀନମାନେ ରହିଥିବା ଆଶ୍ରମକୁ ବିନା ମୂଲ୍ୟରେ ଯୋଗାଇଦେଇଛନ୍ତି। ମେନନ ମଧ୍ୟ ଏନଜିଓ, ଛାତ୍ରୀଛାତ୍ର ଏବଂ ସରକାରୀ ସଂସ୍ଥାଗୁଡ଼ିକୁ ଅନ୍‌ଲାଇନ ପ୍ରଶିକ୍ଷଣ ଦେଇଛନ୍ତି। ତାଙ୍କର ଏହି ଅଭିଯାନକୁ ଜାତିସଂଘ ମଧ୍ୟ ପ୍ରଶଂସା କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୯୫

- ଚୀନର ଦକ୍ଷିଣାଞ୍ଚଳରେ ଅବସ୍ଥିତ ଶେନଝେନ ନଗରୀରେ ହତ୍ୟା, ଧର୍ଷଣ ଏବଂ ଡକାୟତି ଅଭିଯୋଗରେ ୧୩ ଜଣ ଅପରାଧୀଙ୍କୁ ଫାଶୀ।
- ବ୍ରିଟେନର ଶାସକ ରକ୍ଷଣଶୀଳ ଦଳ କମନ୍ସ ସଭାରେ ପରାଜୟ ବରଣ କରିଛନ୍ତି।
- ଗୋପାଳପୁରରେ ଇସ୍ପାତ ପ୍ରକଳ୍ପ ପାଇଁ ଲାସିନ-ଟ୍ୟୁବ୍ରୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

## ଚିରନ୍ତନୀ

କେତେ ରୂପ ହେଲାଣି ଅରୂପ
ଏ ଜୀବନ-ପଥେ ରଖି ଦାଗ
ନିକଟ ଯେ ହୋଇଯାଏ ଦୂର
ଖାଲି କରି ମୋର ସୁଖ ପୁର
ନିଭିଯାଏ କେତେ ଅନୁରାଗ
ଏ ଜୀବନ-ପଥେ ରଖି ଦାଗ।
-(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଗତଯୋଗ୍ୟ ନିର୍ଦ୍ଦେଶନାମା

ମହାଶୟ,

ନିର୍ବାଚନ ଆୟୋଗଙ୍କ ପ୍ରସ୍ତାବ ଭିତ୍ତିରେ ସୁପ୍ରିମକୋର୍ଟ ରାଜନୀତିରେ ଅପରାଧୀଙ୍କ ସଂଖ୍ୟା ମାତ୍ରାଧିକ ବୃଦ୍ଧି ହେତୁ ଉଦ୍‌ବେଗ ପ୍ରକାଶ କରି ସ୍ୱଚ୍ଛ ଭାବମୂର୍ତ୍ତି ସମ୍ପନ୍ନ ନେତାଙ୍କ ପରିବର୍ତ୍ତେ ରାଜନୈତିକ ଦଳଗୁଡିକ ଦାଗୀ ନେତାଙ୍କୁ କାହିଁକି ପ୍ରାର୍ଥୀ କରୁଛନ୍ତି ସେ ବିଷୟରେ ଜନତାଙ୍କୁ ଉପଯୁକ୍ତ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନେତାଙ୍କ ସଫଳତା ଓ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ରାଜନୈତିକ ଦଳଗୁଡିକ ଖବରକାଗଜ, ସାମାଜିକ ଗଣମାଧ୍ୟମ ଓ ଦଳର ୱେବସାଇଟରେ ପ୍ରକାଶ କରି ନିର୍ବାଚନ ଆୟୋଗକୁ ରିପୋର୍ଟ ଦେବେ। କୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନିଲେ ରାଜନୈତିକ ଦଳଗୁଡିକ ବିରୋଧରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ କରାଯିବ। ସୁପ୍ରିମକୋର୍ଟ କହିଛନ୍ତି, ଜଣେ ନେତାଙ୍କୁ ନିର୍ବାଚନ ଲଢ଼ିବା ଲାଗି ଟିକେଟ ଦେବାର ୪୮ ଘଣ୍ଟା ପୂର୍ବରୁ ଓ ପ୍ରାର୍ଥିପତ୍ର ଦାଖଲ କରିବାର ୨୪ ଘଣ୍ଟା ମଧ୍ୟରେ ପ୍ରାର୍ଥୀଙ୍କ ଆପରାଧିକ ବିବରଣୀ ରାଜନୈତିକ ଦଳମାନେ ଜନସାଧାରଣଙ୍କୁ ଜଣାଇବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କଲେ ରାଜନୀତିରେ ଅପରାଧୀଙ୍କ ପ୍ରବେଶ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ।

-ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବିଳମ୍ବିତ ରାତିରେ ନାବାଳକ ଉଦ୍ଧାର

**ପିପିଲି,୨୦ା୧୨(ସ୍ୱ.ପ୍ର.):** ପିପିଲି ଥାନା ଅନ୍ତର୍ଗତ ସାତଶଙ୍ଖ ବଜାରରେ ପୋଲିସ ଶନିବାର ବିଳମ୍ବିତ ରାତିରେ ଜଣେ ନାବାଳିକଙ୍କୁ ଉଦ୍ଧାର କରିଛି। ପୋଲିସ ପ୍ରାଟୋଲିଂ କରୁଥିବା ସମୟରେ ଏହି ୧୦ ବର୍ଷର ନାବାଳକ ବୁଲୁଥିବାର ଦେଖି ପଚରାଉଚୁରା କରିବା ପରେ ଥାନାକୁ ଆଣିଥିଲେ। ନାବଳକର ଠିକଣା ସମ୍ପର୍କରେ ସମସ୍ତ ବିବରଣୀ ବୁଝି ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ବୋଲି ପୋଲିସ ଜାଣିବାକୁ ପାଇଥିଲେ। ଲକ୍ଷ୍ମୀସାଗର ଥାନା ମାଧମରେ ନାବାଳକର ବାପାଙ୍କୁ ପିପିଲି ଥାନାକୁ ଡକାଯାଇ ପୁଅକୁ ହସ୍ତାନ୍ତର କରାଯାଇଥିବା ପିପିଲି ଏସଡିପିଓ ଦେବଦତ୍ତ ବରାଳ ପ୍ରକାଶ କରିଛନ୍ତି।

## ପାଣିରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ, ୨୦ା୧୨:** ପାଣିରେ ବୁଡ଼ି ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଶୋରଣ ଗ୍ରାମର ଅଶ୍ୱନୀ ବେହେରା (୧୮)। ସେ ପ୍ରାଣନାଥ ସ୍ୱୟଂଶାସିତ କଲେଜରେ ଯୁକ୍ତ୩ ଶ୍ରେଣୀର ଛାତ୍ର ଥିଲେ। ରବିବାର ସକାଳେ ଅଶ୍ୱନୀ ସକାଳେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୦) ରୁଜୁ ହୋଇଛି।

## ଚାକିରି ପ୍ରଲୋଭନ ଦେଖାଇ ଠକେଇ, ଯୁବକ ଗିରଫ

**ଭୁବନେଶ୍ୱର,୨୦ା୧୨(ବ୍ୟୁରୋ):** ସୋସିଆଲ୍ ମିଡିଆ ମାଧମରେ ଶିକ୍ଷିତ ବେକାରି ଯୁବତୀଯୁବକଙ୍କ ସହ ସମ୍ପର୍କ ବଢ଼ାଉଥିଲେ। ସମ୍ପର୍କ ଟିକେ ଘନିଷ୍ଠ ହେବାପରେ ସରକାରୀ ଚାକିରି କରାଇଦେବାର ପ୍ରଲୋଭନ ଦେଖାଉଥିଲେ। ବିଶ୍ୱାସ ସୃଷ୍ଟି ପାଇଁ ସରକାରୀ ଲୋଗୋ ଲଗାଇ ଆଫିଡେବିଟ୍ ମାଧମରେ ଚାକିରି କରାଇଦେବାକୁ ଚୁକ୍ତି କରୁଥିଲେ। ପରେ ସେମାନଙ୍କ ନିକଟରୁ ମୋଟା ଅଙ୍କର ଟଙ୍କା ହଡପ କରୁଥିଲେ। ଏମିତି ଠକେଇ କରୁଥିବା ଜଣେ ଅଭିଯୁକ୍ତଙ୍କୁ ରବିବାର ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଶହୀଦନଗର ଅଞ୍ଚଳର ବୁବୁନୁ ଓରଫ ବିକାଶ ସ୍ୱାଇଁ(୩୫)। ବିକାଶ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ(ଏଫ୍ଏସ୍ଏସ୍ଏଆଇ)ରେ ଚାକିରି କରାଇଦେବାକୁ କହି ଆଚାର୍ଯ୍ୟ ବିହାର ଅଞ୍ଚଳର ପ୍ରସନଜ୍ୟୋତି ମଲ୍ଲ(୨୦)ଙ୍କ ନିକଟରୁ ୪୪ ହଜାର ୫ଶହ ଟଙ୍କା ଠକିନେଇଥିଲେ। ଏନେଇ ପ୍ରସନଜ୍ୟୋତି ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ବିକାଶଙ୍କୁ ଗିରଫ କରିବା ସହ ୫୨୫/୨୦୨୦ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତେବେ ପଚରାଉଚରାବେଳେ ବିକାଶ ରାଜଧାନୀର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଏଭଳି ଠକିଥିବା ନେଇ ସ୍ୱୀକାର କରିଥିବା ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୩ମାସ ତଳେ ଫେସ୍‌ବୁକ ମାଧମରେ ବିକାଶ ଓ ପ୍ରସନଜ୍ୟୋତିଙ୍କର ପରିଚୟ ହୋଇଥିଲା।

# ନନ୍ଦନକାନନରେ ୮ ନୂଆ ଅତିଥି

**ବାରଙ୍ଗ,୨୦ା୧୨(ଡି.ଏନ.ଏ.)**







ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ରବିବାର ରାତି ୯ଟାରେ ନୂଆ ଅତିଥି ଆସିଛନ୍ତି। ଚଳିତବର୍ଷ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଇନ୍ଦୋରର କମଳା ନେହ୍ରୁ ପ୍ରାଣୀ ସଂଗ୍ରାହଳୟରୁ ୨ଟି ମାଈ ଏସିଆନ୍ ସିଂହୀ, ୨ଟି ଅଣ୍ଡିରା ଓ ୧ଟି ମାଈକୁ ମିଶାଇ ୩ଟି ଘଡ଼ିଆଳ କୁମ୍ଭୀର ସହିତ ୨ଟି ମାଈ ଭାରତୀୟ ଧୂସର ଗଧିଆ ଏବଂ ଗୋଟିଏ ମାଈ କୋକିଶିଆଳି ଆସି ପହଞ୍ଚିଛି। ନୂଆ ଅତିଥିମାନଙ୍କୁ ଡାକ୍ତରଖାନାର ଆଇସୋଲେଶନ ୱାର୍ଡରେ ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରାଯିବା ପାଇଁ ରଖାଯାଇଛି। ତେବେ ଗତ ୧୩ ତାରିଖରେ ନନ୍ଦନକାନନରୁ ଏକ ୬ଜଣିଆ ଦଳ ଇନ୍ଦୋର ଅଭିମୁଖେ ଗସ୍ତ କରିଥିଲେ। ୯ ଅତିଥି ସହ ଶୁଆଜାତୀୟ ପକ୍ଷୀ ଆସିବା ପାଇଁ ପୂର୍ବ ପ୍ରସ୍ତୁତି ହୋଇଥିବା ବେଳେ ରବିବାର ଏହି ଟିମ୍ ପହଞ୍ଚିବା ବେଳେ କେବଳ ୮ ନୂଆ ଅତିଥିଙ୍କୁ ସାଙ୍ଗରେ ଧରି ଆସିଥିବାର ଦେଖିବାକୁ ମିଳିଥିଲା। ଏହାର ପ୍ରତିବଦଳରେ ଗୋଟିଏ କଳା ଓ ଧଳା ମହାବଳ ବାଘ ସହିତ ୩ ଘଡିଆଳ କୁମ୍ଭୀର ଓ ବିରଳ ପ୍ରଜାତିର ଫ୍ଲିଜାଣ୍ଟ ପକ୍ଷୀକୁ ନନ୍ଦନକାନନକୁ ଦେବାକୁ ପଡିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ନନ୍ଦନକାନନର ଉଦ୍ଭିଦ ଉଦ୍ୟାନର ଶାଗୁଣା ପ୍ରଜନନ କେନ୍ଦ୍ରରେ ରବିବାର ଭାରତୀୟ ଶାଗୁଣା ଗୋଟିଏ ଅଣ୍ଡା ଦେଇଛି। ଏହି ଶାଗୁଣା ସହିତ ଅନ୍ୟ ୧୧ ଶାଗୁଣାକୁ ଗ୍ୱାଲିଅରରୁ ନନ୍ଦନକାନନକୁ ଅଣାଯାଇଥିଲା। ପ୍ରଜନନ କେନ୍ଦ୍ରରେ ଏବେ ୧୨ଟି ଭାରତୀୟ ଶାଗୁଣା ଥିବା ଜଣାପଡିଛି ।

# 'ଡା. ବାସୁଦେବ ଅନେକ ଚିକିତ୍ସା ବିଜ୍ଞାନୀ ସୃଷ୍ଟି କରିଛନ୍ତି'



ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ପ୍ରଫେସର ବାସୁଦେବ କର ସ୍ମାରକୀ ସମ୍ମାନ ପ୍ରଦାନ କରାଯାଉଛି।

**କଟକ ଅଫିସ, ୨୦ା୧୨**

କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ସାହିତ୍ୟ ସଂସଦ ପରିସରରେ ଚିକିତ୍ସା ବିଜ୍ଞାନୀ ଡା. ବାସୁଦେବ କରଙ୍କ ପଞ୍ଚମ ବାର୍ଷିକ ଶ୍ରାଦ୍ଧସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଚାରପତି ଜଷ୍ଟିସ ବୀରକିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ଚିତ୍ତରଞ୍ଜନ ମିଶ୍ର କହିଥିଲେ, ଡ. ବାସୁଦେବ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଓ ଗୁରୁ ଭାବେ ଅନେକ ଚିକିତ୍ସା ବିଜ୍ଞାନୀ ସୃଷ୍ଟି କରିଛନ୍ତି। ଡା. ବାସୁଦେବ କର ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସଭାରେ ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କୁ ପ୍ରଫେସର ବାସୁଦେବ କର ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ସଭାପତି ପ୍ରଫେସର ନିରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଖବରଦାତା ଡ. ସତ୍ୟ ରାୟ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ, ଫାଉଣ୍ଡେଶନର ସମ୍ପାଦକ ମାୟାଧର କର ବିବରଣୀ ପାଠ ଓ ଓମ୍ କର ଧନ୍ୟବାଦ ଦେଇଥିଲେ।

# ଆକର୍ଷିତ କରୁଛି ଓଡ଼ିଶାର ଟ୍ରାଇବାଲ ଡିଜାଇନ୍

**ଭୁବନେଶ୍ୱର,୨୦ା୧୨(ବ୍ୟୁରୋ)**

**ପାରମ୍ପରିକତାରେ ନୂଆ ଲୁକ୍ ଦେଉଛନ୍ତି ଡିଜାଇନର**



ଭାରତ ସମେତ ବିଶ୍ୱ ବଜାରରେ ଓଡ଼ିଶାର ଟ୍ରାଇବାଲ ଡିଜାଇନ୍‌ର ଚାହିଦା ବଢ଼ୁଛି। ରାଜ୍ୟର ଜନଜାତିଙ୍କ ପାରମ୍ପରିକ ଡିଜାଇନ୍‌କୁ ବଡ଼ ବଡ଼ ଫ୍ୟାଶନ ଡିଜାଇନରଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ପସନ୍ଦ କରୁଛନ୍ତି। ବିଶେଷକରି ଡଙ୍ଗରିଆ ଜନଜାତିଙ୍କ ଡିଜାଇନ ବର୍ତ୍ତମାନ ସମୟରେ ସର୍ବାଧିକ ଲୋକପ୍ରିୟତା ହାସଲ କରିଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କ୍ଲଷ୍ଟର ଗଠନ ଯୋଗୁ ଟ୍ରାଇବାଲ୍ ଏବଂ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ବିକାଶ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଲୋପ ପାଉଥିବା ହସ୍ତତନ୍ତକୁ ନୂଆ ରୂପ ଦେବା ପାଇଁ ରାଜ୍ୟ ହସ୍ତତନ୍ତ ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ୩୦ କ୍ଲଷ୍ଟରର ବିକାଶ କରାଯାଉଛି। ସେହିଭଳି ଆଦିବାସୀ ଡିଜାଇନ୍‌କୁ ଆଣି ସିଲ୍କ, କଟନ୍, ଟସରରେ ପକାଇ ନୂଆ ଫ୍ୟାବ୍ରିକ ପ୍ରସ୍ତୁତ କରାଯାଉଛି। ଡଙ୍ଗରିଆ ଡିଜାଇନ୍‌କୁ ଏଥିପାଇଁ ବ୍ୟବହାର କରାଯାଉଥିବାରୁ ବଜାର ଚାହିଦା ବଢ଼ିଛି। ସିମିନେଇ ଡିଜାଇନ୍‌କୁ ମଧ ସିଲ୍କରେ ବ୍ୟବହାର କରାଯାଇ ଏହାକୁ ନୂଆରୂପ ଦିଆଯାଉଛି। ଡଙ୍ଗରିଆ, ହେନ୍ତାଳମାନଙ୍କ ଡିଜାଇନ୍ ଏବଂ କୋଟ୍‌ପାଡ୍ ଆଦି ଭଳି ପୁରୁଣା ହସ୍ତତନ୍ତକୁ ବିଭିନ୍ନ ଉତ୍ପାଦରେ ବ୍ୟବହାର କରାଯାଇ ନୂଆ ଉତ୍ପାଦ ପ୍ରସ୍ତୁତ କରାଯାଉଛି। ବୁଣାକାରଙ୍କ ଫ୍ୟାବ୍ରିକ୍ ଓ ହସ୍ତତନ୍ତର ବଜାର ପାଇଁ ବୟନିକା ଦାୟିତ୍ୱ ନେଇଛି। ଓଡ଼ିଶା ସହ ବାହାରେ ମଧ କୋଟପାଡ଼ ଓ ଡଙ୍ଗରିଆ କନ୍ଧ ଡିଜାଇନ୍ ପ୍ରତି ଗ୍ରାହକଙ୍କ ବିଶେଷ ଆକର୍ଷଣ ରହିଛି। ପାରମ୍ପରିକତାକୁ ବଜାୟ ରଖି ଏସବୁ ଶାଢ଼ିକୁ ଡିଜାଇନରମାନେ ନୂଆ ରୂପ ଦେଉଛନ୍ତି। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି(ନିଫ୍ଟ) ଛାତ୍ରୀଛାତ୍ର, ଅଭିଜ୍ଞ ପ୍ରଶିକ୍ଷକ ଓ କିଛି ଲୋକପ୍ରିୟ ଡିଜାଇନରଙ୍କ ସହାୟତାରେ ସମସ୍ତ ଡିଜାଇନ୍ ପ୍ରସ୍ତୁତ କରାଯାଉଛି। ହେନ୍ତାଳ, ଧଳାପଥର ପରଦା, କଳାହାଣ୍ଡିର ହବସ୍‌ପୁରୀ ଶାଢ଼ି, ଢେଙ୍କାନାଳର ସିମିନେଇ ଭଳି ଡିଜାଇନ୍‌କୁ ପ୍ରାଥମିକତା ଦିଆଯାଇ ଆକର୍ଷଣୀୟ ଲୁକ୍ ଦିଆଯାଉଛି। ୩୦ କ୍ଲଷ୍ଟରରେ ଭିନ୍ନ ଭିନ୍ନ ଡିଜାଇନ୍‌ର ଚିହ୍ନଟ କରାଯାଇ ତାହାର ବିକାଶ କରାଯାଉଛି। ବରଗଡ଼, ବଲାଙ୍ଗୀର, କଟକ, ସୁବର୍ଣ୍ଣପୁର, ଯାଜପୁର, ବୌଦ୍ଧ, ବାଲେଶ୍ୱର, କେନ୍ଦୁଝର ଓ ଗଞ୍ଜାମ ଜିଲାରେ କ୍ଲଷ୍ଟର ଗଠନ କରାଯାଇଛି। ପ୍ରତି



କ୍ଲଷ୍ଟରର ଉନ୍ନତିକରଣ ପାଇଁ ୨କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ବୁଣାକାରମାନଙ୍କୁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଉଛି। ପ୍ରତି କ୍ଲଷ୍ଟରରେ ୩୦୦ ଲେଖାଏ ସମୁଦାୟ ୩ ହଜାର ବୁଣାକାରଙ୍କୁ ଏହି ନୂଆ ଡିଜାଇନ୍ କାମରେ ନିୟୋଜିତ କରାଯାଇଛି। ଏହାସହ ପାରମ୍ପରିକ ବୁଣାକାରମାନଙ୍କୁ ନିଫ୍ଟ ଏବଂ ଜଣାଶୁଣା ଫ୍ୟାଶନ୍ ଡିଜାଇନରଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଜଣେ ଡିଜାଇନର୍ ୩ବର୍ଷ ପାଇଁ ଜଣେ ବୁଣାକାରଙ୍କୁ ପ୍ରଶିକ୍ଷଣ ଦେବାର ଦାୟିତ୍ୱରେ ରହୁଛନ୍ତି। ତେବେ ଆଗାମୀଦିନରେ ଏଭଳି ଡିଜାଇନ୍ ବିକାଶ ପ୍ରଶିକ୍ଷଣ ବୁଣାକାରଙ୍କ ଆର୍ଥିକ ବିକାଶରେ ସହାୟକ ହେବ ବୋଲି କୁହାଯାଉଛି।

## ଶାଗୁଆନ ବଗିଚାରୁ ଯୁବକଙ୍କ ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ, ୨୦ା୧୨**

ସାମନ୍ତରାପୁରସ୍ଥିତ ଶାଗୁଆନ ବଗିଚାରୁ ରବିବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଛି। ମୃତକ ହେଲେ ପପୁନା ବାରିକ (୨୪)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସକାଳେ ଘର ବାରିପଟ ଶାଗୁଆନ ଗଛରେ ପପୁନାଙ୍କ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮୮/୨୦) ରୁଜୁ ହୋଇ ତଦନ୍ତ ଚାଲିଛି।

# ଗର୍ଭପାତ ମୌଳିକ ଅଧିକାର

**କଟକ ଅଫିସ,୨୦ା୧୨(ବ୍ୟୁରୋ)**

ଗର୍ଭଧାରଣର ୨୦ ସପ୍ତାହ ପରେ ଗର୍ଭପାତ କରିବାର ନିୟମ ନାହିଁ। ହେଲେ ପୀଡ଼ିତା ନାବାଳିକାଙ୍କ ଭବିଷ୍ୟତ, ଶିକ୍ଷା, ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ସମ୍ବିଧାନର ଧାରା ୨୧ ଅନୁସାରେ ସନ୍ତାନସନ୍ତତି ଜନ୍ମଦେବା ଏବଂ ଗର୍ଭପାତ କରାଇବା ଜଣଙ୍କ ମୌଳିକ ଅଧିକାର ବୋଲି ବିଚାରପତି ଏସ୍. କେ. ମିଶ୍ର ଓ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ପୀଡ଼ିତା ନାବାଳିକା ଜଣକ ୨୧ସପ୍ତାହ ଗର୍ଭବତୀ ଥିବା ଡାଇରେକ୍ଟର ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ(ଡିଏମ୍ଇଟି) ରିପୋର୍ଟରୁ ଜଣାପଡ଼ିଥିଲା। ଅନ୍ୟପକ୍ଷେ ମେଡିକାଲ ଟର୍ମିନେଶନ ପ୍ରେଗ୍ନାନ୍ସି(ଏମ୍‌ଟିପି) ଆଇନ ଅନୁଯାୟୀ ୨୦ରୁ ୨୪ସପ୍ତାହ ଧରି ଗର୍ଭଧାରଣ କରିଥିଲେ, ଗର୍ଭପାତ କରିବାର ନିୟମ ନାହିଁ। ମେଡିକାଲ ଟର୍ମିନେଶନ ପ୍ରେଗ୍ନାନ୍ସି(ସଂଶୋଧନ) ବିଲ୍-୨୦୨୦ ବର୍ତ୍ତମାନ ରାଜ୍ୟ ସଭାରେ ବିଚାରାଧୀନ ରହିଛି। ଯେଉଁଥିରେ କି ସର୍ବାଧିକ ୨୪ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କରିବା ପାଇଁ ବ୍ୟବସ୍ଥା ରହିଛି। ଏହା ଏଯାବତ୍ ଆଇନରେ ପରିଣତ ହୋଇ ନାହିଁ। ହେଲେ ଏହି ମାମଲାରେ ଗର୍ଭଧାରଣ କରିଥିବା ସମ୍ପୃକ୍ତ ପୀଡ଼ିତା ଜଣେ ନାବାଳିକା। ତାଙ୍କର ଭବିଷ୍ୟତ ଏବଂ ଶାରୀରିକ ଗଠନକୁ ଦୃଷ୍ଟିରେ ରଖି ଗର୍ଭପାତ ଜରୁରୀ ବୋଲି ଖଣ୍ଡପୀଠ ଅନୁଭବ କରି ଏହି ରାୟ ଦେଇଛନ୍ତି। ଶୁଣାଣିବେଳେ ପୀଡ଼ିତାଙ୍କ ଓକିଲ ଗର୍ଭପାତ ନେଇ ଅଦାଲତଙ୍କ ପୂର୍ବ କେତୋଟି ରାୟର ଅବତାରଣା କରିଥିଲେ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON-I MALKANGIRI
e-mail :rwd_malkangiri@yahoo.co.in
NATIONAL COMPETITIVE BIDDING THROUGH e-Procurement
Identification No. Online Tender 15/MKG/2020-21
No.O-742:- 1. Name of the work : Road works (Detailed in Annexure). 2. Total Number of Works : 01 (One) Number. 3. Tender Cost : Rs. 55.45 lakhs. 4. Class of Contractor : 'B' &'A' Class contractors. 5. Period of Completion : (As Per Detailed in Annexure). 6. Other Details:-

| Procurement Officer | Bid Identification No. | No. of works | Availability of tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division-I, Malkangiri | Online Tender /15 / RWD-I, MKG/2020-21 | 01(One) No. of Road works | 22.12.2020 from 11.00 A.M. | 29.12.2020 upto 5.00 P.M. | 28.12.2020 upto 5.00 P.M. | 30.12.2020 at 11.30 A.M. | 31.12.2020 at 11.00 A.M. |

Further details can be seen from the Website www.tenderorissa.gov.in
Executive Engineer, R.W. Division-I, Malkangiri
OIPR-25058/11/0015/2021

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ

**ପୁରୀ ଅଫିସ,୨୦ା୧୨**

ଓଢ଼ଣି ଷଷ୍ଠୀରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି ନୀତି ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୧୦. ୪୦ରେ ମଇଲମ ପରେ ୧୧.୧୫ରେ ଘୋଡ଼ ବେଢ଼ା ଆରମ୍ଭ ହୋଇଥିଲା। ଏହା ପୂର୍ବାହ୍ନ ୧୧.୩୦ରେ ସରିଥିଲା। ମଧ୍ୟାହ୍ନ ୧୨.୩୫ରେ ପ୍ରସାଦ ଲାଗି, ୧୨.୪୦ରେ ବନ୍ଦାପନା, ୧୨.୪୫ରେ ମଇଲମ, ଅପରାହ୍ନ ୧ଟାରେ ମଧ୍ୟାହ୍ନ ଧୂପ ହୋଇ ୧.୧୦ରେ ଭୋଗ ମଣ୍ଡପ ଉଠିଥିଲା। ଶନିବାର କୁରାଳ ପଞ୍ଚମୀ ଅବସରରେ ଘୋଡ଼ଲାଗି ଅଧିବେଶ ନୀତି ସମ୍ପନ୍ନ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଶୀତରୁ ରକ୍ଷା ପାଇଁ ଓଢ଼ଣି ଷଷ୍ଠୀରେ ମହାପ୍ରଭୁଙ୍କୁ ଘୋଡ଼ଲାଗି କରାଯାଇଥାଏ। ଏହି ଘୋଡ଼ ହେଉଛି ଶୀତବସ୍ତ୍ର। ପୂର୍ବରୁ ମହାପ୍ରଭୁଙ୍କ ପାଇଁ ଦରଜି ସର୍ଦ୍ଦାର ଘୋଡ଼ (ଶୀତବସ୍ତ୍ର) ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଥିଲେ।

# ଅନିଶ୍ଚିତତାରେ ଚଉଷଠି ଯୋଗିନୀ ମହୋତ୍ସବ

**ବାଲକାଟୀ,୨୦ା୧୨(ଡି.ଏନ୍.ଏ)**

ରାଜ୍ୟରେ କରୋନା କଟକଣା କୋହଳ ହେବା ସହ ସଭା, ସମିତି, ଉତ୍ସବ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ କରିବାକୁ ସରକାର କହିଛନ୍ତି। ତେବେ ରାଜଧାନୀ ଉପକଣ୍ଠ ବାଲକାଟୀର ପ୍ରସିଦ୍ଧ ଚଉଷଠି ଯୋଗିନୀ ମହୋତ୍ସବ ପାଇଁ ଅଳ୍ପଦିନ ବାକି ଥିବାବେଳେ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଅନୁମତି ମିଳି ନାହିଁ। ସରକାରୀ ସ୍ତରରେ ଏପରି ଅବହେଳାକୁ ନେଇ ଯୋଗିନୀ ମହୋତ୍ସବର ଆୟୋଜକ ନୃତ୍ୟ ପ୍ରତିଭା ଅନୁଷ୍ଠାନ ଦ୍ୱନ୍ଦ୍ୱରେ ରହିଛି। ଏ ନେଇ ଅନୁଷ୍ଠାନ ପକ୍ଷରୁ ରବିବାର ସ୍ଥାନୀୟ ଯୋଗିନୀ ପୀଠ ସାଂସ୍କୃତିକ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନୃତ୍ୟ ପ୍ରତିଭାର ସମ୍ପାଦିକା ପ୍ରତିଭା ପଣ୍ଡା ସମ୍ମିଳନୀରେ ସଭାପତିତ୍ୱ କରି ସରକାରଙ୍କ ମହୋତ୍ସବକୁ ଅନୁମତି ପ୍ରଦାନରେ ଟାଳଟୁଳ ନୀତି କରୁଥିବାର ସମାଲୋଚନା କରିଥିଲେ। ଅନ୍ୟପଟେ ସରକାରଙ୍କ ଅନ୍ୟ ମହୋତ୍ସବ ସବୁ ଗାଇଡ୍‌ଲାଇନ ଅନୁଯାୟୀ ହେଉଥିବା ବେଳେ ଏଠି ମଧ ନିୟମରେ ହେବ ବୋଲି ସମ୍ପାଦିକା କହିଛନ୍ତି। ଏହାସହ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମହୋତ୍ସବ ନ କରାଇବାକୁ ଚକ୍ରାନ୍ତ ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ସୂଚନା ଥାଉ କି, ମହୋତ୍ସବରେ ନୃତ୍ୟ ପ୍ରତିଭାର କେତେଜଣ କର୍ମୀ ଓ ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ନେଇ ଆୟୋଜନ ଚାଲିଥିବାବେଳେ ସ୍ଥାନୀୟ ପ୍ରତିଭା ଓ ଜନପ୍ରତିନିଧିଙ୍କ ଅଣଦେଖା କରାଯାଉଥିବା ନେଇ ଅସନ୍ତୋଷର କାରଣ ସାଜିଥିଲା। ମହୋତ୍ସବ ନେଇ ନିକଟରେ ଏକ ଖବରଦାତା ସମ୍ମିଳନୀ ହୋଇଥିବାବେଳେ ମହୋତ୍ସବର ଆୟବ୍ୟୟର ହିସାବ ସାଧାରଣରେ ପ୍ରକାଶ ନ କରିବା ନେଇ ପ୍ରଶ୍ନ ଉଠାଇଥିଲେ। ଏ ସମ୍ପର୍କରେ ନୃତ୍ୟ ପ୍ରତିଭା ସମ୍ପାଦିକା ପ୍ରତିଭା ପଣ୍ଡା କହିଛନ୍ତି, ଆମେ ସବୁବେଳେ ଗ୍ରାମବାସୀ ଓ ଟ୍ରଷ୍ଟଙ୍କ ସହଯୋଗରେ କାମ କରି ଆସୁଛୁ। କେତେଜଣ ଜାଣିଶୁଣି ମହୋତ୍ସବ ନ କରିବା ଲାଗି ଚକ୍ରାନ୍ତ ଚଳାଇଥିବାବେଳେ ସରକାର ମଧ ଟାଳଟୁଳ ନୀତି କରୁଥିବାରୁ ମହୋତ୍ସବ ହେବାକୁ ନେଇ ଅନିଶ୍ଚିତତାରେ ରହିଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168 9583218642 8598094365

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଉଠିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841 7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401 8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786 8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ସିଏଏ ନିଆଁ

**କେ**ନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) କାର୍ଯ୍ୟକାରୀ କରିବା ପରେ ଏହା ବିରୋଧରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପ୍ରଥମେ ଆସାମରୁ ଏହି ଆନ୍ଦୋଳନ ଆରମ୍ଭ ହୋଇ ପରେ ଦିଲ୍ଲୀ, ମେଘାଳୟ, ଅରୁଣାଚଳପ୍ରଦେଶ, ତ୍ରିପୁରା ଓ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପିଥିଲା। ଫେବୃୟାରୀରେ ପୁଣି ଥରେ ଦିଲ୍ଲୀରେ ସିଏଏ ବିରୋଧୀ ଆନ୍ଦୋଳନ ଜୋର୍‌ଦାର ହେବା ସହ ହିଂସାତ୍ମକ ରୂପ ନେଇଥିଲା। ଫେବୃୟାରୀ ୨୩ରେ ଉତ୍ତରପୂର୍ବ ଦିଲ୍ଲୀରେ ଦଙ୍ଗା ସୃଷ୍ଟି ହୋଇ ୫୩ ଲୋକଙ୍କ ଜୀବନ ଯାଇଥିଲା ଓ ବହୁ ସମ୍ପତ୍ତି ଧ୍ୱଂସ ହୋଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ ଥିଲେ। ଦଙ୍ଗାରେ ଜଣେ ଗୋଇନ୍ଦା ଅଧିକାରୀଙ୍କ ସମେତ କେତେଜଣ ପୋଲିସ କର୍ମଚାରୀ ପ୍ରାଣ ହରାଇଥିଲେ। ଅନେକ ମୁସଲମାନ ଘରଦ୍ୱାର ଛାଡ଼ି ପଳାଇଥିଲେ ଓ କେତେକ ନିଖୋଜ ହୋଇଯାଇଥିଲେ।

**ପା**ଉଁଶ ତଳର ଧୂଆଁ କେବେ ନିଆଁ ହୋଇ ଚତୁର୍ଦ୍ଦିଗେ ସଞ୍ଚରିଯାଏ ଟେର ପାଆନ୍ତିନି କେହି। ଜଳିପୋଡ଼ି ଛାରଖାର ହୋଇଯିବା ପରେ ଶୁଭେ ଅନେକ ସ୍ୱର। ରାଜନୀତିର ହୋହଲ୍ଲା ଭିତରେ କ୍ରମଶଃ ହଜିଯାଏ ସେହିଆର୍ତ୍ତଚିତ୍କାର।ରହିଯାଏକେବଳଉପଶମହେଉନଥିବାପୁରୁଣାକ୍ଷତ।ଉଣେଇଶରଏପରିକେତୋଟିକ୍ଷତକୁ ତାଜା ଉଷୁମ ରକ୍ତରେ ଭିଜାଇ ସତେଜ କରିଥିଲା ବର୍ଷ ଦୁଇହଜାର କୋଡ଼ିଏ। ସାଙ୍ଗରେ ଆଣିଥିଲା ବିଗତ ଦିନର ଛଦ୍ମ ରାଷ୍ଟ୍ରବାଦ ତଥା ଧର୍ମୀୟ ଧ୍ରୁବୀକରଣର ଅବାଞ୍ଛିତ ଉତ୍ତାପ ଓ ଉତ୍ତେଜନାକୁ। ଫେବୃୟାରୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ବେଳେ ଦିଲ୍ଲୀରେ ଜଳିଥିଲା ସିଏଏ ନିଆଁ। ନାଗରିକତ୍ୱ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ଦଙ୍ଗାର ରୂପ ନେଇସାରିଥିଲା। ଜାତୀୟ ରାଜଧାନୀର ନାମକରା ପୋଲିସ ନୀରବଦ୍ରଷ୍ଟାସାଜିନର୍ଦ୍ଦମାରେଭାସୁଥିବାଶବଗଣୁଥିଲା।୫୩ମୃତକଙ୍କ ମଧ୍ୟରୁ ଏକତୃତୀୟାଂଶ ଥିଲେ ସଂଖ୍ୟାଲଘୁ ମୁସଲିମ ସମ୍ପ୍ରଦାୟର। ଏସବୁ ଭିତରେ ନାହିଁ ନାହିଁର ନାଗଫାଶରେ ଭାରତବର୍ଷକୁ ବନ୍ଦୀ କରିଦେଇଥିଲା ବିଦେଶାଗତ ଅଦୃଶ୍ୟ ଭୂତାଣୁ। ଏମିତି ଚରିଲା ଯେ ଉଜୁଡ଼ିଗଲା ଜୀବନ ଜୀବିକା। କୋଭିଡ୍-୧୯ ଜନିତ ଲକ୍‌ଡାଉନ୍ ଦେଶରେ ସୃଷ୍ଟି କଲା ଅଭୂତପୂର୍ବ ଅଚଳାବସ୍ଥା। ସହରରେ କର୍ମସଂସ୍ଥାନ ହରାଇ ଘରମୁହାଁ ହେଲେ ପ୍ରାୟ ଅଢ଼େଇ କୋଟି ପ୍ରବାସୀ। ଫଳରେ ଗାଁ ମାଟି ବି ବାଦ୍ ପଡ଼ିଲାନି ଘାତକ ଭାଇରସ୍ ପ୍ରକୋପରୁ। ଚାହୁଁ ଚାହୁଁ କରୋନାର ଲହ ଲହ ଜିହ୍ୱା ଚାଟିଗଲା ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କୁ। ଘଣ୍ଟ ଶଙ୍ଖ କିଛି ବି କାମ କଲାନାହିଁ। ଶେଷରେ ଅପେକ୍ଷା ରହିଲା କେବଳ ଭାକ୍ସିନକୁ। କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡ଼ିଥିଲା ମାର୍ଚ୍ଚ ମାସରେ। କେନ୍ଦ୍ରୀୟ ରାଜନୀତିର ପଶାପାଲିରେ ବାଟବଣା ହୋଇ ଗୋଡ଼ ଖସାଇ ଦେଇଥିବା କମଲନାଥ ସରକାର ଆଉ ଅଣ୍ଟା ସଳଖି ଛିଡ଼ା ହୋଇପାରି ନ ଥିଲେ। ସେପଟେ ମହାମାରୀ ଭୟରେ ଏପ୍ରିଲ ମାସ ସାରା ଦେଶରେ ତାଲା ପକାଇ ଦିଆଯାଇଥିଲା। ମେ ଆସୁ ଆସୁ ପଡ଼ୋଶୀ ଚାଇନାର ଚକ୍ରାନ୍ତ ଭାରତର ମୁଣ୍ଡବ୍ୟଥା ବଢ଼ାଇଥିଲା। ପଶ୍ଚିମବଙ୍ଗରେ ଅମ୍ଫନ ଓ ମହାରାଷ୍ଟ୍ରରେ ନିସର୍ଗ ତାଣ୍ଡବ ପରେ ଜୁନ୍ ୧୫ରେ ପୂର୍ବ ଲଦାଖର ଗଲୱାନ ଘାଟିରେ ରାତିଅଧିଆ ପୁଣି ମୁହାଁମୁହିଁ ହୋଇଥିଲେ ଦୁଇଦେଶର ସୈନ୍ୟ। ଏହା ଭିତରେ ଆଉ ଦୁଇଟି ବଡ଼ ଘଟଣା ଘଟିଥିଲା,



ଯାହାକି ଅଦ୍ୟାବଧି ଅମୀମାଂସିତ। ଜୁନ୍ ୫ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କୃଷି ସମ୍ପର୍କିତ ୩ଟି ଅଧ୍ୟାଦେଶକୁ ମଞ୍ଜୁରୀ ଦେଇଥିବାବେଳେ ୧୪ ତାରିଖରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତଦେହ ମୁମ୍ବାଇର ବାନ୍ଦ୍ରାସ୍ଥିତ ବାସଭବନରୁ ମିଳିଥିଲା। ମାସ ଶେଷରେ ଭାରତ ସରକାର ଟିକ୍‌ଟକ୍ ସମେତ ୫୯ଟି ଚାଇନା ଆପ୍ ଉପରେ ନିଷେଧାଦେଶ ଜାରି କରିଥିଲେ। ଏସବୁ ଦୃଷ୍ଟିରୁ ଜୁନ୍ ଥିଲା ସର୍ବାଧିକ ଘଟଣାବହୁଳ। ଜୁଲାଇରେ ଉତ୍ତର ପ୍ରଦେଶର କୁଖ୍ୟାତ୍ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କୁ ଅତି ନାଟକୀୟ ଢଙ୍ଗରେ ଏନ୍‌କାଉଣ୍ଟର କରି ମାରିଦିଆଗଲା ପୋଲିସ-ରାଜନେତାଙ୍କ ସହ ତାଙ୍କ ଭିତିରି ସମ୍ପର୍କର ଗୁମର ଫିଟିଯିବା ଭୟରେ। ମାସ ଶେଷରେ ନୂଆ ଜାତୀୟ ଶିକ୍ଷା ନୀତିକୁ କ୍ୟାବିନେଟ ଅନୁମୋଦିତ କରିଥିବାବେଳେ ପଞ୍ଜାବରେ ୧୨୧ ଜଣଙ୍କ ଜୀବନ ନେଇଥିଲା ବିଷାକ୍ତ ମଦ। ଅଗଷ୍ଟ ୫ରେ ରାମମନ୍ଦିର ନିର୍ମାଣ ପାଇଁ ଆଧାରଶିଳା ରଖିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାର ଦୁଇଦିନ ପରେ କେରଳରେ ଘଟିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଦୁର୍ଘଟଣାରେ ୧୯ ଏବଂ ଭୂସ୍ଖଳନରେ ୨୪ ଜଣଙ୍କ ମୃତ୍ୟୁ ହୋଇଥିଲା। ସେପ୍ଟେମ୍ବର ଶେଷରେ ବାବ୍ରି ମସ୍‌ଜିଦ ଭଙ୍ଗା ମାମଲାରେ ଭାଜପା ଭେଟେରାନ୍ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ସମେତ ସମସ୍ତ ୩୨ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ଅଦାଲତ ଦୋଷମୁକ୍ତ କରିବା ଥିଲା ବିଦାୟୀ ବର୍ଷର ଆଉ ଏକ ସ୍ମରଣୀୟ ଫର୍ଦ୍ଦ। ଶିବସେନା ସହ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଟୁଇଟର୍ ୱାର, ବଲିଉଡ୍‌ରେ ଡ୍ରଗ୍ସ କାରବାର, ଟିଆରପି ଜାଲିଆତି ସାଙ୍ଗକୁ ବିହାର ନିର୍ବାଚନ ଓ କୃଷକ ଆନ୍ଦୋଳନ ଥିଲା ଜାତୀୟ ଗଣମାଧ୍ୟମର ବହୁଚର୍ଚ୍ଚିତ ଖବର। ୨୦୧୯ରେ ଗୃହବନ୍ଦୀ ହୋଇଥିବା ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ୨୦୨୦ରେ ମୁକୁଳିଥିଲେ। କୋଭିଡ୍-୧୯ର ବିଶଲ୍ୟକରଣୀ ଟିକା ଏଯାଏ ଭାରତକୁ ଆସିପାରି ନାହିଁ। ବେଳ ଗଡ଼ିଯାଉଛି। କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯିବାକୁ ବସିଛି ପୁରୁଣା ବର୍ଷ। ଛାଡ଼ିଯାଉଛି ଅନେକ ବିବାଦ, ବିତର୍କ ଓ ବିପର୍ଯ୍ୟୟର ଅଲିଭା ସନ୍ତକ। କାରଣ ସମୟକୁ ତା' ଇତିହାସ ହିଁ ଗୋଡ଼ାଏ।



## କୃଷକ ଆନ୍ଦୋଳନ

**କୃ**ଷି କ୍ଷେତ୍ରରେ ସଂସ୍କାର ନାମରେ କେନ୍ଦ୍ର ସରକାର ୩ଟି ବିଲ୍‌କୁ ସେପ୍ଟେମ୍ବର ୨୭ରେ ପାର୍ଲାମେଣ୍ଟରେ ଗୃହୀତ କରାଇଥିଲେ। ସେଗୁଡ଼ିକ ହେଲା କୃଷକମାନଙ୍କ ଉତ୍ପାଦ ବିକ୍ରି ଓ ବାଣିଜ୍ୟ(ପ୍ରୋତ୍ସାହନ ଓ ସୁବିଧା) ବିଲ୍, ୨୦୨୦, ମୂଲ୍ୟ ଆଶ୍ୱାସନା ଉପରେ କୃଷକ(ସଶକ୍ତୀକରଣ ଓ ସୁରକ୍ଷା) ଚୁକ୍ତିନାମା ଓ କୃଷି ସେବା ବିଲ୍, ୨୦୨୦ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ବିଲ୍, ୨୦୨୦। କୃଷକ ସଂଗଠନ ଓ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ସତ୍ତ୍ୱେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉକ୍ତ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହି ବିବାଦୀୟ ଆଇନର ପ୍ରତିବାଦରେ ଏନ୍‌ଡିଏ ସହଯୋଗୀ ଶିରୋମଣି ଅକାଳୀ ଦଳ ମେଣ୍ଟରୁ ଓହରିଯାଇଥିଲା। ନଭେମ୍ବର ୨୬ରେ ପଞ୍ଜାବର ଚାଷୀମାନେ ହରିୟାଣା ସୀମାରେ ଏକତ୍ର ହୋଇ 'ଦିଲ୍ଲୀ ଚଲୋ' ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ଅନ୍ୟ ରାଜ୍ୟର କୃଷକ ସଂଗଠନଗୁଡ଼ିକ ଆନ୍ଦୋଳନରେ ସାମିଲ ହୋଇ ଦିଲ୍ଲୀ ସୀମାବର୍ତ୍ତୀ ବିଭିନ୍ନ ସ୍ଥାନରେ ଡେରା ପକାଇଥିଲେ। ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିଥିବାବେଳେ ଏହାର ସମାଧାନର ସୂତ୍ର ବାହାରି ପାରିନାହିଁ। ଇତିମଧ୍ୟରେ ସରକାର କୃଷକ ସଂଘ ନେତାମାନଙ୍କ ସହ ୫ ପର୍ଯ୍ୟାୟ ଆଲୋଚନା କରିସାରିଲେଣି। ଆଇନରେ ସଂଶୋଧନ ପାଇଁ କେନ୍ଦ୍ର ପ୍ରସ୍ତାବ ଦେଇଥିଲେ ହେଁ ତାହାକୁ ଚାଷୀ ସଂଗଠନ ଆଇନ ପ୍ରତ୍ୟାହାର ଦାବିରେ ଅଟଳ ରହିଛନ୍ତି। ସେମାନଙ୍କ ଆନ୍ଦୋଳନକୁ ବିଭିନ୍ନ ବିରୋଧୀ ଦଳ ସମେତ ଟ୍ରେଡ୍ ୟୁନିୟନଗୁଡ଼ିକ ସମର୍ଥନ ଦେଇଛନ୍ତି। ଡିସେମ୍ବର ୮ରେ 'ଭାରତ ବନ୍ଦ' ପାଳନ କରାଯିବା ସହ ୧୪ରେ ଚାଷୀମାନେ ଉପବାସ କରିଥିଲେ।

# ବିବାଦୀୟ ବିତର୍କିତ

## ଫାଶୀ ଖୁଣ୍ଟରେ ବଳାତ୍କାରୀ



୨୦୨୦ ମାର୍ଚ୍ଚ ୨୦ ଶୁକ୍ରବାର ସକାଳ ୫ଟା ୩୦ ମିନିଟ। ଏହି ସକାଳରେ ଦେଶରେ ଉଇଁଥିଲା ନୂଆ ସୂର୍ଯ୍ୟ। ହେଲେ ସୂର୍ଯ୍ୟୋଦୟ ଦେଖିବାକୁ ଆଉ ଜୀବିତ ନ ଥିଲେ ନିର୍ଭୟାଙ୍କ ବଳାତ୍କାରୀ ଓ ହତ୍ୟାକାରୀମାନେ। ଯୌନରାକ୍ଷସ ମୁକେଶ ସିଂ (୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା (୨୬) ଓ ଅକ୍ଷୟ କୁମାର ସିଂ (୩୧)ଙ୍କୁ ଦୀର୍ଘ ସାତ ବର୍ଷ ପରେ ଦିଲ୍ଲୀସ୍ଥିତ ତିହାର ଜେଲରେ ଫାଶୀଖୁଣ୍ଟରେ ଝୁଲାଇ ଚିରନିଦ୍ରାରେ ଶୁଆଇ ଦିଆଯାଇଥିଲା। ବଳାତ୍କାରର ପରିଣାମ ଫାଶୀ ଛଡ଼ା କିଛି ନୁହେଁ ବୋଲି ଏକ ସୁଦୂରପ୍ରସାରୀ ସନ୍ଦେଶ ଦିଆଗଲା। ଏହି ନୂତନ ସୂର୍ଯ୍ୟୋଦୟକୁ କେବଳ ନିର୍ଭୟାଙ୍କ ମା' ନୁହନ୍ତି, ବରଂ ଅପେକ୍ଷା କରିଥିଲା ସାରା ଭାରତ। ଆଇନର ଫାଙ୍କ ଦେଇ ଦୋଷୀଙ୍କୁ ବଞ୍ଚାଇବା ପାଇଁ ବିଚକ୍ଷଣ ଓକିଲ ଏ.ପି. ସିଂଙ୍କ ସବୁ ଚାଲ୍ ଫେଲ୍ ମାରିଥିଲା। ଫାଶୀକୁ ନେଇ ସମଗ୍ର ପ୍ରକରଣ ଥିଲା ଅତ୍ୟନ୍ତ ବିବାଦୀୟ।

## ନମସ୍ତେ ଟ୍ରମ୍ପ୍‌ରୁ ଅପରିଚ୍ଛନ୍ନ ଭାରତ

ଫେବୃୟାରୀ ୨୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପରିବାର ସଦସ୍ୟଙ୍କ ସହ ଦୁଇଦିନିଆ ଭାରତ ଗସ୍ତରେ ଆସିଥିବାବେଳେ ତାଙ୍କଉଦ୍ଦେଶ୍ୟରେଗୁଜରାଟରଅହମଦାବାଦସ୍ଥିତ ସର୍ଦ୍ଦାର ପଟେଲ ଷ୍ଟାଡିୟମରେ ଭବ୍ୟ ଆୟୋଜନ କରାଯାଇଥିଲା। ଆମେରିକାର ଟେକ୍ସାସ୍ଥିତ ହ୍ୟୁଷ୍ଟନ ସହରରେ 'ହାଓଡି ମୋଦି' ଶୈଳୀରେ ଆୟୋଜିତ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମର ସାକ୍ଷୀ ହୋଇଥିଲେ ଲକ୍ଷାଧିକ ଲୋକ। ଆମେରିକାରେ ଆଗକୁ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ସେଠାରେ ଥିବା ଭୋଟରଙ୍କୁ ଏହି ରିପବ୍ଲିକାନ୍ ନେତାଙ୍କ ସପକ୍ଷକୁ ଟାଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ଟ୍ରମ୍ପ୍ ଆମେରିକା ଫେରିବା ପରେ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥ ହେବାକୁ ଅନେକ ଥର ଅବାଞ୍ଛିତ ଆଗ୍ରହ ଦେଖାଇଥିଲେ। ଅକ୍ଟୋବର ୨୩ରେ ସେ ନିର୍ବାଚନ ପ୍ରଚାର ବେଳେ ଭାରତକୁ ଅପରିଚ୍ଛନ୍ନ କହି ବିବାଦୀୟ ହୋଇଥିଲେ।





## ହତ୍ୟା ନା ଆତ୍ମହତ୍ୟା

**ବ**ଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ପୂରିଛି ୬ ମାସ। କିନ୍ତୁ ଏ ପର୍ଯ୍ୟନ୍ତ ଖୋଲିପାରିନି ମୃତ୍ୟୁ ପଛର ରହସ୍ୟ। ୧୪ ଜୁନ୍‌ରେ ତାଙ୍କ ମୃତଦେହ ମୁମ୍ବାଇସ୍ଥିତ ଫ୍ଲାଟରେ ଝୁଲୁଥିବା ଅବସ୍ଥାରେ ଜବତ କରାଯାଇଥିଲା। ପ୍ରଥମେ ଏହାକୁ ଆତ୍ମହତ୍ୟା କୁହାଯାଉଥିଲା। କିନ୍ତୁ ପରେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ଜୋର ଧରିଲା। ତାଙ୍କ ଗର୍ଲଫ୍ରେଣ୍ଡ ରିଆ ଚକ୍ରବର୍ତ୍ତୀଙ୍କ ନାମ ଅଭିଯୁକ୍ତଙ୍କ ତାଲିକାରେ ଟପ୍‌ରେ ଥିଲା। ରିଆ ହିଁ ପ୍ରକୃତ ଦୋଷୀ ବୋଲି ସୁଶାନ୍ତଙ୍କ ପ୍ରଶଂସକମାନେ ପ୍ରଚାର କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବାରେ ଲାଗିଲେ। ମୁମ୍ବାଇ ପୋଲିସ ପ୍ରଥମେ ମାମଲାର ଯାଞ୍ଚ କରୁଥିଲେ ହେଁ ଘଟଣାର ସିବିଆଇ ତଦନ୍ତ ଦାବି ଜୋର ଧରିଥିଲା। ପରେ ସିବିଆଇକୁ ତଦନ୍ତ ଭାର ମଧ୍ୟ ମିଳିଲା। 'ଜଷ୍ଟିସ୍ ଫର୍ ସୁଶାନ୍ତ' ନାରା ସୋସିଆଲ ମିଡିଆରେ ଛାଇଗଲା। ବଲିଉଡରେ ନେପୋଟିଜିମ୍‌ଠାରୁ ଆରମ୍ଭ କରି ଗୁଣ୍ଡାରାଜ୍ ପର୍ଯ୍ୟନ୍ତ କଥା ବେଶ୍ ସମାଲୋଚନାର ଶିକାର ହେଲା। ଡ୍ରଗ୍ସ ଜାଲରେ ମଧ୍ୟ ବଲିଉଡ୍ ଫସିଲା। ରିଆ, ସୁଶାନ୍ତଙ୍କ ସମ୍ପର୍କୀୟଙ୍କ ସମେତ ପ୍ରାୟ ୭୦ରୁ ଅଧିକ ଲୋକଙ୍କୁ ପଚରାଉଚରା ପରେ ବି ଏ ଯାଏ ସିବିଆଇ ତାର କାମ ସମ୍ପୂର୍ଣ୍ଣ କରିପାରିନି। ଏପରିକି ଏହା ଆତ୍ମହତ୍ୟା କି ହତ୍ୟା ତାହା ମଧ୍ୟ ଠିକ୍ ଭାବେ ସିବିଆଇ ତଦନ୍ତରୁ ସାମ୍ନାକୁ ଆସିପାରିନି। ରିଆ ସୁଶାନ୍ତଙ୍କ ୧୫ କୋଟି ଟଙ୍କା ଠକେଇ କରିଥିବା ମାମଲାରେ ମଧ୍ୟ କୌଣସି ପ୍ରମାଣ ସିବିଆଇ ହାତରେ ଲାଗିନି। ଏ ସବୁ ଭିତରେ ଏବେ ଘଟଣା ପୁରା ଶାନ୍ତ ପଡିଯାଇଛି। ଏହି ୬ ମାସ ମଧ୍ୟରେ ସୁଶାନ୍ତଙ୍କ ତଦନ୍ତ ପାଦେ ବି ଆଗେଇ ପାରିନି ବୋଲି କୁହାଯାଇପାରେ।

## ଡ୍ରଗ୍ସ ଜାଲରେ ବଲିଉଡ୍



**ସୁ**ଶାନ୍ତଙ୍କ ମୃତ୍ୟୁ ପରେ ବିବାଦରେ ଫସି ଚାଲିଥିଲା ବଲିଉଡ୍। ନେପୋଟିଜିମ୍, ଗୁଣ୍ଡାରାଜ, ଡ୍ରଗ୍ସ ଭଳି ମାମଲାରେ ବଲିଉଡ୍‌ର ପ୍ରମୁଖ ଚେହେରା ବେଶ୍ ସମାଲୋଚନାର ଶରବ୍ୟ ପାଲଟିଥିଲେ। ସୁଶାନ୍ତଙ୍କ ମୃତ୍ୟୁ ପଛରେ ନେପୋଟିଜିମ୍ ମୁଖ୍ୟ କାରଣ ଥିବା ନେଇ ତାଙ୍କ ପ୍ରଶଂସକମାନେ ଅଭିଯୋଗ ଆଣିବା ସହ ଫିଲ୍ମ ନିର୍ମାତା ମହେଶ ଭଟ୍ଟ, କରନ ଜୋହରଙ୍କ ସମେତ ଯଶ ରାଜ ଫିଲ୍ମ ବ୍ୟାନର ବିରୋଧରେ ସ୍ୱର ଉଠାଇଥିଲେ। ରିପବ୍ଲିକ୍ ଟିଭି ସୁଶାନ୍ତଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ ଦୋଷୀ ସଜାଇ ଜେଲ୍‌କୁ ପଠାଇବାରେ ସଫଳ ହୋଇଥିଲା। ଇତିମଧ୍ୟରେ 'ବୟକଟ୍ ବଲିଉଡ୍' ଟ୍ରେଣ୍ଡ ଆରମ୍ଭ ହୋଇଯାଇଥିଲା। ସିବିଆଇ ଯାଞ୍ଚ ବେଳେ ରିଆଙ୍କ ମୋବାଇଲରେ ଡ୍ରଗ୍ସ କାରବାର ନେଇ ଜଣାପଡିବା ପରେ ମାମଲା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ହାତକୁ ଯାଇଥିଲା। ଏଥିରେ ବଡ଼ ବଡ଼ ଷ୍ଟାର ଦୀପିକା ପାଦୁକୋନ୍, ସାରା ଅଲି ଖାନ, ଶ୍ରଦ୍ଧା କପୁରଙ୍କ ସମେତ ରକୁଲ ପ୍ରୀତ ସିଂ, ଅର୍ଜୁନ ରାମପାଲ, କମେଡିଆନ ଭାରତୀ ସିଂ ପ୍ରମୁଖଙ୍କ ନାଁ ରହିଛି। ବଲିଉଡ୍ କୁଇନ କଙ୍ଗନା ରାଣାଓ୍ୱତ ବିଷ ଓଗାଳି ବିବାଦ ଘେରକୁ ଚାଲି ଆସିଥିଲେ। ମୁମ୍ବାଇ ପୋଲିସ ଓ ମହାରାଷ୍ଟ୍ର ସରକାର ଦୋଷୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରିବା ପରେ ଉଦ୍ଧବ ଠାକ୍‌ରେ ସରକାର ତାଙ୍କ ପଛରେ ପଡ଼ିଯାଇଥିଲେ। ଏପରିକି କଙ୍ଗନା ବେଆଇନ ଭାବେ ଅଫିସ ନିର୍ମାଣ କରିଥିବା ଦର୍ଶାଇ ବିଏମ୍‌ସି ପକ୍ଷରୁ ପାଚେରି ଭାଙ୍ଗି ଦିଆଯାଇଥିଲା। ସେହିପରି ଦିଲ୍‌ଜିତ, ଉର୍ମିଳା, ସ୍ୱରା, କୁନାଲା କାମରାନ୍, ତାପସୀ ପନ୍ନୁଙ୍କ ସହ ମଧ୍ୟ କଙ୍ଗନା ଟୁଇଟ୍ ଯୁଦ୍ଧରେ ମାତିଥିଲେ।



## ଅଭୂତପୂର୍ବ ଅଚଳାବସ୍ଥା



**ମ**ହାମାରୀ କରୋନାର ଚେର ଭାରତକୁ ଲମ୍ବିଥିବା ୨୦୨୦ ଜାନୁୟାରୀ ୩୦ରେ ଜଣାପଡ଼ିଥିଲା। ଏହି ଦିନ ଦେଶର ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ କେରଳର ଥ୍ରିସୁରରେ। ସମ୍ପୃକ୍ତ ଛାତ୍ର ଜଣକ ଚାଇନାର ଉହାନ ୟୁନିଭର୍ସିଟିରେ ପାଠ ପଢୁଥିବାବେଳେ ସେଠାରୁ ଘରକୁ ଫେରିଥିଲେ। ମାର୍ଚ୍ଚ ୧୩ରେ ଦିଲ୍ଲୀର ନିଜାମୁଦ୍ଦିନ ମରକଜ୍‌ରେ ତବଲିଘି ଜମାତ୍ ପକ୍ଷରୁ ଆୟୋଜିତ ଧର୍ମ ସଭାରେ ସାରା ଦେଶର ବିଭିନ୍ନ ଭାଗରୁ ଯୋଗଦେଇଥିଲେ ୩୪୦୦ ସଂଖ୍ୟାଲଘୁ। ସେଇଠୁ ଦେଶବ୍ୟାପୀ ସଂକ୍ରମଣ ବୃଦ୍ଧି ପାଇଥିବା କୁହାଯାଇଥିଲା। ମାର୍ଚ୍ଚ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନତା କର୍ଫ୍ୟୁର ଆହ୍ୱାନ ଦେଇଥିଲେ। ମହାମାରୀ କରୋନା ଦେଶରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଥିଲା। ଲକ୍‌ଡାଉନ୍ ଯୋଗୁ ବହୁ ଶିଳ୍ପସଂସ୍ଥା ବନ୍ଦ ହୋଇଯିବା ପରେ ଭାରତର ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ିଯାଇଥିଲା। ସହରରେ ଜୀବିକା ହରାଇଥିବା ଲକ୍ଷ ଲକ୍ଷ ଦାଦନ ଶ୍ରମିକ ପାଦରେ ଚାଲି ଗାଁକୁ ଫେରିଥିଲେ। ମହାମାରୀ କରୋନା ଲୋକଙ୍କ ଜୀବନଶୈଳୀରେ ବଡ଼ ଧରଣର ପରିବର୍ତ୍ତନ ଆଣିଛି। ସ୍କୁଲ କଲେଜଗୁଡ଼ିକରେ ତାଲା ଝୁଲିବା ପରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଏକପ୍ରକାର ଡୋରି ବାନ୍ଧି ହୋଇଯାଇଛି। କୋଟି କୋଟି ଲୋକ ବେକାର ହୋଇଯାଇଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଅଭୂତପୂର୍ବ ଜରୁରୀ ପରିସ୍ଥିତି ଆହ୍ୱାନ ସୃଷ୍ଟି କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏପରି ଘଟଣା କେବଳ ଭାରତରେ ନୁହେଁ, ବିଶ୍ୱରେ ମଧ୍ୟ ଦେଖିବାକୁ ମିଳି ନ ଥିଲା। ବର୍ଷେ ତଳୁ ଭାଇରସ୍ ପ୍ରାଦୁର୍ଭାବ ଦେଖିବାକୁ ମିଳିଥିବାବେଳେ ଏଯାଏ ଦେଶବାସୀ ଏହାର ଭାକ୍ସିନ ପାଇନାହାନ୍ତି। ସଂକ୍ରମିତଙ୍କ ମୃତ୍ୟୁସଂଖ୍ୟା ଦେଢ଼ଲକ୍ଷ ଛୁଇଁବାକୁ ଯାଉଛି।

## ଚାଇନା ସହ ସଂଘର୍ଷ

**ଭା**ରତ ଓ ଚାଇନା ମଧ୍ୟରେ ଦୀର୍ଘଦିନରୁ ସୀମା ବିବାଦ ଲାଗି ରହିଥିବାବେଳେ ଚଳିତ ବର୍ଷ ଏହା ସଂଘର୍ଷର ରୂପ ନେଇଥିଲା। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ମେ' ୫ରୁ ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଲଦାଖର ବିବାଦୀୟ ପୋଙ୍ଗଙ୍ଗ ହ୍ରଦ, ତିବ୍ବତ ସ୍ୱୟଂଶାସିତ ଅଞ୍ଚଳ ଏବଂ ସିକିମ ଓ ତିବ୍ବତ ସୀମା ନିକଟରେ ବିରୋଧ ତୀବ୍ରତର ହୋଇଥିଲା। ଚାଇନାର ପିଏଲ୍ଏ ସୈନ୍ୟ ଗଲୱାନ ନଦୀ ଉପତ୍ୟକାରେ ଭାରତର ରାସ୍ତା ନିର୍ମାଣକୁ ବିରୋଧ କରିଥିଲେ। ଜୁନ୍ ୧୫ ରାତିରେ ଗଲ୍‌ୱାନ ଉପତ୍ୟକାରେ ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତୀୟ ସେନାର ଜଣେ ଅଫିସରଙ୍କ ସମେତ ୨୦ ଜଣ ଶହୀଦ ହୋଇଥିଲେ। ଚାଇନା ସୈନ୍ୟ ମୃତାହତ ସମ୍ପର୍କରେ ବେଜିଂ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ଦୁଇ ଦେଶ ସୀମାରେ ସେମାନଙ୍କର ଉପସ୍ଥିତି ଓ ଭିତ୍ତିଭୂମି ସୁଦୃଢ଼ କରିବାରେ ଲାଗିଛନ୍ତି। ଦୀର୍ଘ ୪୫ ବର୍ଷ ପରେ ସେପ୍ଟେମ୍ବର ୭ରେ ପ୍ରଥମ ଥର ପାଇଁ ଏଲ୍ଏସିରେ ଗୁଳି ଫୁଟିଥିଲା। ଏଥିପାଇଁ ଉଭୟ ପକ୍ଷ ପରସ୍ପରକୁ ଦାୟୀ କରିଥିଲେ। ବିବାଦର ସମାଧାନ ଲାଗି ଉଭୟ ସାମରିକ ଓ କୂଟନୈତିକ ସ୍ତରରେ ବିଭିନ୍ନ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ହେଁ ସମାଧାନର ପନ୍ଥା ବାହାରିନାହିଁ।



## ବିବାଦରେ ଏନ୍‌କାଉଣ୍ଟର



**ଉ**ତ୍ତରପ୍ରଦେଶ କାନପୁରର କୁଖ୍ୟାତ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କର ଜୁଲାଇ ୧୦ରେ ପୋଲିସ ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଥିଲା। ତାଙ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ଥିଲା। ସେ ଜଣେ ମନ୍ତ୍ରୀଙ୍କ ହତ୍ୟାକାଣ୍ଡରେ ମଧ୍ୟ ସମ୍ପୃକ୍ତ ଥିଲେ। ରାଜନୀତି ସହ ସମ୍ପୃକ୍ତ ଥିବାରୁ ଅନେକ ଗୁରୁତର ଅପରାଧ ମାମଲାରୁ ସେ ଦୋଷମୁକ୍ତ ହୋଇଥିଲେ। ଜୁଲାଇ ୩ରେ ପୋଲିସ ତାଙ୍କୁ ଗିରଫ କରିବାକୁ ଯାଉଥିବାର ଆଗୁଆ ଖବର ପାଇ ସେ ଓ ତାଙ୍କ ସହଯୋଗୀ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଜଣେ ଡିଏସ୍‌ପିଙ୍କ ସମେତ ୮ ପୋଲିସ ପ୍ରାଣ ହରାଇଥିଲେ ଓ ୭ ଜଣ ଆହତ ହୋଇଥିଲେ। ତାଙ୍କୁ ଧରାଇଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଥିଲା। ଶେଷରେ ଜୁଲାଇ ୯ରେ ଉଜ୍ଜୟିନୀରୁ ବିକାଶ ଗିରଫ ହୋଇଥିଲେ। ଆଣିବା ବାଟରେ ତାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାର ସୁଯୋଗରେ ସେ ଖସିଯିବାକୁ ଉଦ୍ୟମ କରିବାରୁ ପୋଲିସ ଏନ୍‌କାଉଣ୍ଟର କରିଥିବା କହିଥିଲା।

## ଟିଆର୍‌ପି ଖେଳ




**ଅ**କ୍ଟୋବର ୮ରେ ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ଖବରଦାତା ସମ୍ମିଳନୀ ଡାକି ଏକ ବଡ଼ଧରଣର ପର୍ଦ୍ଦାଫାଶ ସମ୍ପର୍କରେ ସୂଚନା ଦେଇଥିଲେ। ଅର୍ଣ୍ଣବ ଗୋସ୍ୱାମୀଙ୍କ ରିପବ୍ଲିକ୍ ଟିଭି ସମେତ ଆଉ କେତେକ ଚ୍ୟାନେଲର ଟେଲିଭିଜନ ରେଟିଂସ୍ ପଏଣ୍ଟସ୍ (ଟିଆର୍‌ପି) ବଢ଼ାଯାଇଥିବା ସେ ଦାବି କରିଥିଲେ। ଟିଆର୍‌ପି ବୃଦ୍ଧି ପାଇଁ ଉକ୍ତ ଚ୍ୟାନେଲଗୁଡ଼ିକ ହଂସା ଗ୍ରୁପ୍ ଜରିଆରେ ଦର୍ଶକଙ୍କୁ ଟଙ୍କା ଦେଇ ସବୁବେଳେ ଚ୍ୟାନେଲ ଅନ୍ ରଖିବାକୁ କହୁଥିବା ଅଭିଯୋଗ ଆସିଥିଲା। ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ଏହାର ତଦନ୍ତ କରି ୧୨ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ଅଛନ୍ତି ରିପବ୍ଲିକ୍ ଟିଭିକୁ ଚଳାଉଥିବା ଏଆର୍‌ଜି ଆଉଟଲିୟର ମିଡିଆ ପ୍ରାଇଭେଟ୍ ଲିମିଟେଡର ଡିଷ୍ଟ୍ରିବ୍ୟୁଶନ ମୁଖ୍ୟ ଘନଶ୍ୟାମ ସିଂ, ରିପବ୍ଲିକ୍ ଟିଭି ସିଇଓ ବିକାଶ ଖାନ୍‌ଚନ୍ଦାନୀ ଏବଂ ସିଓଓ ପ୍ରିୟା ମୁଖାର୍ଜୀ। ସେମାନେ ଉକ୍ତ ଦୁର୍ନୀତିରୁ ଫାଇଦା ହାସଲ କରିବା ସହ ଅପରାଧ ସମ୍ପର୍କରେ ଜାଣିଥିଲେ। ଫକ୍ତ ମରାଠୀ, ବକ୍ସ ସିନେମା, ନ୍ୟୁଜ୍ ନେଶନ, ମହାମୁଭି ଏବଂ ୱା ମ୍ୟୁଜିକ୍ ଚ୍ୟାନେଲର ଟିଆର୍‌ପି ଜାଲିଆତିରେ ଭୂମିକା ସମ୍ପର୍କରେ ତଦନ୍ତ ଚାଲିଛି। ଏହି ମାମଲାରେ ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍ସିଲ (ବିଏଆର୍‌ସି) ମଧ୍ୟ ବିବାଦ ଘେରକୁ ଟାଣି ହୋଇଯାଇଛି।

## ବ୍ରୁ ଶରଣାର୍ଥୀ ସମସ୍ୟା



୧୯୯୭ରେ ମିଜୋରାମରେ ଜାତିଆଣ ଉତ୍ତେଜନାକୁ ନେଇ ପ୍ରାୟ ୩୦ ହଜାର ବ୍ରୁ-ରେଆଙ୍ଗ ଆଦିବାସୀ ତ୍ରିପୁରା ପଳାଇଆସି ବିଭିନ୍ନ ଶରଣାର୍ଥୀ ଶିବିରରେ ରହିଥିଲେ। ସେମାନଙ୍କ ସ୍ଥାୟୀ ଥଇଥାନ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଜାନୁୟାରୀରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷର କରିଥିଲେ। କେନ୍ଦ୍ର ସରକାର, ତ୍ରିପୁରା, ମିଜୋରାମ ଓ ବ୍ରୁ ଆଦିବାସୀଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ତେବେ ଏତେ ସଂଖ୍ୟାରେ ଆଦିବାସୀଙ୍କୁ କାଞ୍ଚନପୁର ସବ୍‌ଡିଭିଜନରେ ଥଇଥାନକୁ ସ୍ଥାନୀୟ ଜନସାଧାରଣ ବିରୋଧ କରିଥିଲେ। ଚୁକ୍ତି ସ୍ୱାକ୍ଷରର ୧୧ ମାସ ପରେ ନଭେମ୍ବର ୨୧ରେ ଉତ୍ତର ତ୍ରିପୁରା ଜିଲାର ପନିସାଗରରେ ମିଳିତ ଆନ୍ଦୋଳନ କମିଟି ଏହା ବିରୋଧରେ ବିକ୍ଷୋଭ କରିଥିଲା। ଆନ୍ଦୋଳନ ହିଂସାତ୍ମକ ରୂପ ନେବା ସହ ପୋଲିସ ଗୁଳିରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

## ତ୍ରିରଙ୍ଗା ଧରିବି ନାହିଁ



୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଯିବାବେଳେ ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ କରାଯାଇଥିଲା। ଓମାର ଓ ଫାରୁକ୍‌ଙ୍କୁ ପରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଯୋଗୁ ଅକ୍ଟୋବର ୧୩ରେ ପିଡିପି ମୁଖ୍ୟ ମେହବୁବାଙ୍କୁ ମୁକ୍ତ କରାଯାଇଥିଲା। ଧାରା ୩୭୦ ଫେରସ୍ତ ଅଭିଯାନକୁ ଜୋର୍‌ଦାର କରିବା ପାଇଁ ଫାରୁକ୍‌ଙ୍କ ନେତୃତ୍ୱରେ ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ୍ ନାମରେ ରାଜନୈତିକ ମେଣ୍ଟ ଗଠନ କରାଯାଇଥିଲା। ମୁକ୍ତ ହେବାର ୧୦ ଦିନ ପରେ ମେହବୁବା କହିଥିଲେ, ଜମ୍ମୁ-କଶ୍ମୀରକୁ ସ୍ୱାୟତ୍ତତା ନ ଫେରାଇବା ଯାଏ ହାତରେ ତ୍ରିରଙ୍ଗା ପତାକା ଧରିବେ ନାହିଁ।

## ରାମ ମନ୍ଦିର ଶିଳାନ୍ୟାସ



ରାମଙ୍କ ଜନ୍ମସ୍ଥାନ ଭାବେ ପରିଚିତ ଉତ୍ତରପ୍ରଦେଶର ଅଯୋଧ୍ୟାରେ ବହୁ ପ୍ରତୀକ୍ଷିତ ଭବ୍ୟ ମନ୍ଦିର ନିର୍ମାଣ ଲାଗି ଅଗଷ୍ଟ ୫ରେ ଶିଳାନ୍ୟାସ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ରୁପା ଇଟା ରଖି ମନ୍ଦିରର ଶିଳାନ୍ୟାସ କରିଥିଲେ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ମନ୍ଦିର ନିର୍ମାଣ ଦାୟିତ୍ୱ ନେଇଛି। କରୋନା କଟକଣା ଯୋଗୁ ମାତ୍ର ୧୭୫ ଜଣ ଅତିଥିଙ୍କୁ ଉତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍ଏସ୍ ମୁଖ୍ୟ ମୋହନ ଭାଗବତ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଯୋଗଦେଇଥିଲେ। ତେବେ ଅଯୋଧ୍ୟା ମାମଲାର ମୁସଲମାନ ପକ୍ଷ ଏଥିରେ ସାମିଲ ହୋଇ ନ ଥିଲେ। ପାକିସ୍ତାନ ସମେତ କେତେକ ଇସଲାମିକ ରାଷ୍ଟ୍ର ଏହାକୁ ବିରୋଧ କରିଥିଲେ।

## ଚୋରି ମୋବାଇଲ କିଣି ଜେଲ ଗଲେ

ଭୁବନେଶ୍ୱର, (ବ୍ୟୁରୋ): କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀ ଚୋରି ମୋବାଇଲ କିଣିବା ଅଭିଯୋଗରେ ପୋଲିସ ଗିରଫ କରି ଜେଲ ପଠାଇଛି। ସେ ହେଲେ ପୁରୀ ସଦର ଥାନା ଅଞ୍ଚଳର ମାନସ ସେଠୀ। ୟୁନିଟ-୮ ଅଞ୍ଚଳର ତନୁଜା ରାଉତରାଏ ତାଙ୍କ ସ୍ୱାମୀଙ୍କ ସହ ଏଜି ଛକରେ ସ୍କୁଟିରେ ଯାଉଥିବା ବେଳେ ୨ ଲୁଟେରା ପିଛା କରି ମୋବଇଲ ଛଡ଼ାଇ ନେଇଯାଇଥିବା ତନୁଜା ଅଭିଯୋଗ କରିଥିଲେ। ଅଭିଯୁକ୍ତ ଲୁଟେରା ଜଣଙ୍କ ଏକ ବାଇକରେ ଆସି ଟଙ୍କା ଚୋରି ହୋଇଯାଇଥିବାର ଆଳ ଦେଖାଇ ୩୦ ହଜାର ଟଙ୍କାର ଦାମୀ ମୋବଇଲ ୬ହଜାର ଟଙ୍କାରେ ବିକ୍ରି ପାଇଁ କହିବାରୁ ମାନସ ସାଢେ ୪ ହଜାର ଟଙ୍କାରେ କିଣିଥିଲେ। ପୋଲିସ ମୋବାଇଲ ଟ୍ରାକିଂ କରି ମାନସକୁ ଧରିଥିଲେ।

# ମନା ନାହିଁ ପତିତପାବନ ଦର୍ଶନ

**ପୁରୀ ଅଫିସ, ୨୦।୧୨**



ବ୍ୟାରିକେଡ, ଟ୍ରାଫିକ ବ୍ୟବସ୍ଥା ନେଇ ଅଧିକାରୀମାନଙ୍କ ସହ ଏସ୍‌ପି ଆଲୋଚନା କରୁଛନ୍ତି ।

### ସ୍ଥାନୀୟ ଲୋକଙ୍କୁ ପାର୍କିଂ ଫି' ଛାଡ଼

- ପାଦଚଲା କରିଡର ଦେଇ ଶ୍ରୀମନ୍ଦିରକୁ ଯିବେ ଶ୍ରଦ୍ଧାଳୁ
- ନିର୍ମାଣ ଚାଲିଛି ବ୍ୟାରିକେଡ୍, କାମ ଅନୁଧ୍ୟାନ କଲେ ଏସ୍‌ପି

କରୋନା ମହାମାରୀ ଯୋଗୁ ଦୀର୍ଘ ୯ମାସ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ଆସନ୍ତା ୨୩ ତାରିଖରୁ ଖୋଲିବ। ୨୩ ଓ ୨୪ ତାରିଖରେ ସେବାୟତ ପରିବାରଙ୍କ ଦର୍ଶନ ପରେ ପୁରୀ ସହରବାସୀଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଏଥିଲାଗି ଏଯାବତ ପ୍ରଶାସନ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁଅର (ଏସ୍‌ଓପି) ଜାରି ହୋଇ ନ ଥିଲେ ମଧ୍ୟ ଟ୍ରାଫିକ ବ୍ୟବସ୍ଥା ନେଇ ପୋଲିସ ପ୍ରଶାସନ ଜୋରଦାର ପ୍ରସ୍ତୁତି ଚଳାଇଛି। ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳରେ ବ୍ୟବସ୍ଥା କରାଯିବା ସହ ମାର୍କେଟ ଛକଠାରୁ ବ୍ୟାରିକେଡ୍ ନିର୍ମାଣ କରାଯାଉଛି। ରବିବାର ପୁରୀ ଏସ୍‌ପି କନୱର ବିଶାଲ ସିଂ ଏହି ବ୍ୟାରିକେଡ୍ ନିର୍ମାଣ ଓ ପାର୍କିଂ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପତିତପାବନ ଦର୍ଶନ ଉପରେ କୌଣସି କଟକଣା ଲାଗୁ କରାଯାଇନାହିଁ। ତେଣୁ ଶ୍ରଦ୍ଧାଳୁମାନେ ବିନା ଦ୍ୱିଧାରେ ପତିତପାବନଙ୍କ ଦର୍ଶନ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପୁରୀବାସୀଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ଜିଲା ପୋଲିସ ଆବଶ୍ୟକ ପଦକ୍ଷେପ ନେଉଛି। ଜଗନ୍ନାଥବଲ୍ଲଭକୁ ୩ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗକୁ ଦୁଇଚକିଆ ଯାନ ପାଇଁ ରଖାଯାଇଥିବାବେଳେ ଅନ୍ୟ ଭାଗଟି କାର୍ ପାର୍କିଂ ଲାଗି ଉଦ୍ଦିଷ୍ଟ ରହିଛି। ସେହିପରି ଅନ୍ୟ ଏକ ଭାଗରେ କାଉଣ୍ଟର ଖୋଲାଯିବ। ସେଠାରେ ଲୋକେ ପହଞ୍ଚି ନିଜ ପରିବାର ସଦସ୍ୟଙ୍କ ପରିଚୟପତ୍ର ଦେଖାଇ ଟୋକନ୍ ସଂଗ୍ରହ କରିବେ। ସ୍ଥାନୀୟ ଅଞ୍ଚଳର ଲୋକେ ସାଧାରଣତଃ ଦୁଇଚକିଆ ଯାନ ଯୋଗେ ଦର୍ଶନ ପାଇଁ ଆସିବେ ବୋଲି ଅନୁମାନ କରି ପ୍ରଶାସନ ଦୁଇଚକିଆ ଗାଡ଼ିର ପାର୍କିଂ ଫି ଛାଡ଼ କରିଛି। ସେହିପରି ସେବାୟତ କିମ୍ବା ସ୍ଥାନୀୟ ଲୋକେ ନିର୍ଦ୍ଦିଷ୍ଟ ତାରିଖରେ ମନ୍ଦିର ଯିବା ନେଇ ପ୍ରଶାସନ ସ୍ଥିର କରିଛି, ମାତ୍ର ପତିତପାବନ ଦର୍ଶନ ଉପରେ କୌଣସି କଟକଣା ଜାରି କରାଯାଇନାହିଁ। ଯେ କେହି ଶ୍ରଦ୍ଧାଳୁ ବିନା ଦ୍ୱିଧାରେ ଆସି ପତିତପାବନଙ୍କ ଦର୍ଶନ କରିପାରିବେ। ଏମାନଙ୍କ ପାଇଁ ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳରେ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍ ଥାନା ଆଇଆଇସି ଗୋକୁଳାନନ୍ଦ ଦାସ କହିଛନ୍ତି ଯେ, ମାର୍କେଟ ଛକଠାରୁ ଜିଲା ପ୍ରଶାସନ ବ୍ୟାରିକେଡ୍ ବ୍ୟବସ୍ଥା କରିଛି। ସ୍ଥାନୀୟ ଲୋକେ ଟୋକନ୍ ଧରି ଜଗନ୍ନାଥ ବଲ୍ଲଭରୁ ବାହାରିବା ପରେ ହିଁ ବ୍ୟାରିକେଡ୍ ମଧ୍ୟରେ ପ୍ରବେଶ କରିବେ। ବ୍ୟାରିକେଡ୍ ଭିତରେ ଏକ ୨୦ ଫୁଟର ପାଦଚଲା କରିଡର ନିର୍ମାଣ କରାଯାଇଛି। ଏହି କରିଡର ଭିତରେ ସେମାନେ ଚାଲି ଚାଲି ରାଜନଅରସ୍ଥିତ ମୁଖ୍ୟ ବ୍ୟାରିକେଡ୍ ପାଖରେ ପହଞ୍ଚିବେ। ସେଠାରେ ୯ଟି ବ୍ୟାରିକେଡ୍‌ରେ ଲୋକଙ୍କୁ ବିଭକ୍ତ କରାଯାଇ ମନ୍ଦିର ଭିତରକୁ ଛଡ଼ାଯିବ। ପରିଚୟପତ୍ର ଓ ଟୋକନ୍ ଦେଖାଇ ସ୍ଥାନୀୟ ଲୋକେ ମନ୍ଦିର ପ୍ରବେଶ କରିପାରିବେ ବୋଲି ଆଇଆଇସି ଦାସ ପ୍ରକାଶ କରିଛନ୍ତି।

# ୫ ସ୍ଥାନରୁ ଉଠିଲା ୪୦ ଗାଡ଼ି

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

### ସ୍ପେଶାଲ୍ ଡ୍ରାଇଭ୍‌ର ଦ୍ୱିତୀୟ ଦିନ



ଭୁବନେଶ୍ୱର ରାସ୍ତା କଡରେ ପଡିରହିଥିବା ପରିତ୍ୟକ୍ତ ଗାଡି ହଟାଇବାକୁ ନେଇ ଟ୍ରାଫିକ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରହିଛି। ରବିବାର ଦ୍ୱିତୀୟ ଦିନରେ ୫ ସ୍ଥାନରୁ ୪୦ରୁ ଊର୍ଦ୍ଧ୍ୱ ଗାଡ଼ିକୁ କ୍ରେନ୍ ସାହାଯ୍ୟରେ ଉଠାଇ ନିଆଯାଇଛି। ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡାଙ୍କ ନେତୃତ୍ୱରେ ୪ଟି ଟିମ୍ ରଥ ରୋଡ୍, ମ୍ୟୁଜିୟମ ଛକ, ବମିଖାଲ, ଦେବରାୟ କଲେଜ ଓ ନୟାପଲ୍ଲୀ ଅଞ୍ଚଳରୁ ଗାଡ଼ି ଉଠାଯାଇଥିବା ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି।

ଶନିବାର ସ୍ପେଶାଲ ଡ୍ରାଇଭ୍‌ର ପ୍ରଥମ ଦିନରେ ଟ୍ରାଫିକ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଗାଡ଼ି ଉଠାଇନେବାକୁ ମାଲିକମାନଙ୍କୁ ସଚେତନ କରାଯାଇଥିଲା। ଏହାସତ୍ତ୍ୱେ ଏସବୁ ଗାଡ଼ିଗୁଡ଼ିକ ରାସ୍ତା କଡ଼ରେ ସେମିତି ପଡିରହିଥିଲା। ଉଠାଇ ନିଆଯାଉଥିବା ଗାଡ଼ିଗୁଡ଼ିକୁ ଏକ ଡମ୍ପିଂ ୟାର୍ଡ କରାଯାଇ ରଖାଯାଉଛି। ପରେ ମାଲିକମାନେ ସେଠାରୁ ଗାଡ଼ି ନେଇପାରିବେ। ଆଗାମୀ ୫ଦିନ ପର୍ଯ୍ୟନ୍ତଏପରି ଅଭିଯାନ ଚାଲିବ। ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର କହିଛନ୍ତି, ରାସ୍ତାକଡ଼ରେ ଗାଡ଼ିଗୁଡ଼ିକ ପଡ଼ି ରହିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟିହେବା ସହ ଏଥିପାଇଁ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ଗାଡ଼ିଗୁଡିକୁ ଉଠାଇବାରେ ଜନସାଧାରଣ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଯାନବାହନ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ନଜରକୁ ଆସିଲେ ସହରବାସୀ ୧୦୦ ନମ୍ବରକୁ ଡାଏଲ୍ କରି ଜଣାନ୍ତୁ। ନ ହେଲେ ଗାଡ଼ିର ଫଟୋ ସହିତ ଠିକଣା ସମ୍ପର୍କରେ ଲେଖି କମିଶନରେଟ୍ ପୋଲିସକୁ ଫେସ୍‌ବୁକ କିମ୍ବା ଟୁଇଟର ମାଧ୍ୟମରେ ସୂଚନା ଦିଅନ୍ତୁ। ପୋଲିସ ପହଞ୍ଚି ଉକ୍ତ ସ୍ଥାନରୁ ଗାଡ଼ି ହଟାଇବ ବୋଲି ସୌମ୍ୟା କହିଛନ୍ତି।

## ସଂକ୍ଷେପରେ

### ବିଜେଡିରେ ମିଶିଲେ ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ

**ଟାଙ୍ଗୀ(କଟକ), ୨୦।୧୨(ଡି.ଏନ୍.ଏ.)**- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚପଦା ପଞ୍ଚାୟତର ୭୫ଜଣ ହିତାଧିକାରୀଙ୍କୁ ଭତ୍ତା ଓ ୧୧୩ଟି ପରିବାରକୁ ରାଶନ କାର୍ଡ ରବିବାର ବଣ୍ଟନ କରାଯାଇଛି। ନିଶ୍ଚିନ୍ତା ପାଲାମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇଥିଲେ। ପଞ୍ଚାୟତ ବିଜେଡି ସଭାପତି ନୀଳେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସାମଲ, ବ୍ଲକ ବିଜେଡି ସଭାପତି ଶ୍ରୀପତି ସାମଲ, ଜିଲା ବିଜେଡି ଉପ ସଭାପତି ଚିତ୍ତରଞ୍ଜନ ସାମଲ, ସମ୍ପାଦକ ନୀହାର ରଞ୍ଜନ ମଲ୍ଲିକ, ମହିଳା ନେତ୍ରୀ ଗୀତାଞ୍ଜଳି ସ୍ୱାଇଁ, ଯୁବନେତା ରାଜଶ ରଞ୍ଜନ ଷଡ଼ଙ୍ଗୀ, ଜନ୍ମେଜୟ ଖିଲାର, ପ୍ରଦୀପ କୁମାର ସ୍ୱାଇଁ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

### ବିଜେଡି ପ୍ରତିଷ୍ଠା ଦିବସର ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୨୦।୧୨(ଡି.ଏନ.ଏ.):** ଆସନ୍ତା ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ହେବ। ଏ ନେଇ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ପ୍ରତିଷ୍ଠା ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଦେବେନ୍ଦ୍ର ଖୁଣ୍ଟିଆ, ପ୍ରେମଚାନ୍ଦ ନାୟକ, କରୁଣାକର ସାହୁ, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ, ଅର୍ଜୁନ ପଣ୍ଡା, ଭରତ ଚନ୍ଦ୍ର ସାହୁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସୁଚିନ୍ତିତ ମତାମତ ରଖିଥିଲେ।

### ନ'ଅ ବେଢ଼ା ବରିଷ୍ଠ ନାଗରିକ ସଂଘ ବୈଠକ

**ଖୁଣ୍ଟୁଣୀ,୨୦।୧୨(ଡି.ଏନ.ଏ)**- ଆଠଗଡର ନ'ଅ ବେଢ଼ା ବରିଷ୍ଠ ନାଗରିକ ସଂଘର ୩ୟ ବାର୍ଷିକ ଉତ୍ସବ ଆସନ୍ତା ୨୪ ତାରିଖରେ ଗୁରୁଡିଝାଟିଆଠାରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ଅପରାହ୍ନରେ ପୀଠଖିଆ ସଂଘର ଅସ୍ଥାୟୀ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ବିଦ୍ୟାଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ଆୟବ୍ୟୟ ବିବରଣୀ ପାଠ କରାଯିବା ସହିତ ଆଗାମୀ ବାର୍ଷିକ ଉତ୍ସବ ପାଇଁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିରେ ସାଧାରଣ ସମ୍ପାଦକ ଶରତ ଖୁଣ୍ଟିଆ, ବିପ୍ରଚରଣ ବେହେରା, ବିଷ୍ଣୁଚରଣ ପତ୍ରି, ରାଜକିଶୋର ଖଟୁଆ, ଗୁରୁଚରଣ ପ୍ରଧାନ, ରମ୍ଭାବତୀ ସାହୁ, ଜଗନ୍ନାଥ ଧଳ, ଅନିରୁଦ୍ଧ ନନ୍ଦଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

### ଶହୀଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୨୦।୧୨**- କେନ୍ଦ୍ରର ନୂତନ କୃଷି ଆଇନ ବାତିଲ ଦାବିରେ ଚାଲିଥିବା କୃଷକ ଆନ୍ଦୋଳନର ୨୫ ଦିନରେ କେତେଜଣ କୃଷକ ଶହୀଦ ହୋଇଛନ୍ତି। ଏହି ଶହୀଦମାନଙ୍କ ସ୍ମୃତିରେ କୃଷକ ମୋର୍ଚ୍ଚା ଓ କୃଷକ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନରେ କଟକ ରେଳ ଷ୍ଟେଶନଠାରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବିନାରାୟଣ ମଲ୍ଲିକ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ପ୍ରତାପ ମହାପାତ୍ର, ବସନ୍ତ ନାୟକ, ମନମୋହନ ପତି, ଅଭୟ ସ୍ୱାଇଁ, ସସ୍ମିତା ମହାନ୍ତି, ଦୀପକ ଦାସ ଓ ଦେବେନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ ।

### ରକ୍ତଦାନ ଶିବିର

**କଟକ ଅଫିସ, ୨୦।୧୨**- ବାରବାଟୀ-କଟକ ମହିଳା ବିଜୁ ଜନତା ଦଳ ପକ୍ଷରୁ ଟାଉନହଲ୍‌ଠାରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜୀବନବିନ୍ଦୁ କାର୍ଯ୍ୟକ୍ରମର କଟକ ଜିଲା ସଂଯୋଜକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଅଭିନେତା ଅରିନ୍ଦମ ରାୟ, କଟକ ସିଟି ମୋ ପରିବାର ସଂଯୋଜକ ରଞ୍ଜନ ବିଶ୍ୱାଳ, ନଗର ସଭାପତି ମଧୁସୂଦନ ସାହୁ, ଅନୀତା ବେହେରା, ସିଦ୍ଧାର୍ଥ ରାୟ, ବିରଜା ପ୍ରସାଦ ଦାସ ଓ ବିଶାଳ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଜିଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା




**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ରାଜ୍ୟରେ ବଢ଼ିଚାଲିଥିବା ଶିଶୁ ଅପରହଣ, ହତ୍ୟା ଓ ବଳାତ୍କାର ନେଇ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ରବିବାର ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଛି। ଜିଲା ସଭାପତି ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରିବା ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ମାଷ୍ଟରକ୍ୟାଣ୍ଟିନ୍‌ରେ ପହଞ୍ଚିବାପରେ କଂଗ୍ରେସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

୨୦୧୬ ସେପ୍ଟେମ୍ବରରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରାୟ ୭୦୦୦ ନାବାଳକ ଓ ନାବାଳିକା ନିଖୋଜ ହୋଇଥିବା ନେଇ ସରକାରୀ ଡାଟା କହୁଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୫୦୫୦ଜଣ ହେଉଛନ୍ତି ନାବାଳିକା। ସେହିପରି ଘରୋଇ ହିଂସା, ମହିଳା ନିର୍ଯାତନାରେ ଓଡ଼ିଶା ଦେଶରେ ତୃତୀୟ ଥିବାବେଳେ ନାରୀ ନିର୍ଯାତନା, ଯୌନ ନିର୍ଯାତନା, ବଳାତ୍କାର, ଗଣବଳାତ୍କାର ଓ ହତ୍ୟା, ଚୋରି, ଡକାୟତି ଆଦି ଅପରାଧ ପ୍ରତିବର୍ଷ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ନେଇ ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ଏଥିରେ ଯୋଗୀନାଥ ବାହୁବଳେନ୍ଦ୍ର, ସୁବ୍ରତ ମହାପାତ୍ର, ଲିଙ୍ଗରାଜ ସାହୁ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ବସ୍ ଚାଳକ ଗିରଫ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଆର୍‌ଟିଓ-୧ ପକ୍ଷରୁ ରବିବାର ଆଚାର୍ଯ୍ୟ ବିହାରଠାରେ ଚଢ଼ାଉ କରାଯାଇ ୨ଜଣ ମଦ୍ୟପ ଚାଳକଙ୍କୁ ଧରାଯାଇଛି। ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବା ସହ ଶହୀଦନଗର ଥାନା ପୋଲିସ ତାଙ୍କୁ ଗିରଫ କରିଛି। ଏହାସହ ସଂଶୋଧିତ ମୋଟରଯାନ ଆଇନ ବଳରେ ମୋଟା ଅଙ୍କର ଜରିମାନା କରାଯାଇଛି। ଆଗକୁ ଏଭଳି ଚଢାଉ ଜୋରଦାର ହେବ ବୋଲି ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

### କ୍ୟାପିଟାଲ-୮୦ ପକ୍ଷରୁ ଚାରାରୋପଣ

**ଭୁବନେଶ୍ୱର,୨୦।୧୨**

କ୍ୟାପିଟାଲ ହାଇସ୍କୁଲର ୧୯୮୦ ବ୍ୟାଚ୍ ଛାତ୍ରମାନଙ୍କର ପୁରାତନ ଛାତ୍ର ସଂସଦ 'କ୍ୟାପିଟାଲ-୮୦' ଦ୍ୱାରା ଏହାର ୫ମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ କ୍ୟାପିଟାଲ ହସ୍ପିଟାଲ ଡାଇରେକ୍ଟର ଡ. ଲକ୍ଷ୍ମୀଧର ସାହୁ, ଡ. ବିରଞ୍ଚିନାରାୟଣ ନାୟକ, ସୁପରିଟେଣ୍ଡେଣ୍ଟ ଏବଂ ଡେପୁଟି ସୁପରିଟେଣ୍ଡେଣ୍ଟ ଡ. ଧନଞ୍ଜୟ ଦାସ ଏବଂ ଅନ୍ୟ ପ୍ରମୁଖ ଡାକ୍ତରମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ୟାପିଟାଲ ହସ୍ପିଟାଲ ପରିସରରେ ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ୟାପିଟାଲ-୮୦ ଛାତ୍ର ସଂସଦର ସାଧାରଣ ସମ୍ପାଦକ ବୈକୁଣ୍ଠ ନାଥ ତ୍ରିପାଠୀ, ଉପସଭାପତି ଶିବପ୍ରସାଦ ଦାସ, ବବିନ ମହାନ୍ତି, ଜ୍ଞାନରଞ୍ଜନ ସେନାପତି, ଦେବେନ୍ଦ୍ର ସ୍ୱାଇଁ, ଭଗବାନ ମିଶ୍ର, ନିହାର ଦାସ, ଶୁଭେନ୍ଦୁ ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତାମାନେ ସଂଯୋଜନା କରିଥିଲେ।

# ୩ ପୁସ୍ତକ ଉନ୍ମୋଚିତ

**କଟକ ଅଫିସ, ୨୦।୧୨**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସଂସଦ ପରିସରରେ ଲେଖିକା ସୋହାଗିନୀ ବେହେରାଙ୍କ 'ଅପହଞ୍ଚ ଇଲାକା' ଗଳ୍ପ ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଚାରପତି ଜଷ୍ଟିସ ବୀରକିଶୋର ମିଶ୍ର ଏହାକୁ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରକାଶକ ଗୋପାଳ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ ।

ଗୀତିକବି ଉପେନ୍ଦ୍ର ନାଥ ପାତ୍ରଙ୍କ 'ବାଣୀମା ବର ଗୀତି ନିର୍ଝର' ଓ 'ବୋଲିବା ଗୀତ ବାଣ୍ଟିବା ହିତ' ଦୁଇଟି ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଡ. କୀର୍ତ୍ତନ ନାରାୟଣ ପାଢୀ, ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ, ଆଦିତ୍ୟ ପ୍ରତାପ ଧଳ, କଟକ ଲେଖକ ସାହଯୋଗ ସମିତି ସମ୍ପାଦକ ରଘୁନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଡା. ସନ୍ଦୀପ ପାତ୍ର ଧନ୍ୟବାଦ ଦେଇଥିଲେ।

# ପୁସ୍ତକ ୟୁନିଭର୍ସ, ସୃଷ୍ଟି ଉନ୍ମୋଚିତ

**କଟକ ଅଫିସ, ୨୦।୧୨**

ବିଜ୍ଞାନ ପ୍ରଚାର ସମିତି ପକ୍ଷରୁ ଡ. ଧରଣୀଧର ଜେନାଙ୍କ ଲିଖିତ ଦୁଇଟି ପୁସ୍ତକ 'ୟୁନିଭର୍ସ' ଓ ଏହାର ଓଡ଼ିଆ ଭାଷାନ୍ତର 'ସୃଷ୍ଟି' ରବିବାର ଉନ୍ମୋଚିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ରାମକୃଷ୍ଣ ମେମୋରିଆଲ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଓ ରେଭେନ୍‌ଶା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ମିଶ୍ର ଯୋଗଦେଇ ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ବିଜ୍ଞାନ ପ୍ରଚାର ସମିତିର ପ୍ରକାଶନ ସମ୍ପାଦକ ଡ. ବିଜୟ ପଟ୍ଟନାୟକ ଓ ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ନିର୍ମଳକାନ୍ତି ସେନ ମୁଖପତ୍ର ପାଠ କରିଥିଲେ। ବିଜ୍ଞାନ ପ୍ରଚାର ସମିତି ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଡ. ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ, ସମ୍ପାଦକ ନିରଞ୍ଜନ ପାତ୍ର ସମ୍ପାଦକୀୟ ପାଠ, ଯୁଗ୍ମ ସମ୍ପାଦିକା କବିତା ପାଟ୍ଟଶାଣୀ ସଂଯୋଜନା ଓ ଡ. ଧରଣୀଧର ଜେନା ଧନ୍ୟବାଦ ଦେଇଥିଲେ।

# 'ମାତୃଶକ୍ତି ଜଗତକୁ ସଙ୍କଟରୁ ରକ୍ଷା କରିଛି'

**କଟକ ଅଫିସ, ୨୦।୧୨**

### ଡ୍ରିମ୍‌ସରେ ଇଚ୍ଛାବତୀ ରଥଙ୍କ ସ୍ମୃତିଚାରଣ

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ସ୍ୱପ୍ନଦ୍ରଷ୍ଟା ସ୍ୱର୍ଗତ ଧନେଶ୍ୱର ରଥଙ୍କ ସ୍ତ୍ରୀ ଇଚ୍ଛାବତୀ ରଥଙ୍କ ପୁଣ୍ୟତିଥି ଅବସରରେ ଏକ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ପରିସରସ୍ଥ ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ କହିଥିଲେ, ଯୁଗେଯୁଗେ ମାତୃଶକ୍ତି ହିଁ ଜଗତକୁ ସଙ୍କଟରୁ ରକ୍ଷା କରିଛି। ଧନେଶ୍ୱର ରଥ ଫାଉଣ୍ଡେଶନ କାର୍ଯ୍ୟକାରୀ ଅଧ୍ୟକ୍ଷ ବଳରାମ କର ଏଥିରେ ଅଧ୍ୟକ୍ଷତା କରିଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ. ଲଳିତ ମୋହନ ମିଶ୍ର, ଶିକ୍ଷାବିତ୍ ରୁଦ୍ର ନାରାୟଣ ମିଶ୍ର, ଅଖିଳ ମହାପାତ୍ର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସନ୍ତୋଷ କୁମାର ଧର, ପ୍ରଶାନ୍ତ ବେହେରା, ନବକିଶୋର ମିଶ୍ର, ଲୋକନାଥ ବେହେରା ଓ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବୁଥ୍‌ରେ ଗ୍ଲୋଭ୍ସ, ମାସ୍କ ବ୍ୟବସ୍ଥା ନାହିଁ

### ଜିଲା ପରିଷଦ ଉପନିର୍ବାଚନ

**କଟକ ସଦର,୨୦।୧୨(ଡି.ଏନ୍.ଏ.)**

ଆସନ୍ତା ୨୨ରେ କଟକ ଜିଲାପରିଷଦ ୭ନଂ. ଜୋନ୍ ଉପନିର୍ବାଚନ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଅନୁଷ୍ଠିତ ହେବ। ବୁଥ୍‌ରେ ସାମାଜିକ ଦୂରତା ସହ ଭୋଟରମାନଙ୍କ ଥର୍ମାଲ ସ୍କାନିଂ ଓ ସାନିଟାଇଜର ଦ୍ୱାରା ହାତ ସଫାର ବ୍ୟବସ୍ଥା ରହିଛି। ବିଧାନସଭା ନିର୍ବାଚନରେ ଭୋଟରଙ୍କୁ ଗ୍ଲୋଭ୍ସ (କେବଳ ଡାହାଣ ହାତ) ଓ ମାସ୍କ ଦିଆଯିବା ବ୍ୟବସ୍ଥା ଥିବାବେଳେ ଏହି ଉପନିର୍ବାଚନ ପାଇଁ ଏଭଳି ବ୍ୟବସ୍ଥା ନାହିଁ। ଏ ସମ୍ପର୍କରେ କଟକ ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳି କହିଛନ୍ତି, ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଗାଇଡ୍‌ଲାଇନ୍‌ରେ ଏହି ସବୁ ଜିନିଷ ଯୋଗାଇ ଦେବା ବ୍ୟବସ୍ଥା ନାହିଁ। ପ୍ରତି ବୁଥ୍‌ରେ ଭୋଟରଙ୍କ ତାପମାତ୍ରା ମାପିବା ସହ ସାନିଟାଇଜର ଦେବା ପାଇଁ ସ୍ଥାନୀୟ ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କୁ ୩୦୦ ଟଙ୍କା ଲେଖାଏ ପାରିଶ୍ରମିକ ଦିଆଯିବା ବ୍ୟବସ୍ଥା ରହିଛି। ମୋଟ୍ ୧୨୪ଟି ବୁଥ ମଧ୍ୟରୁ ୫୪ଟି ବୁଥ୍ ବିଭିନ୍ନ ଗୋଷ୍ଠୀକେନ୍ଦ୍ରରେ ହେଉଥିବାରୁ ଚେୟାର, ଟେବୁଲ ନିକଟତମ ହାଇସ୍କୁଲରୁ ଆଣିବା ବ୍ୟବସ୍ଥା ରହିଛି। ସାଧାରଣ ନିର୍ବାଚନରେ ବୁଥ୍‌ରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ରହିଥିବାବେଳେ ଏହି ଜିଲାପରିଷଦ ଉପନିର୍ବାଚନରେ ଲଣ୍ଠନ ବ୍ୟବସ୍ଥା କରାଯାଇ ମତଦାନ କେନ୍ଦ୍ରକୁ ଆଲୋକିତ କରାଯିବ। ବିଦ୍ୟାଳୟରେ ଶୌଚ ପାଇଁ ପାଇଖାନା ଥିବାବେଳେ ଗୋଷ୍ଠୀକେନ୍ଦ୍ରରେ ଏହି ସୁବିଧା ନାହିଁ। ତେଣୁ ପୋଲିଂ ପାର୍ଟିଙ୍କ ପାଖ ବିଦ୍ୟାଳୟରେ ରାତ୍ରିଯାପନ ବ୍ୟବସ୍ଥା କରାଯାଇଛି ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ଗଜାଆମ୍ବ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ

# ସାଇରାମ ସୁପରକିଙ୍ଗ୍ ଚାମ୍ପିୟନ

**ଖୁଣ୍ଟୁଣୀ,୨୦।୧୨(ଡି.ଏନ.ଏ.)**



ଅତିଥିଙ୍କ ଗହଣରେ ପଣ୍ଡା ବୁଲ ଫାଇଟର ଓ ସାଇରାମ ସୁପରକିଙ୍ଗ ଖେଳାଳି।

ଧୁରୁଷିଆ ପଞ୍ଚାୟତ ଅଧୀନ ଗଜାଆମ୍ବ ଖେଳପଡିଆରେ ଗତ ନଭେମ୍ବର ୨୧ରୁ ଆରମ୍ଭ ହୋଇଥିବା ଗଜାଆମ୍ବ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗଜାଆମ୍ବ ୟୁନାଇଟେଡ୍ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଫ୍ଲାଇଙ୍ଗ ଟାଇଗର, ପଣ୍ଡା ବୁଲ୍ ଫାଇଟର, ପାଣି ଏକାଦଶ, ସାଇରାମ ସୁପରକିଙ୍ଗ୍, ଏମ୍‌ଡି ଉୟାରିନର ଓ ମହାବୀର ଚ୍ୟାଲେଞ୍ଜର ଟିମ୍ ଭାଗ ନେଇ ପ୍ରତ୍ୟେକ ୧୦ଟି ଲେଖାଏ ମ୍ୟାଚ ଖେଳିଥିଲେ। ପଣ୍ଡା ବୁଲ ଫାଇଟର ଓ ସାଇରାମ ସୁପରକିଙ୍ଗ ମଧ୍ୟରେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ପଣ୍ଡା ବୁଲ ଫାଇଟର ବ୍ୟାଟିଂ କରିଥିଲା। ସୀମିତ ୧୦ ଓଭର ଖେଳି ୩ ଉଇକେଟ ହରାଇ ୭୩ ରନ୍ କରିଥିଲା। ଏହାର ଜବାବରେ ସାଇରାମ ସୁପରକିଙ୍ଗ ୭.୪ ଓଭରରେ ଦୁଇଟି ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏଥିରେ ମ୍ୟାନ ଅଫ ଦି ମ୍ୟାଚ ଗୁଡ୍ଡୁ ଶତପଥୀ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ତ୍ରିଲୋଚନ ଭଞ୍ଜ ବିବେଚିତ ହୋଇଥିଲେ। ଅମ୍ପେୟାର ଅଶୋକ ପ୍ରଧାନ ଓ ପ୍ରସନ୍ନ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବଟକିଶୋର ସେଠୀ, ପୂର୍ବତନ ସରପଞ୍ଚ ଶ୍ରୀକର ଜେନା, ଅଜୟ ସାହୁ, ହାଡିବନ୍ଧୁ ପଣ୍ଡା, ଦେବାଶିଷ ପଟ୍ଟନାୟକ ଓ ଲକ୍ଷ୍ମୀପ୍ରିୟା ବେହେରା ଯୋଗଦେଇ ଉଭୟ ଦଳ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ପିଟି ହତ୍ୟା

**ଯାଜପୁର ସଦର,୨୦।୧୨(ଡି.ଏନ.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ପ୍ରଶାନ୍ତ କୁମାର ଜେନା(୪୭)ଙ୍କୁ ପିଟିପିଟି ହତ୍ୟା କରାଯାଇଛି। ରବିବାର ସକାଳ ୮ଟାରେ ପ୍ରଶାନ୍ତ ଗାଁ ମୁଣ୍ଡ ବିଲରୁ ଶୌଚ ହୋଇ ଘରକୁ ଫେରିବା ବାଟରେ କେତେଜଣ ଠେଙ୍ଗା ଧରି ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପ୍ରଶାନ୍ତ ଗୁରୁତର ଆହତ ହୋଇ ପଡ଼ିଯାଇଥିଲେ। ଗାଁର କେତେଜଣଙ୍କ ଠାରୁ ଖବର ପାଇ ପରିବାର ଲୋକେ ପ୍ରଶାନ୍ତଙ୍କୁ ଉଦ୍ଧାର କରି ପ୍ରଥମେ ବରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯିବାବେଳେ ବାଟରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ପ୍ରଶାନ୍ତର ଭାଇ ଧିରେନ୍ଦ୍ରଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଥାନାରେ କେସ୍ ନଂ-୨୬୮/୨୦ରେ ମାମଲା ରୁଜୁ ହୋଇଛି। ଧିରେନ୍ଦ୍ର ପାଖ ଗ୍ରାମର ୧୦ରୁ ୧୨ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ପୋଲିସ ତଦନ୍ତ ଚଳାଇଛି।

### ଚାର୍ଜବେଳେ ମୋବାଇଲ ଫାଟି ଅଗ୍ନିକାଣ୍ଡ

**ଏମ୍.ଭି.୭୯,୨୦।୧୨(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୯ ଇରିଗେଶନ କଲୋନୀରେ ରବିବାର ଜଣେ ବ୍ୟକ୍ତିଙ୍କ ମୋବାଇଲ ଚାର୍ଜରେ ବସିଥିବା ବେଳେ ଫାଟିଯାଇ ଅଗ୍ନିକାଣ୍ଡ ଘଟିଛି। ଏହି କଲୋନୀରେ ରହୁଥିବା ବନିତା ବେହେରାଙ୍କ ଘରେ ଏପରି ଘଟଣା ଘଟିଛି। ଅଗ୍ନିକାଣ୍ଡରେ ତାଙ୍କର ବହୁ ଆସବାବପତ୍ର ପୋଡିଯାଇଛି। ବନିତାଙ୍କ ସମେତ ପଡୋଶୀ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ଅତିରିକ୍ତ ରାଜସ୍ୱ ନିରୀକ୍ଷକ କାହ୍ନୁ ଚରଣ ସାଇଁ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ଅଗ୍ନିକାଣ୍ଡରେ ୨୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଛି। ସରକାରୀ ସହାୟତା ପ୍ରଦାନ ନେଇ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯିବ ବୋଲି ସେ କହିଛନ୍ତି।

### କ୍ରେନ୍ ଧକ୍କାରେ ବୃଦ୍ଧ ମୃତ, ରାସ୍ତାରୋକୋ



**ଦେଓଗାଁ,୨୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା ନିକଟରେ ରବିବାର ସନ୍ଧ୍ୟାରେ ଏକ କ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଡାସିଂହାର ପଞ୍ଚୁ ସେଠ (୭୨)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ପରିବାର ବର୍ଗ ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରି ଟାୟାରଜାଳି କୁଡାସିଂହା-ସିନଖମନ ରାସ୍ତାକୁ ୨ଘଣ୍ଟାଧରି ଅବରୋଧ କରିଥିଲେ। ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥଇଲେ। କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ସମ୍ପୃକ୍ତ କ୍ରେନକୁ ପୋଲିସ ଜବତ କରିଥିବା ଥାନାଧିକାରୀ ରଞ୍ଜନ କୁମାର ବରିହା ସୂଚନା ଦେଇଛନ୍ତି। ସୂଚନାନୁସାରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ପଞ୍ଚୁ ନିକଟସ୍ଥ ଚାଷଜମିରୁ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା କ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର କ୍ରେନକୁ ଛାଡି ଫେରାର ହୋଇଯାଇଛନ୍ତି।

# ପରୀ ଲାଗି ଭାଜପାର ପଦଯାତ୍ରା

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

'ପରୀ'ପ୍ରସଙ୍ଗକୁ ନେଇ ପୁଣି ରାସ୍ତାକୁ ଓହ୍ଲାଇଛି ଭାଜପା। ଏହି ଘଟଣାର ସିବିଆଇ ତଦନ୍ତ, ମନ୍ତ୍ରୀ ପଦରୁ ଅରୁଣ କୁମାର ସାହୁଙ୍କୁ ବହିଷ୍କାର ଆଦି ଦାବି ନେଇ ଭାଜପା ଲିଙ୍ଗରାଜ ମନ୍ଦିରଠାରୁ ରବିବାର ପଦଯାତ୍ରା ଆରମ୍ଭ କରିଛି। ପରୀ ସମେତ ନିଖୋଜ ଶିଶୁମାନଙ୍କୁ ନ୍ୟାୟ ଦେବା ପାଇଁ ଏହି ଲଢ଼େଇ ଜାରି ରହିବ ବୋଲି ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଲିଙ୍ଗରାଜଙ୍କଠାରୁ ଆଶୀର୍ବାଦ ଭିକ୍ଷାକରି ପରୀକୁ ନ୍ୟାୟ ପାଇଁ ପଦଯାତ୍ରା ଆରମ୍ଭ ହୋଇଛି। ୫ ଦିନ ଧରି ହେବାକୁ ଥିବା ଏହି ପଦଯାତ୍ରାର ପ୍ରଥମ ଦିନରେ ଯୋଗ ଦେଇ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ଭନିଥା ଶ୍ରୀନିବାସନ କହିଛନ୍ତି, ନିଖୋଜ ଶିଶୁଙ୍କୁ ନ୍ୟାୟ ଦେବା ପାଇଁ ଏହି ପଦଯାତ୍ରା ଆରମ୍ଭ ହୋଇଛି। ଯେପର୍ଯ୍ୟନ୍ତ ଏହି ଘଟଣାର ସମାଧାନ ନ ହେବ ଏବଂ ସେମାନଙ୍କୁ ନ୍ୟାୟ ନ ମିଳିବ ସେପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ। ଏହି ଅନ୍ଦୋଳନ ବର୍ତ୍ତମାନ ବଡ ରୂପ ନେଇସାରିଛି। ଅଗାମୀ ଦିନରେ ପ୍ରତ୍ୟେକ ରାଜ୍ୟବାସୀଙ୍କ ଘରେ ଏହି ଆନ୍ଦୋଳନ ହେବ। ତେଣୁ ପରୀ ସମେତ ରାଜ୍ୟର ନିଖୋଜ ଶିଶୁମାନଙ୍କୁ ନ୍ୟାୟ ଦେବା ପାଇଁ ସମ୍ପୂର୍ଣ୍ଣ ଘଟଣାକୁ ସିବିଆଇ ଦ୍ୱାରା ତଦନ୍ତ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର କରିବାକୁ ଶ୍ରୀନିବାସନ ଦାବି କରିଛନ୍ତି।

ରାଜଧାନୀରୁ ଆରମ୍ଭ ହୋଇଥିବା ଏହି ୫ ଦିନିଆ ପଦଯାତ୍ରା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଏହି ପଦଯାତ୍ରା ଭୁବନେଶ୍ୱରରୁ ବାହାରି ଯାଆଁଳାରେ ରାତ୍ରଯାପନ, ୨୧ରେ ଯାଆଁଳାରୁ ସାରୁଅ, ୨୨ରେ ସାରୁଅରୁ ବୋଲଗଡ (ପିଚୁକୁଳି), ୨୩ରେ ବୋଲଗଡ (ପିଚୁକୁଳି)ରୁ ଇଟାମାଟି ଏବଂ ୨୪ରେ ଇଟାମାଟିରୁ ନୟାଗଡ଼ ହୋଇ ଯଦୁପୁରଠାରେ ଯାତ୍ରା ସମାପ୍ତ ହେବ। ଏହି ପଦଯାତ୍ରାର ପ୍ରଥମ ଦିନରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ସମ୍ବିତ ପାତ୍ର ଏବଂ ସୁରମା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ରବିବାର ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା 'ପରୀ ପାଇଁ ନ୍ୟାୟ' ପଦଯାତ୍ରାରେ ଭାଜପା ନେତୃବୃନ୍ଦ।

# ନକଲି ଇଞ୍ଜିନ ଅଏଲ କାରଖାନା ଠାବ



ନକଲି ଗାଡ଼ି ଇଞ୍ଜିନ ଅଏଲ କାରଖାନାରେ ପୋଲିସର ଚଢ଼ାଉ।

**ବ୍ରହ୍ମପୁର ଅଫିସ,୨୦।୧୨**

### ୨୦ କାର୍ଟୁନ ସାମଗ୍ରୀ, କାର୍ ଜବତ, ମାଲିକ ଗିରଫ



ଗିରଫ ମାଲିକ

ବ୍ରହ୍ମପୁର ସହରରେ ରବିବାର ଏକ ନକଲି ଇଞ୍ଜିନ ଅଏଲ ପ୍ରସ୍ତୁତ କାରଖାନା ଟାଉନ ଥାନା ପୋଲିସ ଠାବ କରିଛି। ନୀଳାଦ୍ରି ବିହାରରେ କିଛିବର୍ଷ ହେଲା ନିଜଘରେ ଏହି କାରଖାନା ଚଳାଇଥିବା ମହମ୍ମଦ ଇଜାଜ୍ (୩୧)ଙ୍କୁ ଗିରଫ କରି ମାମଲା ନଂ.୨୫୭/୨୦ରୁଜୁ କରିଛି। ଉକ୍ତ କାରଖାନାରୁ ପୋଲିସ ୨୦କାର୍ଟୁନ ନକଲି ଇଞ୍ଜିନ ଅଏଲ, ଏହା ସହିତ ଏକ କାର୍ (ନଂ. ଓଡି ୦୭ଡବ୍ଲ୍ୟୁ୭୯୬୯) ମଧ୍ୟ ଜବତ କରିଛି।

ଇଜାଜ୍ କୋଲକାତାରୁ ସାଦା ଅଏଲ, ବିଭିନ୍ନ କମ୍ପାନୀର ଲେବଲ ସହିତ କିଛି କଞ୍ଚାମାଲ ଆଣି ନିଜ ଘରେ କାରଖାନା ଚଳାଇ ଭେଜାଲ ଅଏଲ ପ୍ରସ୍ତୁତ କରୁଥିଲେ। ସେ କାଷ୍ଟ୍ରୋ, ସେର୍ଭୋ, ବଜାଜ, କିରେନ ଓ ହିରୋ ବ୍ରାଣ୍ଡର ନକଲି ଅଏଲ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଥିଲେ। ବିଶେଷକରି ସେ ଗଜପତି ଜିଲା ଅଡ଼ବା, ମୋହନା ଓ ରାୟଗଡ଼ା ଜିଲାରେ ତାଙ୍କ କାରବାର ଚଳାଇଥିଲେ ବୋଲି ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ବଜାରରେ ଏହି ବ୍ରାଣ୍ଡର ୯ଶହ ଏମ୍ଏଲ୍ ଇଞ୍ଜିନ ଅଏଲର ଦାମ ୨୮୦ ଟଙ୍କା ଥିବା ବେଳେ ସେ ତାହାକୁ ୧୦୦ ଟଙ୍କାରେ ବିକ୍ରି କରୁଥିବା ପୋଲିସ କହିଛି।

ପ୍ରକାଶ ଯେ, ବ୍ରହ୍ମପୁରରେ ନକଲି ଇଞ୍ଜିନ ଅଏଲ ପ୍ରସ୍ତୁତ କରାଯାଉଥିବା ନେଇ ପୋଲିସ ଖବର ପାଇଥିଲା। ନୀଳାଦ୍ରିବିହାରରେ ଏହା ପ୍ରସ୍ତୁତ ହେଉଥିବା ଜଣାପଡିବା ପରେ ଟାଉନ ଥାନା ପୋଲିସ ରବିବାର ସେଠାରେ ଚଢାଉ କରିଥିଲା। ସେଠାରୁ ବିପୁଳ ପରିମାଣର ନକଲି ଇଞ୍ଜିନ ଅଏଲ, ଏଥିରେ ବ୍ୟବହୃତ କଞ୍ଚାମାଲ, ମେଶିନ ଓ ଏକ କାର୍ ଜବତ କରିଥିଲା। ସେଠାରେ ଥିବା ମାଲିକ ଇଜାଜଙ୍କୁ କାବୁ କରି ଥାନାକୁ ଆଣି ଜେରା ଚଳାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

# ଅନୁଭବଙ୍କ ବିରୋଧରେ ନିର୍ଯାତନା ମାମଲା

**କଟକ ଅଫିସ,୨୦।୧୨**

### ବର୍ଷା-ଅନୁଭବ ବିବାଦ ବଢ଼ୁଛି



### ସୁରକ୍ଷା ପାଇଁ ଡିଜିପିଙ୍କୁ ଚିଠି ଲେଖିଲେ ଅନୁଭବ

କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ଶୁକ୍ରବାର ଓ ଶନିବାର ପୁରୀଘାଟ ଥାନାରେ ବର୍ଷା ଦୁଇଟି ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ରବିବାର ପୋଲିସ ଦଫା ୪୯୮(କ), ୫୦୬ ଓ ୩୪୧ ଅନୁଯାୟୀ ନିର୍ଯାତନା ମାମଲା ରୁଜୁ କରିବା ସହ ଅନୁଭବ ଓ ତାଙ୍କ ୨ ସହଯୋଗୀଙ୍କୁ ପଚରାଉଚରା ଚଳାଇଛି।

ଅନ୍ୟପକ୍ଷରେ ଅନୁଭବ ନିଜର ସୁରକ୍ଷା ଲୋଡି ରବିବାର ଡିଜିପିଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, କିଛିଦିନ ତଳେ ବର୍ଷା ଓ ତାଙ୍କ ୨ ଭଉଣୀଙ୍କ ମଧ୍ୟରେ କଥାବାର୍ତ୍ତାର ଅଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ମୋ ପରିବାର ବିରୋଧରେ ଷଡ଼ଯନ୍ତ୍ର କରାଯାଉଥିଲା। ଏପରି କି ସେ ଷଡଯନ୍ତ୍ରକାରୀଙ୍କ ନାମ ମଧ୍ୟ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଅଡିଓର ସତ୍ୟାସତ୍ୟ ଯାଞ୍ଚ ପାଇଁ ଅନୁଭବ ଡିଜିପିଙ୍କୁ ଅନୁରୋଧ କରିଛନ୍ତି। ଯଦି ଅଡିଓଟି ମିଛ ହେଇଥାଏ, ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହିପରି ଅଡିଓର ସତ୍ୟାସତ୍ୟ ଥିଲେ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଅନୁଭବ ଚିଠି ଦ୍ୱାରା ଡିଜିପିଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଅନୁଭବ ଓ ବର୍ଷାଙ୍କୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଶୁକ୍ରବାର ରାତିରେ ପୁରୀଘାଟ ଥାନାରେ ବର୍ଷା ଏତଲା ଦେଇଥିଲେ। ସେଥିରେ ସେ ଦର୍ଶାଇଥିଲେ, ମୋତେ ବଦନାମ କରିବା ଓ ମୋ ଭାବମୂର୍ତ୍ତି ଉପରେ ଆଞ୍ଚ ଆଣିବା ପାଇଁ ଚକ୍ରାନ୍ତ କରାଯାଉଛି। ସେହିପରି ଶନିବାର ରାତିରେ ବର୍ଷା ପୁରୀଘାଟ ଥାନାରେ ଆଉ ଏକ ଏତଲା ଦେଇଥିଲେ। ଏଥିରେ ସେ ଅନୁଭବ ଓ ତାଙ୍କ ୨ ସହଯୋଗୀଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। କୌଣସି କାମରେ ବାହାରକୁ ଯାଇଥିବାବେଳେ ଶୁକ୍ରବାର ରାତିରେ ତାଙ୍କ ରୁମ୍‌ରେ ଅନୁଭବ ଓ ୨ ସହଯୋଗୀ ତାଲା ପକାଇ ଦେବାରୁ ସେ ୧ ଘଣ୍ଟା ବାହାରେ ଛିଡ଼ା ହୋଇ ରହିଲେ ବୋଲି ବର୍ଷା ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ପୁରୀଘାଟ ପୋଲିସ ତଦନ୍ତ ଚଳାଇଛି।

କିଛିମାସ ଧରି ବର୍ଷା ଓ ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଛି। ମାମଲା ଏବେ ଛାଡ଼ପତ୍ର ଯାଏ ପହଞ୍ଚି ସାରିଛି। ବର୍ଷାଙ୍କଠାରୁ ବିବାହ ବିଚ୍ଛେଦ ନିମନ୍ତେ ଅନୁଭବ ଦିଲ୍ଲୀ ପଟିଆଲା କୋର୍ଟରେ ଆବେଦନ କରିଛନ୍ତି। ସେହିପରି ବର୍ଷା ମଧ୍ୟ ନିଜ ଭରଣପୋଷଣ ପାଇଁ କଟକ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛନ୍ତି।

### ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା: ୪ ଗିରଫ

**ପଡ଼ିଆ, ୨୦।୧୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ପଡ଼ିଆ ବ୍ଲକର ନନ୍ଦାଗୁଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରେ ପୋଲିସ ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦେବା ବେଟି, ପଦିଆ ବାଡସେ, ଗଙ୍ଗା ବେଟୀ ଓ ପଦିଆ ଏମଲା। ସେମାନେ ଗ୍ରାମର କାରାମ କାନାଙ୍କୁ ଘରୁ ଡାକି ଆଣି ଅଗଣାରେ ଏକ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ମୃତଶରୀରକୁ ଗାଆଁଠାରୁ ୨ କିମି ଦୂରରେ ଥିବା ସାବେରୀ ନଦୀ କୂଳରେ ମୁଣ୍ଡକୁ ନିଆଁ ଲଗାଇ ପୋଡ଼ିଦେଇଥିଲେ। ଶରୀରର ବଳକା ଅଂଶକୁ ନଦୀପଠା ବାଲିରେ ପୋତି ଦେଇଥିଲେ। ଏନେଇ ତାଙ୍କ ସ୍ତ୍ରୀ ପଡିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ହତ୍ୟାକାରୀଙ୍କୁ ଖୋଜିବା ସହ ମୃତଦେହ ଉଦ୍ଧାର କରିଥିଲା। ଗ୍ରାମ ଆଖପାଖ ଅଞ୍ଚଳରେ ଚଢାଉ କରି ୪ଜଣଙ୍କୁ ଗିରଫ କରିଥିଲା। ରବିବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗୁଣିଗରେଡି ସନ୍ଦେହରେ ଏପରି ଘଟଣା ଘଟିଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି।

# ଯବାନ-ମାଓବାଦୀ ଗୁଳି ବିନିମୟ



ଜବତ ମାଓବାଦୀ ସାମଗ୍ରୀ।

### ଜଣେ ମିଲିସିଆ ଅଟକ

**ଫୁଲବାଣୀ ଅଫିସ, ୨୦।୧୨**

କନ୍ଧମାଳ ଜିଲା ଗୋଚ୍ଛାପଡ଼ା ଥାନା ଅଧୀନ ବିରେନି ଗ୍ରାମ ନିକଟ ଜଙ୍ଗଲରେ ଗତ ୧୭ ତାରିଖରେ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସେଠାରୁ ମାଓବାଦୀମାନେ ଖସି ଯାଇଥିବା ବେଳେ ଜଣେ ମିଲିସିଆଙ୍କୁ ଧରାଯାଇଛି। ପୋଲିସ ତାଙ୍କୁ ପଚରାଉଚରା କରୁଛି। ଗୁଳି ବିନିମୟ ହୋଇଥିବା ଅଞ୍ଚଳରୁ ଦୁଇଟି ଦେଶୀ ବନ୍ଧୁକ, ଗୋଟିଏ ରେଡିଓ, କିଛି ଔଷଧ, ଆସବାବପତ୍ର ଏବଂ ରାଶନ ସାମଗ୍ରୀ ଜବତ କରାଯାଇଛି। ଘଟଣାସ୍ଥଳରେ ୧୦ରୁ ୧୨ ମାଓବାଦୀ ଥିଲେ ଓ ସେମାନେ କେକେବିଏନ୍ ଡିଭିଜନର ଅନୁମାନ କରାଯାଉଛି ବୋଲି କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଗତ ୧୫ ତାରିଖରେ ଏସ୍‌ଓଜି ଯବାନ ଏବଂ ଡିଭିଏଫ (ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ) ତରଫରୁ ମିଳିତ କୋମ୍ବିଂ ଅପରେଶନ ଆରମ୍ଭ କରାଯାଇଥିଲା। ୧୭ତାରିଖ ସନ୍ଧ୍ୟାରେ ବିରେନି ଗ୍ରାମ ପାଖରେ ମାଓବାଦୀମାନେ ଯବାନଙ୍କ ଉପରକୁ ହଠାତ ଗୁଳି ଚାଳନା କରିଥିଲେ। ଫୋର୍ସ ନିଜକୁ ସଜାଗ ରଖି ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିଥିଲେ ମଧ୍ୟ ସେମାନେ ଘନ ଘନ ଗୁଳିଚାଳନା କରିଥିଲେ। ସୁରକ୍ଷା ପାଇଁ ଯବାନ ପାଲଟା ଆକ୍ରମଣ କରିବାରୁ ମାଓବାଦୀମାନେ ଛତ୍ର ଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚଅପରେଶନ କରାଯାଇ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା।




ନୂଆ କୃଷି ଆଇନକୁ ବିରୋଧ କରି ହୋଇଥିବା ଆନ୍ଦୋଳନରେ ୩୯ କୃଷକଙ୍କ ମୃତ୍ୟୁକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୭୦ ବର୍ଷ ପରେ ଦେଶ ପାଇଁ ବଡ଼ ସଫଳତା: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

### ଓଏନ୍‌ଜିସିର ଅଷ୍ଟମ ଉତ୍ପାଦନ ବେସିନ୍ ସମର୍ପିତ କଲେ କେନ୍ଦ୍ରମନ୍ତ୍ରୀ

ସ୍ୱାଧୀନତାର ୭୦ ବର୍ଷର ଅପେକ୍ଷା ପରେ ତୈଳ ଓ ଗ୍ୟାସ ଅନ୍ୱେଷଣ ଏବଂ ଉତ୍ତୋଳନ ରାଷ୍ଟ୍ରାୟତ୍ତ କମ୍ପାନୀ ଓଏନ୍‌ଜିସି ଦେଶ ପାଇଁ ବଡ଼ ସଫଳତା ଆଣିଛି। ରବିବାର ପଶ୍ଚିମବଙ୍ଗର ଅଶୋକନଗରଠାରେ ଓଏନ୍‌ଜିସିର ଅଷ୍ଟମ ଉତ୍ପାଦନ ବେସିନ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୧୯୪୯ରୁ ପଶ୍ଚିମବଙ୍ଗର ବ୍ରହ୍ମପୁତ୍ର, ଦାମୋଦର, ଗଙ୍ଗା ତ୍ରିକୋଣଭୂଖଣ୍ଡରୁ ତୈଳ ଓ ଗ୍ୟାସର ଅନୁସନ୍ଧାନ କରାଯାଇଥିଲା। ୬୦ ଦଶକରେ ଓଏନଜିସି ମଧ୍ୟ ତୈଳ ଓ ଗ୍ୟାସର ସନ୍ଧାନ ପାଇଁ ଏଠାରୁ ଡ୍ରିଲିଂ ଜାରି ରଖିଥିଲା। ତେବେ ସ୍ୱାଧୀନତା ଦୀର୍ଘ ବର୍ଷର ଅପେକ୍ଷା ପରେ ପଶ୍ଚିମବଙ୍ଗର ଏହି ଭୂଖଣ୍ଡରୁ ଅଶୋଧିତ ତୈଳ ଉତ୍ପାଦନ କରାଯିବ। ଏହି ସଫଳତା ପାଇଁ ସେ ଓଏନଜିସିକୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ପେଟ୍ରୋଲିୟମ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ଅଶୋକନଗର ଠାରେ ଉଦଘାଟିତ ହୋଇଥିବା ବାଣିଜ୍ୟିକ ଇନ୍ଧନ ଉତ୍ପାଦନ ବେସିନରୁ ସର୍ବୋତ୍କୃଷ୍ଟ ମାନର ଅଶୋଧିତ ତୈଳ ଉତ୍ପାଦନ କରାଯିବ। ଏହି ଅଶୋଧିତ ତୈଳକୁ ହଳଦିଆ ରିଫାଇନାରିକୁ ନିଆଯିବ। ପଶ୍ଚିମବଙ୍ଗରେ ଓଏଲ୍‌ପି ଅଧୀନରେ ତୈଳ ଏବଂ ଗ୍ୟାସର ଅନ୍ୱେଷଣ ପାଇଁ ଲିଜ୍ ନିଆଯାଇଛି। ନୂଆ ଇନୋଭେଶନ ଏବଂ ନୂଆ ଟେକ୍ନୋଲୋଜି ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ନୂଆ ସମ୍ଭାବନା ଅଣାଯିବ। ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ତଥା ଅଶୋକନଗରର ଅନ୍ୟ କୂଅ ଗୁଡ଼ିକରୁ ଉତ୍ପାଦନ ଆରମ୍ଭ କରିବା ପାଇଁ ଜୋରଦାର ଉଦ୍ୟମ ପଶ୍ଚିମବଙ୍ଗର ଆର୍ଥିକ ବିକାଶ ଉପରେ ସୁପ୍ରଭାବ ପକାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଜଉକଣ୍ଢେଇ ଗଢ଼ି ଜାତୀୟ କଳା ଉତ୍ସବରେ ଅଙ୍କିତ

**ବାଲେଶ୍ୱର ଅଫିସ, ୨୦।୧୨**

ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓଏସ୍ଇପିଏ) ଦ୍ୱାରା ଆୟୋଜିତ କଳା ଉତ୍ସବ ୨୦୨୦ରେ ସ୍ୱଦେଶୀ କଣ୍ଢେଇ ଓ ଖେଳନା ବିଭାଗରେ ରେମୁଣା ଜୁନିୟର କଲେଜର ଯୁକ୍ତ ୨ କଳା ଛାତ୍ର ଭଗତୋଷ ଅଙ୍କିତ ଦାସ ଭାଗ ନେଇ ଜାତୀୟ କଳା ଉତ୍ସବକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଜଉକଣ୍ଢେଇ ଗଢି ଏହି ସଫଳତା ହାସଲ କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଭାରତସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ସ୍ୱଦେଶୀ, ଶାସ୍ତ୍ରୀୟ ଓ ଲୋକନୃତ୍ୟ, ଗୀତ, ବାଦ୍ୟ, ଚିତ୍ର ଓ କଣ୍ଢେଇ ପ୍ରତିଯୋଗିତା ଭର୍ଚୁଆଲ ମୋଡ଼ରେ କରାଯାଇଥିଲା। ଏଥିରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପରଚାଳିତ ବ୍ଲକସ୍ତରରୁ ପ୍ରତି ବିଭାଗରେ ଜଣେ ଛାତ୍ର ଓ ଜଣେ ଛାତ୍ରୀ ବଛାଯାଇ ଜିଲାସ୍ତରକୁ ଆସିଥାନ୍ତି। ଜିଲାରୁ ଜୋନାଲସ୍ତର (ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେଉଁଝର ଓ ଅନୁଗୁଳ)ରୁ ରାଜ୍ୟସ୍ତରକୁ ବଛାଯାଏ। ଓଡ଼ିଶାର ୫ଟି ଜୋନ୍‌ରୁ ସବୁ ବିଭାଗରୁ ଜଣେ ଛାତ୍ର ଓ ଜଣେ ଛାତ୍ରୀ ବଛାଯାଇ ଜାତୀୟସ୍ତରୀୟ କଳା ଉତ୍ସବକୁ ମନୋନୀତ ହୁଅନ୍ତି। ବାଲେଶ୍ୱର ଜୋନ୍‌ରୁ ୩୫ ଜଣ ବିଭିନ୍ନ ବିଭାଗରେ ଭାଗ ନେଇଥିବା ବେଳେ ୩ଜଣ ୩ଟି ବିଭାଗରେ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

ବାଲେଶ୍ୱର ଜିଲାରୁ ଭଗତୋଷ ଅଙ୍କିତ ଦାସ ଗତ ୧୮ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟସ୍ତରକୁ ଯାଇଥିବା ବାଲେଶ୍ୱର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ସୂଚନା ଦେଇଛନ୍ତି। ଡି ଏ ସ୍ ଏ ସ୍ କୃଷ୍ଣମୋହନ ସିଂହ ଓ ହିରଣ୍ମୟ ମହାପାତ୍ର ଏହି ଭର୍ଚୁଆଲ ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବାଲେଶ୍ୱର ଜଉକଣ୍ଢେଇ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହେବା ପରେ ଜଉକଣ୍ଢେଇ ଗୁରୁମାଆ କନକଲତା ଦାସ ଓ ଗବେଷକ କେଶୁ ଦାସ ତଥା ବାଲେଶ୍ୱରବାସୀ, ବିଶେଷ କରି ବାଲେଶ୍ୱର ଜିଲା ସଂସ୍କୃତି ପ୍ରେମୀ ତଥା ଜଉକଣ୍ଢେଇ କଳା ସଂସ୍କୃତି ସହ ଜଡ଼ିତ ସମସ୍ତ ଅନୁଷ୍ଠାନ ମହଲରେ ଖୁସୀର ଲହରି ଖେଳିଯାଇଛି।

**୩ଟି ବିଭାଗରେ ୩ଜଣ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ**



ଜଉକଣ୍ଢେଇ ସହ ଭଗତୋଷ ଅଙ୍କିତ ଦାସ।

ଧରିତ୍ରୀ
DHARITRI
ସୋମବାର, ୨୧ ଡିସେମ୍ବର, ୨୦୨୦

## ବ୍ରିଟେନ୍‌ରେ ସଂକ୍ରମଣ ବେକାବୁ

ଲଣ୍ଡନ: ଲଣ୍ଡନ ଓ ଦକ୍ଷିଣପୂର୍ବ ଇଂଲଣ୍ଡରେ ନୂଆ ପର୍ଯ୍ୟାୟ ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବାରୁ ସେଠାରେ କଠୋର ଲକ୍‌ଡାଉନ ଲାଗୁ କରାଯାଇଛି। ଟିକାକରଣ ପୂରାଦମ୍‌ରେ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଏକତୃତୀୟାଂଶ ଇଂଲଣ୍ଡବାସୀ ଘରେ ରହିବାକୁ ସ୍ୱାସ୍ଥ୍ୟ ସଚିବ ମାଟ ହାନ୍‌କକ୍ ସତର୍କ କରାଇଛନ୍ତି। ଖ୍ରୀଷ୍ଟମାସରେ ଏକାଠି ହେବାକୁ ନିଷିଦ୍ଧ କରାଯାଇଛି ଓ ଅଣଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡ଼ିକ ବନ୍ଦ କରିଦିଆଯାଇଛି।



## ସଂକ୍ଷେପରେ

### ଟିକା ନେଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ



**ଜେରୁଜେଲମ, ୨୦।୧୨:** କୌଣସି ଦେଶର ପ୍ରଧାନମନ୍ତ୍ରୀ ଭାବେ ପ୍ରଥମେ ଟିକା ନେଇଛନ୍ତି ଇସ୍ରାଏଲର ବେଞ୍ଜାମିନ୍ ନେତ୍‌ନ୍ୟାହୁ। ଶନିବାର ନେତ୍‌ନ୍ୟାହୁ ଫାଇଜର ଟିକା ନେବା ସମୟର ସିଧା ପ୍ରସାରଣ କରାଯାଇଥିଲା। ଇସ୍ରାଏଲରେ ସ୍ୱାସ୍ଥ୍ୟକର୍ମୀ ଓ ଜନସାଧାରଣଙ୍କୁ ଟିକା ଦିଆଯିବାର କାର୍ଯ୍ୟକ୍ରମ ଥିବାବେଳେ ଦେଶର ପ୍ରଥମ ବ୍ୟକ୍ତି ଭାବେ ନେତ୍‌ନ୍ୟାହୁ ଭାକ୍ସିନ ନେଇଛନ୍ତି। ଦେଶବାସୀଙ୍କୁ ଟିକା ନେବା ପାଇଁ ଆଗ୍ରହୀ କରାଇବାକୁ ସେ ଏପରି କରିଥିବା କହିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଦେଶର ୨୦ ପ୍ରତିଶତ ନାଗରିକଙ୍କ ପାଇଁ ଟିକା ମହଜୁଦ କରାଇବାକୁ ସରକାରଙ୍କ ଲକ୍ଷ୍ୟ ରହିଛି।

### ଚାଷୀଙ୍କ ଆତ୍ମହତ୍ୟା

**ଚଣ୍ଡୀଗଡ଼, ୨୦।୧୨:** ଦିଲ୍ଲୀ ସୀମାରେ ଚାଲିଥିବା ଆନ୍ଦୋଳନସ୍ଥଳରୁ ବଠିଣ୍ଡାସ୍ଥିତ ତାଙ୍କ ଘରକୁ ଫେରିବା ପରେ ଜଣେ ୨୨ ବର୍ଷୀୟ ପଞ୍ଜାବ ଚାଷୀ ଆତ୍ମହତ୍ୟା କରିଛନ୍ତି। ଶନିବାର ସେ କୌଣସି କୀଟନାଶକ ପିଇ ଦେଇଥିବା ପୋଲିସ କହିଛି। ତଦନ୍ତ ଜାରିଥିଲେ ହେଁ ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ।

### କାବୁଲରେ ବିସ୍ଫୋରଣ: ୮ ମୃତ



**କାବୁଲ, ୨୦।୧୨:** ଆଫଗାନିସ୍ତାନ ରାଜଧାନୀ କାବୁଲ ସହରରେ ରବିବାର ସକାଳେ ପାର୍ଲାମେଣ୍ଟର ଜଣେ ସଦସ୍ୟଙ୍କ ଉପରେ ଆକ୍ରମଣ ହୋଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାର୍ଲାମେଣ୍ଟ ସଦସ୍ୟ ଖାନ୍ ମହମ୍ମଦ ୱାରଦକ୍‌ଙ୍କ ସମେତ ୧୫ ଜଣ ଆହତ ହୋଇଥିବା ଆଫଗାନିସ୍ତାନ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୱାରଦକଙ୍କ କାର୍‌କୁ ଲକ୍ଷ୍ୟ କରି ବୋମା ବିସ୍ଫୋରଣ କରାଯିବା ସହ ୩ଟି କାର୍‌ରେ ନିଆଁ ଲଗାଇ ଦିଆଯାଇଥିଲା। ମୃତକଙ୍କ ମଧ୍ୟରେ ଶିଶୁ, ମହିଳା ଓ ବୟସ୍କ ଲୋକ ରହିଛନ୍ତି। ଆକ୍ରମଣ ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରି ନ ଥିବାବେଳେ ଇସ୍‌ଲାମିକ ଷ୍ଟେଟ ଗ୍ରୁପର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

### ଜନ୍ମଦିନରେ 'ବାଜପେୟୀ' ଉନ୍ମୋଚନ

**ନୂଆଦିଲ୍ଲୀ ୨୦।୧୨:** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ଆସନ୍ତା ୨୫ ତାରିଖରେ 'ବାଜପେୟୀ: ଦି ଇୟର୍ସ ଦ୍ୟାଟ ଚେଞ୍ଜ୍‌ଡ ଇଣ୍ଡିଆ' ପୁସ୍ତକ ଉନ୍ମୋଚନ ହେବ। ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିବା ଶକ୍ତି ସିହ୍ନା ଏହି ପୁସ୍ତକ ଲେଖିଛନ୍ତି। ଏଥିରେ ବାଜପେୟୀଙ୍କ ରାଜନୈତିକ ଜୀବନୀ, ଦେଶ ପାଇଁ ତାଙ୍କ କାର୍ଯ୍ୟ ସହ ପ୍ରଧାନମନ୍ତ୍ରୀ ଥିବାବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ୧୦ଟି ଅଧ୍ୟାୟରେ ଉଲ୍ଲେଖ ରହିଥିବା ଜଣାଯାଇଛି।

## ଏକାଠି ଦେଖାଯିବେ ବୃହସ୍ପତି-ଶନି

**କୋଲକାତା, ୨୦।୧୨:** ଏକ ବିରଳ ସଂଯୋଗକ୍ରମେ ସୋମବାର ଶନି ଓ ବୃହସ୍ପତି ପରସ୍ପରର ନିକଟତର ହେବେ। ଏହାଯୋଗୁ ପୃଥିବୀ ପୃଷ୍ଠରୁ ଉଭୟ ଗ୍ରହ ଗୋଟିଏ ଉଜ୍ଜ୍ୱଳ ତାରକା ଭଳି ପ୍ରତୀୟମାନ ହେବେ। ୧୬୨୩ ମସିହା ପରଠାରୁ ଏଭଳି ଘଟଣା କେବେ ଦେଖିବାକୁ ମିଳି ନ ଥିଲା। ବେଙ୍ଗାଲୁରୁସ୍ଥିତ ଜବାହରଲାଲ ନେହେରୁ ପ୍ଲାନେଟାରିୟମରେ ସନ୍ଧ୍ୟା ସାଢ଼େ ୬ଟାରୁ ସାଢ଼େ ୭ଟା ମଧ୍ୟରେ ଏହି ଦୃଶ୍ୟ ଦେଖିବା ପାଇଁ ବ୍ୟବସ୍ଥା ହୋଇଛି। ଏଭଳି ସଂଯୋଗ ଆସନ୍ତା ୬୦ ବର୍ଷ ମଧ୍ୟରେ ଦେଖିବାକୁ ମିଳିବ ନାହିଁ ବୋଲି ଆମେରିକା ମହାକାଶ ଗବେଷଣା



ସଂସ୍ଥା (ନାସା) ପକ୍ଷରୁ କୁହାଯାଇଛି। ସୂର୍ଯ୍ୟାସ୍ତ ପରେ ଭାରତର ଅଧିକାଂଶ ସହରର ଲୋକେ ଏହି ଦୃଶ୍ୟ ଦେଖିପାରିବେ।

## ମାସ୍କ ନ ଥିବାରୁ ରାଷ୍ଟ୍ରପତିଙ୍କୁ ଜରିମାନା

**ସାଣ୍ଟିଆଗୋ, ୨୦।୧୨:** ବିନା ମାସ୍କରେ ଜଣେ ମହିଳାଙ୍କ ସହ ସେଲ୍ଫି ଉଠାଇବା ଚିଲି ରାଷ୍ଟ୍ରପତିଙ୍କୁ ମହଙ୍ଗା ପଡ଼ିଛି। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ରାଷ୍ଟ୍ରପତି ସେବାସ୍ତିଆନ ପିନେରାଙ୍କୁ ୨.୫୭ ଲକ୍ଷ ଟଙ୍କା ଜରିମାନା ଭରିବାକୁ ପଡ଼ିବ। ଚିଲିରେ କଡ଼ାକଡ଼ି କୋଭିଡ୍ କଟକଣା ମାନିବା ପାଇଁ ନିୟମ ଥିବାବେଳେ ଖୋଦ୍ ରାଷ୍ଟ୍ରପତି ଜଣେ ମହିଳା ପ୍ରଶଂସକଙ୍କ ସହ ଫଟୋ ଉଠାଇବା ପରେ ବେଶ୍ ସମାଲୋଚିତ ହୋଇଛନ୍ତି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେଠାକର ପ୍ରଶାସନ ପକ୍ଷରୁ ପିନେରାଙ୍କ ଉପରେ ଜରିମାନା ଲଗାଯାଇଛି। ଏଥିପାଇଁ ଜନସାଧାରଣଙ୍କୁ ସେ କ୍ଷମା ମଧ୍ୟ ମାଗିଛନ୍ତି।



ସେବାସ୍ତିଆନ ପିନେରା

# ନେପାଳ ପାର୍ଲାମେଣ୍ଟ ଭଙ୍ଗ

- ଏପ୍ରିଲ-ମେ'ରେ ମଧ୍ୟବର୍ତ୍ତୀ ନିର୍ବାଚନ
- ଅସାମ୍ବିଧାନିକ କହିଲେ ବିରୋଧୀ
- ପ୍ରଚଣ୍ଡଙ୍କ ଘରେ ଏନ୍‌ସିପି ନେତାଙ୍କ ବୈଠକ

**କାଠମାଣ୍ଡୁ, ୨୦।୧୨**



ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ବିଦ୍ୟା ଦେବୀ ଭଣ୍ଡାରୀ ରବିବାର ନେପାଳ ପାର୍ଲାମେଣ୍ଟ ଭଙ୍ଗ କରିବା ସହ ଏପ୍ରିଲ-ମେ'ରେ ମଧ୍ୟବର୍ତ୍ତିକାଳୀନ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଏପ୍ରିଲ ୩୦ରେ ପ୍ରଥମ ପର୍ଯ୍ୟାୟ ଓ ମେ' ୧୦ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ତେବେ ପ୍ରଧାନମନ୍ତ୍ରୀଙ୍କର ଏଭଳି ନିଷ୍ପତ୍ତିକୁ ବିରୋଧୀ ସମାଲୋଚନା କରିବା ସହ ଏହା ଅସାମ୍ବିଧାନିକ ବୋଲି କହିଛନ୍ତି।

ନେପାଳ ସମ୍ବିଧାନର ଅନୁଚ୍ଛେଦ ୭୬ ଧାରା ୧ ଏବଂ ୭ ଓ ଅନୁଚ୍ଛେଦ ୮୫ ଅନୁଯାୟୀ ରାଷ୍ଟ୍ରପତି ପାର୍ଲାମେଣ୍ଟକୁ ଭାଙ୍ଗିଦେଇଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଓଲିଙ୍କ ଅଧ୍ୟକ୍ଷତାରେ ଜରୁରୀ କ୍ୟାବିନେଟ ବୈଠକ ବସି ପାର୍ଲାମେଣ୍ଟ ଭଙ୍ଗ ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ୨୭୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟର ନିମ୍ନ ସଦନ ପାଇଁ ୨୦୧୭ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କ୍ଷମତା କନ୍ଦଳକୁ ନେଇ ପ୍ରଧାନମନ୍ତ୍ରୀ ଏହାକୁ ଭାଙ୍ଗିଦେବା ପାଇଁ ସୁପାରିସ କରିଥିଲେ। ତାଙ୍କର ଏଭଳି ନିଷ୍ପତ୍ତି ବିରୋଧୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦୀର୍ଘଦିନ ଧରି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏନ୍‌ସିପିର କାର୍ଯ୍ୟକାରୀ ଅଧ୍ୟକ୍ଷ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କ ସହ ଅଧ୍ୟକ୍ଷ ଓଲିଙ୍କର ବିବାଦ ଲାଗିରହିଥିଲା। ଶାସକ ଦଳର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିବା ପରେ ଓଲି ଏଭଳି ପଦକ୍ଷେପ ନେଇଛନ୍ତି। ତେବେ ଏହା ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ଏବଂ ସ୍ୱେଚ୍ଛାଚାରିତା ବୋଲି ଏନ୍‌ସିପି ମୁଖପାତ୍ର ନାରାୟଣ କାଜି ଶ୍ରେଷ୍ଠ କହିଛନ୍ତି। ଶାସକ ଦଳ ଷ୍ଟାଣ୍ଡିଂ କମିଟି ବୈଠକ ବସି ଏ ସମ୍ପର୍କରେ ଆଲୋଚନା କରିବ ବୋଲି ସେ କହିଛନ୍ତି। ସେହିପରି ଏନ୍‌ସିପିର ବରିଷ୍ଠ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମାଧବ କୁମାର ନେପାଳ ପାର୍ଲାମେଣ୍ଟ ଭଙ୍ଗ ନିଷ୍ପତ୍ତିକୁ ଅସାମ୍ବିଧାନିକ କହିଛନ୍ତି। ପ୍ରଚଣ୍ଡଙ୍କ ବାସଭବନରେ ଦଳୀୟ ନେତାମାନେ ଏକଜୁଟ୍ ହୋଇ ଏ ସମ୍ପର୍କରେ ଆଲୋଚନା ଚଳାଇଛନ୍ତି। ସେମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଇ ବର୍ତ୍ତମାନର ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡିଛି। ଏକ ସଂଖ୍ୟାଗରିଷ୍ଠ ଦଳର ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟ ଭଙ୍ଗ କରିବା ବ୍ୟବସ୍ଥା ନେପାଳ ସମ୍ବିଧାନରେ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେଣୁ ଓଲିଙ୍କ ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରେ ବୋଲି ସେମାନେ ମତ ଦେଇଛନ୍ତି। ପାର୍ଲାମେଣ୍ଟ ଭଙ୍ଗ ଲାଗି ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ସାମ୍ବିଧାନିକ ବିଦ୍ରୋହ ବୋଲି ବିଶେଷଜ୍ଞ ଭୀମାର୍ଜୁନ ଆଚାର୍ଯ୍ୟ କହିଛନ୍ତି। ପାର୍ଲାମେଣ୍ଟରୁ ସରକାର ଗଢ଼ିବା ସମ୍ଭାବନା ଥିବାବେଳେ ଏହାକୁ ଭଙ୍ଗ କରି ମଧ୍ୟବର୍ତ୍ତୀ ନିର୍ବାଚନକୁ ଯିବା ଲାଗି ସମ୍ବିଧାନ ପ୍ରଧାନମନ୍ତ୍ରୀଙ୍କୁ ଅନୁମତି ଦେଇନାହିଁ ବୋଲି ସେ ମତ ଦେଇଛନ୍ତି।

ମୁଖ୍ୟ ବିରୋଧୀ ଦଳ ନେପାଳୀ କଂଗ୍ରେସ (ଏନ୍‌ସି) ରବିବାର ଏକ ଜରୁରୀ ବୈଠକ ଡାକିଛି। ଦିନକ ପୂର୍ବରୁ ଏନ୍‌ସି ଏବଂ ରାଷ୍ଟ୍ରୀୟ ଜନତା ପାର୍ଟି ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ରାଷ୍ଟ୍ରପତିଙ୍କୁ ଅନୁରୋଧ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ପାର୍ଲାମେଣ୍ଟ ଭଙ୍ଗ ପାଇଁ ଓଲି ସରକାରଙ୍କୁ ଏନ୍‌ସି ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବା କଡ଼ା ସମାଲୋଚନା କରିଛନ୍ତି। ଓଲି ଦେଶରେ ଏକଦଳୀୟ ଶାସନ ବ୍ୟବସ୍ଥା ଲାଗୁ କରିବାକୁ ଉଦ୍ୟମ କରୁଥିବା ସେ କହିଛନ୍ତି। ଶାସକ ଏନ୍‌ସିପିର ଦୁଇଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ହେଲା ଟଣାଓଟରା ଲାଗିରହିଥିବାରୁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ ପ୍ରଚଣ୍ଡ ଏବଂ ମାଧବ ନେପାଳ। ସରକାର ଓ ଦଳକୁ ଚଳାଇବାରେ ଓଲି ବିଫଳ ହେବା ସହ ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ପ୍ରଚଣ୍ଡ ସମାଲୋଚନା କରିବା ସହ ଏନ୍‌ସିପି ସଚିବାଳୟ ବୈଠକରେ ୧୯ ପୃଷ୍ଠାର ରାଜନୈତିକ ଦସ୍ତାବିଜ ଉପସ୍ଥାପନ କରିଥିଲେ। ଚାଇନା ସପକ୍ଷବାଦୀ ଓଲି ଅଭିଯୋଗକୁ ଖଣ୍ଡନ କରିବା ସହ ଦୁର୍ନୀତି ଅଭିଯୋଗର ପ୍ରମାଣ ଦେବା ପାଇଁ ପ୍ରଚଣ୍ଡଙ୍କୁ ଚ୍ୟାଲେଞ୍ଜ କରିଥିଲେ।



ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'



କେ.ପି. ଶର୍ମା ଓଲି

ଭାରତର ୩ଟି ଅଞ୍ଚଳକୁ ନିଜର ଦାବି କରି ନେପାଳ ସରକାର ନୂଆ ମାନଚିତ୍ର ଜାରି କରିଥିଲେ। ଏହା ପରେ ଓଲିଙ୍କୁ ବହିଷ୍କାର କରିବା ଲାଗି ଉଦ୍ୟମ ହେଉଥିବା ସେ ଜୁନ୍‌ରେ ଅଭିଯୋଗ କରିଥିଲେ। ଭାରତର ଲିପୁଲେଖ, କାଲାପାନି ଓ ଲିମ୍ପିୟାଧୁରା ଅଞ୍ଚଳକୁ ନେପାଳର ନୂଆ ମାନଚିତ୍ରରେ ସାମିଲ କରାଯାଇଥିଲା। ଏହା ଅନଧିକାର ଓ କୃତ୍ରିମ ବିସ୍ତାର ବୋଲି ଭାରତ କହିବା ସହ କାଠମାଣ୍ଡୁର ପଦକ୍ଷେପକୁ ଦୃଢ଼ ବିରୋଧ କରିଥିଲା।

## ପୋଲିସ ଅବହେଳା ଯୋଗୁ ପ୍ରମାଣ ମିଳୁନି: ସିବିଆଇ

**ଲକ୍ଷ୍ନୌ, ୨୦।୧୨**

**ହାଥରସ୍ ମାମଲା**

ଗତ ସେପ୍ଟେମ୍ବରରେ ଉତ୍ତରପ୍ରଦେଶ ହାଥରସ୍ ଜିଲାରେ ଜଣେ ଦଳିତ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଜିଲା ପୋଲିସର ଅବହେଳାକୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ସାମ୍ନାକୁ ଆଣିଛି। ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ଆସିବା ପରେ ଯୁବତୀଙ୍କ ବୟାନ ରେକର୍ଡ କିମ୍ବା ଡାକ୍ତରୀ ମାଇନା ପାଇଁ ନିୟମ ଥିଲେ ମଧ୍ୟ ଚନ୍ଦପା ପୋଲିସ ତାହାକୁ ପାଳନ କରି ନ ଥିବା ହାଥରସ୍‌ର ଏସ୍‌ସି/ଏସ୍‌ଟି କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ସିବିଆଇ ଦର୍ଶାଇଛି। ଠିକ୍ ସମୟରେ ଉପଯୁକ୍ତ ତଦନ୍ତ ନ ହେବାରୁ ପ୍ରମାଣ ନଷ୍ଟ ହୋଇଛି। ଏପରିକି ପୀଡ଼ିତାଙ୍କ ଭାଇ ବଳାତ୍କାର କଥା କହୁଥିଲେ ମଧ୍ୟ ପୋଲିସ ଏଫ୍‌ଆଇଆର୍‌ରେ କେବଳ ଶାରୀରିକ ନିର୍ଯାତନା ଦିଆଯାଇଥିବା ଦର୍ଶାଇଥିଲା ବୋଲି ସିବିଆଇ କହିଛି। ଫୋନ୍ କଲ, ଲାପଟପ୍ ଡାଟା ଏବଂ ସିସିଟିଭି ଫୁଟେଜ୍ ଉପରେ ସେଣ୍ଟ୍ରାଲ୍ ଫରେନସିକ୍ ସାଇନ୍ସ ଲାବୋରେଟୋରୀର ରିପୋର୍ଟ ମଧ୍ୟ ହସ୍ତଗତ ହୋଇପାରିନାହିଁ। ଅଭିଯୁକ୍ତ ସନ୍ଦୀପ, ରବି, ଲବକୁଶ ଏବଂ ରାମକୁମାର ଓରଫ୍ ରାମୁଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ କରିବା ପାଇଁ ଅନେକ କାରଣ ଥିବା ସିବିଆଇ ଦର୍ଶାଇଛି। ସୂଚନାଯୋଗ୍ୟ, ଘଟଣାର ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## କଂଗ୍ରେସରେ ଅଦଳବଦଳ ଆରମ୍ଭ

**ନୂଆଦିଲ୍ଲୀ, ୨୦।୧୨**

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ଅସନ୍ତୁଷ୍ଟ ନେତାମାନଙ୍କୁ ଭେଟିବା ପରେ ତେଲଙ୍ଗାନା, ଗୁଜରାଟ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର କଂଗ୍ରେସ ସଂଗଠନରେ ଅଦଳବଦଳ ଆରମ୍ଭ ହୋଇଛି। ହାଇଦ୍ରାବାଦ ପୌର ନିଗମ ନିର୍ବାଚନରେ ଦଳର ବିଫଳତାକୁ ଦାୟୀ କରି ତେଲଙ୍ଗାନା ପ୍ରଦେଶ କଂଗ୍ରେସ ସଭାପତି ଉତ୍ତମ କୁମାର ରେଡ୍ଡୀ ଇସ୍ତଫା ଦେଇଛନ୍ତି। ସେହିପରି ଗୁଜରାଟ ନିର୍ବାଚନରେ ଦଳର ଦୁର୍ବଳ ପ୍ରଦର୍ଶନକୁ ନେଇ ସେଠାର କଂଗ୍ରେସ ସଭାପତି ଅମିତ୍ ଚାଭ୍‌ଡା ଇସ୍ତଫା ଦେଇଥିବା ଜଣାପଡିଛି।

ମଧ୍ୟପ୍ରଦେଶ କଂଗ୍ରେସ କମିଟି ସଭାପତି ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ସିଏଲ୍‌ପି ନେତା ପଦରେ ମଧ୍ୟ ଅଛନ୍ତି। ଅସନ୍ତୁଷ୍ଟ ନେତାମାନଙ୍କ ସହ ସୋନିଆଙ୍କ ବୈଠକ ଆୟୋଜନରେ ସେ ମୁଖ୍ୟ ଭୂମିକା ନେଇଥିଲେ। ଶନିବାର ମୁମ୍ବାଇ ଆଞ୍ଚଳିକ କଂଗ୍ରେସ କମିଟିରେ ପରିବର୍ତ୍ତନ କରାଯାଇଥିଲା। ମହାରାଷ୍ଟ୍ର କଂଗ୍ରେସ କମିଟି ସଭାପତି ଥିବା ବାଲାସାହେବ ଥୋରାଟ କଂଗ୍ରେସ ବିଧାୟକ ଦଳ ନେତା ମଧ୍ୟ ଅଛନ୍ତି। ଆସନ୍ତା ବର୍ଷ ନିର୍ବାଚନ ହେବାକୁ ଥିବା ଆସାମ ଓ କେରଳ ପାଇଁ ସୋନିଆ ୩ ଜଣ ଲେଖାଏ ଏଆଇସିସି ସମ୍ପାଦକଙ୍କୁ ଦାୟିତ୍ୱ ଦେଇଛନ୍ତି। ସେମାନେ ଆସାମ ଏବଂ କେରଳରେ ଭାରତପ୍ରାପ୍ତ ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ ଏବଂ ତାରିକ୍ ଅନୱରଙ୍କୁ ସହାୟତା କରିବେ।



ଗୁରୁ ତେଜ୍ ବାହାଦୁରଙ୍କ ୪୦୦ତମ ପ୍ରକାଶ ପର୍ବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁଦ୍ୱାର ରାକାବ ଗଞ୍ଜ ସାହିବ୍‌ରେ ପୂଜାର୍ଚ୍ଚନା କରୁଛନ୍ତି।

## 'ଆନ୍ଦୋଳନକୁ ପ୍ରେରିତ କରୁଛି ଅବିଶ୍ୱାସ'

**ନୂଆଦିଲ୍ଲୀ, ୨୦।୧୨**

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ଦୀର୍ଘଦିନ ହେଲା ଚାଷୀମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନରେ ବସିଛନ୍ତି। ସରକାରଙ୍କ ପ୍ରତି ବିଶ୍ୱାସର ଅଭାବ ଯୋଗୁ ଆନ୍ଦୋଳନ ତେଜୁଥିବା ନୋବେଲ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ଅଭିଜିତ୍ ବାନାର୍ଜୀ କହିଛନ୍ତି। ଏହାର ସମାଧାନ ପାଇଁ ସେମାନଙ୍କ ମନରେ ଆସ୍ଥା ସୃଷ୍ଟି କରିବାକୁ ହେବ। କାରଣ ସେମାନେ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ସନ୍ଦିହାନ ରହିଛନ୍ତି। ଅବିଶ୍ୱାସ ଏପରି ବଢ଼ିଯାଇଛି ଯେ, ସେମାନଙ୍କ ମନରୁ ସନ୍ଦେହ ଦୂର କରିବା ସହଜ ନୁହେଁ। କୃଷକମାନଙ୍କ ସହ ବୁଝାମଣା କେତେକ ରାଜ୍ୟ ସରକାରଙ୍କ ମାଧ୍ୟମରେ ହେବା ଆବଶ୍ୟକ ବୋଲି ବାନାର୍ଜୀ ପରାମର୍ଶ ଦେଇଛନ୍ତି।



ଅଭିଜିତ୍ ବାନାର୍ଜୀ

## 'ବିଫଳତା ଲୁଚାଇବାକୁ ଅଧିବେଶନ ବାତିଲ'

**ନୂଆଦିଲ୍ଲୀ, ୨୦।୧୨**

କେନ୍ଦ୍ର ସରକାର ନିଜ ବିଫଳତା ଲୁଚାଇବାକୁ ପାର୍ଲାମେଣ୍ଟର ଶୀତ ଅଧିବେଶନକୁ ବାତିଲ କରିଛନ୍ତି। କରୋନା ମହାମାରୀ ଆଳରେ ସରକାର ତାଙ୍କୁ ହେବାକୁ ଥିବା ପ୍ରଶ୍ନରୁ ବର୍ତ୍ତିବା ପାଇଁ ଏପରି କରିଥିବା ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ ବାତିଲ କରି ସେହି ଅର୍ଥକୁ ଗରିବ, ଅସହାୟଙ୍କ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ପ୍ରଦାନ କରାଯାଉ ବୋଲି ସଙ୍ଗଠନ ପକ୍ଷରୁ ଜାରି ଏକ ବିବୃତିରେ ଦାବି କରାଯାଇଛି। ମହାମାରୀ ସମୟରେ ଭାଜପା ନିର୍ବାଚନୀ କ୍ୟାମ୍ପେନ କରୁଥିବାବେଳେ ପାର୍ଲାମେଣ୍ଟ ଅଧିବେଶନ ପାଇଁ କରୋନା ବାହାନା ଦେଖାଉଛି।

## ବିକାଶ ପାଇଁ ବଦଳିଯିବେ ଜନତା: ଶାହା

**କୋଲକାତା, ୨୦।୧୨**

ମମତାଙ୍କ ଗଡ଼ ହାତେଇବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୋଟିଚାଳନା ଜାରି ରଖିଛନ୍ତି। ଆସନ୍ତାବର୍ଷ ଏହି ରାଜ୍ୟରେ ନିର୍ବାଚନ ହେବାକୁ ଥିବାରୁ ଏଠାରେ ପ୍ରଚାର କାମ ଜୋରସୋରରେ ଚଳାଇଛନ୍ତି ଶାହା। ରବିବାର ଗସ୍ତର ଶେଷ ଦିନରେ ଶାହା ତୃଣମୂଳ କଂଗ୍ରେସ(ଟିଏମ୍‌ସି) ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି। ଏଠାକାର ଜନତା ବିକାଶ ପାଇଁ ପରିବର୍ତ୍ତନ ଆଣିବେ ବୋଲି ଶାହା କହିଛନ୍ତି। ମେଦିନାପୁର ଓ ବୋଲପୁରରେ ରାଲିରେ ସମ୍ବୋଧନ ଦେଇ କହିଥିଲେ ଯେ, ଯଦି ଭାଜପା ଶାସନକୁ ଆସେ ତେବେ ୫ ବର୍ଷରେ 'ସୋନାର୍ ବାଙ୍ଗଲା' ଗଢ଼ିବ। ଏଥିସହ ଶାହା ଏକ ଖବରଦାତା ସମ୍ମିଳନୀ କରି ମମତାଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରିଥିଲେ। ରାଜ୍ୟରେ ଶିଳ୍ପ ଉତ୍ପାଦନ ହ୍ରାସ ପାଇବଛି। ଗତ ୭୦ ବର୍ଷ ମଧ୍ୟରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ପଶ୍ଚିମବଙ୍ଗର ଅବଦାନ ୩୦ ପ୍ରତିଶତରୁ ୩ ପ୍ରତିଶତକୁ ହ୍ରାସ ପାଇଛି ବୋଲି ଶାହା କହିଥିଲେ।



ଭାରତୀୟ କିଷାନ ୟୁନିୟନ ମୁଖପାତ୍ର ରାକେଶ ଟିକାୟତ ଆନ୍ଦୋଳନରେ ମୃତ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଗୋଆରେ ଗୋମାଂସ ସଙ୍କଟ

- କର୍ଣ୍ଣାଟକ ଗୋହତ୍ୟା ନିରୋଧୀ ଆଇନର ପ୍ରଭାବ
- ଫିକା ପଡ଼ିବ ଖ୍ରୀଷ୍ଟମାସ
- ୨ ଦିନରେ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ମୁମ୍ବାଇ, ୨୦।୧୨**

ଗୋଆରେ ଖ୍ରୀଷ୍ଟମାସ୍ ପାଳନ ବେଳେ ମୁଖ୍ୟ ବ୍ୟଞ୍ଜନ ଭାବେ ବିଫ୍ (ଗୋମାଂସ) ପରିବେଷଣ କରାଯାଇଥାଏ। ଏଥର ଖ୍ରୀଷ୍ଟମାସ୍ ପୂର୍ବରୁ ସେଠାରେ ଗୋମାଂସ ସଙ୍କଟ ଗୋଆବାସୀଙ୍କୁ ଚିନ୍ତାରେ ପକାଇଦେଇଛି। ଗୋମାଂସ ବିନା ଏଥର ଖ୍ରୀଷ୍ଟମାସ ପାଳନ ଫିକା ପଡ଼ିବ ବୋଲି ଅନେକେ କହିଛନ୍ତି। ତେବେ ଦୁଇଦିନ ମଧ୍ୟରେ ଏହାର ସମାଧାନ ବାଟ ବାହାର କରିବା ଲାଗି ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ପ୍ରତିଶ୍ରୁତି ଦେଇଛନ୍ତି। କର୍ଣ୍ଣାଟକ ସରକାର ଗୋହତ୍ୟା ବିରୋଧରେ କଠୋର ଆଇନ ବିଧାନସଭାରେ ଗୃହୀତ କରାଇବା ପରେ ଗୋଆକୁ ମାଂସ ଯୋଗାଣ ବନ୍ଦ ହୋଇଯାଇଛି। ୧୩ ବର୍ଷରୁ କମ୍ ଗାଈ କିମ୍ବା ମଇଁଷି ଚୋରା ଚାଲାଣ କିମ୍ବା ହତ୍ୟା କଲେ ୩ରୁ ୭ ବର୍ଷ ଜେଲ୍‌ଦଣ୍ଡ ସହ ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ବ୍ୟବସ୍ଥା ଉକ୍ତ ଆଇନରେ ରହିଛି। ଏହା କାର୍ଯ୍ୟକାରୀ ହୋଇ ନ ଥିଲେ ମଧ୍ୟ ମାଂସ ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଛି।

ଗୋଆର ଅଧିକାଂଶ ଲୋକ ଘୁଷୁରି ମାଂସ ଖାଆନ୍ତି ନାହିଁ। ସେଥିପାଇଁ ଆମକୁ କେବଳ ଚିକେନ୍ ତରକାରୀ କରିବାକୁ ପଡ଼ିବ ବୋଲି ଗୃହିଣୀ ଭାଲେନ୍‌ସିଆ ନତାଶା ଡିସୌଜା କହିଛନ୍ତି। କିଛିଦିନ ହେଲ । ଗୋଆର ଗୋମାଂସ ଦୋକାନ ବନ୍ଦ ରହିଛି। ଖ୍ରୀଷ୍ଟମାସ ପ୍ରଭାବିତ ହେବା ପୂର୍ବରୁ ସରକାର କିଛି କରିବେ ବୋଲି ଅନ୍ୟ ଜଣେ ଗୃହିଣୀ ଆଶାବ୍ୟକ୍ତ କରିଛନ୍ତି। ଗୋଆର ୩୦% ଲୋକ କ୍ୟାଥୋଲିକ୍। ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ କୌଣସି ସହାୟତା କରିପାରିବେ ନାହିଁ। ଏଥର ପର୍ବ ଫିକା ପଡ଼ିବ ବୋଲି ଅନ୍ୟ ଜଣେ ବାସିନ୍ଦା ପ୍ରଦୀପ ଆମୋଙ୍କର କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ସଚିବ, ପ୍ରାଣୀ ଚିକିତ୍ସା ବିଭାଗ ନିର୍ଦ୍ଦେଶକଙ୍କ ବୈଠକ ଡାକିଛନ୍ତି। ବଜାରରେ ଗୋମାଂସ ଉପଲବ୍ଧ ପାଇଁ ଯଥାସମ୍ଭବ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୁଧବାର ଗୋଆର ଗୋମାଂସ ବ୍ୟବସାୟୀଙ୍କ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହାର ପ୍ରତିକାର ପାଇଁ ଅନୁରୋଧ କରିଥିଲେ।

## ସଂକ୍ଷେପରେ

### ବିଳମ୍ବ ହୋଇପାରେ ଏୟାର୍ ଇଣ୍ଡିଆ ଘରୋଇକରଣ

**ନୂଆଦିଲ୍ଲୀ,୨୦।୧୨:** ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ଘରୋଇକରଣ ଚଳିତ ବର୍ଷ ସମ୍ପୂର୍ଣ୍ଣ ହୋଇ ନ ପାରେ। ଏହା ଆସନ୍ତା ଆର୍ଥିକ ବର୍ଷକୁ ଘୁଞ୍ଚିବା ନେଇ ଏକ ରିପୋର୍ଟ ସାମ୍ନାକୁ ଆସିଛି। ଚଳିତ ଆର୍ଥିକ ବର୍ଷରେ ଆଉ ୩ ମାସ ସମୟ ରହିଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ସବୁ କାମକୁ ଶେଷ କରିବା ହୁଏତ କଷ୍ଟକର ବୋଲି କୁହାଯାଉଛି। ଏୟାର ଇଣ୍ଡିଆ ଲାଗି ଟାଟା ଗ୍ରୁପ ଏବଂ ଆମେରିକା ଭିତ୍ତିକ ଫଣ୍ଡ ହାଉସ ଇଣ୍ଟରପ୍ଲସ ଇଙ୍କ ଭଳି ଅନ୍ୟ କିଛି କମ୍ପାନୀ ଆଗ୍ରହ ଦେଖାଇଛନ୍ତି। ଗତ ସପ୍ତାହରେ ପ୍ରାଥମିକ ବିଡ୍ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ସେହିଭଳି ଏୟାର ଇଣ୍ଡିଆର ଏକ କର୍ମଚାରୀଙ୍କ ଗୋଷ୍ଠୀ ମଧ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଦାଖଲ କରିଥିବା ଜଣାପଡିଛି। ଇଣ୍ଟରପ୍ଲସ ସହ ଚୁକ୍ତିରେ ଏମାନେ ବିଡ୍ ଦାଖଲ କରିଛନ୍ତି।

### ନୀରବ ମୋଦି ଭାଇଙ୍କ ବିରୋଧରେ ଠକେଇ ମାମଲା

**ନୂଆଦିଲ୍ଲୀ,୨୦।୧୨:** ପିଏନ୍‌ବିରୁ ୧୩ ହଜାର କୋଟି ଟଙ୍କା ଠକେଇରେ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ବିରୋଧରେ ଏବେ ପ୍ରତ୍ୟର୍ପଣ ମାମଲା ରୁଜୁ ହୋଇଛି। ତାଙ୍କ ଭାଇ ନେହାଲ ମୋଦିଙ୍କ ବିରୋଧରେ ରବିବାର ଏକ ଠକେଇ ମାମଲା ସାମ୍ନାକୁ ଆସିଛି। ନେହାଲଙ୍କ ବିରୋଧରେ ୧୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଏକ ଠକେଇ ମାମଲା ରୁଜୁ କରାଯାଇଛି। ମଲ୍ଟିଲେୟାର ସ୍କିମ ଜରିଆରେ ସେ ଏଭଳି ଠକେଇ କରିଥିବାରୁ ନ୍ୟୁୟର୍କରେ ମାମଲା ରୁଜୁ କରାଯାଇଛି। ତାଙ୍କ ବିରୋଧରେ ଫାଷ୍ଟ ଡିଗ୍ରୀରେ ବଡ ଚୋରି ଅଭିଯୋଗ ଆସିଛି। ଠକେଇ ୧ ନିୟୁତ ଡଲାରରୁ ଅଧିକ ହୋଇଥିବାରୁ ଫାଷ୍ଟ ଡିଗ୍ରୀ ଚୋରି ମାମଲା ସାମ୍ନାକୁ ଆସିଛି। ଏବେ ନ୍ୟୁୟର୍କ ସୁପ୍ରିମକୋର୍ଟରେ ନେହାଲଙ୍କ ବିରୋଧରେ ମାମଲା ଚାଲିବ। ନେହାଲ ଏହି ଘଟଣା ସହ ୨୦୧୫ରେ ଜଡିତ। ଏକ ପ୍ରେଜେନଟେଶନ ପାଇଁ ସେ ଆମେରିକାର ଏଲ୍‌ଏଲ୍‌ଡି ଡାଇମଣ୍ଡଠାରୁ ୨.୬ ନିୟୁତ ଡଲାର ମୂଲ୍ୟର ହୀରା ନେଇଥିଲେ। ଫାଷ୍ଟକୋ ହୋଲସେଲ କର୍ପୋରେଶନ ସହ ଚୁକ୍ତିରେ ସାମିଲ ହୋଇଥିବାରୁ ହୀରାର ଆବଶ୍ୟକତା ରହିଛି। ହୀରାଗୁଡିକୁ ସେ ଫାଷ୍ଟକୋକୁ ଦେଖାଇବେ ବୋଲି ନେହାଲ ମିଛ କହିଥିଲେ।

# ଅତିରିକ୍ତ ଋଣ ଉଠାଇବେ ୫ ରାଜ୍ୟ

**ନୂଆଦିଲ୍ଲୀ,୨୦।୧୨**

ଖୋଲା ବଜାରରୁ ୫ ରାଜ୍ୟ ଅତିରିକ୍ତ ଋଣ ଉଠାଇବେ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, କର୍ନାଟକ, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ ତେଲଙ୍ଗାନା ରହିଛନ୍ତି। ୧୬,୭୨୮ କୋଟି ଟଙ୍କାର ଅତିରିକ୍ତ ଋଣ ଉଠାଣ ନେଇ ଏହି ରାଜ୍ୟଗୁଡ଼ିକୁ ଅନୁମତି ମିଳିଛି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସକୁ

**୧୬ ହଜାର କୋଟି ବଜାର ଋଣ ନେଇ କେନ୍ଦ୍ରର ଅନୁମତି**

ବଢାଇବା ଲାଗି ସଂସ୍କାର ପ୍ରକ୍ରିୟା ତ୍ୱରାନ୍ୱିତ ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ମହାମାରୀ ପାଇଁ ରାଜ୍ୟଗୁଡିକ ସମ୍ବଳ ଯୋଗାଣ ଦିଗରେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଚଳିତ ବର୍ଷ ମେ ମାସରେ ସରକାର ରାଜ୍ୟଗୁଡିକର ଋଣ ନିୟମରେ ପରିବର୍ତ୍ତନ କରିଛନ୍ତି। ରାଜ୍ୟ ସେମାନଙ୍କ ମୋଟ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ର ଅତିରିକ୍ତ ୨% ଋଣ ଉଠାଇପାରିବେ ବୋଲି ସରକାର କହିଥିଲେ। ଲୋକାଭିମୁଖୀ ଯୋଜନା ଗ୍ରହଣ କରୁଥିଲେ ରାଜ୍ୟ ଏହାର ବ୍ୟବହାର କରିପାରିବେ।

ୱାନ୍ ନେଶନ ୱାନ୍ ରାଶନ କାର୍ଡ, ଇଜ୍ ଅଫ୍ ଡୁଇଂ ବିଜନେସ, ସହରାଞ୍ଚଳ ଶାସନ ବ୍ୟବସ୍ଥା ଏବଂ ଶକ୍ତି କ୍ଷେତ୍ର ସଂସ୍କାର ଭଳି ଅନ୍ୟ କିଛି ଦିଗରେ ଏଥିରେ ଫୋକସ କରାଯାଇଛି। ୱାନ୍ ନେଶନ ୱାନ୍ ରାଶନ କାର୍ଡ ସିଷ୍ଟମକୁ ଏବେ ସୁଦ୍ଧା ୧୦ ରାଜ୍ୟ କାର୍ଯ୍ୟକାରୀ କରାଇଛନ୍ତି। ସେହିଭଳି ୫ ରାଜ୍ୟ ଇଜ୍ ଅଫ୍ ଡୁଇଂ ବିଜନେସ, ସ୍ଥାନୀୟ ଶାସନ ବ୍ୟବସ୍ଥା କ୍ଷେତ୍ରରେ ୨ ରାଜ୍ୟ କାର୍ଯ୍ୟପନ୍ଥା ହାତକୁ ନେଇଛନ୍ତି। ସେହିଭଳି ଅତିରିକ୍ତ ଋଣ ଉଠାଣ ବାଦ୍ ରାଜ୍ୟଗୁଡିକୁ ପୁଞ୍ଜି ଖର୍ଚ୍ଚ ଲାଗି ସହାୟତା ଯୋଗାଣ ନେଇ କେନ୍ଦ୍ର ଯୋଜନା ହାତକୁ ନେଇଛି। ପ୍ରମୁଖ ୪ ସଂସ୍କାର ମଧ୍ୟରୁ ୩ଟିକୁ ଶେଷ କରିଥିଲେ ପୁଞ୍ଜି ଖର୍ଚ୍ଚ ଲାଗି ସରକାର ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବେ। ଏଥିଲାଗି ୨ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଲୋକାଭିମୁଖୀ ସଂସ୍କାର ପ୍ରକ୍ରିୟା କାର୍ଯ୍ୟକାରୀ କରାଇବା ନେଇ ରାଜ୍ୟ ଲାଗି ଏକ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ସଂସ୍କାର ପ୍ରକ୍ରିୟା ଗ୍ରହଣ କରିଥିଲେ ସ୍ୱତନ୍ତ୍ର ପାଣ୍ଠି ଲାଭ ନେଇ ରାଜ୍ୟ ଯୋଗ୍ୟ ବିବେଚିତ ହୋଇପାରିବେ।




# ରୁଚିର ବାଲିଯାତ୍ରା ଅଫର ବିଜେତା



**ଭୁବନେଶ୍ୱର,୨୦।୧୨:** ରୁଚି ମସଲା ଉଦ୍ୟୋଗୀ ପକ୍ଷରୁ 'ବାଲି ଯାତ୍ରା ଅଫର'ର ବିଜେତାମାନଙ୍କୁ ନଗଦ ଅର୍ଥରାଶି ସହ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଛି। ରବିବାର ସ୍ଥାନୀୟ ଉତ୍କଳ ସିଗ୍‌ନେଚର ସ୍ଥିତ ରୁଚି କର୍ପୋରେଟ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ସଲିନା ସାହୁ ଏବଂ ଅଭିନେତ୍ରୀ ଲିପ୍‌ସା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କଟକ ନୂଆପଡାର ଅପର୍ଣ୍ଣା ପଣ୍ଡା ପ୍ରଥମ ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ପାଇଥିଲେ। ସେହିଭଳି ଭୁବନେଶ୍ୱରର କୃଷ୍ଣାଙ୍ଗୀ ସେଠୀ ଦ୍ୱିତୀୟ ପୁରସ୍କାର ସ୍ୱରୂପ ୧୫ ହଜାର ଟଙ୍କା ଏବଂ ତୃତୀୟ ପୁରସ୍କାର କଟକ ମହାନଦୀ ବିହାରର ଡ. ରମାକାନ୍ତ ମହାପାତ୍ରଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିଭଳି ୧୦୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାର୍କେଟିଂ ଜୋନାଲ ହେଡ ଦିଲ୍ଲୀପ କୁମାର ସାହୁ, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ସ୍ୱାଇଁ, ମୁଖ୍ୟ ପ୍ରବନ୍ଧକ ଦେବବ୍ରତ ପଟ୍ଟନାୟକ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, କମ୍ପାନୀର ଲୋକ ସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ ହଜାର କୋଟି ପୁଞ୍ଜି ସଂଗ୍ରହ କରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୦।୧୨**

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୨୫ ହଜାର ଅତିରିକ୍ତ ପୁଞ୍ଜି ସଂଗ୍ରହ କରିବା ନେଇ ବର୍ତ୍ତମାନ ଯୋଜନା କରୁଛନ୍ତି। ଆଗାମୀ ୩ ମାସରେ ଉଭୟ ଇକ୍ୱିଟି ଏବଂ ଡେଟ୍ ଦ୍ୱାରା ଏଭଳି ପାଣ୍ଠି ସଂଗ୍ରହ କରାଯିବ। ନିୟାମକ ଆବଶ୍ୟକତା ଏବଂ ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ଗତ କିଛି ମଧ୍ୟରେ ପ୍ରମୁଖ ବ୍ୟାଙ୍କଗୁଡିକ ବଜାରରୁ ପ୍ରାୟ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ସଂଗ୍ରହ କରିଛନ୍ତି। ଏହି ବ୍ୟାଙ୍କ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ), ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ କାନାରା ବ୍ୟାଙ୍କ ରହିଛନ୍ତି। ଇକ୍ୱିଟି, ଏଟି୧ ଏବଂ ଟାୟାରା-୨ ବଣ୍ଡ ଦ୍ୱାରା ଏଭଳି ପୁଞ୍ଜି ଉଠାଣ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଆର୍ଥିକ ସେବା ସଚିବ ଦେବାଶିଷ ପଣ୍ଡା କହିଛନ୍ତି ଯେ, ଗତ କିଛି ମାସରେ ବ୍ୟାଙ୍କ ବୃହତ୍ ପରିମାଣର ଅର୍ଥ ବଜାରରୁ ଉଠାଣ କରିବାକୁ ସକ୍ଷମ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ଆଉ ୨୦ରୁ ୨୫ ହଜାର କୋଟି ଟଙ୍କା ବଜାରରୁ ଉଠାଇ ପାରନ୍ତି ବୋଲି ସେ ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ କ୍ୱାଲିଫାଏଡ ଇନଷ୍ଟିଚ୍ୟୁଶନାଲ ପ୍ଲେସମେଣ୍ଟରେ କାନାରା ବ୍ୟାଙ୍କ ୨ ହଜାର କୋଟି ଏବଂ ପିଏନ୍‌ବି ୩,୭୮୮ କୋଟି ଉଠାଇଛି। କୋଭିଡ ଯୋଗୁ ସରକାରଙ୍କୁ ରାଜସ୍ୱ ସଂଗ୍ରହରେ ବାଧା ଉପୁଜିଛି। ଏଭଳି ସ୍ଥିତିରେ ସରକାରୀ ସହାୟତାକୁ ଅପେକ୍ଷା ନ କରି ବ୍ୟାଙ୍କ ନିଜ ସକ୍ଷମ ଅନୁସାରେ ବଜାରରୁ ଋଣ ଉଠାଇ ପାରିବେ ବୋଲି ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି।

## ଫେବୃୟାରୀ ୨୮ ସୁଦ୍ଧା ଲାଇଫ ସାର୍ଟିଫିକେଟ ଦେବେ ପେନସନଭୋଗୀ

**ନୂଆଦିଲ୍ଲୀ,୨୦।୧୨**

କୋଭିଡ୍ ମହାମାରୀ ସମୟରେ ପେନଶନଭୋଗୀଙ୍କୁ ସରକାର ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ୨୦୨୧ ଫେବୃୟାରୀ ୨୮ ସୁଦ୍ଧା ପେନଶନଭୋଗୀଙ୍କୁ ଲାଇଫ ସାର୍ଟିଫିକେଟ ପ୍ରଦାନ କରିବାକୁ କେନ୍ଦ୍ର ସରକାର କହିଛନ୍ତି। ମହାମାରୀକୁ ଧ୍ୟାନରେ ରଖି ପେନସନଭୋଗୀଙ୍କ ଲାଇଫ ସାର୍ଟିଫିକେଟ ପ୍ରଦାନ କରିବା ଅବଧିକୁ ବଢାଯାଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ରବିବାର କହିଛନ୍ତି। ସୂଚନା ଯୋଗ୍ୟ, ପେନଶନ ଲାଭ କରିବା ଲାଗି ବାର୍ଷିକ ଲାଇଫ ସାର୍ଟିଫିକେଟ ପ୍ରଦାନକୁ ବାଧ୍ୟତାମୂଳକ କରାଯାଇଛି। ଡିଜିଟାଲ ଲାଇଫ ସାର୍ଟିଫିକେଟ (ଡିଏଲ୍‌ସି) ସୁବିଧା ପ୍ରଦାନ କରିବା ଲାଗି ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କକୁ ଅନୁମତି ମିଳିଛି। ପେନଶନ ଏବଂ ପେନଶନର୍ସ ୱେଲଫେୟାର ଡିପାର୍ଟମେଣ୍ଟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

# ହିରୋମୋଟୋକର୍ପର ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୦।୧୨**

ପ୍ରମୁଖ ୨ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ପକ୍ଷରୁ ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଏହାର ପ୍ରିମିୟମ ସେଗମେଣ୍ଟ ଗ୍ରାହକଙ୍କ ଲାଗି ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ସ୍ଥାନୀୟ ଡିଲରଶିପ ଟିମ୍ ସହାୟତାରେ ବ୍ରେକ୍ ଫାଷ୍ଟ ରାଇଡ ଟୁ ଧଉଳି ଆୟୋଜିତ ହୋଇଯାଇଛି। ଏଥିରେ ଅନେକ ସଂଖ୍ୟାରେ ଗ୍ରାହକ ଯୋଗଦେଇ ରାଇଡର ମଜା ନେଇଥିଲେ। ଏକ୍ସଟ୍ରିମ ୧୬୦ ଆର୍ ଏବଂ ଏକ୍ସପଲ୍‌ସ ୨୦୦ ମଡେଲର ଅଫରୋଡ ଅଭିଜ୍ଞତା ଦିଗରେ ଏଭଳି ରାଇଡ ସହାୟକ ହୋଇଥିବା ଦିଲୀପ କୁମାର ସାହୁ ମତ ବ୍ୟକ୍ତ କରିଛନ୍ତି। ଇଭେଣ୍ଟ ରୋମାଞ୍ଚକର ହୋଇଥିବା ବେଳେ ଏହାକୁ ବହୁତ ଏନଜୟ କରିଥିବା ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ହିରୋ ମୋଟୋକର୍ପ ଏହାର ପ୍ରିମିୟମ ସେଗମେଣ୍ଟ ଯାନ ବର୍ଗକୁ ଦୃଢୀକରଣ କରିବା ଦିଗରେ ବିଭିନ୍ନ ଯୋଜନା ହାତକୁ ନେଉଛି। ଏହି ବର୍ଗରେ ଏକ୍ସଟ୍ରିମ ୧୬୦ ଆର୍, ଏକ୍ସଟ୍ରିମ ୨୦୦ ଏସ୍, ଏକ୍ସପଲ୍‌ସ ୨୦୦ ଭଳି ମଡେଲ ସାମିଲ ରହିଛି। ପ୍ରିମିୟମ ବର୍ଗ ଯାନ ଗ୍ରାହକଙ୍କ ଅଭିଜ୍ଞତାକୁ ବଢାଇବା ଦିଗରେ ବିଭିନ୍ନ ଯୋଜନା ହାତକୁ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଖେଳ ଖବର

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୪ ସ୍ୱଦେଶୀ ଖେଳ

**ନୂଆଦିଲ୍ଲୀ,୨୦।୧୨(ପି.ଟି.):** ହରିୟାଣାରେ ୨୦୨୧ରେ ଆୟୋଜନ ହେବାକୁ ଯାଉଥିବା ଖେଲେ ଇଣ୍ଡିଆ ୟୁଥ୍ ଗେମ୍ସରେ ୪ଟି ସ୍ୱଦେଶୀ ଖେଳ ସାମିଲ ହେବ। ଏ ନେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ଅନୁମୋଦନ ଦେଇଛି। ଗଟ୍‌କା, କାଲାରିପାୟାଟ୍ଟୁ, ଥାଙ୍ଗ୍-ଟା ଓ ମାଲଖମ୍ବକୁ ଏହି ୟୁଥ୍ ଗେମ୍ସରେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ୱଦେଶୀ କ୍ରୀଡ଼ାର ଏକ ବଳିଷ୍ଠ ପରମ୍ପରା ତଥା ଐତିହ୍ୟ ଭାରତରେ ରହିଛି। ତେଣୁ ମନ୍ତ୍ରଣାଳୟ ଏହି କ୍ରୀଡ଼ାଗୁଡିକର ପ୍ରଚାର ଓ ପ୍ରସାର, ଏହାର ଲୋକପ୍ରିୟତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଏହି ପାରମ୍ପରିକ କ୍ରୀଡ଼ାର ଉନ୍ନତି ପାଇଁ ଖେଲୋ ଇଣ୍ଡିଆ ଗେମ୍ସ ହିଁ ଶ୍ରେଷ୍ଠ ପ୍ଲାଟ୍‌ଫର୍ମ। ତେଣୁ ୨୦୨୧ ସଂସ୍କରଣରେ ଏହି ୪ କ୍ରୀଡ଼ା ସାମିଲ ହେବା ଏକପ୍ରକାର ନିଶ୍ଚିତ ବୋଲ ସେ କହିଛନ୍ତି। ଯୋଗାସନ ମଧ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବ ବୋଲି ଆଶା କରାଯାଉଛି। ଆଗାମୀ କିଛି ବର୍ଷରେ ଖେଲୋ ଗେମ୍ସରେ ଆହୁରି କେତୋଟି ସ୍ୱଦେଶୀ କ୍ରୀଡ଼ା ସାମିଲ କରିବୁ ବୋଲି ସେ କହିଛନ୍ତି। ସାମିଲ ହୋଇଥିବା ୪ଟି କ୍ରୀଡ଼ାର ଦେଶର ବିଭିନ୍ନ ଅଞ୍ଚଳରେ ବେଶ୍ ଲୋକପ୍ରିୟତା ରହିଛି।

# ସୁପରଲିଗ୍‌ରେ କଟକ-ଏ, ଇକୋର୍ସା ବିଜୟୀ

**ଭୁବନେଶ୍ୱର,୨୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପୁରୁଷ ଟି ୨୦ କ୍ରିକେଟ ଲିଗ୍‌ରେ ରବିବାର ସୁପରଲିଗ୍‌ର ଦୁଇଟି ମ୍ୟାଚ ଖେଳାଯାଇଛି। ଏଥିରେ କଟକ-ଏ ଓ ଇକୋର୍ସା ବିଜୟ ହାସଲ କରିଛନ୍ତି।

ରେଭେନ୍ସା ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ବାଲେଶ୍ୱର ଓ କଟକ-ଏ ପରସ୍ପରକୁ ଭେଟିଥିଲେ। ଏହି ଲୋ ସ୍କୋରିଂ ମ୍ୟାଚରେ କଟକ ୭ ଉଇକେଟରେ ବିଜୟ ହାସଲ କରିଛି। ଟସ୍ ଜିତି ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୮.୩ ଓଭରରେ ମାତ୍ର ୭୩ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଖଗେଶ ମିଶ୍ର ୧୨ ଓ ନାଉଥାମ୍ ଭଞ୍ଜ ୧୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ କଟକ ତରଫରୁ ସୁନୀଲ ରାଉଲ ୪, ଦୀପକ ବେହେରା ଓ ସୌରଭ କାନୋଜିଆ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଟକ ୧୪.୩ ଓଭରରେ ୩ ଉଇକେଟ ହରାଇ ୭୪ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ଅରବିନ୍ଦ ସିଂ ଅପରାଜିତ ୨୩, ଜ୍ୟୋତି ରଞ୍ଜନ ଦଳାଇ ୨୨ ରନ ସଂଗ୍ରହ କରିଥିଲେ। ବାଲେଶ୍ୱରର ଶେଖର ମାଝି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଓସିଏ ସଦସ୍ୟ ରବିନାରାୟଣ ପଣ୍ଡା ଅତିଥି ଭାବେ ଏହି ମ୍ୟାଚରେ ଯୋଗ ଦେଇଥିଲେ।

କିଟ୍ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଇକୋର୍ସା ୯ ଉଇକେଟରେ ଭୁବନେଶ୍ୱର-ଏ'କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର ୧୮.୧ ଓଭରରେ ୯୨ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଶାନ୍ତନୁ ମିଶ୍ର ସର୍ବାଧିକ ୪୨, ଅନୁରାଗ ଷଡ଼ଙ୍ଗୀ ୧୦, ଦେବାଶିଷ ସାମନ୍ତରାୟ ୧୦ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ

**ଓସିଏ ଆନ୍ତଃ ଜିଲା ସିନିୟର ଟି୨୦**

ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଇକୋର୍ସା ତରଫରୁ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ସର୍ବାଧିକ ୪, ଜୟନ୍ତ ବେହେରା ଓ ଆଲୋକ ମଙ୍ଗରାଜ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇକୋର୍ସା ୧୫.୪ ଓଭରରେ ଗୋଟିଏ ଉଇକେଟ ହରାଇ ୯୫ ରନ କରି ବିଜୟୀ ହୋଇଛି। ଦଳ ତରଫରୁ କାମେଶ୍ୱର ବାରିକ ଅପରାଜିତ ୪୩, ଗିରିଜା ରାଉତ ୨୭ ରନ ସଂଗ୍ରହ କରିଥିଲେ।


ରେଭେନ୍‌ଶା ୟୁନିଭର୍ସିଟି ଗ୍ରାଉଣ୍ଡ୍‌ରେ ବଲେଶ୍ୱର ଓ କଟକ 'ଏ' ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ତୃତୀୟ, ଚତୁର୍ଥ ଟେଷ୍ଟ ଭେନ୍ୟୁ ଅଦଳବଦଳ ସମ୍ଭାବନା

**ଆଡିଲେଡ୍,୨୦।୧୨(ପି.ଟି.):** ସିଡ୍‌ନୀରେ କୋଭିଡ୍-୧୯ ମହାମାରୀ ପ୍ରକୋପ ଦେଖିବାକୁ ମିଳିଛି। କରୋନା ସଂକ୍ରମଣ ବୃଦ୍ଧି ଘଟିଛି। ଫଳରେ ତୃତୀୟ ଓ ଚତୁର୍ଥ ଟେଷ୍ଟର ଭେନ୍ୟୁରେ ଅଦଳବଦଳ କରିବାକୁ ଅଷ୍ଟ୍ରେଲିଆ ବିଚାର କରୁଛି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ତୃତୀୟ ଓ ବ୍ରିସ୍‌ବେନର ଗାବା ଷ୍ଟାଡିୟମରେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ଯଥାକ୍ରମେ ଜାନୁୟାରୀ ୭ ଓ ୧୫ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ତେବେ କୋଭିଡ୍-୧୯ କାରଣରୁ ଚତୁର୍ଥ ଟେଷ୍ଟ ସିଡ୍‌ନୀରେ ଓ ତୃତୀୟ ଟେଷ୍ଟ ବ୍ରିସ୍‌ବେନ୍‌ରେ ଆୟୋଜନ କରିବାକୁ ସିଏ ବିଚାର କରୁଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସିଡ୍‌ନୀରେ ତୃତୀୟ ଟେଷ୍ଟ ଆୟୋଜନକୁ ଆମେ ପ୍ରାଥମିକତା ଦେବୁ ଓ ଏ ନେଇ ଆମେ ଆଶାବାଦୀ ଅଛୁ ବୋଲି ସିଏ ମଧ୍ୟବର୍ତ୍ତୀକାଳୀନ ଅଧ୍ୟକ୍ଷ ହୋକ୍‌ଲି କହିଛନ୍ତି।

ସିଡ୍‌ନୀରେ କରୋନା ମାମଲା ବୃଦ୍ଧି ପାଉଥିବାରୁ ସିଏ ତା'ର ଅଧିକାରୀମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛି। ଏଠାରେ କରୋନା ମାମଲା ୭୧କୁ ବୃଦ୍ଧି ପାଇଛି। ଅବଶ୍ୟ କରୋନା ସଂକ୍ରମଣକୁ ରୋକିବା ପାଇଁ ନ୍ୟୁ ସାଉଥ୍‌ୱେଲ୍ସ ସରକାର କେତେକ କଡ଼ା ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ବିଭିନ୍ନ କଟକଣା ଜାରି କରିଛନ୍ତି। କାର୍ଯ୍ୟସୂଚୀରେ ଆମେ କୌଣସି ପରିବର୍ତ୍ତନ କରିନାହୁଁ ହୋକ୍‌ଲି କହିଛନ୍ତି। ଜାନୁୟାରୀ ୨୬ରେ ମେଲବୋର୍ନରେ ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହେବ।

# ଉଦ୍‌ଘାଟନୀ ମ୍ୟାଚରେ ଭାଲିଆଭାଡ଼ି ବିଜୟୀ



ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ଅଜିତ ଦାସ।

**ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ) ୨୦।୧୨:** ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବାଙ୍କୁଆଳ ଖେଳପଡ଼ିଆଠାରେ ୧୦ମ ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଖୋର୍ଦ୍ଧାର ଭାଲିଆଭାଡି କ୍ରିକେଟ ଟିମ୍ ୪ ଉଇକେଟରେ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଖୋର୍ଦ୍ଧାର କଳିଙ୍ଗ ଟାଇଗର୍ସ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୮୪ ରନ କରିଥିଲା। ଜବାବରେ ଭାଲିଆଭାଡି ଦଳ ୧୭.୩ ଓଭରରେ ୬ ଉଇକେଟ ବିନିମୟରେ ୧୮୮ ରନ କରି ମ୍ୟାଚ ଜିତିନେଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବାସୁଆଘାଇ ସରପଞ୍ଚ ବିନୋଦିନୀ ଜେନା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ କ୍ଷୀରୋଦ ସ୍ୱାଇଁ, ରମେଶ ଚନ୍ଦ୍ର ପଣ୍ଡା, ପବିତ୍ର ମୋହନ ସ୍ୱାଇଁ, ତ୍ରୈଲୋକ୍ୟନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ କବିରାଜ ସ୍ୱାଇଁ ବିଜୟୀ ଦଳର ଅଜିତ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ହର୍ଷିତ ରଞ୍ଜନ ଚାମ୍ପିୟନ


ଭୁବନେଶ୍ୱର ସ୍କୁଲ ଚେସ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଗଣ।

**ଭୁବନେଶ୍ୱର, ୨୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଟଙ୍କପାଣିରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରଠାରେ ୩୩ତମ ଭୁବନେଶ୍ୱର ସ୍କୁଲ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟପ୍‌ସିଡ ତଥା କଟକସ୍ଥିତ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ହର୍ଷିତ ରଞ୍ଜନ ସାହୁ (ଫିଡେ ରେଟିଂ-୧୬୪୫) ୬ ପଏଣ୍ଟ ଅର୍ଜନ କରିବା ସହ ଚାମ୍ପିୟନ ହୋଇଛନ୍ତି। ଭୁବନେଶ୍ୱରର ସେଣ୍ଟ ଆର୍ନଲ୍ଡ ସ୍କୁଲ ଛାତ୍ର ଅଭିଷେକ ନାୟକ ରନର୍ସଅପ୍ ହୋଇଥିଲେ। ସିଡିଏ ଡିଏଭି ପବ୍ଲିକ ସ୍କୁଲର ପ୍ରତୀକ କୁଶଲ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର କେତେକ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ୮ ବର୍ଷରୁ କମ୍ ବିଭାଗରେ ଈଶାନୀ ଦାସ (ପ୍ରଥମ), ଆୟୁଷ୍ମାନ ସାମନ୍ତରାୟ (ଦ୍ୱିତୀୟ), ୧୦ ବର୍ଷରୁ କମ୍ ବିଭାଗରେ ଅମ୍ଳାନ ସେନାପତି (ପ୍ରଥମ) ଓ ସୌମ୍ୟରଞ୍ଜନ ସାହୁ (ଦ୍ୱିତୀୟ), ୧୨ ବର୍ଷରୁ କମ୍ ବିଭାଗରେ ଆଦିତ୍ୟ ରଞ୍ଜନ ଦାସ (ପ୍ରଥମ) ଓ ମାନସଜିତ୍ ସାମଲ (ଦ୍ୱିତୀୟ) ଏବଂ ବାଳିକା ବିଭାଗରେ ଅଞ୍ଜଳି ମିଶ୍ର (ପ୍ରଥମ) ଓ ଶିବାଙ୍ଗୀ ଶ୍ରେୟ ମହାନ୍ତି (ଦ୍ୱିତୀୟ) ପ୍ରମୁଖଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରେଳ ମନ୍ତ୍ରଣାଳୟର ଯୁଗ୍ମ ମହାପ୍ରବନ୍ଧକ (ଫାଇନାନ୍ସ), ରାଇଟ୍ସ ଲିମିଟେଡ୍ ଶ୍ରୁତିକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ଏବଂ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାକିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

**ହାମିଲ୍‌ଟନ, ୨୦।୧୨ (ଏପି):** ସ୍ଥାନୀୟ ସେଡନ ପାର୍କଠାରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ନ୍ୟୁଜିଲାଣ୍ଡ ୯ ଉଇକେଟରେ ବିଜୟ ଲାଭ କରିଛି। ଓପନର ଟିମ୍ ସିଫର୍ଟଙ୍କ ଉପଯୋଗୀ ୮୪ରନ ଏବଂ କେନ୍ ୱିଲିୟମସନଙ୍କ ସହ ତାଙ୍କର ୧୨୯ରନର ପାର୍ଟନରଶିପ୍ ଯୋଗୁ ଦଳ ସହଜରେ ମ୍ୟାଚ ଜିତିନେଇଥିଲା। ରବିବାର ଏହି ବିଜୟ ଦ୍ୱାରା ଘରୋଇ ଦଳ ୩ ମ୍ୟାଚବିଶିଷ୍ଟ ଟି୨୦ ସିରିଜରେ ୨-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍ଜା କରିନେଇଛି। **ସଂକ୍ଷିପ୍ତ ସ୍କୋର: ପାକିସ୍ତାନ:** ୨୦ ଓଭରରେ ୧୬୩/୬ (ହାଫିଜ୍-୯୯*, ମହମ୍ମଦ ରିଜୱାନ-୨୨, ଟିମ୍ ସୌଦି-୪/୨୧)। **ନ୍ୟୁଜିଲାଣ୍ଡ:** ୧୯.୨ ଓଭରରେ ୧୬୪/୧ (ଟିମ୍ ସିଫର୍ଟ-୮୪*, କେନ୍ ୱିଲିୟମସନ-୫୭*, ଫାହିମ୍ ଅଶ୍ରଫ୍-୧/୧୯)।

**ସଂକ୍ଷେପରେ**

## ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ଝାଁଳା,୨୦।୧୨(ଡି.ଏନ୍.ଏ):** ଜଟଣୀ ଥାନା ଝାଁଳା ଫାଣ୍ଡି ରାଧାଚରଣପୁର ଗ୍ରାମରେ ରବିବାର ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଏକ ଘରୁ ପୋଲିସ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଜମୁନା ଅଞ୍ଚଳର ଜ୍ଞାନରଞ୍ଜନ ନାୟକ। ଏ ନେଇ ପୋଲିସ ନଂ.୫୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଜ୍ଞାନରଞ୍ଜନ କିଛିବର୍ଷ ହେବ ରାଧାଚରଣପୁରରେ ରହୁଥିବା ମଉସା ଘରେ ରହି କୌଣସି କାର୍ଯ୍ୟ କରୁଥିଲେ। ତେବେ ସବୁଦିନ ଭଳି ଶନିବାର ରାତିରେ ପରିବାରର ସମସ୍ତ ସଦସ୍ୟ ଘରେ ଶୋଇଥିଲେ। ପରଦିନ ସକାଳୁ ମଉସା ବହୁବାର ଡାକିଥିଲେ ମଧ୍ୟ ଜ୍ଞାନରଞ୍ଜନ ଦୀର୍ଘ ସମୟ ପର୍ଯ୍ୟନ୍ତ ଶୋଇବା ଘରୁ ବାହାରି ନ ଥିଲେ। ସନ୍ଦେହରେ କବାଟ ଭାଙ୍ଗିବାରୁ ସେ ବେକରେ ଏକ ରଶି ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଜ୍ଞାନ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟକଥା ଜଣାପଡ଼ିବ ବୋଲି ପୋଲିସ କହିଛି।

## କରୋନା: ରାଜ୍ୟରେ ୨,୬୯୭ ସକ୍ରିୟ ଆକ୍ରାନ୍ତ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** ରାଜ୍ୟରେ କରୋନା ପରୀକ୍ଷା ୬୬,୦୩,୬୧୩ରେ ପହଞ୍ଚିଲାଣି। ଏହାର ମାତ୍ର ୪.୯୪% ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶେଷ ୨୪ ଘଣ୍ଟାରେ ୩୪,୩୩୪ ନମୁନା ପରୀକ୍ଷା ହୋଇଥିବାବେଳେ ୩୭୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନୁଗୋଳରୁ ସର୍ବାଧିକ ୫୦ଜଣ ରହିଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨,୬,୨୩୩କୁ ବୃଦ୍ଧି ପାଇଛି। ସେପଟେ ରବିବାର ଆଉ ୩୩୮ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩,୨୧,୬୪୭ରେ ପହଞ୍ଚିଛି। ସେହିପରି ଆଉ ୪ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବାବେଳେ ଖୋର୍ଦ୍ଧା, ମୟୂରଭଞ୍ଜ, ସମ୍ବଲପୁର ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୩୬ ଛୁଇଁଛି। ଖୋର୍ଦ୍ଧାରୁ ସର୍ବାଧିକ ୩୧୩ଜଣ ରହିଥିବାବେଳେ ଗଞ୍ଜାମରୁ ୨୪୬, ସୁନ୍ଦରଗଡ଼ ୧୫୯, କଟକ ୧୩୮ ଓ ପୁରୀ ୧୧୩ଜଣ ରହିଛନ୍ତି। ଦେବଗଡ଼ରେ ସର୍ବନିମ୍ନ ୫ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ବାଦ୍‌ଦେଲେ ବର୍ତ୍ତମାନ ରାଜ୍ୟରେ ୨,୬୯୭ ସକ୍ରିୟ ରୋଗୀ ରହିଛନ୍ତି। ସୁନ୍ଦରଗଡ଼ରେ ସର୍ବାଧିକ ୩୪୭ଜଣ ସକ୍ରିୟ ଆକ୍ରାନ୍ତ ରହିଥିବାବେଳେ ଖୋର୍ଦ୍ଧା ଓ କଟକରେ ୨୨୮ଜଣ ଲେଖାଏ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

## ସାମଗ୍ରିକ କ୍ଷେତ୍ରରେ ଖୋର୍ଦ୍ଧା ରେଳମଣ୍ଡଳ ଶ୍ରେଷ୍ଠ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ରେଳକୁଞ୍ଜଠାରେ ୬୫ତମ ରେଳସପ୍ତାହ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ କୃତୀ କର୍ମଚାରୀ ଓ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ପାଇଁ ପୁରସ୍କୃତ କରିଥିଲେ। କର୍ମଚାରୀଙ୍କ ପ୍ରଗତିଶୀଳ ଉଦ୍ଦେଶ୍ୟ ଲାଗି ପୂର୍ବତଟ ରେଳପଥ ଦେଶର ଏକ ଶ୍ରେଷ୍ଠ ରେଳ ଜୋନ୍ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିବା ମହାପ୍ରବନ୍ଧକ କହିଥିଲେ। ଏହି ଅବସରରେ ସବୁ କ୍ଷେତ୍ରରେ ଉତ୍କର୍ଷ ପାଇଁ 'ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ'କୁ ସାମଗ୍ରିକ ଦକ୍ଷତା ସିଲ୍ଡ, ବିଶାଖାପାଟଣା ରେଳ ଷ୍ଟେଶନକୁ ଉତ୍ତମ ବୃହତ ପରିଚ୍ଛନ୍ନ ଷ୍ଟେଶନ ଓ କେନ୍ଦୁଝରଗଡ଼ ରେଳଷ୍ଟେଶନକୁ ଉତ୍ତମ ଛୋଟ ପରିଚ୍ଛନ୍ନ ଷ୍ଟେଶନ ସିଲ୍ଡ ପ୍ରଦାନ କରାଯାଇଥିଲା। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଓ ହରିଦାସପୁର-ପାରାଦୀପ ରେଳ ଲାଇନ କର୍ପୋରେଶନ ଲିମିଟେଡ୍‌ର ମ୍ୟାନେଜିଙ୍ଗ ଡାଇରେକ୍ଟର ଦେବରାଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ହେମନ୍ତ କୁମାର ଦତ୍ତ ସ୍ୱାଗତ ଭାଷଣ ପ୍ରଦାନ ଓ ଉପ ମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟନସ୍ଥଳୀର ପୂର୍ବସ୍ଥିତି ଫେରୁଛି

### ରାଜ୍ୟ ବାହାରୁ ଆସିଲେଣି ପର୍ଯ୍ୟଟକ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ କମିବାରେ ଲାଗିଛି। ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଥିବା ବେଳେ ଦୀର୍ଘ ୮ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ କଟକଣାରେ ରହିଥିବା ଲୋକେ ଏବେ ଶୀତର ମଜା ନେବାକୁ ବାହାରକୁ ବାହାରୁଛନ୍ତି। ଶୀତୁଆ ସକାଳ ହେଉ କି ସନ୍ଧ୍ୟାରେ ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଦେଖିବାକୁ ମିଳିଲାଣି ଗହଳି ଚହଳି। ଖଣ୍ଡଗିରି, ଉଦୟଗିରି ସହ ଧଉଳି ଶାନ୍ତିସ୍ତୁପ, ବିଭିନ୍ନ ପାର୍କ ଓ ଐତିହାସିକ କୀର୍ତ୍ତିରାଜି ପରିସରରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ଖଣ୍ଡଗିରି ଓ ଉଦୟଗିରିକୁ ଅଗଷ୍ଟରୁ ଖୋଲାଯାଇଥିଲେ ମଧ୍ୟ ଆରମ୍ଭରୁ କରୋନା ଭୟରେ ପର୍ଯ୍ୟଟକମାନେ ଆସୁ ନ ଥିଲେ। ହେଲେ ଏବେ କିନ୍ତୁ କେବଳ ଉଦୟଗିରିକୁ ଦୈନିକ ୨୦୦ରୁ ୨୫୦ ପର୍ଯ୍ୟଟକ ଆସୁଥିବାବେଳେ ଛୁଟିଦିନରେ ୪୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହେଉଛି। ରବିବାର ଏଠାରେ ପର୍ଯ୍ୟଯକଙ୍କ ସଂଖ୍ୟା ୫ଶହ ଟପିଥିବା ଜଣାପଡିଛି। ସେହିଭଳି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ଅଧୀନ ଅନ୍ୟାନ୍ୟ ପ୍ରମୁଖ କୀର୍ତ୍ତିରାଜିଗୁଡ଼ିକରେ ମଧ୍ୟ ପୂର୍ବସ୍ଥିତି ଫେରୁଥିବା ଦେଖିବାକୁ ମିଳୁଛି।

ଗତ ସାଢେ ୪ମାସ ମଧ୍ୟରେ ପ୍ରଥମଥର ପାଇଁ ଖଣ୍ଡଗିରି ଓ ଉଦୟଗିରିରେ ଶତାଧିକ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳୁଛି। ଖଣ୍ଡଗିର ପାଇଁ କୌଣସି ଏଣ୍ଟ୍ରି ଫି' ନ ଥିବାବେଳେ ଉଦୟଗିରି ପାଇଁ ଏଏସ୍‌ଆଇର ଟିକେଟ ବ୍ୟବସ୍ଥା ରହିଛି। କରୋନା ପାଇଁ କାଉଣ୍ଟର ବନ୍ଦ ରହିଥିବାରୁ ପର୍ଯ୍ୟଟକମାନେ ଅନଲାଇନ୍‌ରେ ଟିକେଟ କାଟି ଉଦୟଗିରି ଯାଉଛନ୍ତି। କିଏ ପରିବାର ସହ କିଛି ମୁହୂର୍ତ୍ତ କଟାଇ ମନକୁ ହାଲୁକା କରିବାକୁ ଏଠାକୁ ଆସୁଛନ୍ତି ତ ଆଉକିଏ ବନ୍ଧୁମାନଙ୍କ ସହ ସମୟ ବିତାଇବା ଓ ଫଟୋ ଉଠାଇ ମଜା ନେଉଛନ୍ତି। ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିବାରୁ ଦୀର୍ଘମାସ ଧରି ରୋଜଗାର ହରାଇଥିବା ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ ନୂଆ ଆଶା ଓ ଉତ୍ସାହ ଦେଖିବାକୁ ମିଳୁଛି।



ଉଦୟଗିରିରେ ପର୍ଯ୍ୟଟକମାନେ ଐତିହ୍ୟ ବୁଲି ଦେଖୁଛନ୍ତି।



ଖଣ୍ଡଗିରି ନିକଟ ଏକ ଖୋଲାସ୍ଥାନରେ ପର୍ଯ୍ୟଟକମାନେ ଭୋଜି କରୁଛନ୍ତି।

ପୂର୍ବରୁ ପ୍ରତିଦିନ ଖଣ୍ଡଗିରି ଓ ଉଦୟଗିରିକୁ ୨ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସୁଥିଲେ। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟ ପୀଠକୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରହିଥିଲା। ଅଗଷ୍ଟ ୬ରୁ ସମସ୍ତ ଐତିହାସିକସ୍ଥଳୀ ଖୋଲିବାକୁ ଏଏସ୍‌ଆଇ ଅନୁମତି ଦେଇଥିଲା। ପ୍ରାରମ୍ଭରୁ ମାତ୍ର ୧୦ରୁ ୨୦ ପର୍ଯ୍ୟଟକ ଆସୁଥିଲେ। ରାଜ୍ୟ ବାହାରୁ କୌଣସି ପର୍ଯ୍ୟଟକ ଆସୁ ନ ଥିଲେ। ଏବେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବା ସହ ବାହାର ରାଜ୍ୟରୁ ଅଣଓଡ଼ିଆ ପର୍ଯ୍ୟଟକମାନେ ମଧ୍ୟ ଆସିଲେଣି ବୋଲି ଏଏସ୍‌ଆଇ କର୍ମଚାରୀ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିପାଉଥିବାରୁ ଟୁର୍ ଅପରେଟର ଏବଂ ଟୁର୍ ଗାଇଡଙ୍କ ମନରେ ମଧ୍ୟ ନୂଆ ଆଶା ସୃଷ୍ଟି ହୋଇଛି। ଏପଟେ ପର୍ଯ୍ୟଟନସ୍ଥଳୀରେ ଗହଳି ବଢୁଥିବାରୁ କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନକୁ କଡ଼ାକଡ଼ି କରାଯାଇଛି। ଗେଟ୍ ନିକଟରେ ହାତ ସାନିଟାଇଜ୍ କରାଯିବା ସହ ମାସ୍କ ବାଧ୍ୟତାମୂଳକ କରାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ମଧ୍ୟ ଉପସ୍ଥିତ ସୁରକ୍ଷାକର୍ମୀମାନେ ଗୁରୁତ୍ୱ ଦେଉଛନ୍ତି। ପର୍ଯ୍ୟଟନ ଋତୁ ଚାଲିଥିବାରୁ ଆଗକୁ ପର୍ଯ୍ୟଟକଙ୍କ ଆଗମନ ଆହୁରି ବୃଦ୍ଧିପାଇବ ବୋଲି ଆଶା କରାଯାଉଛି।

# ଆକାଶଙ୍କ ଜେରାରୁ ଦୃଢ଼ ପ୍ରମାଣ ମିଳିଲା

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**



**ଠକେଇ ମାମଲା**
- ୪ ଦିନିଆ ରିମାଣ୍ଡ ସରିଲା
- ଆଜି ଆକାଶଙ୍କୁ କୋର୍ଟରେ ହାଜର କରିବ କମିଶନରେଟ ପୋଲିସ

ଟାଟା ମୋଟର୍ସରେ ଚାକିରି ଦେବାକୁ କହି ବହୁକୋଟି ଠକେଇ ଓ ଟ୍ରାଭେଲ ଏଜେନ୍ସି ସ୍କାଏ କିଙ୍ଗ୍‌କୁ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ସମ୍ପୃକ୍ତ ଆକାଶ ପାଠକଙ୍କ ୪ ଦିନିଆ ରିମାଣ୍ଡ ରବିବାର ଶେଷ ହୋଇଛି। କମିଶନରେଟ ପୋଲିସର ଜେରାବେଳେ ଆକାଶ ଠକେଇ ସଂକ୍ରାନ୍ତ ବହୁ ସତ ସ୍ୱୀକାର କରିଛନ୍ତି। ତେବେ ଏହି ଜେରାରୁ ପୋଲିସ ତଥ୍ୟ ପ୍ରମାଣ ହାସଲ କରିବାରେ ସଫଳ ହୋଇଥିବା ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ପୋଲିସ କମିଶନରଙ୍କ ମୁଖ୍ୟାଳୟରେ ଡିସିପି ଦାସ ଆକାଶଙ୍କୁ ସ୍କାଏ କିଙ୍ଗ ସଂସ୍ଥାକୁ ଠକେଇ ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଜେରା କରିଥିଲେ। ଆକାଶ ପ୍ରଥମେ ଚୁପ୍ ରହିଥିଲେ ମଧ୍ୟ ପରେ ମୁହଁ ଖୋଲି ସବୁକଥା କହିଥିଲେ। ଟାଟା ମୋଟର୍ସର ଏମ୍‌ଡି ନ ଥିବା ସ୍ୱୀକାର କରିବା ସହ ହୋଟେଲ ଓ ଚାର୍ଟର ଫ୍ଲାଇଟ୍ ବୁକ୍ ପାଇଁ ସ୍କାଇ କିଙ୍ଗ୍ ସଂସ୍ଥାକୁ ଜାଲ୍ ପ୍ରମାଣପତ୍ର ଦେଇଛନ୍ତି। ଏଥିସହ ଉକ୍ତ ସଂସ୍ଥାର ଟଙ୍କା ବକେୟା ରଖିଥିବା ଆକାଶ କହିଥିଲେ। ସୋମବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ କୋର୍ଟରେ ହାଜର କରାଯିବ ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି ଆକାଶଙ୍କ ବାପା ତଥା ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକ। ଉଭୟ ଅଭୟ ଓ ଆକାଶ ପଞ୍ଚତାରକା ହୋଟେଲରେ ରହିବା ସହ ଚାର୍ଟର ଫ୍ଲାଟ୍‌ରେ ରାଜ୍ୟ ବାହାରକୁ ଯିବାଆସିବା କରୁଥିଲେ। ତେବେ ସ୍କାଏ କିଙ୍ଗ୍ ସଂସ୍ଥାରେ ଆକାଶ ଏଥିପାଇଁ ବୁକିଂ କରିଥିଲେ। ସେବା ବାବଦକୁ ଉକ୍ତ ସଂସ୍ଥାକୁ ଆକାଶ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନ ଦେଇ ଠକି ଚାଲିଥିଲେ। ବାପପୁଅ ଗିରଫ ହେବା ପରେ ଖାରବେଳନଗର ଥାନାରେ ସଂସ୍ଥାର ମ୍ୟାନେଜିଂ ପାର୍ଟନର ପ୍ରଭାସ କୁମାର ଚୌଧୁରୀ ଅଭିଯୋଗ କରିଥିଲେ। ପୋଲିସ ୨୯୩/୨୦ରେ ମାମଲା ରୁଜୁ ହୋଇଥିଲା। ଆକାଶଙ୍କ ବିରୋଧରେ ଜାଲିଆତି ଓ ଚାକିରି ଦେବା ନାଁରେ ଠକେଇ ମାମଲା ରହିଛି। ଅନ୍ୟପକ୍ଷରେ ବିଜେଡିରୁ ନିଲମ୍ବିତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବି ଏହି ଠକେଇରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ କ୍ରାଇମବ୍ରାଞ୍ଚର ଜେରାର ସମ୍ମୁଖୀନ ହୋଇଛନ୍ତି।

## ବିବାହରେ ଶରୀର ଦାନର ସଂକଳ୍ପ ନେଲେ ସାମାଜିକ କର୍ମୀ

**ନିମାପଡ଼ା,୨୦।୧୨(ଡି.ଏନ୍.ଏ)**

ବିବାହ ବନ୍ଧନ ଭଳି ଏକ ପବିତ୍ର ଉତ୍ସବରେ ନିମାପଡ଼ାର ସାମାଜିକ କର୍ମୀ ରାକେଶ କୁମାର ମହାନ୍ତି ନିଜ ସମ୍ପୂର୍ଣ୍ଣ ଶରୀର କଟକ ବଡ଼ ମେଡିକାଲକୁ ଦାନ କରିବେ ବୋଲି ଘୋଷଣା କରି ସଂକଳ୍ପ ନେଇଛନ୍ତି। ଏଥି ନିମନ୍ତେ ସେ ବରଗଡ଼ର ସାମାଜିକ କର୍ମୀ ତଥା ଏକ ପାକ୍ଷିକ ପତ୍ରିକାର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ରଙ୍କୁ ବିବାହ ମଞ୍ଚରେ ସତ୍ୟପାଠ ପ୍ରଦାନ କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାର ବିଭିନ୍ନ ମେଡିକାଲ କଲେଜରେ ଛାତ୍ରୀଛାତ୍ରମାନେ ଶରୀର ଓ ବିଭିନ୍ନ ଅଙ୍ଗ ପରୀକ୍ଷା ନିରୀକ୍ଷା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲ ଛାତ୍ରୀଛାତ୍ରଙ୍କ ଗବେଷଣା ପାଇଁ ରାକେଶ ଏଭଳି ନିଷ୍ପତ୍ତି ନେଇଛନ୍ତି। ବରଗଡ଼ର ବନ୍ଧୁ ସଞ୍ଜୀବଙ୍କଠାରୁ ପ୍ରେରଣା ପାଇ ରାକେଶ ଶରୀର ଦାନ ପାଇଁ ସଂକଳ୍ପ ନେଇ ସମାଜ ପାଇଁ ଏକ ବଳିଷ୍ଠ ଉଦାହରଣ ପାଲଟିଛନ୍ତି। ଏହାସହ ସମାଜର ସେବା କରିବା କାର୍ଯ୍ୟ ବାପା ରବିନାରାୟଣ ମହାନ୍ତି ଓ ମାଆ ଛନ୍ଦାରାଣୀଙ୍କ ପ୍ରେରଣା ରହିଥିବା ସେ କହିଛନ୍ତି। ରାକେଶଙ୍କ ଏହି ନିଷ୍ପତ୍ତିରେ ସ୍ତ୍ରୀ ଅପରାଜିତା ଦାସ ଓ ମାଆବାପା ବେଶ୍ ଆନନ୍ଦିତ ଥିବା କହିଛନ୍ତି। ବିବାହ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟଶାଣୀ ଓ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀଙ୍କ ସମେତ ଯୋଗଦେଇଥିବା ସମସ୍ତ ଅତିଥି ତାଙ୍କୁ ପ୍ରଶଂସା କରିଛନ୍ତି। ନିମାପଡ଼ା ଅମଲାପଡ଼ାର ରାକେଶ ଏବେ ଆଇକନିକ ଏଜୁକେଶନ କମ୍ୟୁନିକେଶନ ଲିମିଟେଡର ନିର୍ଦ୍ଦେଶକ ଅଛନ୍ତି। ଏହାସହ ସମାଜସେବା କ୍ଷେତ୍ରରେ ନିଜକୁ ସାମିଲକରି ବହୁ ପ୍ରଶଂସା, ସମ୍ମାନ ଓ ପୁରସ୍କାର ପାଇଛନ୍ତି।



ଅଙ୍ଗଦାନ ପାଇଁ ଆକାଶ ମହାନ୍ତି ସତ୍ୟପାଠ ପ୍ରଦାନ କରୁଛନ୍ତି।

## ୮ଶହ ବର୍ଷ ପରେ ଦୃଶ୍ୟ ହେଉଛି ବୃହସ୍ପତି, ଶନିଗ୍ରହ ମିଳନ

**ଆକାଶଗଙ୍ଗା କାର୍ଯ୍ୟକ୍ରମ**

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଆଣ୍ଡ ଗାଇଡ୍ସ ପକ୍ଷରୁ ଆକାଶଗଙ୍ଗା କାର୍ଯ୍ୟକ୍ରମ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୦୦ଜଣ ସ୍କାଉଟ ଓ ଗାଇଡ, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପେଟନ, କବ୍ ମାଷ୍ଟର ଏବଂ ଫ୍ଲକ ଲିଡର ଯୋଗଦେଇଥିଲେ। ପଠାଣି ସମାନ୍ତ ପ୍ଲାନେଟୋରିୟମର ଡେପୁଟି ଡାଇରେକ୍ଟର ଡ. ଶୁଭେନ୍ଦୁ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାରା ଗ୍ରହ ଓ ନକ୍ଷତ୍ରଙ୍କ ଗତିବିଧି ଏବଂ ସୂର୍ଯ୍ୟ ଓ ଚନ୍ଦ୍ରର ସ୍ଥିତି ବିଷୟରେ ନୂଆ ନୂଆ ତଥ୍ୟ ଦେଇଥିଲେ। ବିଶେଷ କରି ୮ ଶହ ବର୍ଷ ପରେ ଖାଲି ଆଖିକୁ ବୃହସ୍ପତି ଓ ଶନିଗ୍ରହଙ୍କ ମିଳନ ଦୃଶ୍ୟମାନ ହେଉଥିବା କହିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ମୁଖ୍ୟ କମିଶନର ଡ଼ କାଳୀପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଂଗଠନିକ କମିଶନ ଅନାମିକା ଦାସ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ପ୍ରିୟଦର୍ଶନୀ ମହାପାତ୍ର ପରିଚାଳାନା ଓ ରାଜ୍ୟ ଯଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## 'ବିଜୟବାର୍ତ୍ତା' ଉନ୍ମୋଚିତ

**କଟକ ଅଫିସ, ୨୦।୧୨:** ଡ. ବିଜୟ କୁମାର ରାଉତଙ୍କ ଲିଖିତ ପୁସ୍ତକ 'ବିଜୟବାର୍ତ୍ତା' ଶନିବାର ଉନ୍ମୋଚିତ ହୋଇଯାଇଛି। ମନ୍ତ୍ରୀ ପ୍ରତାପ ଜେନା ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ରାଜ୍ୟର ପ୍ରତିଷ୍ଠିତ ସାହିତ୍ୟିକ, ରାଜନେତା, ପ୍ରଶାସକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାକ୍ଷାତକାର ସମ୍ପର୍କିତ ସଙ୍କଳନକୁ ଡ. ରାଉତ ପୁସ୍ତକରେ ସ୍ଥାନ ଦେଇଛନ୍ତି। ସାମାଜିକକର୍ମୀ ଅଶୋକ କୁମାର ଓଝା, କିଶୋର ମେହେର, ପନ୍ନଗ ଭୂଷଣ ଦାସ, ଶିକ୍ଷାବିତ୍ ଅକ୍ଷୟ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆଓ ଲାଇଫଷ୍ଟାଇଲ୍'ରେ ଓଡ଼ିଶାର କଳା, ସଂସ୍କୃତି



ବରିଷ୍ଠ କଳାକାର ଝରଣା ଦାସ, ଅଭିନେତା ଉତ୍ତମ ମହାନ୍ତି ଏବଂ କଣ୍ଠଶିଳ୍ପୀ ତାନସେନ ସିଂ ପୁରସ୍କୃତ ହେଉଛନ୍ତି।

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଓଡ଼ିଶାର ଓଟିଟି ପ୍ଲାଟ୍‌ଫର୍ମ ଆଓ ଟିଭି ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ଏକ ମେଗା ଇଭେଣ୍ଟ ଆୟୋଜିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଓ ଟିଭିର ଦୁଇଟି ନୂଆ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। 'ଆଓ ନେକ୍ସଟ୍' ଏବଂ 'ଆଓ ଲାଇଫଷ୍ଟାଇଲ୍'କୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସିଇଓ କୌଶିକ ଦାସ ଲୋକାର୍ପଣ କରିଥିଲେ। ସମସ୍ତ ବର୍ଗ ଓ ସବୁ ବୟସକୁ ସୁହାଉଥିବା ଭଳି ମନୋରଞ୍ଜନଧର୍ମୀ ସିନେମା, କ୍ଷୁଦ୍ର ଚଳଚ୍ଚିତ୍ର, ଆଓ ଅରିଜିନାଲ କଣ୍ଟେଣ୍ଟ, ମ୍ୟୁଜିକ୍ ଆଲ୍‌ବମ୍ ଏବଂ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର 'ଆଓ ନେକ୍ସଟ୍'ରେ ପ୍ରସାରିତ ହେବ। ସେହିଭଳି 'ଆଓ ଲାଇଫଷ୍ଟାଇଲ୍'ରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନ, ଖାଦ୍ୟରୁଚି, ସ୍ୱାସ୍ଥ୍ୟ, ଫ୍ୟାଶନ ଓ ଫଟୋଗ୍ରାଫି ଜଗତର ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରିତ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ମହାପାତ୍ର, ରଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ସହ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଭାବାନ ୧୦ଜଣ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା।

## ଆମ୍ବୁଲାନ୍ସ କର୍ମଚାରୀଙ୍କ ପିଲାଙ୍କୁ ଛାତ୍ରବୃତ୍ତି

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା ପରିଚାଳନା କରୁଥିବା ସଂସ୍ଥା ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍ ପକ୍ଷରୁ 'ଜିକିତ୍ସା ଓଡ଼ିଶା ସ୍କଲାରଶିପ୍ ୨୦୨୦' ଅନୁଷ୍ଠିତ ହୋଇଛି। ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ପିଲାଙ୍କ ମଧ୍ୟରୁ ଚଳିତବର୍ଷ ଦଶମ ଶ୍ରେଣୀରେ ସର୍ବୋଚ୍ଚ ମାର୍କ ରଖିଥିବା ୭ଜଣଙ୍କୁ ଛାତ୍ରବୃତ୍ତି ପ୍ରଦାନ ସହ ପୁରସ୍କୃତ କରାଯାଇଥିଲା। ଏହାବାଦ୍ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ଲାଗି ୧୯ଜଣ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏମାନଙ୍କ ମଧ୍ୟରେ ୭ଜଣ କ୍ଲଷ୍ଟର ଲିଡର, ୫ ଜଣ ମେଣ୍ଟେନାନ୍ସ ଏକ୍‌ଜିକ୍ୟୁଟିଭ୍ ଏବଂ ୭ଜଣ କ୍ରିଯୁ ମେମ୍ବର ରହିଛନ୍ତି। ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ ଜୟପୁରିଆ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ମନୀଷ କୁମାର ଏବଂ ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଆମ୍ବୁଲାନ୍ସ କର୍ମଚାରୀମାନେ ଅନେକ ସମୟରେ ନିଜ କାର୍ଯ୍ୟ ପରିସୀମାରୁ ଊର୍ଦ୍ଧ୍ୱକୁ ଯାଇ ଲୋକଙ୍କ ଜୀବନ ବଞ୍ଚାଉଛନ୍ତି। ଦୁର୍ଗମ ଅଞ୍ଚଳରେ ଆବଶ୍ୟକସ୍ଥଳେ ଭାରରେ ରୋଗୀଙ୍କୁ ବୋହି ହସ୍ପିଟାଲରେ ପହଞ୍ଚାଇଛନ୍ତି। ଗୁରୁତର ରୋଗୀଙ୍କୁ ରକ୍ତଦେଇ ଜୀବନ ବଞ୍ଚାଇଛନ୍ତି। ଫନୀ, ଫାଇଲିନ ପରି ପ୍ରଳୟଙ୍କରୀ ପ୍ରାକୃତିକ ଦୁର୍ବିପାକରେ ନିଜ କର୍ତ୍ତବ୍ୟଠୁ ଊର୍ଦ୍ଧ୍ୱରେ ରହି କାମ କରିଛନ୍ତି। ରୋଗୀମାନେ ଛାଡ଼ି ଯାଇଥିବା ମୂଲ୍ୟବାନ ଜିନିଷପତ୍ରକୁ ଫେରାଇ ନିଜର ସାଧୁତାର ପରିଚୟ ଦେଇଛନ୍ତି। ଏଭଳି ମହାନତାର ପରିଚୟ ଦେଇଥିବା କର୍ମଚାରୀଙ୍କ ମନୋବଳକୁ ଆହୁରି ବୃଦ୍ଧି କରିବାକୁ ଜିକିତ୍ସାର ଏହା ଏକ ଛୋଟପ୍ରୟାସ ବୋଲି ସବ୍ୟସାଚୀ କହିଛନ୍ତି।

**ଫଟୋରେ ଖବର**



କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ଚଲୋ ଆନ୍ଦୋଳନରେ ସାମିଲ୍ ହୋଇ ଶହୀଦ ହୋଇଥିବା ଚାଷୀଙ୍କ ଉଦ୍ଦେଶ୍ୟରେ ରବିବାର ଭୁବନେଶ୍ୱର ଭଗବତୀ ଭବନରେ ଏଆଇକେଏସ୍ ପକ୍ଷରୁ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଉଛି।




ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଶହୀଦ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଚାଷୀ ଓ କୃଷକନେତା।

# ଅଜଣା ଫାଇଲେରିଆ ମହାମାରୀ





ଡା. ଦ୍ୱିଜେଶ କୁମାର ପଣ୍ଡା

ଫାଇଲେରିଆ ରୋଗ ଗୋଟିଏ ଅଜଣା ମହାମାରୀ ରୂପ ଧାରଣ କଲାଣି । ଦେଶର ୬୫୦ ନିୟୁତ ବ୍ୟକ୍ତି ଏଥିରେ ଆକ୍ରାନ୍ତ । ୨୫୦ ଜିଲାରେ ପରିବ୍ୟାପ୍ତ ୨୦ଟି ରାଜ୍ୟ ସଂକ୍ରମିତ । ୨୦୨୦ ସୁଦ୍ଧା ଏହି ରୋଗ ଭାରତରୁ ମୂଳପୋଛ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ନୀତି ପ୍ରଣୟନ ହୋଇଥିଲା । କିନ୍ତୁ ଏହା ସମ୍ଭବ ନୁହେଁ । ଏହା ବିଶ୍ୱର ଦ୍ୱିତୀୟ ସ୍ଥାୟୀ ଶାରୀରିକ ଅସାମର୍ଥ୍ୟ ରୋଗ । ୮୩ଟି ଦେଶରେ ୧୨୦ ନିୟୁତ ରୋଗୀ ଅଛନ୍ତି ।

ପୁରାତନ ରୋଗୀର ପାଦ ହାତୀ ପାଦ ପରି ଫୁଲିଯାଏ । ଏହି ଫୁଲା ଆଣ୍ଠୁ ତଳକୁ ଦେଖାଯାଏ । ପୁରୁଷମାନଙ୍କର ଲିଙ୍ଗ, ଅଣ୍ଡକୋଷ ଏବଂ ମହିଳାମାନଙ୍କର ସ୍ତନର ଆକାର ବୃଦ୍ଧି ହୁଏ । ବିରୂପ ଦେଖାଯାଏ । ଏହା ଗୋଟିଏ ମଶା ବାହକ ରୋଗ । ଏହି ରୋଗର ପରଜୀବୀ ହେଉଛି 'ଉଚେରେରିଆ ବାନକ୍ରଫଟି' । ଲସିକା ଫାଇଲେରିଆ ରୋଗର ଏହା ମୁଖ୍ୟ କାରଣ । ପ୍ରତ୍ୟେକ ପରଜୀବୀ ୫୦,୦୦୦ ଶୂକ କୃମିକୁ ଜନ୍ମ ଦିଏ । ମଶା ରୋଗୀର ବାହକଠାରୁ ରକ୍ତ ଶୋଷିବା ସମୟରେ ଶୂକ କୃମିକୁ ଟାଣିନିଏ । ରୋଗର ବାହକ ରକ୍ତରେ ଶୂକ ପରଜୀବୀ ଥିଲେ ମଧ୍ୟ ରୋଗର ଲକ୍ଷଣ ପ୍ରକାଶିତ ହୁଏନାହିଁ। ପୁରାତନ ରୋଗୀର ରକ୍ତରେ ଏମାନେ ନ ଥାନ୍ତି । ତେଣୁ ସେମାନେ ରୋଗ ସଂକ୍ରମଣ କରନ୍ତି ନାହିଁ । ଶରୀରରେ ଶୂକ ପରଜୀବୀ ପ୍ରବେଶ କରିବା ପରେ ଲସିକା ଗ୍ରନ୍ଥି ଓ ନଳୀରେ ଅବସ୍ଥାନ କରନ୍ତି । ଏକ ବର୍ଷ ପରେ ଏମାନେ ବୟସ୍କ ପରଜୀବୀରେ ପରିଣତ ହୁଅନ୍ତି । ୫ରୁ ୧୦ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହନ୍ତି । ପରିପକ୍ୱ ହେବା ପରେ ଶିଶୁ ପରଜୀବୀକୁ ଜନ୍ମ ଦିଅନ୍ତି । ଏହି ସମୟରେ ମାଈ ପରଜୀବୀର ଗୋଡ-ହାତ ବିନ୍ଧା ହୁଏ । ଏହି ଅବସ୍ଥା ଯନ୍ତ୍ରଣାଦାୟକ । ଗୋଡ ଫୁଲିଯାଏ । ଫୋଟକା ହୋଇ ପାଣି ବାହାରେ । ଜଙ୍ଘ ସନ୍ଧିରେ ଲସିକା ଗ୍ରନ୍ଥି ଫୁଲି ଦରଜ ହୁଏ । ଲସିକା ନଳୀ ପ୍ରସାରିତ ହୋଇଯାଏ । ଏହା ଭିତରେ ବୟସ୍କ ପରଜୀବୀମାନେ ପରସ୍ପର



ଗୁଡେଇ ହୋଇରହିଥାଆନ୍ତି । ଚିକିତ୍ସା ଫଳରେ ବିନ୍ଧା ଯନ୍ତ୍ରଣା କମିଯାଏ । କିନ୍ତୁ ଗୋଡର ଫୁଲା କମେ ନାହିଁ । ବହୁବର୍ଷ ପର୍ଯ୍ୟନ୍ତ ଜ୍ୱର ଓ ଯନ୍ତ୍ରଣା ନ ହୋଇ ସୁପ୍ତ ଅବସ୍ଥାରେ ରହିଥାଏ । ୨୦୦୪ ମସିହାରୁ ଭାରତ ସରକାର ସାମୂହିକ ଔଷଧ ସେବନ ବ୍ୟବସ୍ଥା ଫାଇଲେରିଆ ରୋଗ ନିରାକରଣ ପାଇଁ କରିଆସୁଛନ୍ତି ।

୬୫ପ୍ରତିଶତ ଜନତାଙ୍କୁ ବର୍ଷକୁ ଥରେ ଗୋଟିଏ ଡିଇସି ଏବଂ ଗୋଟିଏ ଆଲବେଣ୍ଡାଜଲ (କୃମି ବଟିକା) ବଟିକା ଖାଇବାକୁ ଦିଆଯାଉଛି । ୫ବର୍ଷ ପର୍ଯ୍ୟନ୍ତ ଖାଇବାକୁ ହେବ । ଏହି ଯୁଗ୍ମ ଔଷଧ ଦୁଇବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ରୁଗ୍ଣ ବ୍ୟକ୍ତି ଖାଇପାରିବେ ନାହିଁ । ସାମୂହିକ ଔଷଧ ସେବନର ୫ବର୍ଷ ପରେ ଏହାର ସଫଳତା ସମୀକ୍ଷା କରାଗଲା । ଦେଶର ଫାଇଲେରିଆ ସଂକ୍ରମିତ ୨୫୬ ଜିଲା ମଧ୍ୟରୁ ୯୬ ଜିଲାରେ ଔଷଧ ସେବନ ବନ୍ଦ କରିଦିଆଗଲା । ବାହାର ସମୀକ୍ଷକଙ୍କ ଦ୍ୱାରା ଫଳାଫଳ ସମୀକ୍ଷା ହେଲା । ଅଧିକାଂଶ ଜିଲାରେ ଏହି ପ୍ରତିଷେଧକ ବ୍ୟବସ୍ଥା ବିଫଳ ହୋଇଥିବାର ପ୍ରମାଣିତ ହେଲା । ପୂର୍ବରୁ ସ୍ଥିର ହୋଇଥିବା ସଂକ୍ରମିତ ୨୫୬ ଜିଲାର ସଂଖ୍ୟା ନୂତନ ପରିସଂଖ୍ୟାନ ଅନୁସାରେ ୩୦୦ରୁ ଅଧିକ ହେଲାଣି । ସାମୂହିକ ଔଷଧ ସେବନ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୨୦୨୦ ସୁଦ୍ଧା ଦେଶରୁ ଫାଇଲେରିଆ ନିରାକରଣ ସମ୍ଭବ ହୋଇପାରିବ ନାହିଁ । ଏକା ଥରକେ ଦୁଇଟି ବଟିକା ବଦଳରେ ୪ଟି ବଟିକା ଦିଆଯିବ । 'ଆଇଭରମେକ୍ଟିନ' ଔଷଧ ମିଶାଯିବ । ଲସିକା ଫାଇଲେରିଆ ପାଇଁ ଡିଇସି ଅପେକ୍ଷା ଏହା ଉତ୍କୃଷ୍ଟ ନୁହେଁ। ଯକୃତ ଉପରେ ଏହାର କୁପ୍ରଭାବ ଅଛି । ସବୁ ଲୋକ ଏହା ଖାଇବା ଆବଶ୍ୟକ । ସ୍ୱାସ୍ଥ୍ୟକର୍ମୀମାନେ ଜନସାଧାରଣଙ୍କୁ ସଚେତନ କରି ଔଷଧ ଖୁଆଇବା ଉଚିତ । 'ଆଇଭରମେକ୍ଟିନ' ଡିଇସି ସହିତ ମିଶିବା ଫଳରେ ୯୯ପ୍ରତିଶତ ଶିଶୁ ପରଜୀବୀ ମରିଯିବାର ମତପ୍ରକାଶ ପାଉଛି । ଶରୀରରେ ଔଷଧର ପ୍ରତିକ୍ରିୟା ଏବଂ ଫାଇଲେରିଆ ନିରାକରଣରେ ସଫଳତା ସମୟ କହିବ ।

'ଆଇଭରମେକ୍ଟିନ' ଔଷଧର ମାତ୍ରା ଶରୀର ଓଜନ ଉପରେ ନିର୍ଭର କରେ । କେତେକଙ୍କ କ୍ଷେତ୍ରରେ ଗୁରୁତର ପ୍ରତିକ୍ରିୟା ପ୍ରକାଶ ପାଏ । ଏହି ଔଷଧ ଅଳ୍ପ ପରିମାଣରେ ମସ୍ତିଷ୍କକୁ ଯାଏ। ତେଣୁ ଅଚେତ ହୋଇଯିବାର ଆଶଙ୍କା ଥାଏ । ୫ବର୍ଷ ତଳକୁ ଶିଶୁମାନେ ଏହା ବ୍ୟବହାର କରିପାରିବେ ନାହିଁ । ଏହି ବୟସରେ ମଶା କାମୁଡିଲେ ପରଜୀବୀ ଦେହରେ ପ୍ରବେଶ କରେ । ୧୦ବର୍ଷ ପରେ ରୋଗର ଲକ୍ଷଣ ପ୍ରକାଶ ପାଏ । ମାଈ ବୟସ୍କ ପରଜୀବୀର ଗର୍ଭାଧାନ ପ୍ରକ୍ରିୟା ୫ବର୍ଷରୁ ଅଧିକ ହୋଇଥିବାରୁ ସାମୂହିକ ଔଷଧ ସେବନ ୫ବର୍ଷ ପର୍ଯ୍ୟନ୍ତ ହେବା ଉଚିତ । ଆଇଭରମେକ୍ଟିନ ବର୍ଷକୁ ଥରେ ୨୦୦ରୁ ୪୦୦ ମାଇକ୍ରୋଗ୍ରାମ ଶରୀର ଓଜନର ୧କେଜି ପ୍ରତି ଦିଆଯିବା ଆବଶ୍ୟକ । ଏହି ଔଷଧର ମାତ୍ରା ଓଜନ ଅନୁପାତରେ ନିର୍ଦ୍ଧାରିତ ହୋଇଥିବାରୁ ସାମୂହିକ ସେବନ ପାଇଁ ଅନୁକୂଳ ନୁହେଁ । ଏହା ବୟସ୍କ ଫାଇଲେରିଆ ପରଜୀବୀକୁ ମାରିପାରିବ ନାହିଁ । କେବଳ ଶିଶୁ ପରଜୀବୀ ମରିଯିବେ । ଫାଇଲେରିଆ ନିରାକରଣ ଓ ଫାଇଲେରିଆ ରୋଗୀର ଚିକିତ୍ସା ସମ୍ପୂର୍ଣ୍ଣ ଭିନ୍ନ । ଭାରତରେ ୨୪ ନିୟୁତ ଫାଇଲେରିଆ ରୋଗୀ ଅଛନ୍ତି । ସେମାନେ ରୋଗ ସଂକ୍ରମଣ କରନ୍ତି ନାହିଁ । ଜୀବନ ବ୍ୟାପୀ ଜ୍ୱର ଓ ଯନ୍ତ୍ରଣା ଭୋଗ କରନ୍ତି । ଏହାର ଫଳପ୍ରଦ ଚିକିତ୍ସା ନାହିଁ । ଫାଇଲେରିଆ ରୋଗରେ ଅନେକ ଶିଶୁ ଓ କିଶୋର ଆକ୍ରାନ୍ତ ହେଉଛନ୍ତି।

> "ଫାଇଲେରିଆ ନିରାକରଣ ଓ ଫାଇଲେରିଆ ରୋଗୀର ଚିକିତ୍ସା ସମ୍ପୂର୍ଣ୍ଣ ଭିନ୍ନ । ଭାରତରେ ୨୪ ନିୟୁତ ଫାଇଲେରିଆ ରୋଗୀ ଅଛନ୍ତି । ସେମାନେ ରୋଗ ସଂକ୍ରମଣ କରନ୍ତି ନାହିଁ । ଜୀବନ ବ୍ୟାପୀ ଜ୍ୱର ଓ ଯନ୍ତ୍ରଣା ଭୋଗ କରନ୍ତି..."

ସେମାନଙ୍କର ରୋଗର ଲକ୍ଷଣ ନ ଥାଏ । ଏହି କିଶୋରମାନଙ୍କର ଗୋଡ ଓ ହାତରେ ଥିବା ଲସିକା ନଳୀରେ ପ୍ରବାହ ହୋଇ କଠିନ ହୋଇଯାଏ । ସେମାନେ ଦୌଡି ପାରନ୍ତି ନାହିଁ । ଖେଳିବା ସମ୍ଭବ ହୁଏନାହିଁ । ଖୋର୍ଦ୍ଧା ଜିଲାର ୫ରୁ ୧୮ବର୍ଷ ମଧ୍ୟରେ ୧୦୨ଜଣ ଛାତ୍ର ରକ୍ତ ପରୀକ୍ଷାରୁ ଫାଇଲେରିଆ ହୋଇଥିବାର ପ୍ରମାଣ ମିଳିଲା । ଚିକିତ୍ସା ପରେ ସେମାନେ ସୁସ୍ଥ ହେଲେ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରୀଡାରେ ଭାଗ ନେଲେ । ଆଲବେଣ୍ଡାଜଲ ଓ ଡିଇସି ବଟିକା ବର୍ଷକୁ ଦୁଇଥର ଖାଇ ଆରୋଗ୍ୟ ହେଲେ । ରୋଗର ଲକ୍ଷଣ ନ ଥାଇ ଔଷଧ ସେବନ ଦ୍ୱାରା ଖେଳିବା ପାଇଁ ଶିଶୁ ଓ କିଶୋରମାନେ ସମର୍ଥ ହେଲେ । ଏହି ଗବେଷଣା ପାଇଁ 'ମେଲିଣ୍ଡା ଗେଟ୍ସ' ପ୍ରତିଷ୍ଠାନ ପାଣ୍ଠି ବ୍ୟବସ୍ଥା କରିଥିଲେ ।

*-ଫାଇଲେରିଆ ଓ ନିଦାନ ବିଶେଷଜ୍ଞ*
*ଏମ-୫/୧୨, ଆଚାର୍ଯ୍ୟବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*

# ଗଣିତପ୍ରେମୀ ରାମାନୁଜନ

**ପ୍ରତି ବର୍ଷ ଡିସେମ୍ବର ୨୨ ତାରିଖକୁ 'ଜାତୀୟ ଗଣିତ ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କରେ ଉପସ୍ଥାପନା...**



ଡା. ନିତ୍ୟାନନ୍ଦ ସ୍ୱାଇଁ

ବିଶିଷ୍ଟ ଗାଣିତିକ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନ (ଡିସେମ୍ବର ୨୨)କୁ ଜାତୀୟ ଗଣିତ ଦିବସ ଭାବରେ ପାଳନ କରାଯାଇଥାଏ। ଏହି ବିଶିଷ୍ଟ ବ୍ୟକ୍ତି ୧୮୮୭ ମସିହାର ଏହି ଦିନରେ ତାମିଲନାଡୁର କୁମ୍ଭାକୋନମସ୍ଥିତ ଇରୋଡ୍‌ରେ ଭୂମିଷ୍ଠ ହୋଇଥିଲେ। ତାଙ୍କ ପିତା ଶ୍ରୀନିବାସ କୁମ୍ଭାକୋନମ୍‌ରେ ଥିବା ଗୋଟିଏ ଲୁଗା ଦୋକାନରେ କିରାଣି ଚାକିରି କରୁଥିଲେ। ବାଲ୍ୟକାଳରୁ ରାମାନୁଜନଙ୍କ ଗଣିତ ପ୍ରତିଭାର ପରିଚୟ ମିଳିଥିଲା। ଏପରି କି ତାଙ୍କୁ ଯେତେବେଳେ ମାତ୍ର ୧୨ ବର୍ଷ ବୟସ ହୋଇଥିଲା, ସେତେବେଳେ 'କୁମ୍ଭାକୋନମର ବିସ୍ମୟ ବାଳକ' ଭାବରେ ଲୋକ ତାଙ୍କୁ ଜାଣି ନେଇଥିଲେ। ୧୭ବର୍ଷ ବୟସରେ



୧୯୦୩ ମସିହାରେ ସେ ମାଟ୍ରିକ ପାସ୍ କଲେ। ହେଲେ ଦାରିଦ୍ର୍ୟ ଯୋଗୁ ରାମାନୁଜନଙ୍କୁ କଲେଜରେ ପଢ଼େଇବା ନିମନ୍ତେ ତାଙ୍କ ବାପା ଆଦୌ ରାଜି ନ ଥିଲେ। ଶେଷରେ ରାମାନୁଜନଙ୍କ ଗଣିତ ପ୍ରତିଭାରେ ମୁଗ୍ଧ ହୋଇ ସେ କୁମ୍ଭାକୋନମ୍ କଲେଜରେ ତାଙ୍କ ପଢ଼ିବା ପାଇଁ ଏକ ବୃତ୍ତିର ବ୍ୟବସ୍ଥା କରିଦେଲେ। ରାମାନୁଜନ କଲେଜରେ କେବଳ ଗଣିତ ପଢ଼ିବାରେ ନିମଗ୍ନ ରହୁଥିଲେ ଫଳରେ ଅନ୍ୟ ବିଷୟଗୁଡିକ ପଢ଼ିବା ପାଇଁ ସେ ଧ୍ୟାନ ଦେଇ ପାରିଲେ ନାହିଁ। ଫଳରେ ପ୍ରଥମ ବର୍ଷରୁ ଦ୍ୱିତୀୟ ବର୍ଷକୁ ସେ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ । ତେଣୁ ତାଙ୍କର ବୃତ୍ତି କଟିଗଲା। ଏହି ଲଜ୍ଜାରେ ସେ କାହାକୁ ମୁହଁ ଦେଖାଇ ନ ପାରି ଘର ଛାଡି ଚାଲିଗଲେ। କିଛି ସପ୍ତାହ ବୁଲାବୁଲି କରି ମନ ଦୁଃଖରେ ପୁଣି ଘରକୁ ଫେରିଲେ। ଏତିକି ବେଳେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହେଲେ। କୁମ୍ଭାକୋନମ୍ କଲେଜ ତାଙ୍କୁ ପୁନର୍ବାର ପଢ଼ିବାର ସୁଯୋଗ ଦେଲା। ମାତ୍ର ଦୁର୍ଭାଗ୍ୟ ଯେ ସେ କ୍ଲାସରେ ଉପସ୍ଥାନ ଅଭାବରୁ ବାର୍ଷିକ ପରୀକ୍ଷା ଦେଇପାରିଲେ ନାହିଁ। ତେଣୁ କୁମ୍ଭାକୋନମ୍ ପରିତ୍ୟାଗ କରି ସେ ମାନ୍ଦ୍ରାଜ (ବର୍ତ୍ତମାନର ଚେନ୍ନାଇ) ସହରକୁ ପଳେଇଲେ ଏବଂ ସେଠାରେ ଅନ୍ୟ ଏକ କଲେଜରେ ନାମ ଲେଖାଇଲେ। କିନ୍ତୁ ପାଠରେ ସେ ସଫଳ ହୋଇପାରିଲେ ନାହିଁ। ହେଲେ ଗଣିତ କ୍ଷେତ୍ରରେ ସେ ଆଗକୁ ମାଡି ଚାଲିଲେ। ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ଦେଖି ତାଙ୍କର ବାପା ଭାବିଲେ ଯେ, ରାମାନୁଜନଙ୍କର ବାହାଘର କରାଇ ଦେଲେ ତା'ର ଗଣିତ ପ୍ରତି ପାଗଳାମି ଛାଡିଯିବ। ବାହାଘର ସିନା ହୋଇଗଲା, ହେଲେ ପରିବାରକୁ କିପରି ଚଳାଇବେ ସେ ନେଇ ସତେ ଯେମିତି ରାମାନୁଜନଙ୍କ ମୁଣ୍ଡ ଉପରେ ତାହା ଅତିରିକ୍ତ ବୋଝ ସଦୃଶ ହୋଇଯାଇଥିଲା। ଯାହାହେଉ ୧୯୧୨ରେ ମାନ୍ଦ୍ରାଜ ପୋର୍ଟ ଟ୍ରଷ୍ଟ ଅଫିସରେ କନିଷ୍ଠ କିରାଣି ଭାବରେ ସେ ଯୋଗଦେଲେ। ମାସକୁ ଦରମା ମାତ୍ର ୨୫ ଟଙ୍କା। ସେତେବେଳେ ଏହି ପୋର୍ଟ ଟ୍ରଷ୍ଟର ଚେୟାରମ୍ୟାନ୍ ଥିଲେ ସାର୍ ଫ୍ରାନସିସ ସ୍ପ୍ରିଙ୍ଗ୍। ସେ ରାମାନୁଜନଙ୍କ ଗଣିତ ପ୍ରେମ ଦେଖି ଅଭିଭୂତ ହୋଇପଡିଲେ। ସେ ରାମାନୁଜନଙ୍କୁ ପରିଚିତ କରାଇଦେଲେ ଅନ୍ୟତମ ଗଣିତଜ୍ଞ ତଥା ଭାରତୀୟ ପାଣିପାଗ ବିଜ୍ଞାନର ମୁଖ୍ୟ ଡକ୍ଟର ଗିଲବର୍ଟ ୱାକରଙ୍କ ସହ। ରାମାନୁଜନଙ୍କ ଗଣିତ ଖାତା ଦେଖି ତାଙ୍କର ବିସ୍ମୟର ସୀମା ରହି ନ ଥିଲା। କ୍ୟାମ୍ବ୍ରିଜ ଟ୍ରିନିଟି କଲେଜର ଗଣିତଜ୍ଞ ପ୍ରଫେସର ଜି.ଏସ. ହାର୍ଡିଙ୍କ ସହ ଯୋଗାଯୋଗ କରିବାକୁ ସେ ତାଙ୍କୁ ପରାମର୍ଶ ଦେଇଥିଲେ। ତା'ସହ ରାମାନୁଜନଙ୍କ ପାଇଁ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ଏକ ବୃତ୍ତିର ବ୍ୟବସ୍ଥା ମଧ୍ୟ କରିଦେଇଥିଲେ। ତା'ପରେ ହାର୍ଡିଙ୍କ ସହଯୋଗରେ ମାନ୍ଦ୍ରାଜ ବିଶ୍ୱବିଶ୍ୱବିଦ୍ୟାଳୟରୁ ବାର୍ଷିକ ୨୫୦ ପାଉଣ୍ଡ ବୃତ୍ତି ପାଇ ରାମାନୁଜନ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟକୁ ଯାତ୍ରା କରିଥିଲେ। ରାମାନୁଜନ ଇଂଲଣ୍ଡରେ ପାଞ୍ଚ ବର୍ଷ ରହିଥିଲେ। ସେହି ସମୟ ଭିତରେ ସେ ପ୍ରକାଶ କରିଥିଲେ ଅତି ଉଚ୍ଚମାନର ଗବେଷଣା ଆଧାରିତ ୨୧ଟି ମୌଳିକ ଗଣିତ ପ୍ରବନ୍ଧ। ଗାଣିତିକ ବିଶ୍ଳେଷଣ, ସଂଖ୍ୟାତତ୍ତ୍ୱ, ଅନନ୍ତକ୍ରମ ଇନ୍‌ଫାଇନାଇଟ୍ ସିରିଜ୍, ଆବୃତ୍ତ ଭଗ୍ନାଂଶ ବା କଣ୍ଟିନ୍ୟୁଡ୍ ଫ୍ରାକସନ ଇତ୍ୟାଦି କ୍ଷେତ୍ରରେ ତାଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ମାତ୍ର ସଂଖ୍ୟାତତ୍ତ୍ୱ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ଆକର୍ଷଣ। ଗଣିତ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାତ୍ର ୩୦ବର୍ଷ ବୟସରେ ଫେଲୋ ଅଫ୍ ଦ ରୟାଲ ସୋସାଇଟି ଏବଂ ଫେଲୋ ଅଫ ଟ୍ରିନିଟି କଲେଜ ସମ୍ମାନରେ ସମ୍ମାନିତ ହୋଇଥିଲେ।

ବିପୁଳ ପ୍ରଖ୍ୟାତର ଅଧିକାରୀ ହେବା ସତ୍ତ୍ୱେ ସ୍ୱାସ୍ଥ୍ୟ ରାମାନୁଜନଙ୍କୁ ଧୋକା ଦେଇଥିଲା। ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହେଲେ। ହେଲେ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଅବନତି ଘଟିଲା ଏବଂ ଶେଷରେ ମାତ୍ର ୩୨ ବର୍ଷ ବୟସରେ, ୧୯୨୦ ମସିହାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଚଳିତବର୍ଷ ତାଙ୍କ ମୃତ୍ୟୁର ଶତବାର୍ଷିକୀ ପାଳନ କରାଯାଉଛି।

*-ଅଭୀପ୍‌ସା, ପ୍ଲଟ ନଂ-୧୧୩୧, ସେକ୍ଟର-୬, ଅଭିନବ ବିଡାନାସୀ, କଟକ*
*ମୋ : ୮୨୩୮୯୭୫୧୧୮*

# ଅଣ୍ଟା ବିନ୍ଧୁଥିଲେ...



ଆଜିକାଲି ଅଣ୍ଟାବିନ୍ଧା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏହାର ଲକ୍ଷଣ ଜଣାପଡିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଆବଶ୍ୟକ। ତାଙ୍କର ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ। ହେଲେ ଏଥିରୁ ଉପଶମ ପାଇବା ପାଇଁ କେତୋଟି ଘରୋଇ ଉପଚାର ରହିଛି। ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହୁଥିଲେ ତାହାର ପ୍ରଭାବ ଯେମିତି ଅଣ୍ଟା ଉପରେ ନ ପଡେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ବସିବା ପରେ ଉଠିବାକୁ ହେଲେ ସତର୍କ ହୋଇ ଉଠନ୍ତୁ। ଯଦି ହଠାତ୍ ଉଠିଯାଆନ୍ତି ତାହାର ପ୍ରଭାବ ଅଣ୍ଟା ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ଆବଶ୍ୟକତାଠାରୁ ଅଧିକ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। କାରଣ ଅଣ୍ଟାବିନ୍ଧାର ଏହା ହେଉଛି ଅନ୍ୟତମ କାରଣ। ଯଦି ନଇଁ କରି କାମ କରିବାକୁ ପଡୁଛି ତେବେ ନିୟମିତ ସମୟ ଅନ୍ତରାଳରେ ଅଣ୍ଟାକୁ ବିଶ୍ରାମ ଦିଅନ୍ତୁ। ଗାଡି ଚଳାଉଥିଲେ ସିଧା (୯୦ ଡିଗ୍ରୀ) ବସି ଗାଡି ଚଳାନ୍ତୁ। ଏହା ସହ ଆଉ ଏକ କଥା ପ୍ରତି ନଜର ଦିଅନ୍ତୁ। ତାହା ହେଲା ବ୍ୟାୟାମ। କେଉଁ ପ୍ରକାର ବ୍ୟାୟାମ କଲେ ଅଣ୍ଟାଜନିତ ସମସ୍ୟା ଦେଖାଦେଇ ନ ଥାଏ ତାହା ଡାକ୍ତରଙ୍କ ନିକଟରୁ ବୁଝି ନିଅନ୍ତୁ।

# ଡାଇବେଟିସ୍ ରୋଗୀ ଓ ଖାଦ୍ୟପେୟ

ଡାଇବେଟିସ୍ ବା ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟି ଗଲାଣି। ଏପରି କି ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି ଅଭିହିତ କରାଯାଏ। ଡାଇବେଟିସ ରୋଗୀ କେତେକ ବିଷୟ ପ୍ରତି ନଜର ଦେବାକୁ ପଡିଥାଏ। ଅସନ୍ତୁଳିତ ଖାଦ୍ୟ ଏବଂ ଜୀବନଶୈଳୀ ଡାଇବେଟିସ ବା ମଧୁମେହ ରୋଗ ସୃଷ୍ଟି କରିବାରେ ଅନେକାଂଶରେ ଦାୟୀ। କେତେକ ଡାଇବେଟିସ ରୋଗୀ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନ ଥାନ୍ତି। ଫଳରେ ପରବର୍ତ୍ତୀ ସମୟରେ ଏହି ରୋଗ ଜଟିଳ ସମସ୍ୟା ଧାରଣ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡାଇବେଟିସ୍ ରୋଗୀ ଖାଇବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ଏହା ମେଦବହୁଳତାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ଜଣେ ଡାଇବେଟିସ ରୋଗୀ ତଟକା ଫଳମୂଳ-ସେଓ, କମଳା ଆଦି ଖାଇଲେ ଭଲ। ହେଲେ ଏପରି ଫଳ ଅଧିକ ପରିମାଣରେ ନ ଖାଇବା ଭଲ। ଡାଇବେଟିସ୍ ରୋଗୀ ଦହି ଖାଇବା ପୂର୍ବରୁ ସେଥିରୁ ଲହୁଣି ଅଂଶକୁ ବାହାର କରି ଦିଅନ୍ତୁ। ସବୁବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଏହାଦ୍ୱାରା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ, ଯାହା ଡାଇବେଟିସ୍ ସମସ୍ୟାକୁ ଆହୁରି ବଢ଼ାଇଦିଏ। ପ୍ରତିଦିନ ସକାଳେ ଅତିକମରେ ଅଧଘଣ୍ଟାଏ ଚାଲନ୍ତୁ। ତା'ସହ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ଏବଂ ବ୍ଲଡପ୍ରେସର ମାପି ନିଅନ୍ତୁ।



# ସହଜରେ ଚିହ୍ନଟ କରିହେବ ଫୁସ୍‌ଫୁସ୍ କ୍ୟାନ୍‌ସର

କଥାରେ ଅଛି-'କ୍ୟାନ୍‌ସର ନୋ ଆନସର'। ହେଲେ ଆଜିକାଲି ଚିକିତ୍ସା ବିଜ୍ଞାନରେ ଦିନକୁ ଦିନ ନୂଆ ଚିକିତ୍ସା ପ୍ରଣାଳୀ ଅନୁସରଣ କରାଯାଉଛି। କେତେକ କ୍ୟାନ୍‌ସରକୁ ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ କରି ତାହାକୁ ଆରୋଗ୍ୟ କରାଯାଇପାରୁଛି। ନିକଟରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଫୁସଫୁସ କ୍ୟାନ୍‌ସରକୁ ସହଜରେ ଚିହ୍ନଟ କରିହେବ। ଏଥିପାଇଁ ୟୁନିଭର୍ସିଟି ଅଫ କାଲିଫର୍ନିଆର କ୍ୟାନ୍‌ସର ବିଜ୍ଞାନୀମାନେ ଏକ ନୂଆ ସଫ୍ଟୱେର ପ୍ରସ୍ତୁତ କରିଛନ୍ତି। କେବଳ ସେତିକି ନୁହେଁ, ଏହାକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହି ପ୍ରଣାଳୀକୁ ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରିବାକୁ ଆହୁରି କିଛି ସମୟ ଲାଗିବ ବୋଲି ରିପୋର୍ଟରୁ ଜଣାପଡିଛି।



# ସ୍ୱାସ୍ଥ୍ୟ ସୂଚନା

- ଖାଉଥିବା ଖାଦ୍ୟର ପରିମାଣ ଏବଂ ସମୟ ଅବଧି ପ୍ରତି ଧ୍ୟାନ ଦିଅନ୍ତୁ। ଏକାଥରେ ଅଧିକ ପରିମାଣ ଖାଦ୍ୟ ନ ଖାଇ ନିୟମିତ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ସବୁବେଳେ ପୁଷ୍ଟିକର ଖାଦ୍ୟ ଖାଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିଥାଏ।



- ତେଲଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ତଟକା ଫଳମୂଳ, ସବୁଜ ପନିପରିବା, ଗଜାମୁଗ, ସାଲାଡ୍ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। କାରଣ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆମ ଶରୀର ପାଇ ରକ୍ଷାକବଚ ଭାବରେ କାମ କରିଥାଏ।
- ଆବଶ୍ୟକ ମୁତାବକ ଖାଦ୍ୟ ଖାଇବା ସହ ଦିନକୁ ୧୨-୧୫ ଗ୍ଲାସ ପାଣି ପିଅନ୍ତୁ। କାରଣ ନିଜକୁ ସୁସ୍ଥ ରଖିବା ପାଇଁ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ।
- ସକାଳର ଜଳଖିଆ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହା ମାନସିକତାକୁ ସକାରାତ୍ମକ ରଖିବାରେ ସହାୟକ ହୋଇଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଡିସେମ୍ବର ୨୧/୨୦୨୦ Monday, December 21/ 2020

# ଅଲ୍‌ଭାରେଜଙ୍କୁ ସୁପର-ମିଡିଲୱେଟ୍ ଟାଇଟଲ



ଟାଇଟଲ୍ ବେଲ୍ଟ ସହ କାନେଲୋ ଅଲ୍‌ଭାରେଜ।

**ସାନ୍ ଆଣ୍ଟୋନିଓ, ୨୦।୧୨ (ଏପି)**

ଅଲାମୋଡମଠାରେ ପୂର୍ବରୁ ଅପରାଜିତ ରହିଥିବା କାଲମ ସ୍ମିଥ୍‌ଙ୍କୁ ପରାସ୍ତ କରି ମେକ୍ସିକୋ ବକ୍ସର କାନେଲୋ ଅଲ୍‌ଭାରେଜ ଡବ୍ଲ୍ୟୁବିଏ ଓ ରିଙ୍ଗ୍ ସୁପର ମିଡିଲୱେଟ୍ ଚାମ୍ପିୟନଶିପ୍ ଏବଂ ଖାଲିପଡ଼ିଥିବା ଡବ୍ଲ୍ୟୁବିସି ସୁପର ମିଡିଲୱେଟ୍ ଟାଇଟଲ ଜିତିଛନ୍ତି। ଚଳିତବର୍ଷରେ ତାଙ୍କର ଏହି ଏକମାତ୍ର ବାଉଟ୍‌ରେ ଅଲ୍‌ଭାରେଜ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଦୁଇଜଣ ଜଜ୍ ଏହି ବାଉଟ୍‌ରେ ୧୧୯-୧୦୯ ଏବଂ ତୃତୀୟ ଜଜ୍ ୧୧୭-୧୧୧ ସ୍କୋର ଦେଇଥିଲେ। ତେବେ ସର୍ବସମ୍ମତି ନିଷ୍ପତ୍ତିରେ ଅଲ୍‌ଭାରେଜ ବିଜୟୀ ଘୋଷିତ ହୋଇଥିଲେ। ୫ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଅଲ୍‌ଭାରେଜ ୬.୩ ଫୁଟ୍ ଉଚ୍ଚ ସ୍ମିଥ୍‌ଙ୍କ ବିପକ୍ଷରେ ଆକ୍ରମଣାତ୍ମକ ରଣନୀତି ଆପଣାଇଥିଲେ। ଅଲ୍‌ଭାରେଜ ପୂର୍ବରୁ ଆର୍ଲିଙ୍ଗଟନଠାରେ ଏଟିଆଣ୍ଡଟି ଷ୍ଟାଡିୟମରେ କାଲମଙ୍କ ବଡ଼ ଭାଇ ଲିଆମ୍‌ଙ୍କୁ ପରାସ୍ତ କରିଥିଲେ। ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା ଯେ, ୯ରାଉଣ୍ଡ ବିଶିଷ୍ଟ ନକ୍ ଆଉଟ୍ ପାଇଁ କାଲମ ପ୍ରତିଶୋଧ ନେବେ। ମାତ୍ର ଯୁବ ବକ୍ସର ସ୍ମିଥ୍‌ଙ୍କ ବିପକ୍ଷରେ ଅଲ୍‌ଭାରେଜ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଅଲ୍‌ଭାରେଜ ଓ ସ୍ମିଥ୍‌ଙ୍କ ମଧ୍ୟରେ ଏହା ପ୍ରଥମ ମୁକାବିଲା ହୋଇଥିଲା।

# ହାଇଦ୍ରାବାଦ୍‌ର ପ୍ରଥମ ପରାଜୟ

**ଭାସ୍କୋ,୨୦।୧୨(ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୨-୦ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ହାଇଦ୍ରାବାଦ ଚଳିତ ସେସନରେ ପ୍ରଥମ ପରାଜୟ ବରଣ କରିଛି। ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ଏହି ମ୍ୟାଚରେ ମୁମ୍ବାଇ ପ୍ରଭାବ ବିସ୍ତାର କରି ଖେଳିଥିଲା। ୩୮ ମିନିଟ୍‌ରେ ବିଘ୍ନେଶ ଦକ୍ଷିଣ ମୂର୍ତ୍ତି ପ୍ରଥମ ଗୋଲ ସ୍କୋର କରି ମୁମ୍ବାଇକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୯ତମ ମିନିଟ୍‌ରେ ମୁମ୍ବାଇର ଇଂଲଣ୍ଡ ଷ୍ଟ୍ରାଇକର ଆଡାମ ଲେ

## ଇଣ୍ଡିଆନ ସୁପର ଲିଗ୍

ଫୋଣ୍ଡ୍ରେ ଗୋଲ ସ୍କୋର କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ସୁଯୋଗ ପାଇଥିଲେ ମଧ୍ୟ ହାଇଦ୍ରାବାଦ ତରଫରୁ କୌଣସି ଖେଳାଳି ଗୋଲ ସ୍କୋର କରି ନ ଥିଲେ। ଏଥିସହିତ ଚଳିତ ସେସନ୍‌ରେ ହାଇଦ୍ରାବାଦ ପ୍ରଥମ ପରାଜୟ ବରଣ କରିଛି। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ମୁମ୍ବାଇ ଆଗରେ ରହିଥିଲା। ଏପର୍ଯ୍ୟନ୍ତ ମୁମ୍ବାଇ ୭ଟି ମ୍ୟାଚ ଖେଳି ୫ ବିଜୟ, ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୧୬ ପଏଣ୍ଟ ପାଇ ତାଲକାର ଶୀର୍ଷରେ ରହିଛି। ସେହିପରି ହାଇଦ୍ରାବାଦ ୬ଟି ମ୍ୟାଚ ଖେଳି ୨ଟି ବିଜୟ, ୩ଟି ଡ୍ର ଓ ଗୋଟିଏ ପରାଜୟ ସହ ୯ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି।



ଗୋଲ ସ୍କୋର ପରେ ମୁମ୍ବାଇ ସିଟି ଏଫ୍‌ସିର ବିଘ୍ନେଶ ଦକ୍ଷିଣମୂର୍ତ୍ତି।

## ଇଷ୍ଟବେଙ୍ଗଲ-କେରଳ ମ୍ୟାଚ ଡ୍ର

ଜିଏମ୍‌ସି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚରେ ଇଷ୍ଟ ବେଙ୍ଗଲ ଓ କେରଳ ବ୍ଲାଷ୍ଟର୍ସ ମୁହାଁମୁହିଁ ହୋଇଥିଲେ। ତେବେ ଏହି ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ରହିଛି। ୧୩ତମ ମିନିଟ୍‌ରେ କେରଳର ନିଶୁ କୁମାରଙ୍କ ଆତ୍ମଘାତୀ ଗୋଲ ବଳରେ ଇଷ୍ଟ ବେଙ୍ଗଲ ଅଗ୍ରଣୀ ହାସଲ କରିଥିଲା। ସାରା ମ୍ୟାଚରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ପରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ସ୍କୋର କରିପାରି ନ ଥିଲେ। କିନ୍ତୁ ଅନ୍ତିମ ମିନିଟ୍ ଅର୍ଥାତ୍ ଇଞ୍ଜୁରି ଟାଇମ୍‌ର ପଞ୍ଚମ ମିନିଟ୍‌ରେ କେରଳର ମିଡ୍‌ଫିଲ୍ଡର ଜିକ୍‌ସନ ସିଂ ଥୋନାଓଜାମ ଗୋଲ ଦେଇଥିଲେ। ଫଳରେ ମ୍ୟାଚ ଅମୀମାଂସିତ ରହିଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ କେରଳ ଯଥେଷ୍ଟ ଆଗରେ ଥିଲା। କେରଳ ଏପର୍ଯ୍ୟନ୍ତ ୬ଟି ମ୍ୟାଚ ଖେଳି ୩ ଡ୍ର ଓ ୩ ପରାଜୟ ସହ ୩ ପଏଣ୍ଟ ପାଇ ତାଲିକାର ନବମ ସ୍ଥାନରେ ରହିଛି। ସେହିପରି ଇଷ୍ଟବେଙ୍ଗଲ ୬ ମ୍ୟାଚ ଖେଳି ୨ ଡ୍ର ଓ ୪ ପରାଜୟ ସହ ୨ ପଏଣ୍ଟ ପାଇ ଦଶମ ସ୍ଥାନରେ ରହିଛି।

# କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ



କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା (ବାମ)।

**ଭୁବନେଶ୍ୱର, ୨୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟ ଇଲେକ୍ଟ୍ରୋନିକ୍ସ, ସୂଚନା, ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବ ସେବାମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସେ ତଦାରଖ କରିଥିଲେ। ଏହି ଅବସରରେ ସେ କଳିଙ୍ଗ ଷ୍ଟାଡିୟମ ପରିସରରେ ରହିଥିବା ୱେଟ୍‌ଲିଫ୍ଟିଂ ହଲ୍, ବହୁମୁଖୀ ଇନ୍‌ଡୋର ହଲ୍, ଶୁଟିଂ ରେଞ୍ଜ, ସୁଇମିଂ ପୁଲ୍, ବ୍ୟାଡ୍‌ମିଣ୍ଟନ ହଲ୍ ଆଦି ବୁଲି ଦେଖିବା ସହ ଫାୟାର ଫାଇଟିଂ ପ୍ରକଳ୍ପ ଏବଂ ନର୍ଥ ବ୍ଲକ୍‌ର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନେଇ କ୍ରୀଡ଼ା ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ କ୍ରୀଡ଼ା ବିଭାଗର ଉପ ନିର୍ଦ୍ଦେଶକ ରଞ୍ଜିତ କୁମାର ପରିଡାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ

**ସ୍ୱଚ୍ଛ ପୁରୀ କ୍ଷେତ୍ରରେ ସଫେଇ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ**

ପୁରୀ ଅଫିସ: ପୁରୀ ପୌରପାଳିକାର ସଫେଇ କର୍ମଚାରୀଙ୍କ ପାଇଁ ରବିବାର ଅର୍ବାନ ହାଟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲାପାଳ ବଲୱନ୍ତ ସିଂ ଯୋଗଦେଇ କହିଥିଲେ, ପୁରୀକୁ ସ୍ୱଚ୍ଛ ରଖିବା କ୍ଷେତ୍ରରେ ସଫେଇ କର୍ମଚାରୀଙ୍କ ପ୍ରମୁଖ ଭୂମିକା ରହିଛି। ପୁରୀ ପ୍ରଶାସନ ଓ ସ୍ଥାନୀୟ ଲୋକେ ସଫେଇ କର୍ମଚାରୀଙ୍କ ଏହି ନିରନ୍ତର ସେବାକୁ ପ୍ରଶଂସା କରୁଛନ୍ତି। ସଫେଇ କର୍ମଚାରୀଙ୍କ କଲ୍ୟାଣ ପାଇଁ ଗରିମା ଯୋଜନା ଲାଗୁ କରାଯାଇଛି, ଯାହା ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେଉଛି। ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ଶାଢ଼ି ଓ ସାବୁନ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ବ୍ଲକସ୍ତରୀୟ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୨୦।୧୨(ଡି.ଏନ୍.ଏ)- ବୋଲଗଡ଼ ବ୍ଲକସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନ ପରିସରରେ ରବିବାର ବ୍ଲକରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ୬ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅରଖପଲ୍ଲୀ ନୂଆ ସାହିସ୍ଥିତ ରଘୁନାଥ ଶିକ୍ଷା ବିକାଶ ପରିଷଦ ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ସଂପୁର ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ପୁଷ୍ପରାଜ ପଶ୍ଚିମ କବାଟ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ, ମୁଗମଣ୍ଡାସ୍ଥିତ ଦେବଗୁରୁ ଆର୍ଦ୍ଦଶ ବିଦ୍ୟାଳୟର ଛାତ୍ର ପ୍ରଦୀପ ଦଳେଇ, ସାନପଦରସ୍ଥିତ ଭକ୍ତଚରଣ ବିଦ୍ୟାପୀଠ ଛାତ୍ରୀ ସ୍ୱାଗତିକା ବେହେରା, ବୋଲଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରେଶ୍ମା ପ୍ରଧାନ ଏବଂ ଇପ୍‌ସିତା ପ୍ରିୟଦର୍ଶିନୀ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଅନିରୁଦ୍ଧ ପଣ୍ଡା, ମୁଖ୍ୟବକ୍ତା ବାଙ୍କୋଇ କେପିଏନଏନ ମହାବିଦ୍ୟାଳୟର ଅଧାପକ ରଙ୍କନିଧି ବଳିୟାରସିଂହ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ପଟ୍ଟନାୟକ, ଶିକ୍ଷାବିତ୍ ଗୋପୀନାଥ ଖାଡ଼େଙ୍ଗା ଦିବାକର ପରମଗୁରୁ ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇଥିଲେ। ଶ୍ରୀକାନ୍ତ କୁମାର ନାୟକ ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ବାଲ୍ମିକୀ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

### 'ଛାତ୍ରୀଛାତ୍ର ଆମ ପାଇଁ ଦର୍ପଣ'

ଗୋପ,୨୦।୧୨(ଡି.ଏନ.ଏ.)- ବୟସର ଅପରାହ୍ନରେ ଆମେମାନେ ପହଞ୍ଚିଥିଲେ ମଧ ଛାତ୍ରଛାତ୍ରୀ ଆମ ଲାଗି ଦର୍ପଣ ବୋଲି ରବିବାର ଏରବଙ୍ଗ ନୋଡାଲ ବିଦ୍ୟାଳୟ ପରିସରରେ ଆୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମାନିତ କାର୍ଯ୍ୟକ୍ରମରେ ସମ୍ମାନିତ ଶିକ୍ଷକମାନେ କହିଛନ୍ତି। ପ୍ରଧାନଶିକ୍ଷକ ଦିଲୀପ କୁମାର ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୯୮୮ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପଞ୍ଚାନନ ସେନାପତି, ପ୍ୟାରିମୋହନ ଜେନା, ଆରତି ରାଣି ହାଜରା, ଶୈଳବାଳା ମହାନ୍ତି, ସୁଧାକର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସାହୁ, ବଟକୃଷ୍ଣ ବିଶ୍ୱାଳ, ଭୁବନାନନ୍ଦ ବେହେରା, ଗଙ୍ଗାଧର ସାବତ ପ୍ରମୁଖ ୧୧ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସନାତନ ଦାସ, ବିଜୟ ନାୟକ, ରଶ୍ମି ଲେଙ୍କା, ପ୍ରଶାନ୍ତ ଜେଠୀ, ଅଭୟ ସ୍ୱାଇଁ, ପ୍ରତାପ ପରିଡ଼ା, ଅନିଲ ଭୋଳ, ସୁରେଶ ଭୋଳ ପ୍ରମୁଖ ପରିଚାଳନା କରିଥିଲେ।

### ୨୫୧ ମାମଲା ଫଇସଲା

ଖୋର୍ଦ୍ଧା ଅଫିସ, ୨୦।୧୨: ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଅତିରିକ୍ତ ଜିଲା ଜଜ୍ ଦିଲୀପ କୁମାର ବିଶ୍ୱାଳ ଅଧକ୍ଷତା କରିଥିଲେ। ୨୫୧ଟି ମାମଲାର ଫଇସଲା କରାଯାଇ ୬୮ ଲକ୍ଷ ୯୦ ହଜାର ଟଙ୍କା ଆଦାୟ କରାଯାଇଛି। ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ଅମୀୟ ରଞ୍ଜନ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନରେଶ ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି ଦିଲୀପ କୁମାର ସାହୁ, ପରିବାର ଅଦାଲତ ବିଚାରପତି ସୂର୍ଯ୍ୟ ପ୍ରକାଶ କର ପ୍ରମୁଖ ଉପସ୍ଥିତ ଥିଲେ। ବାର୍ ଆସୋସିଏଶନ ସଭାପତି ଶିଶିର ପରିଡ଼ା, ଓକିଲ ହର୍ଷ ପଟ୍ଟନାୟକ, ବସନ୍ତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ମନା ନାହିଁ ପତିତପାବନ ଦର୍ଶନ


ଭକ୍ତଙ୍କ ଦର୍ଶନ ସୁବିଧା ପାଇଁ ବ୍ୟାରିକେଡ୍ କରାଯାଇଛି ।


ବ୍ୟାରିକେଡ୍ ଓ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନଙ୍କ ସହ ଏସ୍‌ପି ଆଲୋଚନା କରୁଛନ୍ତି ।

**ସ୍ଥାନୀୟ ଲୋକଙ୍କୁ ପାର୍କିଂ ଫି' ଛାଡ଼**

- ପାଦଚଲା କରିଡର ଦେଇ ଶ୍ରୀମନ୍ଦିରକୁ ଯିବେ ଶ୍ରଦ୍ଧାଳୁ
- ନିର୍ମାଣ ଚାଲିଛି ବ୍ୟାରିକେଡ୍, କାମ ଅନୁଧାନ କଲେ ଏସ୍‌ପି

ପୁରୀ ଅଫିସ,୨୦।୧୨:

କରୋନା ମହାମାରୀ ଯୋଗୁ ଦୀର୍ଘ ୯ମାସ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ଆସନ୍ତା ୨୩ ତାରିଖରୁ ଖୋଲିବ। ୨୩ ଓ ୨୪ ତାରିଖରେ ସେବାୟତ ପରିବାରଙ୍କ ଦର୍ଶନ ପରେ ପୁରୀ ସହରବାସୀଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଏଥିଲାଗି ଏଯାବତ ପ୍ରଶାସନ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁଅର (ଏସ୍‌ଓପି) ଜାରି ହୋଇ ନ ଥିଲେ ମଧ ଟ୍ରାଫିକ ବ୍ୟବସ୍ଥା ନେଇ ପୋଲିସ ପ୍ରଶାସନ ଜୋରଦାର ପ୍ରସ୍ତୁତି ଚଳାଇଛି। ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳରେ ବ୍ୟବସ୍ଥା କରାଯିବା ସହ ମାର୍କେଟ ଛକଠାରୁ ବ୍ୟାରିକେଡ୍ ନିର୍ମାଣ କରାଯାଉଛି। ରବିବାର ପୁରୀ ଏସ୍‌ପି କନୱର ବିଶାଲ ସିଂ ଏହି ବ୍ୟାରିକେଡ୍ ନିର୍ମାଣ ଓ ପାର୍କିଂ ବ୍ୟବସ୍ଥାର ସ୍ଥିତି ଅନୁଧାନ କରିଛନ୍ତି। ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପତିତପାବନ ଦର୍ଶନ ଉପରେ କୌଣସି କଟକଣା ଲାଗୁ କରାଯାଇନାହିଁ। ତେଣୁ ଶ୍ରଦ୍ଧାଳୁମାନେ ବିନା ଦ୍ୱିଧାରେ ପତିତପାବନଙ୍କ ଦର୍ଶନ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପୁରୀବାସୀଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ଜିଲା ପୋଲିସ ଆବଶ୍ୟକ ପଦକ୍ଷେପ ନେଉଛି। ଜଗନ୍ନାଥବଲ୍ଲଭକୁ ୩ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗକୁ ଦୁଇଚକିଆ ଯାନ ପାଇଁ ରଖାଯାଇଥିବାବେଳେ ଅନ୍ୟ ଭାଗଟି କାର୍ ପାର୍କିଂ ଲାଗି ଉଦ୍ଦିଷ୍ଟ ରହିଛି। ସେହିପରି ଅନ୍ୟ ଏକ ଭାଗରେ କାଉଣ୍ଟର ଖୋଲାଯିବ। ସେଠାରେ ଲୋକେ ପହଞ୍ଚି ନିଜ ପରିବାର ସଦସ୍ୟଙ୍କ ପରିଚୟପତ୍ର ଦେଖାଇ ଟୋକନ୍ ସଂଗ୍ରହ କରିବେ। ସ୍ଥାନୀୟ ଅଞ୍ଚଳର ଲୋକେ ସାଧାରଣତଃ ଦୁଇଚକିଆ ଯାନ ଯୋଗେ ଦର୍ଶନ ପାଇଁ ଆସିବେ ବୋଲି ଅନୁମାନ କରି ପ୍ରଶାସନ ଦୁଇଚକିଆ ଗାଡ଼ିର ପାର୍କିଂ ଫି ଛାଡ଼ କରିଛି। ସେହିପରି ସେବାୟତ କିମ୍ବା ସ୍ଥାନୀୟ ଲୋକେ ନିର୍ଦ୍ଦିଷ୍ଟ ତାରିଖରେ ମନ୍ଦିର ଯିବା ନେଇ ପ୍ରଶାସନ ସ୍ଥିର କରିଛି, ମାତ୍ର ପତିତପାବନ ଦର୍ଶନ ଉପରେ କୌଣସି କଟକଣା ଜାରି କରାଯାଇନାହିଁ। ଯେ କେହି ଶ୍ରଦ୍ଧାଳୁ ବିନା ଦ୍ୱିଧାରେ ଆସି ପତିତପାବନଙ୍କ ଦର୍ଶନ କରିପାରିବେ। ଏମାନଙ୍କ ପାଇଁ ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳରେ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍ ଥାନା ଆଇଆଇସି ଗୋକୁଳାନନ୍ଦ ଦାସ କହିଛନ୍ତି ଯେ, ମାର୍କେଟ ଛକଠାରୁ ଜିଲା ପ୍ରଶାସନ ବ୍ୟାରିକେଡ୍ ବ୍ୟବସ୍ଥା କରିଛି। ସ୍ଥାନୀୟ ଲୋକେ ଟୋକନ୍ ଧରି ଜଗନ୍ନାଥ ବଲ୍ଲଭରୁ ବାହାରିବା ପରେ ହିଁ ବ୍ୟାରିକେଡ୍ ମଧ୍ୟରେ ପ୍ରବେଶ କରିବେ। ବ୍ୟାରିକେଡ୍ ଭିତରେ ଏକ ୨୦ ଫୁଟର ପାଦଚଲା କରିଡର ନିର୍ମାଣ କରାଯାଇଛି। ଏହି କରିଡର ଭିତରେ ସେମାନେ ଚାଲି ଚାଲି ରାଜନଅରସ୍ଥିତ ମୁଖ୍ୟ ବ୍ୟାରିକେଡ୍ ପାଖରେ ପହଞ୍ଚିବେ। ସେଠାରେ ୯ଟି ବ୍ୟାରିକେଡ୍‌ରେ ଲୋକଙ୍କୁ ବିଭକ୍ତ କରାଯାଇ ମନ୍ଦିର ଭିତରକୁ ଛଡ଼ାଯିବ। ପରିଚୟପତ୍ର ଓ ଟୋକନ୍ ଦେଖାଇ ସ୍ଥାନୀୟ ଲୋକେ ମନ୍ଦିର ପ୍ରବେଶ କରିପାରିବେ ବୋଲି ଆଇଆଇସି ଦାସ ପ୍ରକାଶ କରିଛନ୍ତି।


ଇଣ୍ଡିଆନ୍ ବିୟୁଟିସିଆନ୍ ୱେଲଫେୟାର ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଗ୍ଲୋରି ଆୱାର୍ଡ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

## ସାକ୍ଷୀଗୋପାଳ, ଅଲାରନାଥଙ୍କ ଘୋଡ଼ଲାଗି ବେଶ

ସାକ୍ଷୀଗୋପାଳ/ବ୍ରହ୍ମଗିରି, ୨୦।୧୨(ଡି.ଏନ୍.ଏ.)

ଶୀତ ଆସିଛି। ମଣିଷ ପରି ଠାକୁର ଶୀତବସ୍ତ୍ର ପରିଧାନ କରିଛନ୍ତି। ଏଥିପାଇଁ ସାକ୍ଷୀଗୋପାଳ ମନ୍ଦିରରେ ରବିବାର ଓଢ଼ଣଷଷ୍ଠୀ ପର୍ବ ପାଳିତ ହୋଇଛି। ଏହି ଅବସରରେ ଠାକୁରଙ୍କ ପାରମ୍ପରିକ ଘୋଡ଼ଲାଗି ବେଶ ଅନୁଷ୍ଠିତ ହୋଇଛି। ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପ ବେଶ ସମୟରେ ଛତିତ୍ରାସ, କାହାଳୀ, ଘଣ୍ଟ, ତେଲିଙ୍ଗିବାଦ୍ୟ ସହିତ ନୂତନ ଘୋଡ଼ ବେଢ଼ା ପରିକ୍ରମା କରାଯାଇଥିଲା। ଯାତଭୋଗ, ଉପଚାର ଓ ଆଳତି କରାଯିବା ପରେ ଶୀତଯୋଗୁ ରେଶମ କପଡ଼ାରେ ପ୍ରସ୍ତୁତ ନୂଆଘୋଡ଼ (ଚାଦର) ଠାକୁରଙ୍କ ସର୍ବାଙ୍ଗ ଶରୀରରେ ଢାଙ୍କି ଦିଆଯାଇଥିଲା। ମସ୍ତକରେ ମୁଣ୍ଡଘୋଡ଼ (ମଫଲର) ବାନ୍ଧି ଦିଆଯାଇଥିଲା। ଅନୁରୂପ ଭାବେ ଶ୍ରୀରାଧାଙ୍କୁ ରେଶମ ଘୋଡ଼ରେ ଆଚ୍ଛାଦିତ କରାଯାଇଥିଲା। ମନ୍ଦିର ବେଢ଼ାରେ ରହିଥିବା ଅନ୍ୟ ଠାକୁରଙ୍କ ମଧରେ ମଦନମୋହନ, ଗୋପୀନାଥ, ଗଣେଶ, ମହାବୀର, ନୃସିଂହ, ବଳିବାମନ, ଶୁକର, ନବଗ୍ରହ, ଲକ୍ଷ୍ମୀ, ସରସ୍ୱତୀ, ଶ୍ରୀରାମ, ଲକ୍ଷ୍ମଣ, ସୀତା, ଗରୁଡ଼, ପତିତପାବନ ଓ ଅଲଗଡ ମହାବୀରଙ୍କୁ ଘୋଡଲାଗି କରାଯାଇଛି। ମନ୍ଦିର ଦର୍ଜୀ ସେବକ ସତ୍ୟବାଦୀ ମହାପାତ୍ର ଏଥିପାଇଁ ୨୨ଟି ଘୋଡ ପ୍ରସ୍ତୁତ କରିଥିଲେ। ଆଗାମୀ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ପ୍ରତିଦିନ ଏହି ବେଶ ଅନୁଷ୍ଠିତ ହେବ। ଏହି ସମୟରେ ଠାକୁରଙ୍କର କେବଳ ଶ୍ରୀମୁଖ ଦର୍ଶନ ମିଳିବ। ଏହା ବ୍ୟତିତ ଜାଗା ମହାବୀର ଓ ବାଟ ମହବାରୀଙ୍କ ସହିତ ବିଭିନ୍ନ ଗ୍ରାମର ଦେବାଦେବୀ ଓ ମଠ ମନ୍ଦିରରେ ଠାକୁରଙ୍କୁ ଘୋଡଲାଗି କରାଯାଇଛି। ସେହିଭଳି ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥଙ୍କ ମଧ ଘୋଡଲାଗି ବେଶ ଆରମ୍ଭ ହୋଇଛି। ରବିବାର ମନ୍ଦିରର ସମସ୍ତ ନୀତିକାନ୍ତି ପରେ ଦ୍ୱିପ୍ରହର ଧୂପ ପରେ ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ ଅନୁଷ୍ଠିତ ହୋଇଛି। ଠାକୁରଙ୍କ ଶ୍ରୀମୁଖକୁ ଛାଡି ସର୍ବାଙ୍ଗ ରେଶମ ଚଦରରେ ଆବୃତ କରାଯାଇଛି । ଏହି ବେଶ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ସାରସ୍ୱତ ସମାରୋହ, ୧୫ ପ୍ରତିଭା ସମ୍ବର୍ଦ୍ଧିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

କଣାସ,୨୦।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଦା ପଞ୍ଚାୟତର ନୂଆଗାଁ ଗ୍ରାମରେ ରବିବାର ପଲ୍ଲୀପଲ୍ଲବ ସାହିତ୍ୟ ସଂସଦ ଓ ମାନସ ସୁଧାକର ଫାଉଣ୍ଡେଶନ ଆନୁକୂଲ୍ୟରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ସାଧକମାନଙ୍କର ସମାଜ ପ୍ରତି ଥିବା ଅବଦାନ ପଟାନ୍ତର ରହିଥାଏ ବୋଲି କହିଥିଲେ। ପୁରୀ ଓ ଖୋର୍ଦ୍ଧା ଜିଲାରୁ ଯୋଗଦେଇଥିବା କବି ଓ ସାହିତ୍ୟିକଙ୍କ ମଧ୍ୟରୁ ବିଭୂତି ଭୂଷଣ ପଟ୍ଟନାୟକ, ହେମନ୍ତ ମହାରଥୀ, ଆର୍ତ୍ତତ୍ରାଣ ସାହୁ, ଅଜୟ ସେଠୀ, ପ୍ରଭାକର ଦାସ, ଆଦ୍ୟାଶା ପ୍ରିୟଦର୍ଶିନୀ ପ୍ରମୁଖଙ୍କୁ ସାଲ, ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ମୃତ୍ୟୁଞ୍ଜୟ ଦକ୍ଷିଣରାୟ, କାଶୀନାଥ ପାଣିଗ୍ରାହୀଙ୍କ ସଂଯୋଜନାରେ ବ୍ଲକର ଦଶମ ଶ୍ରେଣୀ ପରୀକ୍ଷା ସର୍ବାଧିକ ନମ୍ବର ରଖିଥିବା ୧୦ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କଳାକାର ସଂଘ ଉପସଭାପତି ବିଜୟ ସାମନ୍ତରାୟ, ବାସୁଦେବ ହରିଚନ୍ଦନ, ପ୍ରଭାକର ମଙ୍ଗରାଜ, ବୈକୁଣ୍ଠ ନରେନ୍ଦ୍ର, ଗୌତମ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## କରୋନା ଯୋଦ୍ଧା ଏଏସ୍‌ଆଇଙ୍କୁ ଶ୍ରଦ୍ଧାଞ୍ଜଳି

ବେଗୁନିଆ,୨୦।୧୨(ଡି.ଏନ୍.ଏ)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପରିସରରେ ରବିବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅସବରରେ କରୋନା ଯୋଦ୍ଧା ମୃତକ ଏଏସ୍‌ଆଇଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳିଙ୍କ ସଭା ଆୟୋଜିତ ହୋଇଥିଲା। ବେଗୁନିଆ ଥାନାଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଏସ୍‌ଡିପିଓ ସୁଶୀଲ ମିଶ୍ର ଯୋଗଦେଇଥିଲେ। ଆମ ପୋଲିସ ସମିତି ପକ୍ଷରୁ ମୃତ ଏଏସ୍‌ଆଇଙ୍କ ପୁତ୍ର ସ୍ମୃତିରଞ୍ଜନଙ୍କୁ ନଗଦ ୫୦ହଜାର ଟଙ୍କା ଦିଆଯାଇଥିଲା। ଅନ୍ୟ ଅତିଥି ଭାବେ ଖୋର୍ଦ୍ଧା ଆଦର୍ଶ ଥାନା, ବାଘମାରୀ ଓ ବୋଲଗଡ଼ ଥାନାଧିକାରୀଙ୍କ ସମେତ ସରପଞ୍ଚ, ସାମାଜିକ କର୍ମୀ ଯୋଗଦେଇ ଆମ ପୋଲିସ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚାନା କରିବା ସହ ଏଏସ୍‌ଆଇଙ୍କ ପରିବାରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସୂଚନା ଥାଉ କି, ବେଗୁନିଆ ଥାନାର ଏଏସ୍‌ଆଇ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ସନାତନ ମଲ୍ଲିକ ନଭେମ୍ବରରେ କରୋନା ରୋଗରେ ଆକ୍ରାନ୍ତ ହୋଇ ୩୦ତାରିଖରେ ମୃତ୍ୟୁବରଣ କରିଥିଲେ।

## ସ୍ୱତନ୍ତ୍ର ଚିଲିକା ବିଲ୍ ପାରିତ ପାଇଁ ମତ୍ସଜୀବୀଙ୍କ ଦାବି

ବାଲୁଗାଁ,୨୦।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଜିଲାର ୧୪୫ଖଣ୍ଡ ଗ୍ରାମର ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସଜୀବୀ ଚିଲିକାରୁ ମାଛ ମାରି ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ରାଜ୍ୟ ସରକାରଙ୍କ ଅବହେଳା ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ମନମୁଖି କାର୍ଯ୍ୟ ଯୋଗୁ ସମ୍ପ୍ରତି ମତ୍ସ୍ୟଜୀବୀ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ବହୁ ମତ୍ସ୍ୟଜୀବୀ ଜୀବିକା ହରାଇ ଦାଦନ ଖଟିବା ନିମନ୍ତେ ରାଜ୍ୟ ବାହାରକୁ ଯିବା ପାଇଁ ବାଧ ହେଉଛନ୍ତି। ତେଣୁ ସ୍ୱତନ୍ତ୍ର ଚିଲିକା ବିଲ୍ ପାରିତ ହେଲେ ମତ୍ସ୍ୟଜୀବୀ ସମ୍ପ୍ରଦାୟ ଉପକୃତ ହୋଇପାରିବେ ବୋଲି ଚିଲିକା ମତ୍ସ୍ୟଜୀବୀଙ୍କ ପକ୍ଷରୁ ଦାବି ହୋଇଛି। ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ୧୦ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯିବା ସହ ଦର ଏହାର ନକଲ ମତ୍ସ୍ୟ ଓ ପଶୁ ସମ୍ପଦ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ସଚିବ, ରାଜ୍ୟ ଶାସନ ସଚିବ ଓ ଗୃହ ସଚିବଙ୍କୁ ମହାସଂଘ ପକ୍ଷରୁ ପ୍ରେରିତ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଅରଖକୁଦା ଓ ପାଲୁରି ମୁହାଁଣରେ ଅବରୋଧକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଚିଲିକାକୁ ସଂଯୋଗ କରୁଥିବା ସମସ୍ତ କେନାଲକୁ ମୁକ୍ତ କରିବା, ମତ୍ସ୍ୟଜୀବୀ ସମବାୟ ସମିତିକୁ ପୂର୍ବରୁ ମିଳୁଥିବା ସୈରାତ ଚିହ୍ନଟ କରି ପ୍ରଦାନ କରିବା, ମତ୍ସ୍ୟଜୀବୀ ଗ୍ରାମତଳିଗୁଡ଼ିକୁ ସମିତି ଜରିଆରେ ମାଛ ଚାଷ ପାଇଁ ସୁ-ବ୍ୟବସ୍ଥା କରାଇବା, ଚିଲିକାର ଉତ୍ତର ପାର୍ଶ୍ୱରେ ନଳ ଘାସ ଓ ସିପାଳ ଘାସ ମୁକ୍ତ କରିବା, ଚିଲିକାରୁ ସରୁ ଜାଲ ଓ ମଶାରି ଜାଲ ଉଚ୍ଛେଦରୁ ନିବୃତ ରହିବା ପାଇଁ ମତ୍ସ୍ୟଜୀବୀଙ୍କ ୩ମାସ ମହଲତ ଆଦି ଦାବି ରହିଛି। ରବିବାର ବାଲୁଗାଁ ଚିଲିକା କୂଳଠାରେ ମହାସଂଘ ପକ୍ଷରୁ ଏନେଇ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଉପରୋକ୍ତ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଚିଲିକା ମତ୍ସ୍ୟଜୀବୀ ମହାସଂଘର ସଭାପତି ବେହେରା, ସମ୍ପାଦକ ଦୁଃଖୀଶ୍ୟାମ ବେହେରାଙ୍କ ସମେତ ଚିଲିକା ଚତୁଃପାର୍ଶ୍ୱ ବିଭିନ୍ନ ଗ୍ରାମର ମତ୍ସ୍ୟଜୀବୀମାନେ ଉପସ୍ଥିତ ଥିଲେ।

## ନୂତନ କୃଷି ଆଇନକୁ କଡ଼ା ସମାଲୋଚନା

ପୁରୀ ଅଫିସ,୨୦।୧୨:

ଦିଲ୍ଲୀ ଚଲୋ ଚାଷୀ ଆନ୍ଦୋଳନରେ ୩୧ଜଣ କୃଷକ ଶହୀଦ ହେଲେଣି। ଏମାନଙ୍କୁ ରବିବାର ବଡ଼ଶଙ୍ଖଠାରେ ଆୟୋଜିତ ସଭାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଭାରେ ନୂତନ କୃଷି ଆଇନକୁ କଡ଼ା ସମାଲୋଚନା କରାଯବା ସହ ଏହା କୃଷକ ବିରୋଧୀ ବୋଲି କୁହାଯାଇଥିଲା। କୃଷକ ସଂଘର୍ଷ ସମନ୍ୱୟ ସମିତିର ଶରତ କୁମାର ରାୟଗୁରୁ କହିଛନ୍ତି ଯେ, ଚାଷୀ ଦିଲ୍ଲୀ ସୀମାରେ ଶୀତ କାକରରେ ପଡ଼ି ମରୁଥିବା ବେଳେ ସରକାର ନିଜ ଜିଦ୍‌ରେ ଅଟଳ। ଉଦ୍ୟୋଗ ଓ ଉଦ୍ୟୋଗପତିଙ୍କ ମୋହରେ ପଡ଼ି ସରକାର ନୂତନ କୃଷି ଆଇନ ଆଣିଛନ୍ତି। ସାରା ଦେଶର ଚାଷୀ ଏହି ଆଇନକୁ ବିରୋଧ କରିବା ପରେ ମଧ ସରକାରଙ୍କ ଚେତା ପଶୁନି। ଏହି ଆଇନ ଲାଗୁ ହେଲେ ଠିକା ଚାଷକୁ ପ୍ରୋତ୍ସାହନ ମିଳିବ ଓ ମଣ୍ଡି ଧ୍ୱଂସ ହେବ। ସରକାର ଏସବୁ ଜାଣି ମଧ ଏହି ଆଇନ୍‌କୁ ପ୍ରତ୍ୟାହାର କରୁନାହାନ୍ତି। ସୀମାରେ ଜୀବନ ଦେଇଥିବା ଚାଷୀ କୌଣସି ଗୁଣରେ ଯବାନଠାରୁ କମ୍ ନୁହେଁ। ସାରା ଦେଶ ସେମାନଙ୍କ ତ୍ୟାଗ ଓ ସଂଘର୍ଷକୁ ମନେ ରଖିବ। ଏହି କାର୍ଯ୍ୟକ୍ରମରେ କୃଷକ ସଂଘର୍ଷ ସମନ୍ୱୟ ପକ୍ଷରୁ ପ୍ରଦୀପ ମହାନ୍ତି, ମୋହନ ନାଇଡୁ ଓ ମନୋରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଙ୍ଗ, କଫ୍ ସିରପ୍ ଜବତ: ୨ ଗିରଫ

ପୁରୀ ଅଫିସ,୨୦।୧୨:

ଟାଉନ୍ ଥାନା ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ୫ ବୋତଲ ଭାଙ୍ଗ ସମେତ ୯ଟି କଫ୍ ସିରପ୍ ବୋତଲ ଜବତ କରିଛନ୍ତି। ଏହି ଘଟଣାରେ ନରେନ୍ଦ୍ରକୋଣ ଅଞ୍ଚଳର ରବିନାରାୟଣ ସାହୁ ଓ ଗୋପୀନାଥପୁର ଗ୍ରାମର ପ୍ରଶାନ୍ତ କୁମାର ଦାସଙ୍କୁ ଗିରଫ କରାଯାଇଛି।

## ଏନ୍‌ସିସି କ୍ୟାଡେଟ୍‌ଙ୍କୁ ନୂତନ ର୍‍ୟାଙ୍କ ପ୍ରଦାନ

ନିମାପଡ଼ା,୨୦।୧୨(ଡି.ଏନ୍.ଏ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ସିସି ୟୁନିଟ ପକ୍ଷରୁ ଏକ ପଦ ଓ ପଦବୀ ବଣ୍ଟନ ସମାରୋହ କଲେଜ ଏନ୍‌ସିସି ଅଫିସରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ମହାବିଦ୍ୟାଳୟର ଏନ୍‌ସସି ଅଫିସର ଅଧାପକ ସୁବ୍ରତ ମହାନ୍ତି ଓ ପୂର୍ବତନ ସିନିୟର ଅଣ୍ଡର ଅଫିସର ଆଶୁତୋଷ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଏନ୍‌ସିସି କ୍ୟାଡେଟମାନଙ୍କୁ ନୂତନ ବ୍ୟାଚ ଓ ର୍‍ୟାଙ୍କ ପ୍ରଦାନ କରିଥିଲେ। ସିନିୟର ଅଣ୍ଡର ଅଫିସର(ଏସୟୁଓ) ଭାବେ ସୁନୀଲ ପଣ୍ଡା, ଜୁନିୟର ଅଣ୍ଡର ଅଫିସର ଭାବେ ସଞ୍ଜୀବ ସୌରଭ ସାହୁ, ସୌମ୍ୟରଞ୍ଜନ ଭୋଇ, ଦିଗମ୍ବର ନାୟକ, କ୍ୱାଟର ମାଷ୍ଟର ପୂଜା ସ୍ୱାଇଁ, ସର୍ଜେଣ୍ଟ ଭାବେ ସୁଜାତା ପରିଡ଼ା ମନୋନୀତ ହୋଇଥିଲେ। ସମାରୋହରେ ପ୍ରାୟ ୫୦ଜଣ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇଥିଲେ।



# ବିକାଶ ସହ ଐତିହ୍ୟ ମାନ୍ୟତାକୁ ଅପେକ୍ଷା

- ଜାଗୁଳାଇପାଟଣାର ଶ୍ରୀଅନନ୍ତ ପୁରୁଷୋତ୍ତମ ମନ୍ଦିର
- ହାତ, ପାଦ ଥିବା ତିନିଠାକୁର ପୂଜା ପାଉଛନ୍ତି

ଖୋର୍ଦ୍ଧା ଅଫିସ, ୨୦।୧୨:

ଖୋର୍ଦ୍ଧା ସହରଠାରୁ ୫କିମି ଦୂର ଜାଗୁଳାଇପାଟଣା ଗ୍ରାମରେ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ମନ୍ଦିର ରହିଛି। ଏଠାରେ ଶ୍ରୀସୁଦର୍ଶନଙ୍କ ସମେତ ହାତ, ପାଦ ଥିବା ତିନିଠାକୁରଙ୍କ ବିଗ୍ରହ ପୂଜା ପାଉଛନ୍ତି। ମନ୍ଦିର ପରିସରରେ ମା' ଲକ୍ଷ୍ମୀ, ଶ୍ରୀଚୈତନ୍ୟ, ଶ୍ରୀରଘୁନାଥ, ଗଣେଶ, ହନୁମାନ, ଭୈରବେଶ୍ୱରଙ୍କ ମୂର୍ତ୍ତି ସମେତ ରଘୁବୀର ଦାସ ମହାରାଜଙ୍କ ସମାଧି ପୀଠ ରହିଛି।



ଏହି ମନ୍ଦିରରେ ଦୈନିକ ଭୋର ୪ଟାରେ ଦ୍ୱାରଫିଟା ନୀତି, ୫ଟାରେ ମଙ୍ଗଳ ଆଳତି, ମଧାହ୍ନରେ ଶଙ୍ଖୁଡ଼ି ଭୋଗ, ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ରାତ୍ର ୧୦ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇଥାଏ। ସେହିପରି ଜନ୍ମାଷ୍ଟମୀ, ଶ୍ରୀରାମ ନବମୀ, ଝୁଲଣ ଯାତ୍ରା ଆଦି ନାନା ପର୍ବପର୍ବାଣି ତଥା ସ୍ୱତନ୍ତ୍ର ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ମହାପ୍ରଭୁଙ୍କ ଦୈନିକ ରୀତିନୀତି ଲାଗି କୌଣସି ସେବାୟତ ନାହାନ୍ତି। ଏଠାରେ ରହୁଥିବା ବାବାଜିମାନେ ଠାକୁରଙ୍କ ପୂଜାର୍ଚ୍ଚନା କରନ୍ତି। ୧୯୮୦ରୁ ଘୋଷଯାତ୍ରା ଆୟୋଜନ ହୋଇ ଆସୁଛି। ଗୋଟିଏ ରଥରେ ଚତୁର୍ଦ୍ଧାବିଗ୍ରହ ବିଜେ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି। ୧୯୮୨ରୁ ଏହି ମନ୍ଦିର ଏଣ୍ଡାଓମେଣ୍ଟ ଅଧୀନରେ ଥିବାବେଳେ ପରିଚାଳନା ପାଇଁ ଏକ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ଖୋର୍ଦ୍ଧା ଉପଜିଲାପାଳ ଏହି ଟ୍ରଷ୍ଟ ବୋର୍ଡର ଅଧକ୍ଷ ରହିଛନ୍ତି।

ଶ୍ରୀଅନନ୍ତ ପୁରୁଷୋତ୍ତମ ମନ୍ଦିର ସ୍ଥାପନ ପଛରେ ଏକ ରୋଚକ କାହାଣୀ ରହିଛି। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ କହିବାନୁଯାୟୀ, ଗଜପତି ୨ୟ ଦିବ୍ୟସିଂହ ଦେବଙ୍କୁ ବ୍ରିଟିଶ ସରକାର ଚକ୍ରାନ୍ତ କରି କଳାପାଣି ଦଣ୍ଡାଦେଶ ଦେଇଥିଲେ। ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ଦିବ୍ୟସିଂହ ଦେବ କାଳିଆ ଠାକୁରଙ୍କ ଦର୍ଶନ ଲାଗି ବ୍ୟାକୁଳ ହୋଇ ଉଠିଲେ। ଦିନେ ସମୁଦ୍ର କୂଳରେ ବୁଲିବା ସମୟରେ ମହାପ୍ରଭୁଙ୍କୁ ସ୍ମରଣ କରୁଥାନ୍ତି। ଦେଖିଲେ ତାଙ୍କ ଆଡ଼କୁ ଏକ ବଡ଼ କାଠପଟା ଭାସି ଆସୁଛି। ସେହି ପଟାକୁ ସେ ଆଶ୍ରୟ କରି ମହାପ୍ରଭୁଙ୍କ ନାମ ନେଇ ସମୁଦ୍ରରେ ଭାସି ଆସି ପୁରୀ ମହୋଦଧି କୂଳରେ ଲାଗିଥିଲେ। କୌଣସି ସୂତ୍ରରୁ ଖବର ପାଇ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ ପୁଣି କଟକ କାରାଗାରକୁ ପଠାଇ ଦେଇଥିଲେ। ସେଠାରେ ବି ସେ ମହାପ୍ରଭୁଙ୍କ ଦର୍ଶନ ଲାଗି ବ୍ୟାକୁଳ ହୋଇ ଉଠିଥିଲେ। ଦିନେ କାରାଗାରର ସମସ୍ତ ଶୃଙ୍ଖଳ ଖୋଲିଯାଇଥିଲା। ଗଜପତି ସେଠାରୁ ବାହାରି ଆଗକୁ ଆଗେଇ ଚାଲିଥିଲେ। ହଠାତ୍ ଦେଖିଲେ ଘନ ଅନ୍ଧକାର ମଧ୍ୟରେ କେହି ଜଣେ ତାଙ୍କୁ ବାଟ କଢ଼ାଇ ନେଉଛନ୍ତି। ଭୋର ସମୟରେ ଏକ ନିର୍ଜନ ଜଙ୍ଗଲରେ ପହଞ୍ଚିଲେ। କିଛି ଦୂରରେ ଏକ ଚାଳଘର ଦେଖି ସେଠି ଥକି ବସି ପଡ଼ିଥିଲେ। ଏହା ବାବାଜି ରଘୁବୀର ଦାସଙ୍କ କୁଡ଼ିଆ ଥିଲା। ଗଜପତି ନାମ ଗୋପନ ରଖି ନିଜକୁ ବାବାଜି ଦୟାନିଧି ଦାସ ବୋଲି ପରିଚୟ ଦେଇଥିଲେ। ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଦୀର୍ଘ ଦିନ ରହିଲେ। ଏକ ରାତିରେ ଶୋଇଥିବାବେଳେ ମହାପ୍ରଭୁଙ୍କ ଚାଲିବା ଦୃଶ୍ୟ ତାଙ୍କ ଆଖି ଆଗରେ ନାଚି ଉଠିଲା। ଏହାପରେ ସେ ମହାପ୍ରଭୁଙ୍କ ମୂର୍ତ୍ତି ଗଢାଇବାକୁ ନିଷ୍ପତ୍ତି ନେଲେ। ଗୁପ୍ତରେ ପୁରୀରୁ କାରିଗର ଡକାଇ ବେରୁହାଁ ଗ୍ରାମରୁ ଦାରୁ ଆଣି ହାତ ପାଦ ଥିବା ମହାପ୍ରଭୁଙ୍କ ମୂର୍ତ୍ତି ନିର୍ମାଣ କରାଇଥିଲେ। ପରେ ସ୍ୱପ୍ନାଦେଶ ଅନୁଯାୟୀ କେରଳରୁ ଜଣେ ନୈଷ୍ଠିକ ବ୍ରାହ୍ମଣ ଆସି ପ୍ରାଣ ପ୍ରତିଷ୍ଠା କରିଥିଲେ। ଏକ ସ୍ୱତନ୍ତ୍ର କୁଡିଆ ଘରେ ଠାକୁରଙ୍କ ପୂଜା କରାଗଲା। ଏହି ସ୍ଥାନଟି ଜାଗୁଳାଇପାଟଣା ଭାବେ ଜଣାଶୁଣା। ତତ୍କାଳୀନ ଖଣ୍ଡପଡ଼ା ରାଜା ଏକ ପୋଖରୀ ଖୋଳାଇଥିବା ବେଳେ ମହାପ୍ରଭୁଙ୍କ ନାମରେ ବାବାଜିଙ୍କ ଶିଷ୍ୟ ଅମୃତଲାଲ ବାନାର୍ଜୀ ଷୋଳ ଏକର ଜମି କିଣି ଦେଇଥିଲେ। ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣ ହୋଇଛି। ଐତିହ୍ୟ ଗବେଷକ ପ୍ରାଧାପକ ଗୋପାଳକୃଷ୍ଣ ଦାସ କହିଛନ୍ତି, ଏହି ମନ୍ଦିର ଏକ ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜି। ଏହାକୁ ଐତିହ୍ୟ ମାନ୍ୟତା ଦିଆଗଲେ ଏହାର ଗୌରବ ବୃଦ୍ଧି ପାଇବ।